# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୧୦/୨୦୧୮ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, November 10/ 2018 ★★

୧୪ଶ ଭାଗ ୩୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**'ଠଗ୍ସ ଅଫ୍ ହିନ୍ଦୋସ୍ତାନ' ଅଭିନୟ କଷ୍ଟକର: ଆମିର**

'ଠଗ୍ସ ଅଫ୍ ହିନ୍ଦୋସ୍ତାନ'ରେ ଅଭିନୟ କଷ୍ଟକର ଥିଲା ବୋଲି ବଲିଉଡ୍ ଅଭିନେତା ଆମିର ଖାନ୍ ପ୍ରକାଶ କରିଛନ୍ତି।

୧୦

୧୫

**ମନୁ-ସୌରଭ ଯୋଡ଼ିଙ୍କୁ ସଫଳତା**

ମନୁ ଭାକର ଓ ସୌରଭ ଚୌଧାରୀ ଏସିଆନ ଏୟାରଗନ୍ ଚାମ୍ପିୟନଶିପ୍ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।



# ସମ୍ପ୍ରସାରିତ ହେବ ସବୁଜ ମହାନଦୀ ମିଶନ

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଭୂଗର୍ଭ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଜଳକୁ ସଞ୍ଚୟ କରିବାକୁ ମହାନଦୀ ଓ ଏହାର ଉପନଦୀ ତେଲ ଓ ଇବ୍ ନଦୀ କୂଳର ଉଭୟ ପାର୍ଶ୍ୱରେ ଏକ କିଲୋମିଟର ପ୍ରଶସ୍ତର ଏକ ସବୁଜ ବଳୟ ସୃଷ୍ଟି କରିବା ଲାଗି ସବୁଜ ମହାନଦୀ ମିଶନ ଆରମ୍ଭ କରାଯାଇଛି। ତେବେ ଏହାକୁ ଅନ୍ୟ ନଦୀଗୁଡିକୁ ସମ୍ପ୍ରସାରଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ବୃହତମ ନଦୀ ବୈତରଣୀ, ବ୍ରାହ୍ମଣୀ ଓ ଋଷିକୂଲ୍ୟାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ ହେବ। ଏହି ନଦୀଗୁଡିକର ଶାଖା ଓ ଉପନଦୀଗୁଡିକରେ ମଧ୍ୟ ସବୁଜ ବଳୟ ସୃଷ୍ଟି କରାଯିବ। ୨୦୧୯-୨୦ରେ ପର୍ଯ୍ୟାୟ କ୍ରମେ ବୃକ୍ଷ ରୋପଣ କରାଯିବ। ଏଥିସହିତ ମହାନଦୀ, ତେଲ ଓ ଇବ୍ ନଦୀର ଅନ୍ୟ ଅଞ୍ଚଳରେ ମଧ୍ୟ ବୃକ୍ଷ ରୋପଣ ହେବ। ୨୦୧୯ରୁ ୨୩ ଯାଏ ପାଞ୍ଚବର୍ଷିଆ ଯୋଜନା କାର୍ଯ୍ୟକାରୀ ହେବ। ଏଥିପାଇଁ ୪୪୮ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଶୁକ୍ରବାର ଅନୁମୋଦନ କରିଛି। ଏହି ଯୋଜନାରେ ୪୧,୩୦୦ ହେକ୍ଟର ନଦୀଶଯ୍ୟା ଓ ୧୦୪୧ ହେକ୍ଟର କି.ମି. ପଥ ପାର୍ଶ୍ୱ ବନୀକରଣ କରାଯିବ। ସେଥିରୁ ୧୦ ହଜାର ହେକ୍ଟରରେ ନୂତନ ବୃକ୍ଷରୋପଣ କରାଯିବା ବେଳେ ୩୦ ହଜାର ହେକ୍ଟରରେ ପୁରୁଣା ବୃକ୍ଷର ପୁନରୁଦ୍ଧାର ଏବଂ ୧୩୦୦ ହେକ୍ଟରରେ ବାଉଁଶ ରୋପଣ କରାଯିବ। ସବୁଜ ମହାନଦୀ ମିଶନର ଉନ୍ନତି ଓ କାର୍ଯ୍ୟକାରିତା ପାଇଁ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବଙ୍କ ☞ପୃଷ୍ଠା-୪

**କ୍ୟାବିନେଟ ନିଷ୍ପତ୍ତି**



- ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା କୂଳରେ ବନୀକରଣ ହେବ
- ୫ ବର୍ଷ ପାଇଁ ୪୪୮ କୋଟି ବ୍ୟୟ ବରାଦ
- ୨୨୦ କୋଟିରେ ନିର୍ମାଣ ହେବ ଭବାନୀପାଟଣା ମେଡିକାଲ କଲେଜ, ଟେଣ୍ଡରକୁ ଅନୁମୋଦନ
- ଶିଶୁଭବନ ପାଇଁ ହେବ ନୂଆ କୋଠା

## ଏଲ୍ଇଡିରେ ଝଲସିବ ସବୁ ସହର

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ରାଜ୍ୟର ୧୧୪ଟି ସହରାଞ୍ଚଳ ଏଲଇଡି ଲାଇଟରେ ଝଲସିବ। ହଟିଯିବ ଅଧିକ ବିଦ୍ୟୁତ୍ ଶକ୍ତି ଅପଚୟ କରୁଥିବା ପୁରୁଣା ଲାଇଟ। କଟକ ଓ ଭୁବନେଶ୍ୱର ମହାନଗର ନିଗମରେ ଏଲଇଡି ଲାଇଟ ଲାଗିଥିବା ବେଳେ ଅନ୍ୟ ସହରାଞ୍ଚଳରେ ମଧ୍ୟ ଏହାକୁ ଲଗାଇବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଛି। ଏ ନେଇ ବିଭାଗ ପକ୍ଷରୁ ଦିଆଯାଇଥିବା ୨ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

କେନ୍ଦ୍ର ସରକାରଙ୍କ ଏନର୍ଜି ଏଫିସିଏନ୍ସି ସର୍ଭିସ ଲିମିଟେଡ(ଇଇଏସଏଲ) ଏବଂ ଘରୋଇ ସଂସ୍ଥା ମେସର୍ସ ଏନଇଇଏସଏଲ ମାଧ୍ୟମରେ ସହରାଞ୍ଚଳରେ ଏଲଇଡି ଲାଇଟ୍ ଲାଗିବ। ସରକାରୀ-ଘରୋଇ ଭାଗୀଦାରି (ପିପିପି) ମୋଡରେ ୫ ମହାନଗର ନିଗମରେ ☞ପୃଷ୍ଠା-୪

# ଏସପିଏମ୍ ଅଞ୍ଚଳକୁ ପଶିଲା ପଶ୍ଚିମବଙ୍ଗ ବୋଟ୍



**ପାରାଦୀପ ବନ୍ଦର**

- ନଷ୍ଟ ହେଲା ଭାସମାନ ତୈଳ ପାଇପ
- ୧୩ ବଙ୍ଗୀୟ ଧୀବର ଅଟକ, ବୋଟ୍ ଜବତ

ପାରାଦୀପ,୯।୧୧(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପୋତାଶ୍ରୟଠାରୁ ୨୦ କିମି ଦୂର ସମୁଦ୍ରରେ ଥିବା ଭାସମାନ ଏସପିଏମ୍ (ସିଙ୍ଗଲ ପଏଣ୍ଟ ମୋରିଂ ସିଷ୍ଟମ) ବର୍ଥ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ପଶ୍ଚିମବଙ୍ଗ ଦିଘା ଅଞ୍ଚଳର ଏକ ମାଛଧରା ବୋଟ୍ ଏସ୍ପିଏମ ନିଷିଦ୍ଧାଞ୍ଚଳରେ ଧଶେଇ ପଶି ଭାସମାନ ତୈଳ ପାଇପ ନଷ୍ଟ କରିଦେଇଛି। ପାରାଦୀପ ବନ୍ଦର ପକ୍ଷରୁ ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସଏଫ୍ ଉକ୍ତ ବୋଟ୍କୁ ଜବତ କରି ବନ୍ଦରକୁ ଆଣିଛନ୍ତି। ଏହାପରେ ସମ୍ପୃକ୍ତ ବୋଟ୍ ସମ୍ପର୍କରେ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବନ୍ଦର ଉପ ସଂରକ୍ଷକ ତଥା କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର ସ୍ଥାନୀୟ ଏଏସ୍ପିଙ୍କୁ ଲିଖିତ ଭାବେ (ଚିଠି ନଂ ୧୫୮୨ରେ) ଜଣାଇଛନ୍ତି। ବୋଟ୍ରେ ଥିବା ୧୩ ଜଣ ବଙ୍ଗୀୟ ଧୀବରଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ପାରାଦୀପ ସାମୁଦ୍ରିକ ଥାନା ପୋଲିସ ବୋଟ୍ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଏସପିଏମ୍ ହେଉଛି ପାରାଦୀପର ତୈଳ ବର୍ଥ। ସେଠାରେ ବିଦେଶରୁ ଆସୁଥିବା ଅଶୋଧିତ ତୈଳ ପାନାମାକ୍ସ ଜାହାଜ ଲାଗିଥାଏ। ଜାହାଜରୁ ☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

**ଅନିଶ୍ଚିତ ସମ୍ପ୍ରସାରଣ**

**ଆଜିର ମନ୍ତବ୍ୟ**

"ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ବଦଳରେ ସହର ଓ ରାସ୍ତାର ନାମ ବଦଳାଇ ଡ୍ରାମା କରୁଛି ଭାଜପା ।

– ଶରଦ ଯାଦବ, ଲୋକତାନ୍ତ୍ରିକ ଜନତା ଦଳ ଅଧ୍ୟକ୍ଷ

**ସୋସିଆଲ ମିଡିଆରେ ଯୁବତୀଙ୍କୁ ବଦନାମ କରିବା ଅଭିଯୋଗ, ଯୁବକ ଗିରଫ**

........୫........

# ଜେଲ ଭିତରେ ମାରପିଟ

- ୨ ବନ୍ଦୀଙ୍କ ଆକ୍ରମଣରେ ଜଣେ ଗୁରୁତର

ବରଗଡ଼ ଅଫିସ,୯।୧୧

ବରଗଡ଼ ସବ୍ଜେଲ ଭିତରେ ଶୁକ୍ରବାର ବିଚାରାଧୀନ ବନ୍ଦୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି । ଦୁଇବନ୍ଦୀଙ୍କ ଅତର୍କିତ ଆକ୍ରମଣରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ବନ୍ଦୀ ହେଲେ ବରଗଡ଼ ପଠାନପଡ଼ାର ଏମ୍ଡ଼ି ଅଲତାଫ୍। ଚିକିତ୍ସା ପାଇଁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ସୁରକ୍ଷା ବଳୟରେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି । ଅନ୍ୟପଟେ ଅଲତାଫଙ୍କୁ ଆକ୍ରମଣ କରିଥିବା ୨ ବନ୍ଦୀଙ୍କୁ ଅନ୍ୟ କାରାଗାରକୁ ସ୍ଥାନାନ୍ତର କରିବା ପାଇଁ ସବ୍ଜେଲର ଚିତ୍ତରଞ୍ଜନ ପାତ୍ର ଜେଲ ଆଇଜିଙ୍କୁ ଜଣାଇଥିବା ସୂଚନା ମିଳିଛି । ଆହତ ବନ୍ଦୀ ଅଲତାଫ ଗୁରୁବାର ଏକ ମାରପିଟ୍ ଘଟଣାରେ ଗିରଫ ହୋଇଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସନ୍ଧ୍ୟାରେ ବରଗଡ଼ ସବ୍ଜେଲ ହାଜତକୁ ପଠାଇ ଦିଆଯାଇଥିଲା । ପୂର୍ବରୁ ଏକ ଡକାୟତି ମାମଲାରେ ଗିରଫ ହୋଇ ଜେଲରେ ରହିଥିବା ୨ ବନ୍ଦୀ ଶୁକ୍ରବାର ସକାଳେ ଅଲତାଫଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଢ଼େଲା, ଇଟାରେ ତାଙ୍କୁ ଆକ୍ରମଣ କରାଯାଇଛି । ଅପରପକ୍ଷେ ସେମାନେ କେବଳ ହାତାହାତି ହୋଇଥିଲେ ବୋଲି ସବ୍ଜେଲ କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି। ମାତ୍ର ଅଲ୍ତାଫ ଗୁରୁତର ଆହତ ହୋଇଥିବା ଯୋଗୁ ତାଙ୍କୁ ଢ଼େଲା କିମ୍ବା ଇଟାରେ ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ ଖବର ଲେଖାହେବା ସୁଦ୍ଧା (ରାତି ୮ଟା ପର୍ଯ୍ୟନ୍ତ) ଥାନାରେ କୌଣସି ଏତଲା ହୋଇ ନ ଥିବା ଟାଉନ ଥାନା ପୋଲିସ କହିଛି । ତେବେ କେଉଁ କାରଣରୁ ଏହି ଗଣ୍ଡଗୋଳ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ।



ବରଗଡ଼ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ବନ୍ଦୀ।

# ତିତ୍ଲି ମୁକାବିଲା ପାଇଁ ଓଡ଼ିଶାକୁ କେନ୍ଦ୍ରର ପ୍ରଶଂସା

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ତିତ୍ଲି ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ସଫଳ। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏନ୍ଡିଏମ୍ଏ) ପକ୍ଷରୁ ପ୍ରକାଶିତ 'ଆପଦ ସମ୍ବାଦ'ରେ ଏହା ଉଲ୍ଲେଖ କରାଯାଇଛି। ଯେଉଁ ଢଙ୍ଗରେ ଓଡ଼ିଶା ପ୍ରଶାସନ ତିତ୍ଲିର ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କରିଥିଲା, ତାହା ଉଦାହରଣ ସୃଷ୍ଟି କରିଛି। ହେଲେ ଏତେ ସବୁ ପରେ ବି ମୃତକଙ୍କ ସଂଖ୍ୟା ଦୁଇ ଅଙ୍କ ଛୁଇଁଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜ୍ୟରେ ଉପକୂଳବର୍ତ୍ତୀ ୫ଟି ଜିଲା ଯଥା ଗଞ୍ଜାମ, ଗଜପତି, ☞ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE 09.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 117 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 62 | 109 | 119 |
| ANG | 64 | 111 | 121 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


**କିଛି ତଥ୍ୟ**

ଚଳିତ ବର୍ଷ ଦେଶରେ ୧୧୦.୭୧ ଲକ୍ଷ ହେକ୍ଟର ଜମିରେ ରବି ଚାଷ ହୋଇଥିବା ବେଳେ ଗତ ବର୍ଷ ସମାନ ସମୟରେ ଏହା ୧୩୮.୧୬ ଲକ୍ଷ ହେକ୍ଟର ରହିଥିଲା।

– କୃଷି ମନ୍ତ୍ରଣାଳୟ






ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ

# ଚାଏର୍‌ଖଁଦ୍ ପାଏବାରୁ ବଁଚିତ୍ ହେଲେ ମହିଲା

**ବାମରା, ୯।୧୧ (ସ୍ୱ.ପ୍ର.)**

### ଅଜାତିରେ ବିହାହେଇ ଅପରାଧ୍ କରିଥିଲେ

- ରାଜୁ ଅଲଗ୍ ଜାଏତ୍‌ରେ ବିହା ହେଇ ସାମାଜିକ୍ ବାସଁଦ୍ ହେଇଥିଲେ
- ପର୍‌ଶାସନର ଦଖଲ୍ ଦେଲାରୁ ସମସିଆର ସମାଧାନ ହେଲା
- ଅଜେତ୍ ଲାଗି ଗାଁବାସୀ ଶବ ସତ୍‌କାର କରବାକେ ମନାକଲେ
- ଭଦରଲୋକ୍‌କଁର ସାହାଯ୍‌ରେ ଶବ ସତ୍‌କାର କରାଗଲା

ସମ୍ବଲପୁର ଜିଲା ବାମରା ବ୍ଲକ୍ ପିଣ୍ଡାପଥର ପଁନ୍‌ଚେତ ମହୁଲଛାପଳ ଗାଁରେ ଗଲା ବୁଧୁବାର ବରର୍ କାଠ୍‌ଫାଲିଆ ମାଡ୍‌ରେ ମାଏଝିର ମୁର୍‌ତୁ ହେଇଥିଲା। ଇ ପରିବାରଟା ସାମାଜିକ୍ ବାସଁଦ୍ ହେଇଥିବାର ଲାଗି ଗାଁବାସୀ ଶବ ସତ୍‌କାର କରବାକେ ମନା କରିଦେଇଥିଲେ। ପଛେ ପୁଲିସ୍ ପର୍‌ଶାସନ ମାମ୍‌ଲାରେ ଦଖଲ୍ ଦେଲାରୁ ଶବ ସତ୍‌କାର କରାଯାଇଥିଲା। ଇ ଆଧୁନିକ୍ ଯୁଗେ ବି ମୁନୁଷ୍ ଅଁଧ୍‌ବିଶ୍ୱାସ, କୁସଁସ୍‌କାର, ଗୁନିଗାରେଡ଼ି, ଫୁକାଝଡା ଲେଖେଁ ମାନ୍‌ସିକତାକେ ଛାଡି ନାଇଁପାରବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖ୍‌ବାକେ ମିଲିଛେ ଗଡପୋଷ ଫାଣ୍ଡି ଅଧିନ ମହୁଲଛାପଳ ଗାଁରେ। ସାମାଜିକ୍ ବାସଁଦ୍ ଲାଗି ଝନେ ମହିଲାକଁର ଶବକେ ଚାଏର୍‌ଖଁଦ୍ ନାଇଁମିଲ୍‌ବାର ଲେଖେଁ ଗୁଟେ ଦୁଖର ଘଟ୍‌ନା ଅଁଚଲରେ ଚର୍‌ଚାର ବିଷେ ହେଇଛେ।

ମିଲିଥିବାର ସୂଚ୍‌ନା ଅନ୍‌ସାରେ ଗଲା ବୁଧୁବାର ବେଲ୍‌ବୁଡେ ମହୁଲଛାପଳ ଗାଁର ରାଜୁ ମାଝୀ ନାଁରେ ଝନେ ଲୋକ୍ ନିଜର ମାଏଝିକେ କାଠ୍‌ଫାଲିଆରେ ପିଟି ମାରି ମାରିଦେଇଥିଲେ। ଇ ବାବ୍‌ଦେ ଗୋବିନ୍ଦପୁର ପୁଲିସ ଘଟନାର ତଦଁତ୍ କରି ରାଜୁକେ ଗିରଫ କରବାର ସଂଗେ ଶବ ଜବତ୍ କରି ବ୍ୟବଚ୍ଛେଦ ଲାଗି ପଠେଇଥିଲା। ପଛେ ପୁଲିସ୍ ଶବ ପରିବାର ଲୁକ୍‌କୁ ଦେବାକେ ଚେଷ୍ଟା କଲାରୁ ପରିବାର ଲୋକ୍ ମନା କରିଥିଲେ। ରାଜୁ ଆର୍ ତାକର ମାଏଝି ପ୍ରଭାଶିନୀକେ ଗାଁରୁ ସାମାଜିକ୍ ବାସଁଦ୍ ହେଇଥିଲେ, ସେଥିରଲାଗି ପରିବାର ଲୋକ୍ ଲାସ୍ ନେବାକେ ମନା କରିଥିଲେ। ଅଭିଯୋଗ୍ ଅନ୍‌ସାରେ ରାଜୁର ମା' ଖଡିଆଳ ସମାଜର ହେଇଥିଲା ବେଲେ ସେ ପହେଲା ଝନେ ଖଡିଆ ସମାଜର ଲୋକ୍‌କେ ବିହା ହେଇଥିଲେ। ହେଲେ ପଛେ ସେ ମହୁଲଛାପଳ ଗାଁର କିସାନ ସମାଜର ଚନ୍ଦ୍ର ମାଝୀକେ ବିହା ହେଇ ଚଲି ଆସୁଥିଲେ। ଗଲା ୯ ବଛର ତଲେ ପୁଓ ରାଜୁ ପରମାଣପୁର ଗିରିଜାପଡାର ଖଡିଆ ସମାଜର ଝି ପ୍ରଭାଶିନୀକୁଁ ବିହା ହେଇଥିଲେ। ଯେନ୍‌ଥିରଲାଗି ତାହାକୁ ସାମାଜିକ୍ ବାସଁଦ୍ କରାଯାଇଥିଲା। ଗଲା ଗୁରୁବାର ଦିନ ପ୍ରଭାଶିନୀର ଶବ ନେବାକେ ଗାଁବାସୀ ମନା କରିଦେଇଥିଲେ। ଖବର ପାଇ ଗୋବିନ୍ଦପୁର ଆଇଆଇସି ବିଶ୍ୱପତି ପଣ୍ଡା, ଜିଲା ପରିଷଦ ସଭ୍ୟା ଜୋନ-୧ କୁମୁଦିନି ନାଏକକଁର ସାହାଯ୍‌ରେ ଗାଁବାସୀକର ସଂଗେ ଆଲୋଚନା କରି ବୁଝାସୁଝା କରିଥିଲେ। ହେଲେ ଇଥିରେ ସେ ବିଫଲ ହେଇଥିଲେ। ପଛେ ପଡା ଗାଁର ଭଦରଲୋକ୍ ଝନ୍‌କେତେ ଶବ ସତ୍‌କାର କରବାକେ ରାଜି ହେଇଥିଲେ। ଶବକେ ଚାଏର୍‌ଖଁଦ୍ ବଦ୍‌ଲା ଦୁଇଝନ୍ ଲୋକ୍ କଇରା ରହିଦାସ ଆର୍ ସୁଦର୍ଶନ ମାଝୀ ଖଁଦ୍ ଦେଇଥିଲେ। । ଥାନୀୟ ମଶାନ୍‌ପଦାରେ ଗୁଟେ ଜେସିବିରେ ଗାତ୍ କୁଡି ଶବ ସତ୍‌କାର କରାଯାଇଥିଲା। ଗାଁର ଭଦର୍‌ଲୋକମାନକର ଭିତ୍‌ରେ ଜୟକରଣ ମାଝୀ ଆର୍ ସୁଶୀଲ ମାଝୀ ଶବ ସତ୍‌କାରରେ ସବୁପର୍‌କାର ସହଯୋଗ୍ କରିଥିଲେ। ଶବ ସତ୍‌କାର ସମିଆରେ ଲାଲ ରୋହିଦାସ, ଶ୍ୟାମସୁନ୍ଦର ମାଝୀ, କୃପାନିଧି ମାଝୀ, ବାୟାଧର ମାଝୀ ଆର୍ ଟଙ୍କଧର ଟପ୍ପୋ ପର୍‌ମୁଖ୍ ଥିଲେ। ରାଜୁ ମାଝୀର ଭାଇ ସୁଦର୍ଶନ ମାଝୀ ବି ଉନିଆ ଜାତିରେ ବିହା ହେଇ ସାମାଜିକ୍ ବାସଁଦ୍‌ର ଶିକାର ହେଇଛନ୍। ଇଥିର୍ ଉପ୍‌ରେ ପର୍‌ଶାସନ୍ ଦୃଷ୍ଟି ଦେବାକେ ସଚେତନ ନାଗରିକ୍‌ମାନେ ଅନୁରୋଧ୍ କରିଛନ୍।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଲେଇ ପଡ଼ିଲା ଅକଡ଼େ,**
**ମୂଷା ମାଇଲା ଚାପଡ଼େ ।**

ଶତ୍ରୁତା ସାଧି ପାରୁ ନ ଥିବା ବ୍ୟକ୍ତି ଶତ୍ରୁର ଅସୁବିଧା ସମୟକୁ ନିଜର ସୁଯୋଗ ମନେ କରିଥାଏ। ତା' ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ପଛଘୁଞ୍ଚା ଦେଇ ନ ଥାଏ। ଉପଯୁକ୍ତ ବେଳ ଦେଖି ଅତି ସାମାନ୍ୟ ବ୍ୟକ୍ତି ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବହିଗଲା ପାଣି ଯାଉ ତେଣିକି,**
**ବନ୍ଧାଇଲା ପାଣି ରହୁ ଏଣିକି ।**

ପାଣି ବା ଜଳ ସଦା ସର୍ବଦା ନିମ୍ନଗାମୀ ହୋଇଥାଏ। ଏହାର ଧର୍ମ ବୋହି ଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**ଭବାନୀପାଟଣା,୯।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ କୁସୁର୍ଲା ଗ୍ରାମରେ ଘଟିଥିବା ଏକ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି । ଜିଲା ଓ ଦୌରା ଜଜ୍ ଶିଶିର କୁମାର ରଥ ଏହି ମାମଲାର ବିଚାର କରି କୁସୁର୍ଲା ଗ୍ରାମର ବୈବ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଦଫା ୩୦୨ରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ତା୨୨।୦୮।୨୦୧୪ ରିଖ ରାତିରେ କୁସୁର୍ଲା ଗ୍ରାମର ବୈବ ଓରଫ ତୋଫାନ ସ୍ତ୍ରୀ ରୋଜି ଓରଫ ହିମାଦ୍ରିଙ୍କ ମୁହଁରେ ତକିଆ ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ । ଏ ନେଇ କେସିଙ୍ଗା ଥାନାରେ ଦଫା ୩୦୪ (ଖ)/୪୯୮(କ), ୩୦୨ ପିଙ୍ଗଳ କୋର୍ଡ ଓ ୪ ଯୌତୁକ ନିରୋଧ ମାମଲା (ନଂ. ୭୩/୨୦୧୪)ରେ ଏକ ମାମଲା ରୁଜୁ ହୋଇଥିଲା । ଉକ୍ତ ମାମଲାର ବିଚାର କରି କୋର୍ଟ ଶୁକ୍ରବାର ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରୀ ଓକିଲ ଭବାନୀ ଶଙ୍କର ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ ।

■ ବରଗଡ଼ରେ ମହାବଳ ହତ୍ୟା ଘଟଣା

## କ୍ୟାମେରା ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ଡିଏଫଓ

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**

ବରଗଡ ଜିଲା ଡେବ୍ରିଗଡ ବନ୍ୟପ୍ରାଣୀ ଅଭୟାରଣ୍ୟରେ ମହାବାଳ ବାଘକୁ ହତ୍ୟା ଘଟଣା ଏବେ ନୂଆ ମୋଡ଼ ନେଇଛି। କ୍ରାଇମବ୍ରାଞ୍ଚ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିବା ବେଳେ ହୀରାକୁଦ ଡିଏଫ୍‌ଓଙ୍କ ଏକ ମେସେଜ୍ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି। ଏକ ହ୍ୱାଟ୍‌ସଆପ୍ ଚାଟ୍‌ରେ ଗତ ଅକ୍ଟୋବର ୬ରେ ସମସ୍ତ କ୍ୟାମେରା ଟ୍ରାପ୍‌କୁ ହଟାଇଦେବାକୁ ଡିଏଫ୍‌ଓ ନିର୍ଦ୍ଦେଶ ଦେଇଥିଲେ। ଏହି ଚାଟ୍‌ର ସ୍କ୍ରିନଶଟ୍ ବର୍ତ୍ତମାନ ଭାଇରାଲ ହେଉଛି। ବ୍ୟାଘ୍ରଶୂନ୍ୟ ଡେବ୍ରିଗଡ଼ ଜଙ୍ଗଲରେ ମହାବଳ ବାଘର ଉପସ୍ଥିତି ଜଣାପଡ଼ିବା ପରେ ଅଧିକ ସତର୍କତା ଅବଲମ୍ବନ ନ କରି, ଅଧିକ କ୍ୟାମେରାଟ୍ରାପ୍ ସ୍ଥାପନ ନ କରି ଡିଏଫ୍‌ଓ କେଉଁ ଉଦ୍ଦେଶ୍ୟରେ ଲାଗିଥିବା କ୍ୟାମେରାଗୁଡ଼ିକୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ତାହାକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜିପି ସନ୍ତୋଷ ଉପାଧ୍ୟାୟ କହିଛନ୍ତି।

ଅନ୍ୟପଟେ ଘଟଣାରେ ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ରିମାଣ୍ଡରେ ଆଣିବ। ଏ ନେଇ କୋର୍ଟରେ ଆବେଦନ କରାଯିବ ବୋଲି ଏଡିଜିପି ଉପାଧ୍ୟାୟ ଗଣମାଧ୍ୟମକୁ ଜଣାଇଛନ୍ତି। ସେ କହିଛନ୍ତି, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଟିମର ଡିଏସ୍‌ପି ପାହ୍ୟାର ଜଣେ ଅଧିକାରୀ ଏହି ଘଟଣାର ତଦନ୍ତ କରୁଛନ୍ତି। ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ଅଧିକ ତଥ୍ୟ ସଂଗ୍ରହ ଲାଗି ଜଙ୍ଗଲ ବିଭାଗ ଦ୍ୱାରା ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯିବ। ଫଳରେ ଡେବ୍ରିଗଡ ସୀମାରେ ରହି ବନ୍ୟଜନ୍ତୁ ଶିକାର କରୁଥିବା ଅପରାଧୀଙ୍କ ବିଷୟରେ କିଛି ତଥ୍ୟ ମିଳିପାରିବ। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୮ରେ ଡେବ୍ରିଗଡ ବନ୍ୟଜନ୍ତୁ ଅଭୟାରଣ୍ୟ ଭିତରେ ଏକ ବାଘକୁ ହତ୍ୟା କରାଯାଇଥିବା ନେଇ ଖବର ମିଳିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଏହି ଘଟଣାରେ ଗତ ୩ ତାରିଖରେ ବନ ବିଭାଗ ସ୍ଥାନୀୟ ଖଜୁରିଆ ଗ୍ରାମର ସୁଶୀଲ ଭୋଇ, ସତ୍ୟବାନ ସାହୁ, ଗୌରୀ ମିର୍ଦ୍ଧାଙ୍କ ସମେତ ୪ ଜଣଙ୍କୁ ଗିରଫ କରିବା ପରେ ସେମାନେ ମହାବଳ ବାଘ ଶିକାର କରିଥିବା ନେଇ ସ୍ୱୀକାର କରିଥିଲେ।

■ ଭୀମପାହାଡ୍ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ବିହୁ, ଘୁଡୁକା ନୃତ୍ୟ ମନମୋହିଲା

**ଦେଓଗାଁ, ୯।୧୧ (ଡି.ଏନ.ଏ.)**



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମ ଡୁଙ୍ଗୁରୀସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ପାଦଦେଶରେ ଅନୁଷ୍ଠିତ ଗିରିଗୋବର୍ଦ୍ଧନ ପୂଜା ଅବସରରେ ଚାଲିଥିବା ଭୀମପାହାଡ ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ମଧୁସୁଦନ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ର କୋଲକାତା ଓ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ପଞ୍ଜାବର ଭାଙ୍ଗଡ଼ା ନୃତ୍ୟ, ଆସାମର ବିହୁ , ଝାଡ଼ଖଣ୍ଡର ପାଇକା ନୃତ୍ୟ ସମେତ ମଣିପୁରର ଢ଼ୋଲ ଚଲନ, ଡୁଙ୍ଗୁରା କୃଷ୍ଣପ୍ରିୟା କଳାପରିଷଦର ଘୁଡୁକା ନୃତ୍ୟ, ବରଗଡ କଳାକାରଙ୍କ ପାରମ୍ପରିକ ନୃତ୍ୟ, ଉପରଝର ଆଞ୍ଚଳିକ ବାଳିକା ମହାବିଦ୍ୟାଳୟ ଛାତ୍ରୀଙ୍କ ନୃତ୍ୟ, ରବୀନ୍ଦ୍ର କୁମାର ସାହୁ ଓ ସାଥୀଙ୍କ ଦ୍ୱାରା କଂସ ଦରବାର ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା । ମହୋତ୍ସବ କମିଟି ସଭାପତି ତଥା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟା ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଉପଜିଲାପାଳ ଭୈରବ ସିଂ ପଟେଲ ପ୍ରମୁଖ ଉପସ୍ଥିତ ରହି ଏହି ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଭାବେ ଇଷ୍ଟର୍ନ ଜୋନ କଲଚରାଲ କମିଟିର ଅଧିକାରୀ(କୋଲକତା) ସମ୍ଭୁନାଥ ଦାସ, ବ୍ଲକ ଅଧ୍ୟକ୍ଷା ରୀନା ମେହେର, ଉପାଧ୍ୟକ୍ଷ ରାଜୁ ବାଗ, ସରପଞ୍ଚ ବାଳକ ପଧାନ, ପୂର୍ବତନ ସରପଞ୍ଚ ଚକ୍ରଧର ମଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଶିଷ୍ଟ କଳାକାର ସତ୍ୟନାରାୟଣ ବେହେରାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ମୟ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତବର୍ଷ ଏହି ମହୋତ୍ସବରେ ରାଜ୍ୟ ବାହାରରୁ ୪ଟି ସାଂସ୍କୃତିକ ଦଳ, ରାଜ୍ୟର ବିଭିନ୍ନ ଜିଲାରୁ ୫ଟି ଦଳ ଓ ଜିଲାସ୍ତରୀୟ ୫ଟି ଦଳ ନିଜର ପାରମ୍ପରିକ କଳା ପ୍ରଦର୍ଶନ କରୁଛନ୍ତି। ଏଥିସହିତ ମିନାବଜାର, ଆକାଶ ଦୋଳି, ବଲାଙ୍ଗୀରର ଓମ୍‌ପ୍ରକାଶ ସାହୁଙ୍କ ବାଲୁକାକଳାରେ ଭୀମବାବାଙ୍କ ପ୍ରତିମୂର୍ତ୍ତି, ୨୪ ପ୍ରହର ନାମଯଜ୍ଞ ଆଦି ଆକର୍ଷଣର କେନ୍ଦ୍ର ସାଜିଛି ।

ରିପୋର୍ଟ: କୃଷ୍ଣଚନ୍ଦ୍ର ପାଣିଗ୍ରାହୀ



କଳାକାରମାନେ ବିହୁ ନୃତ୍ୟ ପରିବେଷଣ କରୁଛନ୍ତି।

### ଏମାନେ ଯାହା କହନ୍ତି...



"ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏପରି ଏକ ମହୋତ୍ସବ ନୂଆ ଦିଗନ୍ତ ସୃଷ୍ଟି କରିଛି । ଭୀମପାହାଡ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଉନ୍ନତିର ଆଶା ସଞ୍ଚାର ହୋଇଛି ।
**- ମୟ ପ୍ରଧାନୀ, ମହୋତ୍ସବ ପରିଚାଳନା କମିଟି ଉପସଭାପତି**



"ଭୀମପାହାଡରେ ୬୪ରୁ ଅଧିକ ଗୁମ୍ଫା ରହିଛି। ଏହି ସ୍ଥଳର ଐତିହାସିକ ପୃଷ୍ଠଭୂମି ରହିଛି । ଅନେକ ଗବେଷକ ଏସବୁକୁ ନେଇ ଗବେଷଣା କରି ସରକାରଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି ।
**- ପ୍ରମୋଦ କୁମାର ବହିଦାର, ମହୋତ୍ସବ ପରିଚାଳନା କମିଟି ଉପସଭାପତି**



"ଏହି ମହୋତ୍ସବକୁ ସମ୍ପୂର୍ଣ୍ଣ ସରକାରୀ ସହାୟତାରେ ଆୟୋଜନ କରିବା ପାଇଁ ଦାବି ରଖୁଛୁ। ଏ ଦିଗରେ ସରକାର ଦୃଷ୍ଟି ଦେଲେ ଅଞ୍ଚଳର ଉନ୍ନତି ସହ ମହୋତ୍ସବ ଅଧିକ ପରିବ୍ୟାପ୍ତ ହୋଇପାରନ୍ତା ।
**- ସୁଦାମ ପଟେଲ ମହୋତ୍ସବ ପରିଚାଳନା କମିଟି ସଦସ୍ୟ**



"ସ୍ୱାଧୀନତା ଆନ୍ଦୋଳନ ସହ ଭୀମପାହାଡର ସମ୍ପର୍କର ରହିଛି। ଏହାର ବିକାଶ ଦିଗରେ ସରକାର ଆହୁରି ପଦକ୍ଷେପ ନିଅନ୍ତୁ। ଜନସାଧାରଣଙ୍କ ସହଯୋଗରେ ଏହି ମହୋତ୍ସବ ସଫଳତାର ସହ ଚାଲିବା ସ୍ୱାଗତଯୋଗ୍ୟ।
**- ରୀନା ମେହେର, ବ୍ଲକ ଅଧ୍ୟକ୍ଷା ଦେଓଗାଁ ବ୍ଲକ**



"ମହୋତ୍ସବ ଆୟୋଜନରେ କମିଟିର ସମସ୍ତ ସଦସ୍ୟ ଅକ୍ଳାନ୍ତ ପରିଶ୍ରମ ଜାରି ରଖିଥିବାରୁ ଏହି ମହୋତ୍ସବ ସଫଳତାର ସହ ଆଗେଇ ଚାଲିଛି। ଏହି ମହୋତ୍ସବ ଆୟୋଜନ ହେବା ଦିନଠାରୁ ଅଞ୍ଚଳର ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି ।
**- ବାଳକ ପଧାନ ସରପଞ୍ଚ, ମକୁନ୍ଦପୁର ପଞ୍ଚାୟତ**



ଡୁଙ୍ଗୁରା କୃଷ୍ଣପ୍ରିୟା କଳାପରିଷଦ କଳାକାରଙ୍କ ଦ୍ୱାରା ଘୁଡୁକା ନୃତ୍ୟ ପରିବେଷଣ ।



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ଠାରେ ଚାଲିଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଏହି ସ୍ଥଳକୁ ପର୍ଯ୍ୟଟନସ୍ଥଳରେ ପରିଣତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ମାନ୍ୟବର ବିଧାୟକ ନରସିଂହ ମିଶ୍ରଙ୍କୁ ଅଶେଷ ଧନ୍ୟବାଦ।
ସୁରୁଲାଲ ମଟାରୀ
ବଲାଙ୍ଗିର




ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ଠାରେ ଚାଲିଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀଯୁକ୍ତ ରାଜୁ ବାଗ
ଉପାଧ୍ୟକ୍ଷ, ଦେଓଗାଁ ବ୍ଲକ


ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ଠାରେ ଚାଲିଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀଯୁକ୍ତ ସୁରେଶ କୁମାର ମେହେର
ସଭାପତି ଜରାସିଂହା କୃଷିସେବା ସମବାୟ ସମିତି, ସମିତି ସଭ୍ୟ ଉଡାର ଗ୍ରାମ ପଞ୍ଚାୟତ ତଥା ଡାଇରେକ୍ଟର, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ, ବଲାଙ୍ଗିର


ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ଠାରେ ଚାଲିଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀଯୁକ୍ତ ରାଜେଶ କୁମାର ନାଏକ
ସମ୍ପାଦକ, ଗିରିଗୋବର୍ଦ୍ଧନ ପୂଜା କମିଟି, ଭୀମପାହାଡ


ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ଠାରେ ଚାଲିଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀମତୀ ଯଶୋଦା ମେହେର
ଡାଇରେକ୍ଟର, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ, ବଲାଙ୍ଗିର


ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ଠାରେ ଚାଲିଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀଯୁକ୍ତ ବାଲେକ ପଧାନ
ସରପଞ୍ଚ, ମକୁନ୍ଦପୁର ପଞ୍ଚାୟତ


ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ଠାରେ ଚାଲିଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀମତୀ ରୀନା ମେହେର
ବ୍ଲକ ଅଧ୍ୟକ୍ଷା ଦେଓଗାଁବ୍ଲକ ତଥା ଡାଇରେକ୍ଟର, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ, ବଲାଙ୍ଗିର



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ଠାରେ ଚାଲିଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଏହି ସ୍ଥଳକୁ ପର୍ଯ୍ୟଟନସ୍ଥଳରେ ପରିଣତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ମାନ୍ୟବର ବିଧାୟକ ନରସିଂହ ମିଶ୍ରଙ୍କୁ ଅଶେଷ ଧନ୍ୟବାଦ।
ଯୁବନେତା ବିଶ୍ୱଜିତ୍ ପାତ୍ର (ପପୁ)
ଦେଓଗାଁ


ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ଠାରେ ଚାଲିଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ମେହେର
ମହୋତ୍ସବ କମିଟି ସଭାପତି ତଥା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି, ବଲାଙ୍ଗିର ଜିଲ୍ଲା



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଭୀମ ଡୁଙ୍ଗୁରୀ ସ୍ଥିତ ପର୍ଯ୍ୟଟନସ୍ଥଳ ଭୀମପାହାଡ ଠାରେ ଚାଲିଥିବା ୪ର୍ଥ ଭୀମପାହାଡ ମହୋତ୍ସବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଯୁବନେତା ଶ୍ରୀଯୁକ୍ତ ଅସିତ କୁମାର ମିଶ୍ର (ଘୁନୁ)
ବଲାଙ୍ଗିର



ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ôଥାଇ ମଧ ମରିଥାନ୍ତି।

- ତୁଳସୀ ଦାସ

# ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ପଦ୍ମପୁର,୯।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ବିଜୁ ଯୁବ ବାହିନୀର ଦୁଇଗୋଷ୍ଠୀ ମଧ୍ୟରେ ଆର୍ଥିକ କାରବାରକୁ ନେଇ ଶୁକ୍ରବାର ଗଣ୍ଡଗୋଳ ଘଟିଛି। ଏନେଇ ପାଟିତୁଣ୍ଡ ଓ ଠେଲାପେଲାରେ ଗୋଟିଏ ପକ୍ଷର ଦୁଇଜଣ ସଦସ୍ୟ ଆହତ ହୋଇଛନ୍ତି। ଏ ସମ୍ପର୍କରେ ଉଭୟ ପକ୍ଷରୁ ବାସୁଦେବପୁର ଥାନାରେ ପୃଥକ୍ ଭାବେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ଥାନାଧିକାରୀ ଉମାଶଙ୍କର ନାୟକ ଘଟଣାର ତଦନ୍ତ କରୁଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ ପଦ୍ମପୁର ଯୁବ ବାହିନୀର କେତେଜଣ ସଭ୍ୟ ପଲିଥିନମୁକ୍ତ ଅଞ୍ଚଳ ପାଇଁ ଜନସଚେତନତା ଉଦ୍ଦେଶ୍ୟରେ ରାଲି କରିବାକୁ ବାହାରିଥିଲେ। ଏହି ସମୟରେ ଆଉ କେତେଜଣ ସଭ୍ୟ ଯୁବ ବାହିନୀରେ ଟଙ୍କା ଉଠାଣକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା।




# କାର୍ତ୍ତିକର ପ୍ରଥମ ଦିବାପହୁଡ଼: ଦିନରେ ୨ ଘଣ୍ଟା ଶୋଇଲେ ମହାପ୍ରଭୁ

**ପୁରୀ ଅଫିସ, ୯।୧୧:** ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦିବାପହୁଡ଼ ହୋଇଛି। ପ୍ରତ୍ୟହ ଶ୍ରୀମନ୍ଦିରରେ ଦିବାପହୁଡ଼ ହେବାର ପରମ୍ପରା ରହିଛି। କିନ୍ତୁ ନୀତିବହୁଳ ଶ୍ରୀମନ୍ଦିରରେ ଦର୍ଶନ ପାଇଁ କମ୍ ସମୟ ମିଳିଥିବାରୁ ପ୍ରାୟତଃ ଦିବାପହୁଡ଼ ହୋଇପାରି ନ ଥାଏ। ହେଲେ ପ୍ରତିବର୍ଷ କାର୍ତ୍ତିକ ମାସରେ ଦ୍ୱାରଫିଟା ନୀତି ପ୍ରାତଃରେ ନିର୍ଘଣ୍ଟ ରହିଥିବାରୁ ଏଥିପାଇଁ ସମୟ ରହିଥାଏ। ଚଳିତବର୍ଷ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହୋଇପାରୁ ନ ଥିବାରୁ କାର୍ତ୍ତିକ ମାସ ୧୫ ଦିନ ବିତିଯାଇଥିଲେ ମଧ ଦିବା ପହୁଡ଼ ହୋଇପାରି ନ ଥିଲା। କିନ୍ତୁ ଶୁକ୍ରବାର ଦିବାପହୁଡ଼ ହୋଇଛି। ଦିନରେ ୨ ଘଣ୍ଟା ୧୦ ମିନିଟ୍ ଶୋଇଛନ୍ତି ମହାପ୍ରଭୁ।




# ସୋମବାର ଯାଏ ଚାଲିବ ଓକିଲଙ୍କ ଆନ୍ଦୋଳନ

**କଟକ ଅଫିସ, ୯।୧୧**

- ହାଇକୋର୍ଟରେ କ୍ରାଇମ୍‌ବ୍ରାଞ୍ଚ ଦାଖଲ କରିପାରିଲାନି ଚୂଡ଼ାନ୍ତ ରିପୋର୍ଟ
- ନିଲମ୍ବନ ଆଦେଶ ପ୍ରତ୍ୟାହାରକୁ ନେଇ ପ୍ରଶ୍ନ ଉଠାଇଲେ କୋର୍ଟ
- ପୋଲିସ ସହିତ ଆଲୋଚନା ପାଇଁ ଓକିଲ ସଂଘ ପ୍ରସ୍ତୁତ

କଟକରେ ଓକିଲ ଓ ପୋଲିସ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ବାଟ ଫିଟୁନି। ଏନେଇ ଚାଲିଥିବା ମାମଲାର ତଦନ୍ତ ହାଇକୋର୍ଟର ବିଚାରପତି ଜଷ୍ଟିସ ସି.ଆର. ଦାସଙ୍କ ତଦାରଖରେ କରାଯାଉଛି। ତଦନ୍ତର ଅଗ୍ରଗତି ସମ୍ପର୍କିତ ରିପୋର୍ଟ ପ୍ରତିଦିନ ଜଷ୍ଟିସ ଦାସଙ୍କ ନିକଟରେ ଦାଖଲ କରିବାକୁ ହାଇକୋର୍ଟ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନଭେମ୍ବର ୯ ସୁଦ୍ଧା ଚୂଡ଼ାନ୍ତ ତଦନ୍ତ ରିପୋର୍ଟ କୋର୍ଟରେ ଦାଖଲ କରିବାକୁ ମଧ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। କିନ୍ତୁ ତାହା କରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି।

ଶୁକ୍ରବାର ମାମଲାର ଶୁଣାଣି ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଥିଲା। କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ହାଜର ହୋଇ ମାମଲା ସମ୍ପର୍କରେ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ସହିତ ଚୂଡ଼ାନ୍ତ ରିପୋର୍ଟ ଦାଖଲ ପାଇଁ ୬ ସପ୍ତାହ ସମୟ ମାଗିଥିଲେ। ଏପରି କି ମାମଲା ସହିତ ସମ୍ପୃକ୍ତମାନଙ୍କ ପଲିଗ୍ରାଫ ଟେଷ୍ଟ ଆବଶ୍ୟକ କରୁଥିବା ବୋଥ୍ରା ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ତେବେ ଓକିଲଙ୍କୁ ଆକ୍ରମଣ ଘଟଣାରେ ନିଲମ୍ବିତ ହୋଇଥିବା ୩ ଜଣ ପୋଲିସ କର୍ମଚାରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ସମ୍ପର୍କରେ ଖଣ୍ଡପୀଠ କ୍ରାଇମବ୍ରାଞ୍ଚ ଆଇଜିଙ୍କୁ ପ୍ରଶ୍ନ କରିଥିଲେ। ମାମଲା କୋର୍ଟରେ ଚାଲିଥିବା ସମୟରେ କେଉଁ ଆଧାରରେ ଏମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି ସେନେଇ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଅନ୍ୟପକ୍ଷରେ ମାମଲାର ଶୁଣାଣି ପରେ ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକରେ ଆସନ୍ତା ସୋମବାର ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା।

ସେହିପରି ମାମଲା ସମ୍ପର୍କରେ ଆଲୋଚନା ପାଇଁ ପୋଲିସ ଡିଜି ଆର୍.ପି. ଶର୍ମାଙ୍କ ପକ୍ଷରୁ ଗୁରୁବାର ଏକ ଚିଠି ହାଇକୋର୍ଟ ବାର୍ ଆସୋସିଏଶନ ସଭାପତିଙ୍କ ନିକଟକୁ ଆସିଛି। ପୋଲିସ ମୁଖ୍ୟାଳୟ କନଫରେନ୍ସ ହଲ୍‌ରେ ଆଲୋଚନା ପାଇଁ ଡିଜି ପ୍ରସ୍ତାବ ଦେଇଥିଲେ। ମାତ୍ର ପୋଲିସ ମୁଖ୍ୟାଳୟ କିମ୍ବା ବାର୍ ଆସୋସିଏଶନ କାର୍ଯ୍ୟାଳୟ ନୁହେଁ ଏକ ତୃତୀୟ ସ୍ଥାନରେ ଏହି ଆଲୋଚନା କରିବାକୁ ବାର୍ ଆସୋସିଏଶନ ରାଜି ହୋଇଥିବା ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି।

ସୂଚନାଥାଉକି, ଗତ ଅଗଷ୍ଟ ୨୮ରେ ହାଇକୋର୍ଟ ଆଡଭୋକେଟ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ଚାଉଳିଆଗଞ୍ଜ ଥାନା ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଇପିସି ଦଫା ୩୦୭ରେ ମାମଲା ରୁଜୁ କରିବାକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଦାବି ହୋଇଥିଲା। ହେଲେ ପୋଲିସ ପକ୍ଷରୁ କୋହଳ ଦଫା ଲଗାଯାଇଥିବା ଅଭିଯୋଗରେ ବାର୍ ଆସୋସିଏଶନ ପକ୍ଷରୁ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହା ପରେ ହାବିଲଦାର ପ୍ରସନ୍ନ କୁମାର ବେହେରା, କନଷ୍ଟେବଳ ଦିଲୀପ କୁମାର ସାମଲ ଓ ଉଦୟ କୁମାର ଭୂୟାଁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ତେବେ ନିଲମ୍ବିତ କର୍ମଚାରୀଙ୍କ ଉପରୁ ଗତ ସପ୍ତାହରେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା।

# ଡିସେମ୍ବରରୁ ବାହାରେ ଶୌଚ କଲେ ୫୦ ଟଙ୍କା ଜରିମାନା

**ଝାରସୁଗୁଡ଼ା ଅଫିସ,୯।୧୧**

ଝାରସୁଗୁଡ଼ା ପୌରାଞ୍ଚଳରେ ବାହ୍ୟ ମଳତ୍ୟାଗ କଲେ ଗଣିବେ ଡଣ୍ଡ। ନଭେମ୍ବର ୩୦ରେ ଝାରସୁଗୁଡ଼ା ପୌରାଞ୍ଚଳକୁ ବାହ୍ୟ ମଳତ୍ୟାଗମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯିବା ପରେ ଲାଗୁହେବ ଏହି ନିୟମ। ସେଥିପାଇଁ ଶୁକ୍ରବାର ପୌର ପରିଷଦର ସ୍ୱତନ୍ତ୍ର ବୈଠକରେ ଏହି ପ୍ରସ୍ତାବ ଆଗତ ହୋଇ ପରିତ ହୋଇଛି। ସ୍ୱଚ୍ଛ ଏବଂ ସୁସ୍ଥ ରହିବାକୁ ବାହ୍ୟ ମଳତ୍ୟାଗଠାରୁ ଦୂରରେ ରହିବାକୁ ହେବ। ସେଥିପାଇଁ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ପାଇଖାନା ନିର୍ମାଣ କରାଯାଉଛି। ଏହିକ୍ରମରେ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର, ବେଲପାହାଡ଼ ସମେତ କିର୍ମିରା ବ୍ଲକ ଖୋଲା ମଳତ୍ୟାଗମୁକ୍ତ ଅଞ୍ଚଳ ଘୋଷଣା ହୋଇସାରିଥିବା ବେଳେ ନଭେମ୍ବର ୩୦ରେ ଝାରସୁଗୁଡ଼ା ପୌରାଞ୍ଚଳ ଘୋଷଣା କରିବ। ଏହାପରେ ବାହାରେ ମଳତ୍ୟାଗ କରୁଥିବା ବେଳେ ଧରାପଡ଼ିଲେ ୫୦ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି କାଉନସିଲ ବୈଠକରେ ନିଷ୍ପତ୍ତି ହୋଇଛି। କାଉନସିଲ ବୈଠକରେ ଅଧ୍ୟକ୍ଷ ହରିଶ ଗଣତ୍ରା, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ, ମନ ମହାପାତ୍ର, କାଉନସିଲର ତ୍ରିନାଥ ଗୁଆଲ, ପ୍ୟାରେଲାଲ ଶ୍ରୀବାସ୍ତବ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

■ବେଗୁନିଆର ଦେଉଳି ଜଙ୍ଗଲରୁ ଯୁବକ ଅଟକ ଘଟଣା

# ମାଓବାଦୀ ନୁହେଁ ଶ୍ରମିକ: କେନ୍ଦ୍ରାଞ୍ଚଳ ଆଇଜି

**ବେଗୁନିଆ,୯।୧୧ (ଡି.ଏନ.ଏ.)**

**୨ ମାସର ଅଞ୍ଚଳବାସୀଙ୍କ ଆତଙ୍କକୁ ଫୁ କରି ଉଡାଇ ଦେଲା ପୋଲିସ**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମ ନିକଟସ୍ଥ ଜଙ୍ଗଲ ପରିସରରେ ଥିବା ଗୋଜା ମୁଣ୍ଡିଆରେ ୨ ମାସ ହେଲା ମାଓବାଦୀଙ୍କ କ୍ୟାମ୍ପକୁ ନେଇ ଚର୍ଚ୍ଚା ଜୋର ହେଉଥିଲା। ଏହାକୁ ନେଇ କିଛିଦିନ ହେଲା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଏହି ଘଟଣାରେ ମଧ ଗୁରୁବାର ଜଣେ ଅଚିହ୍ନା ଯୁବକଙ୍କୁ ମାଓବାଦୀଙ୍କ ସହଯୋଗୀ ସନ୍ଦେହରେ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ପଚରା ଉଚୁରା କରିଥିଲା। ହେଲେ ତାଙ୍କ କଥାରେ କୌଣସି ତାଳମେଳ ରହୁ ନ ଥିଲା। ଏପରି କି ସେ ବାରମ୍ବାର ଠିକଣା ବଦଳାଉଥିଲେ। ଫଳରେ ଉକ୍ତ ଯୁବକଙ୍କ ଉପରେ ଅଧିକ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଯୁବକ ଜଣଙ୍କ ମଧ ତାଙ୍କର ଅନ୍ୟ ୩ ଜଣ ସାଙ୍ଗ ପାହାଡ ଉପରେ ଅଛନ୍ତି ବୋଲି ମାନି ନେଇଥିଲେ। ତେବେ ଏହି ଘଟଣାକୁ ଅଧିକ ତ୍ୱରାନ୍ୱିତ କରିବାକୁ ପୋଲିସ ସର୍ଚ୍ଚ ଅପରେଶନ ଜାରି କରିଥିଲା। ଏଥିରେ ଖୋର୍ଦ୍ଧା ଏସ୍‌ପି ଦୀପ୍ତିରଞ୍ଜନ ରାୟ ୩ ପ୍ଲାଟୁନ ଏସ୍‌ଓଜି ଫୋର୍ସଙ୍କ ସହାୟତା ଲୋଡିଥିଲେ। ଗୋଟିଏ ଛୋଟିଆ ଟିମ ଗଠନ କରାଯାଇଥିଲା। ଉକ୍ତ ଟିମ ଯାଇ ଗୁରୁବାର ରାତ୍ରି ୨ଟା ସମୟରେ ଗୋଜା ପାହାଡ ଉପରେ ସର୍ଚ୍ଚ ଅପରେଶନ କରିଥିଲେ। ମାତ୍ର ଲକ୍ଷ୍ୟସ୍ଥଳରେ ଯାଇ ପୋଲିସକୁ ପହଞ୍ଚିବାକୁ ୨୪ ମିନିଟ୍ ସମୟ ଲାଗିଥିଲା। ସେଠାରୁ ପୋଲିସ ସାଧାରଣ ଜଣେ ବ୍ୟକ୍ତି ଚଳିବାକୁ ଆବଶ୍ୟକ ସରଞ୍ଜାମକୁ ଜବତ କରିଥିଲା। ଘଟଣାସ୍ଥଳରେ ପ୍ରାୟ ଦୁଇ ଘଣ୍ଟା ଧରି ପଇଁତରା ମାରିବା ପରେ ଜବତ ସାମଗ୍ରୀକୁ ଧରି ଥାନାକୁ ଫେରି ଆସିଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ବେଗୁନିଆ ଥାନାକୁ ଗସ୍ତ କରିଥିଲେ। ସେଠାରେ ଏକ ଖବରଦାତା ସମ୍ମିଳନୀ ଡକାଇଥିଲେ। ଅଟକ ଥିବା ଯୁବକ ଜଣଙ୍କ ମାଓବାଦୀ ନୁହଁନ୍ତି, ସେ ଜଣେ ଶ୍ରମିକ ବୋଲି କହି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ବିବୃତି ରଖିଥିଲେ। ଯୁବକ ହେଉଛନ୍ତି ନୂଆପଡା ଜିଲା ଭେଡେନ୍ ଅଞ୍ଚଳର ସୁରେଶ ପହଁରିଆ। ସୁରେଶ ଏବଂ ତାଙ୍କର ୩ ଜଣ ସାଙ୍ଗ ମିଶି ଆନ୍ଧ୍ରପ୍ରଦେଶରେ ଏକ ଇଟା କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ସେମାନେ ଅତ୍ୟଧିକ ଋଣ ଭାରରେ ପଡି ଯାଇଥିଲେ। ଆନ୍ଧ୍ରପ୍ରଦେଶ ଛାଡି ନିଜ ଗ୍ରାମକୁ ନ ଯାଇ ଆସି ଏହି ଜଙ୍ଗଲର ପାହାଡକୁ ସୁରକ୍ଷିତ ସ୍ଥାନ ବୋଲି ମଣିଥିଲେ। ପ୍ରାୟ ୨ ମାସ ହେଲା ସେମାନେ ଏଠାରେ ବସବାସ କରି ଚଳୁଥିଲେ। ଆଇଜି ପ୍ରିୟଦର୍ଶୀଙ୍କ ଏଭଳି ବିବୃତିକୁ ସ୍ଥାନୀୟ ଅଞ୍ଚଳବାସୀ ସହଜେ ହଜମ କରି ପାରୁ ନାହାନ୍ତି। ଅଟକ ଯୁବକ ଜଣଙ୍କ ମାଓବାଦୀ ହୋଇ ନ ଥାଇ ପାରନ୍ତି। ମାତ୍ର ସ୍ଥାନୀୟ ଅଞ୍ଚଳରେ ୨ ମାସ ହେଲା ୩ରୁ ୪ ଜଣ ଅଜଣା ଯୁବକ କେଉଁ କାରଣ ନେଇ ବୁଲୁଥିଲେ ସେମାନଙ୍କ ଚାଲି ଚଳନ, ବେଶ ଭୂଷା ଏବଂ ଭାଷାରୁ ମାଓବାଦୀ ଭଳି ସ୍ପଷ୍ଟ ଅନୁମେୟ ହେଉଥିଲା। ଏଥିସହ ସେମାନେ ବିଭିନ୍ନ ସମୟରେ କେଉଁଠୁ ଅର୍ଥ ଉପାର୍ଜନ କରି ଆଣନ୍ତି ଯାହା ଦ୍ୱାରା ବଜାରରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ କ୍ରୟ କରୁଥାନ୍ତି। ତେବେ ପୋଲିସକୁ ଅଡୁଆ ହେବ ବୋଲି ଆମ ଅଞ୍ଚଳବାସୀଙ୍କ ୨ ମାସର ଆତଙ୍କକୁ ବିଭାଗୀୟ ଅଧିକାରୀ ୨ ଘଣ୍ଟାରେ ଫୁ କରି ଉଡାଇ ଦେଇଛନ୍ତି ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ରାୟ କୁହନ୍ତି, ତଥାପି ଲୋକମାନଙ୍କ ଅସନ୍ତୋଷକୁ ଆମେ ବେଖାତିର କରୁନାହୁଁ। ମାଓବାଦୀ ବୋଲି ସନ୍ଦେହ କରି ଅଟକ ଯୁବକଙ୍କୁ ଅଧିକ ପଚରା ଉଚୁରା ଜାରି ରଖିଛୁ।





ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ, ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।

-କନଫୁସିୟସ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ଜଗା
ପରିବାରବର୍ଗ



ଆରାଧ୍ୟା
ପରିବାରବର୍ଗ



ଶ୍ରେୟାଂଶ
ପରିବାରବର୍ଗ



ଦୀପାଂସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗାଁରେ ଗର୍ଜିବେ ଚାଷୀ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ସରକାରଙ୍କ ବିରୋଧରେ କୃଷକମାନେ ଧାରଣା ଦେବେ। ଚାଷୀଙ୍କୁ ରାଜଧାନୀ ଭିତରକୁ ପୂରାଇ ନ ଦେବାପରେ ସାରା ରାଜ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଆନ୍ଦୋଳନକୁ ଆଗକୁ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ପୁଣି ରାଜ୍ୟର ପ୍ରତ୍ୟେକ ଥାନା ଆଗରେ ଧାରଣା ଦିଆଯିବ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ଯଦି ରାଜଧାନୀ ସରକାରଙ୍କର, ତେବେ ଗାଁ ଆମର। ଯଦି ଚାଷୀଙ୍କୁ ରାଜଧାନୀ ମନା, ତାହାହେଲେ ନେତାଙ୍କୁ ଗାଁ ମନା। ଗାନ୍ଧିଜୀ ସତ୍ୟାଗ୍ରହ ଜରିଆରେ ଯେପରି ବ୍ରିଟିଶ ସରକାରଙ୍କୁ ଦାବି ମାନିବାକୁ ବାଧ କରାଇଥିଲେ, ସେହିପରି ପ୍ରତି ପଞ୍ଚାୟତରେ ଚାଷୀ ଅନୁରୂପ ପଦକ୍ଷେପ ନେବେ। ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ଚାଷୀଙ୍କ ଆନ୍ଦୋଳନ ଜାରି ରହିବ। ଆସନ୍ତା ୧୨ରେ ସମସ୍ତ ପଞ୍ଚାୟତ ଅଫିସ୍ ସମ୍ମୁଖରେ ଧାରଣା ଓ ସତ୍ୟାଗ୍ରହ କରାଯିବ। ୧୫ ପରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ। ପ୍ରତ୍ୟେକ ଥାନା ଆଗରେ ଚାଷୀ ଧାରଣା ଦେବେ। ଚାଷୀଙ୍କ ପାଇଁ ସରକାର ଗଠନ କରିଥିବା ମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା ପାଇଁ ଏକ ସର୍ତ୍ତ ରହିଛି। ୩୬ଲକ୍ଷ ଚାଷୀଙ୍କ ପାଇଁ ୨୧ହଜାର ୬ଶହ କୋଟି ଟଙ୍କାର ସୁରକ୍ଷା ଭତ୍ତା ଦାବିକୁ ସରକାର ମାନି ନିଅନ୍ତୁ। ରାଜ୍ୟ ସରକାର ସୁରକ୍ଷା ଭତ୍ତା ନେଇ ଅଧ୍ୟାଦେଶ ଆଣିବା ପରେ ଆଲୋଚନାକୁ ଡକାନ୍ତୁ ବୋଲି ଅକ୍ଷୟ କହିଛନ୍ତି।

ସୂଚନାଯୋଗ୍ୟ ଯେ, ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷୀମାନେ ଦୀର୍ଘ ୭ଦିନ ଧରି ଚାଲିକି ଆସିଥିଲେ। ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରଠାରେ ଏକ ମହାସମାବେଶ କରାଯିବାର ଥିଲା। ମାତ୍ର ରାଜଧାନୀରେ ପହଞ୍ଚିବା ପୂର୍ବରୁ ପୋଲିସ ୧୪୪ ଜାରି କରିଥିଲା। ଅନ୍ୟପଟେ ନବ ନିର୍ମାଣ କୃଷକ ସଙ୍ଗଠନର ଏଭଳି ନିଷ୍ପତ୍ତି ପରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି, ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ସେମାନଙ୍କ ଦାବି ବିଚାରାଧୀନ ରହିଛି।

# ଚିଲିକା ବ୍ଳକରେ ଏନ୍‌ସିଇଆର୍‌ଟିର ପାଇଲଟ ପ୍ରୋଜେକ୍ଟ

ଖୋର୍ଦ୍ଧା ଅଫିସ, ୯।୧୧

ଆନ୍ତର୍ଜାତିକ ଶିକ୍ଷା ସ୍ରୋତ ସହ ସାମିଲ ହେବା ପାଇଁ ବିଦ୍ୟାଳୟ ଶିକ୍ଷାରେ ପରିବର୍ତ୍ତନ ହେବାକୁ ଯାଉଛି। ଏଥି ସକାଶେ ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ପରୀକ୍ଷାମୂଳକ ଭାବେ ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ନିଆଯାଇଛି। ବିଦ୍ୟାଳୟ ପାଠପଢ଼ାରେ ଦକ୍ଷତା ଭିତ୍ତିକ ଶିକ୍ଷା ଦିଆଯିବା ପାଇଁ ନିଷ୍ପତ୍ତି ହୋଇସାରିଛି। ଚିଲିକା ଭଳି ଦେଶର ୬ଟି ବ୍ଲକରେ ଏହି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବେସ୍ ଲାଇନ୍ ସର୍ଭେ, ଡାଟାବେସ୍ ରେକର୍ଡ ପ୍ରସ୍ତୁତି, ଶିକ୍ଷାର୍ଥୀଙ୍କର ଦକ୍ଷତା ଓ ଶିକ୍ଷାର ସ୍ତର ତୁଳନା, ଶିକ୍ଷକ ଓ ଗୋଷ୍ଠୀମାନଙ୍କୁ ନେଇ ତାଲିମ ଓ ଭାବ ବିନିମୟ ଏବଂ ପରିବର୍ତ୍ତିତ ରେକର୍ଡ ଅନୁଧ୍ୟାନ କରାଯିବ। ଏ ପରିପ୍ରେକ୍ଷୀରେ ଚିଲିକା ବ୍ଲକ ସମ୍ମିଳନୀ କକ୍ଷରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଦୁଇ ପର୍ଯ୍ୟାୟରେ ତାଲିମ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ହୃଷୀକେଶ ସେନାପତି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ତାଲିମ ଶିବିରରେ ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆରସିସିମାନେ ଯୋଗଦେଇଥିଲେ।

ପରିଷଦର ନିର୍ଦ୍ଦେଶକ ସେନାପତିଙ୍କ ସୂଚନା ଅନୁସାରେ, ଛାତ୍ରୀଛାତ୍ରଙ୍କ ମନ ଏକ ଖାଲି ସିଲଟ ନୁହେଁ। ଅନେକ ଅଭିଜ୍ଞତା ଓ ଅନୁଭୂତିକୁ ନେଇ ଶିଶୁ ବିଦ୍ୟାଳୟକୁ ଆସିଥାଏ। ତେଣୁ ଶିଶୁର ମନର ଭାବକୁ ବୁଝିବା ସହ ଆନ୍ତର୍ଜାତିକ ଶିକ୍ଷା ସ୍ରୋତ ସହ ସାମିଲ ହେବା ପାଇଁ ପରିବର୍ତ୍ତନ ଜରୁରୀ। ପାରମ୍ପରିକ ଶିକ୍ଷାଦାନରେ ପାଠ୍ୟକ୍ରମ, ପାଠ୍ୟପୁସ୍ତକ ଓ ଆକଳନକୁ ଗୁରୁତ୍ୱ ନ ଦେଇ ଛାତ୍ରୀଛାତ୍ରଙ୍କୁ ଦକ୍ଷତାଭିତ୍ତିକ ଶିକ୍ଷା ଦେଲେ ଭବିଷ୍ୟତ ଜୀବନରେ ସେମାନେ ନିଶ୍ଚିତ ଶିକ୍ଷାକୁ ପାଥେୟ କରି ଆଗକୁ ବଢି ପାରିବେ। ଶିଶୁର ଶିକ୍ଷା ରାଜ୍ୟ ଏବଂ ଜାତୀୟ ସ୍ତରରେ ସନ୍ତୋଷଜନକ ନୁହେଁ। ସେଥିପାଇଁ ସରକାର ଶିକ୍ଷାରେ ପାଇଲଟ ପ୍ରୋଜେକ୍ଟ ବ୍ୟବସ୍ଥା ଲାଗୁ କରି ଏହାର ଶ୍ରେୟ ନେବାକୁ ଚାହୁଁଛନ୍ତି ବୋଲି ସେ ଦର୍ଶାଇଥିଲେ। ଏଣୁ ଶିକ୍ଷକମାନେ ଏହି ପ୍ରକଳ୍ପକୁ ଆମେ କରିବା, ଆମେ ପାରିବା ଓ ଆମେ କରି ଦେଖାଇବାକୁ ପ୍ରତିଶ୍ରୁତିବଦ୍ଧ ହୁଅନ୍ତୁ ବୋଲି ସେ କହିଥିଲେ। ଏଥିରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ, ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ମାଧମିକ ଶିକ୍ଷା ବୋର୍ଡ ନିର୍ଦ୍ଦେଶକ, ଚିଲିକା ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ ଅଧକ୍ଷା ଏବଂ ବିଡିଓ ପ୍ରମୁଖ ଯୋଗ ଦେଇଥିଲେ।

### କଲେଜ କର୍ତ୍ତୃପକ୍ଷଙ୍କୁ ସିଏଚ୍‌ଏସ୍‌ଇର ନିର୍ଦ୍ଦେଶ

## ଯୁକ୍ତ୨ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଅ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

୨୦୧୯ ଯୁକ୍ତ୨ ବାର୍ଷିକ ପରୀକ୍ଷା ମାର୍ଚ୍ଚ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ପରୀକ୍ଷାକୁ କପିମୁକ୍ତ ତଥା ସ୍ୱଚ୍ଛ କରିବା ଅଣ୍ଟା ଭିଡିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ପରୀକ୍ଷା କେନ୍ଦ୍ର ହେଉଥିବା କଲେଜଗୁଡିକରେ ସିସିଟିଭି କ୍ୟାମେରା ଲଗାଇବାକୁ ବିଭାଗ ବାଧ୍ୟତାମୂଳକ କରିଛି। ଯେଉଁ କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସିସିଟିଭି କ୍ୟାମେରା ନ ଲଗାଇବେ ସେହି କଲେଜ ଏବଂ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର କରିବାକୁ ଅନୁମତି ଦିଆଯିବ ନାହିଁ। ଏ ନେଇ ବିଭାଗର ଯୁଗ୍ମ ସଚିବ ଶୁଭଶ୍ରୀ ନନ୍ଦ ଡିସେମ୍ବର ଶେଷ ସୁଦ୍ଧା ସିସିଟିଭି କ୍ୟାମେରା ଲଗାଇବାକୁ କଲେଜ ଏବଂ ସ୍କୁଲ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ୟାମେରା ଲଗାଇବା ପରେ ରିପୋର୍ଟ କରିବାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଲେଜର ଗଭର୍ଣ୍ଣିଂ ବଡି, ସରକାରୀ ଏବଂ ପୂର୍ଣ୍ଣ ଅନୁଦାନପ୍ରାପ୍ତ କଲେଜ, ବେସରକାରୀ କଲେଜ ଏବଂ ସେଲ୍‌ଫ ଫାଇନାନ୍ସିଂ କଲେଜ ଅଧ୍ୟକ୍ଷମାନଙ୍କୁ ନୋଟିସ୍ ମାଧ୍ୟମରେ ଅବଗତ କରାଇଛନ୍ତି। କ୍ୟାମେରା ଲଗାଇବା ପାଇଁ ସରକାରୀ କଲେଜ ଏବଂ ପୂର୍ଣ୍ଣ ଅନୁଦାନପ୍ରାପ୍ତ କଲେଜଗୁଡିକ ପିଏଲ(ପବ୍ଲିକ ଲେଜର) ଆକାଉଣ୍ଟରୁ, ଘରୋଇ କଲେଜଗୁଡିକ କଲେଜ ବିକାଶମୂଳ ପାଣ୍ଠିରୁ ଏବଂ ସେଲ୍‌ଫ ଫାଇନାନ୍ସିଂ କଲେଜଗୁଡିକ ନିଜସ୍ୱ ପାଣ୍ଠିରୁ ଟଙ୍କା ଖର୍ଚ୍ଚ କରିବାକୁ ଯୁଗ୍ମ ସଚିବ ନନ୍ଦ ନୋଟିସ୍‌ରେ ଜଣାଇଛନ୍ତି।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଡିସେମ୍ବର ଶେଷ କିମ୍ବା ଜାନୁୟାରୀ ପହିଲାରୁ ଏଥିପାଇଁ ସିଏଚ୍‌ଏସ୍‌ଇ ଗୋଟିଏ ସ୍ୱତନ୍ତ୍ର ଇ-ମେଲ୍ ଆଇଡି ଖୋଲିବ। ଯେଉଁସବୁ କଲେଜରେ ପରୀକ୍ଷା କେନ୍ଦ୍ର ହେଉଛି ସେଗୁଡିକ କ୍ୟାମେରା ଲଗାଇଛନ୍ତି ନା ନାହିଁ ସେ ବିଷୟରେ ଇ-ମେଲ୍ ଜରିଆରେ ରିପୋର୍ଟ ଦେବେ।


# classified



**SALE**

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/- sft. Broker Excuse. 9176647692. D-9228

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

Bhubaneswar KIIT University Jagannath Temple ପାଖରେ road, electricity ବାଉଣ୍ଡାରି ଥାଇ ଘରବାରି plot loanରେ କିଣନ୍ତୁ। 7381338088. D-64368

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

ସୁନ୍ଦରପଦା କୁହା ମୌଜାରେ ଘରବାଡି ପାଚେରି ପ୍ଲଟ୍ ବିକ୍ରିହବ। 9439364818, 9337766961. D-9148

Gharabari boundary plot infront Krupajal Engineering College Bhubaneswar. 9090899282, 8908805482. D-65053

3BHK, 3 toilets, partially furnished 1810 sqft. North facing 14/15 floor flat at SJ Royal Lagoon BBSR for family. 9871155802, 8240107574. D-9352

Bhubaneswar Gita College near Infocity 200 ft. road ପାଖରେ boundary plot ବିକ୍ରିହେବ। 8270804320. D-9331

**Residential plot available Nakhara, Nandankanan flat- Hanspal, duplex- Raghunathpur anyone purchase. Contact: 9853821712, 8270565956.** D-9341

Booking simplex 2BHK 1200 sqft. Tankapani Road Sai Temple 26,19,000/-. 7735738102. D-9340

3 bedroom flat 4000 sqft. full furnished including 4 car parking (A-Block) (G-4/5), 100% Vastu, Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9439706527. D-9339

ଢୁମୁଢୁମା ନଗରରେ ଘର ବିକ୍ରି ହେବ। ୧୨୦୦ sqft. ୧ମହଲା 35 lakh 1111/12. 7377529311. D-65163

2970 sqft. plot with house at Nirakarpur for sale. 9220650945. D-63866

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-9353

Residential plot with revenue road and electricity near Patia Station. Immediate registration and possession. 9437827966. D-9346



Construct your building in finished house contact: 9937064680. D-27282

For construction of residential/ commercial buildings Please contact. 7008268129, 9439143273. D-62135



Bank/ commercial main road, Kalinganagar, BBSR G+1+2= 6000 sqft. 9438556363, 9337718848. D-9298

Office/ Hostel open hall 2000 sqft. 1st, 2nd floor near highway Honda, NH-5, Rudrapur, Bhubaneswar. Mob: 9937012004. D-9338

700 sqft. office space on 2nd floor commercial building at Gundicha Temple, Grand Road, Puri. 9437094505, 8249180126. D-60737



Samal Packers movers provide household shifting in reasonable price. 9437035016. D-63867



Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

**AFFIDAVIT**

I changed my name from Dibyasmita Barik to Dibyasmita Baliyarsingh vide Affidavit CF No-06 dated 10.07.2018, sworn before Court of Executive Magistrate, Bhubaneswar. D-9349

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**





(ଜଗା)

**ନୀତେଶ ରଞ୍ଜନ**

ଡି.ମାର୍ଥାପୁର, ଗଁଦିଆ, ଢେଙ୍କାନାଳ

ପ୍ରଥମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ଜେଇ, ଦାଦା, ବନ୍ଧୁ ଓ ପରିବାରବର୍ଗ। ଧ-୯୩୩୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମା’ ତାରିଣୀଙ୍କ ଦୀପ ଲିଭିବା ଗୁଜବ

**ଘଟଗାଁ, ୧୧।୯ (ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ତାରିଣୀ ମନ୍ଦିରରେ ମା’ଙ୍କ ଦୀପ ଲିଭିବା ଗୁଜବକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୌଣସି ଅସାମାଜିକ ବ୍ୟକ୍ତିବିଶେଷ ମା’ଙ୍କ ନାମରେ ଏପରି ଗୁଜବ ପ୍ରଚାର କରିଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ମା’ଙ୍କ ମନ୍ଦିରରେ ସେଭଳି କୌଣସି ଘଟଣା ଘଟି ନ ଥିବା ସୂଚନା ମିଳିଛି।


**ମନେ ପଡ଼ନ୍ତି**

**ନବମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦିବାକର ରଥ**

ପ୍ଲଟ୍ ନଂ.୨୬୭/୩୩୫୫
ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୨୬
ତିରୋଧାନ: ୨୧।୧୦।୨୦୦୯

ଆଜି ଆପଣଙ୍କର ନବମ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅନ୍ତରାତ୍ମାର ପରମତୃପ୍ତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଅଛୁ।

ପରିବାରବର୍ଗ। ଧ-୬୧୦୩୦


## ପ୍ରଥମ ପୃଷ୍ଠାରୁ...

### ସମ୍ପ୍ରସାରିତ ହେବ ସବୁଜ...

ଅଧକ୍ଷତାରେ ଏକ ୧୨ ଜଣିଆ କମିଟି ଗଠନ କରାଯାଇଛି। ସେହିପରି ଜିଲାସ୍ତରରେ ଜିଲାପାଳଙ୍କ ଅଧକ୍ଷତାରେ ଏବଂ ପଞ୍ଚାୟତ ସମିତିସ୍ତରୀୟ ସବୁଜ ମହାନଦୀ ମିଶନ କମିଟି ଏହି ଯୋଜନାର ତଦାରଖ କରିବ। ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୦ଟି ପ୍ରସ୍ତାବ ଉପରେ ମୋହର ଲାଗିଛି। ସେଥିରୁ ଆସନ୍ତା ୧୧ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ମେକ୍ ଇନ୍ ଓଡିଶା କନ୍‌କ୍ଲେଭର ୫ଟି ପ୍ରସ୍ତାବ ରହିଛି। ସେହି ପ୍ରସ୍ତାବଗୁଡିକ କନ୍‌କ୍ଲେଭ ଅବସରରେ ଘୋଷଣା କରାଯିବ ବୋଲି ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। କଳାହାଣ୍ଡିର ଭବାନୀପାଟଣାଠାରେ ଟର୍ନକି(ଠିକାଦାରଙ୍କ ଦ୍ୱାରା ପ୍ରକଳ୍ପ ଡିଜାଇନରୁ ଶେଷ ଯାଏ) ମାଧ୍ୟମରେ ସ୍ଥାପନ ହେବାକୁ ଥିବା ୧୦୦ ସିଟ୍ ବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ପାଇଁ ହୋଇଥିବା ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ହସ୍ପିଟାଲ ନିର୍ମାଣ କାର୍ଯ୍ୟ କରିବାକୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦେଇଥିଲା। ଟାଟା ପ୍ରୋଜେକ୍ଟ ଦ୍ୱାରା ଏହି ଡାକ୍ତରଖାନା ନିର୍ମାଣ କରାଯିବ। ଏଥିପାଇଁ ୨୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୨ ବର୍ଷ ମଧ୍ୟରେ ଏହାର ନିର୍ମାଣ ଶେଷ ହେବ। ସେହିପରି କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଭବନଠାରେ ନୂତନ ବହୁମୁଖୀ କମ୍ପ୍ଲେକ୍ସ ଓ ପିଜି ହଷ୍ଟେଲ ନିର୍ମାଣ ହେବ। ଶିଶୁ ଭବନ ବହୁ ପୁରୁଣା ହୋଇଥିବାରୁ ଏହାକୁ ନୂତନ କୋଠାକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ଡକାଯାଇଥିବା ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିପାଇଁ ୧୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାକୁ ନିର୍ମାଣ କରିବାକୁ ୩ ଜଣ ଠିକାଦାର ଆବେଦନ କରିଥିଲେ। ବ୍ରିଜ ଆଣ୍ଡ ରୁଫ୍ କୋ ଇଣ୍ଡିଆ ଲିମିଟେଡକୁ ୧୧୬.୯୨ କୋଟି ଟଙ୍କାରେ ଟେଣ୍ଡର ପ୍ରଦାନ କରାଯାଇଛି।

### ଏଲଇଡିରେ ଝଲସିବ...

ଥିବା ପୁରୁଣା ଲାଇଟ ହଟାଇବା ସହ ନୂତନ ଅଞ୍ଚଳରେ ନୂଆ ଏଲଇଡି ଲଗାଇବାକୁ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ବ୍ୟତୀତ ୧୧୩ଟି ପୌର ସଂସ୍ଥାକୁ ୫ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି। ୪ଟି ମହାନଗର ନିଗମ ଓ ୩୪ଟି ପୌର ସଂସ୍ଥାରେ ଏଲଇଡି ଲାଇଟ ଲଗାଇବା ପାଇଁ ୧୧୭.୩୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରସ୍ତାବିତ ପ୍ରକଳ୍ପରେ ୨୬୯.୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିସହିତ ବାର୍ଷିକ ୮.୦୭ କୋଟି ଟଙ୍କାର ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦରେ ୭ ବର୍ଷରେ ମୋଟ ୫୬.୪୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପରେ ମୋଟ ୩୨୬.୨୬ କୋଟି ଟଙ୍କା ଖର୍ଚ୍ଚ ହେବ। ୬ ମାସରେ ଲାଇଟ ଲଗାଇବା କାର୍ଯ୍ୟ ଶେଷ ହେବ। ୭ ବର୍ଷ ଯାଏ ସମ୍ପୃକ୍ତ ସଂସ୍ଥା ରକ୍ଷଣାବେକ୍ଷଣ କରିବ। ଏହାଦ୍ୱାରା ଜନସାଧାରଣ ଆଲୋକ ପାଇବା ସହ ଦୁର୍ଘଟଣା ଓ ଅପରାଧ ହ୍ରାସ ପାଇପାରିବ। ଏହି ଯୋଜନାରେ ସହରାଞ୍ଚଳରେ ଲାଇଟ ପରିବର୍ତ୍ତନ କରାଯିବା ସହ ପୁରୁଣା ବିଦ୍ୟୁତ୍ ଖୁଣ୍ଟ ପରିବର୍ତ୍ତନ କରାଯିବ। ଲାଇଟ ଖୁଣ୍ଟଗୁଡିକରେ ଉପଯୁକ୍ତ ଆର୍ଥିଂ ବ୍ୟବସ୍ଥା ହେବ। ସହରାଞ୍ଚଳରେ ଥିବା ୧.୧୧ ଲକ୍ଷ ରାସ୍ତାପାର୍ଶ୍ୱ ବିଦ୍ୟୁତ୍ ଆଲୋକ ପଏଣ୍ଟକୁ ୨.୩୮ ଲକ୍ଷକୁ ବୃଦ୍ଧି କରାଯିବ। ଏଲଇଡି ପାଇଁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ତେବେ ୭ ବର୍ଷରେ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦକୁ ସମ୍ପୃକ୍ତ ପୌର ସଂସ୍ଥା ୬୭.୧୨ କୋଟି ଟଙ୍କା ବହନ କରିବ ବୋଲି କ୍ୟାବିନେଟ ଅନୁମୋଦନ କରିଛି ।

### ଏସପିଏମ୍ ଅଞ୍ଚଳକୁ ...

ପାଇପ୍ ଯୋଗେ ତେଲ ଅନ୍‌ଲୋଡ୍ କରି ତୈଳ ବିଶୋଧନାଗାରକୁ ନିଆଯାଇଥାଏ। ସେହି ଏସପିଏମ୍‌ର ୧୦ କିମି ସୀମା ମଧ୍ୟରେ ମାଛଧରା ବୋଟ୍ ଚଳାଚଳ ଉପରେ ଅନ୍ତର୍ଜାତୀୟ କଟକଣା ଲାଗୁ କରାଯାଇଛି। କିନ୍ତୁ ପଶ୍ଚିମବଙ୍ଗ ଦିଘାର ଏହି ମାଛଧରା ବୋଟ୍ ସେହି ଅଞ୍ଚଳ ଭିତରେ ପଶି ମାଛ ଧରୁଥିଲା। ଏହି ବୋଟର ନାମ ‘ପିୟାଲୀ’ ଏବଂ ଏହାର ପଞ୍ଜୀକୃତ ନମ୍ବର ହେଲା IND/WB/CN/MM/3181। ଏହାର ଲାଇସେନ୍ସ ନମ୍ବର WBL 51690/18। ଏହାର ମାଲିକ ଶୁକଦେବ ଜାନା ବୋଲି ଜଣାଯାଇଛି। ୨ନଂ ଏସପିଏମ୍ ବର୍ଥ ପାଖରେ ଥିବା ପାଇପକୁ ଉକ୍ତ ବୋଟ୍ ନଷ୍ଟ କରିଛି ବୋଲି ବନ୍ଦର କର୍ତ୍ତୃପକ୍ଷ ଦର୍ଶାଇଛନ୍ତି।

### ତିତ୍‌ଲି ମୁକାବିଲା...

ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଏବଂ କେନ୍ଦ୍ରାପଡା ଜିଲାର ପ୍ରାୟ ୩ ଲକ୍ଷ ଲୋକ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ ହୋଇଛନ୍ତି। ବାତ୍ୟାର ଭୟାବହତାକୁ ଦେଖି ଅକ୍ଟୋବର ୧୧ ଓ୧୨ରେ ବିଦ୍ୟାଳୟ ବନ୍ଦ କରାଯାଇଥିଲା। ୮ଟି ଟ୍ରେନ୍‌କୁ ବାତିଲ କରାଯାଇଥିଲା। ଶକ୍ତି ଏବଂ ସ୍ୱାସ୍ଥ୍ୟ ବିଭାଗକୁ ସମସ୍ତ ପରିସ୍ଥିତିରେ ସଜାଗ ରହିବା ପାଇଁ କୁହାଯାଇଥିଲା। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଥିବା ଭଳି ତଥ୍ୟ ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ବୁଧଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ଶାରୀରିକ ଅସୁସ୍ଥତା ମଧ୍ୟରେ କାମ କରିବାକୁ ବାଧ ହେବେ। ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ମଧ ଶିଥିଳତା ଦେଖାଦେଇପାରେ। ବିଗତ ଦିନର ସମସ୍ୟାଗୁଡ଼ିକର ସମାଧାନ ସକାଶେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିବ। ଖଳଲୋକଙ୍କ କଥାକୁ ସତ ମଣି ଘରେ ଝଗଡ଼ା ହେବ।

**ବୃଷ**



ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ରୋଜଗାରଠାରୁ ଖର୍ଚ୍ଚ ବଳିଯିବ।

**ମିଥୁନ**



କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ ପୁନର୍ବସୁ ନକ୍ଷତ୍ରର କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିବାଦୀୟ ପରିସ୍ଥିତି କିମ୍ବା ମାଲି ମକଦ୍ଦମାରେ ସଫଳତା ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ନିକଟରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ।

**କର୍କଟ**



ପରୋକ୍ଷ ଶତ୍ରୁତା କାରଣରୁ କାର୍ଯ୍ୟ ସାଧନରେ ନିଜର ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି। ଯାନବାହନ, ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ୍ ହେବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହିପାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ**



ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ। ଧାରକରଜ କରି ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥ କରିପାରନ୍ତି।

**କନ୍ୟା**



ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ପାଖ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା**



ଆଶା କରୁଥିବା ଦିଗରୁ ଅର୍ଥ ପାଇବେ, କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୂଆଁଇବାକୁ ବାଧ ହୋଇପାରନ୍ତି।

**ବିଛା**



କୌଣସି କାର୍ଯ୍ୟସାଧନ କ୍ଷେତ୍ରରେ ଟେନ୍‌ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବନାହିଁ। କିନ୍ତୁ କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ସଭାସମିତିରେ ଆଲୋଚନାରେ ଏକମତ ହେବାକୁ ବାଧ ହେବେ।

**ଧନୁ**



ଆପଣଙ୍କ ପରାମର୍ଶ ବନ୍ଧୁମାନଙ୍କ ମନକୁ ବେଶ୍ ପାଇବ, ଫଳରେ ପ୍ରଶଂସା ପାଇ ଖୁସୀ ହେବେ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ଉପରିସ୍ଥଙ୍କ ନିର୍ଦ୍ଦେଶରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ମାତ୍ର ରାସ୍ତାରେ ଅପରିଚିତ ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି।

**ମକର**



କର୍ମକ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି। ପାରିବାରିକ ସମସ୍ୟା, ହଜିଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିଯିବ। ଅଫିସରେ ଛୋଟ ଘଟଣାକୁ ବଡ଼ ଆକାରରେ ଚିନ୍ତା କରି ଟେନ୍‌ସନରେ ରହିପାରନ୍ତି।

**କୁମ୍ଭ**



ଆଜିର ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। କଥା କଟାକଟି କାରଣରୁ ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ିହେବ ନାହିଁ। ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ କୌଣସି କାମ ଅଟକିବ ନାହିଁ।

**ମୀନ**



ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ଅପରାହ୍ନେ ଖୋଜୁଥିବା ଜିନିଷଟି ପାଇ ଖୁସୀ ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ ଦୂରହୋଇଯିବ। ବନ୍ଧୁମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

ଆଜି କାର୍ତ୍ତିକ ଶୁକ୍ଳ ତୃତୀୟା ଶନିବାର,ନଭେମ୍ବର ୧୦ ତାରିଖ, ପରିବହନ ଦିବସ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୫୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୧୫ମି. ଗତେ ଘ୩।୪୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୨୨ମି. ଗତେ ଘ୮।୪୬ମି. ମଧ୍ୟେ, ଘ୧୧।୫୧ମି. ଗତେ ଘ୧।୧୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୬ମି. ଗତେ ଘ୧୦।୦୬ମି. ମଧ୍ୟେ ରାହୁକାଳ।




## ଦେବାଶିଷଙ୍କ ଜାମିନ ୧୬କୁ ଘୁଞ୍ଚିଲା



ଦେବାଶିଷ ପାତ୍ର

ଆନନ୍ଦପୁର, ୯।୧୧(ସ୍ୱ.ପ୍ର.)

ଘସିପୁରା ବ୍ଲକର ପୂର୍ବତନ ଅଧକ୍ଷ ତଥା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷଙ୍କ ଜାମିନ ଶୁଣାଣି ପୁଣି ଆସନ୍ତା ୧୬ ତାରିଖକୁ ଘୁଞ୍ଚିଥିବା ଜଣାପଡିଛି। ଏକ ସ୍ପେଶାଲ୍ କେସ୍‌ରେ କେନ୍ଦୁଝର ବିଚାର ବିଭାଗୀୟ୍ ହାଜତରେ ଦେବାଶିଷ ରହିଛନ୍ତି। ଶୁକ୍ରବାର ଘସିପୁରା ଥାନା କେସ୍ ନଂ ୧୮୧/୧୮ରେ ଜାମିନ୍ ଶୁଣାଣି ପାଇଁ ଆନନ୍ଦପୁର ଏଡିଜେ କୋର୍ଟରେ ଦେବାଶିଷ ହାଜର ହେବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। କେନ୍ଦୁଝରରୁ ବିଚାର ବିଭାଗୀ ହାଜତରୁ ଦେବାଶିଷ ଆନନ୍ଦପୁରରେ ହାଜର ହୋଇ ନ ପାରିବାରୁ ତାଙ୍କ ଜାମିନ୍ ଶୁଣାଣି ଅବଧିକୁ ବୃଦ୍ଧି କରାଯାଇଥିବା ଜଣାପଡିଛି।

### ମେକ୍ ଇନ୍ ଓଡ଼ିଶା କନ୍‌କ୍ଳେଭ

# ଭାଜପାର ସମାଲୋଚନା ଜାରି

ଭୁବନେଶ୍ୱର,୯।୧୧(ବ୍ୟୁରୋ)

- କେନ୍ଦ୍ରମନ୍ତ୍ରୀଙ୍କୁ ଡକା ନ ଯିବା ନେଇ ଅରୁଣଙ୍କ କ୍ଷୋଭ
- ମୁଖ୍ୟମନ୍ତ୍ରୀଙ୍କୁ ଲେଖାଶ୍ରୀଙ୍କ ଖୋଲା ଚିଠି
- ପ୍ରତିକ୍ରିୟା ରଖିଲେ ଶିଳ୍ପମନ୍ତ୍ରୀ

ମେକ୍ ଇନ୍ ଓଡ଼ିଶାର ଦ୍ୱିତୀୟ ସଂସ୍କରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟକୁ ପୁଞ୍ଜି ଆସିବ ଓ ଶିଳ୍ପାୟନରେ ଉନ୍ନତି ହେବ ବୋଲି ସରକାରଙ୍କ ପକ୍ଷରୁ ଡିଣ୍ଡିମ ପିଟାଯାଉଛି। ଅପରପକ୍ଷରେ କେନ୍ଦ୍ରରେ ଥିବା ଭାଜପା ରାଜ୍ୟ ପ୍ରଶାସନକୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା ଜାରି ରଖିଛି। ଏମିତି କି ରାଜ୍ୟ ଭାଜପା ନେତାମାନେ ପ୍ରତିଦିନ ଏହାକୁ ନେଇ ଖବରଦାତା ସମ୍ମିଳନୀ କରୁଥିବା ଦେଖିବାକୁ ମିଳିଛି। ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା ଦଳୀୟ ପ୍ରଭାରୀ ଅରୁଣ ସିଂ ମଧ୍ୟ ରାଜ୍ୟକୁ ସମାଲୋଚନା କରିଛନ୍ତି।

ଅରୁଣ କହିଛନ୍ତି ଯେ, କନ୍‌କ୍ଳେଭକୁ କେନ୍ଦ୍ର ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରାଯାଇଥିଲେ ଭଲ ହୋଇଥାଆନ୍ତା। ଶିଳ୍ପ ସମ୍ବନ୍ଧୀୟ ବ୍ୟାପାର ହୋଇଥିବାରୁ କେନ୍ଦ୍ର ଶିଳ୍ପ ମନ୍ତ୍ରୀ ନିମନ୍ତ୍ରିତ ହେବା କଥା। ପ୍ରଭୁ ଜଗନ୍ନାଥଙ୍କ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମନ ଛୋଟ। ତେଣୁ ସେ କେନ୍ଦ୍ରମନ୍ତ୍ରୀଙ୍କୁ ନିମନ୍ତ୍ରଣ କରୁନାହାନ୍ତି। ରାଜ୍ୟରେ ବିଧାନସଭା, ଲୋକ ସଭା ନିର୍ବାଚନ ଏକ ସଙ୍ଗରେ ହେବ। ବିଜେଡି ଶାସନର ଓଲଟା ଗଣିବା ଦିନ ଆରମ୍ଭ ହୋଇଯାଇଛି। ଆଗକୁ ରାଜ୍ୟରେ ନିଶ୍ଚୟ ପରିବର୍ତ୍ତନ ହେବ ବୋଲି ଅରୁଣ କହିଛନ୍ତି। ସେହିପରି ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରେଳ ପ୍ରକଳ୍ପଗୁଡିକରେ ରାଜ୍ୟ ସରକାର ଜମି ଅଧିଗ୍ରହଣ, ଜଙ୍ଗଲ ଓ ପରିବେଶ ଅନୁମତି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରୁନାହାନ୍ତି। ମେକ୍ ଇନ୍ ଓଡିଶା କନ୍‌କ୍ଳେଭ କରି ଶିଳ୍ପ ବିକାଶ ପାଇଁ ପୁଞ୍ଜିନିବେଶକାରୀଙ୍କ ଆମନ୍ତ୍ରଣରେ ଶହ ଶହ କୋଟି ଖର୍ଚ୍ଚ କରୁଛନ୍ତି । ମାତ୍ର ଶିଳ୍ପ ବିକାଶ ସହ ଜଡିତ ରେଳ ପ୍ରକଳ୍ପ ଉନ୍ନତୀକରଣକୁ ବିଳମ୍ବ କରାଯାଉଛି। ରାଜ୍ୟର ୭ଟି ରେଳ ପ୍ରକଳ୍ପ କାମ ଆଗକୁ ବଢିପାରୁନାହିଁ । ଯାହାର ଦୈର୍ଘ୍ୟ ୧୦୪୨ କି.ମି.। ଏଥିରେ ୧୨,୩୨୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ହରିଚନ୍ଦନ କହିଛନ୍ତି। ନିକଟରେ କେନ୍ଦ୍ର ଦ୍ୱାରା ଖଣି କାର୍ଯ୍ୟ ପାଇଁ ବିଜ୍ଞାପିତ ଜମିଗୁଡିକୁ ବାତିଲ କରାଯିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ପତ୍ର ଲେଖିଥିଲେ। ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର। ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ସେ ଏକ ଖୋଲା ଚିଠି ଲେଖିଛନ୍ତି। ରାଜ୍ୟ ସରକାରଙ୍କ ପ୍ରାୟ ୧୪,୨୯୬ ଏକର ଘରୋଇ ଜମି କମ୍ପାନୀଙ୍କ ଦ୍ୱାରା ଅଧିକୃତ ହୋଇ ରହିଛି। ଏମ୍‌ଜିଏମ୍, ଜିଏମ୍‌ଆର, ମୋନେଟ୍ ପାୱାର ଭଳି କମ୍ପାନୀ ୧୩୨୪ ଏକର ଜମି ରଖିଛନ୍ତି। ରାଜ୍ୟ ପକ୍ଷରୁ ବିଭିନ୍ନ ସଂସ୍ଥାକୁ ପ୍ରଦାନ କରାଯାଇଥିବା ୫୫ ପ୍ରତିଶତ ଜମିରେ ଶିଳ୍ପ ହୋଇ ନ ଥିବା ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ତେଣୁ ଉକ୍ତ ଜମି ବ୍ୟବହାର ହେଉ ନଚେତ ବିଜ୍ଞପ୍ତିକୁ ବାତିଲ କରାଯାଉ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

ଭାଜପାର ଏପରି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଛନ୍ତି ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ। ସେ କହିଛନ୍ତି ଯେ, ଗୋଟିଏ ପଟେ ରାଜ୍ୟ ଭାଜପା ମେକ୍ ଇନ୍ ଓଡ଼ିଶାକୁ ବିରୋଧ କରୁଛି। ଅନ୍ୟପଟେ ନିଜ ଦଳର କେନ୍ଦ୍ରମନ୍ତ୍ରୀଙ୍କୁ ଆମନ୍ତ୍ରଣ କରାଯାଉ ନାହିଁ ବୋଲି ଅଭିଯୋଗ କରୁଛି। ଏହା ରାଜନୀତି ବ୍ୟତୀତ କିଛି ନୁହେଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ହିଁ ଶିଳ୍ପାୟନରେ ସାମଗ୍ରିକ ବିକାଶ ହୋଇଛି। ମେଣ୍ଟ ସମୟରେ ଭାଜପା ନେତାଙ୍କ ପାଖରେ ଶିଳ୍ପ ବିଭାଗ ଥିଲା। ସେ ସମୟରେ ଶିଳ୍ପ କାର୍ଯ୍ୟ ହୋଇ ନ ଥିବା ଜମି ଫେରାଇବାର ପ୍ରୟାସ କଲେ ନାହିଁ କାହିଁକି ବୋଲି ଅନନ୍ତ କହିଛନ୍ତି।

## ସୋସିଆଲ ମିଡିଆରେ ଯୁବତୀଙ୍କୁ ବଦନାମ କରିବା ଅଭିଯୋଗ, ଯୁବକ ଗିରଫ

ରାଉରକେଲା ଅଫିସ,୯।୧୧



ପ୍ରଦୀପ ତିର୍କୀ।

ଜଣେ ଯୁବତୀଙ୍କୁ ଗତ ମାସେ ହେବ ସୋସିଆଲ ମିଡିଆରେ ବଦନାମ କରୁଥିବା ଯୁବକଙ୍କୁ ରାଉରକେଲା ସାଇବର ଥାନା ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନାଁ ପ୍ରଦୀପ ତିର୍କୀ (୨୮)। ସେ କିଞ୍ଜିରିକେଲା ଥାନା ଅନ୍ତର୍ଗତ ଖମାରିମୁଣ୍ଡା ବାସିନ୍ଦା । ଏ ନେଇ ପୋଲିସ ଦଫା ୩୫୪ (ଡି)/୪୪୬/୪୬୯/୫୦୦ ଆଇପିସି, ଆର୍/ଡବ୍ଲୁ୬୬ (ସି)/୬୭ ଆଇଟି ଆକ୍ଟ ୨୦୦୮ରେ ଏକ ମାମଲା (ନଂ-୮/୨୦୧୮) ରୁଜୁ କରିଛି। ଅଇଆଇସି ସେରୋଫିନା ଖେସ, ଏସ୍‌ଆଇ ବୁଲୁ ସ୍ୱାଇଁ, ଏଏସ୍‌ଆଇ ସୂର୍ଯ୍ୟନାରାୟଣ ପାତ୍ର ଓ ସୁରେନ୍ଦ୍ର ବେହେରା ପ୍ରମୁଖଙ୍କ ନେତୃତ୍ୱରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଛି। ପ୍ରଦୀପ ଫେସ୍‌ବୁକରେ ଏକାଧିକ ଯୁବତୀଙ୍କ ଆଇଡି ଖୋଲି ଭିନ୍ନ ଭିନ୍ନ ଯୁବକଙ୍କ ସହ ଚାଟିଂ କରୁଥିଲେ। ଉଦ୍ଦେଶ୍ୟ ଥିଲା ନୂଆ ନୂଆ ଯୁବତୀଙ୍କୁ ଜାଲରେ ଫସାଇ ସ୍ୱାର୍ଥ ସାଧନ କରିବା। ତେବେ ଯେଉଁ ଯୁବତୀଙ୍କ ଆଇଡି ଖୋଲି ପ୍ରଦୀପ ଚାଟିଂ କରୁଥିଲେ ଓ ଅଶ୍ଳୀଳ ଫଟୋ ପଠାଉଥିଲେ ତାହା ସମୟ କ୍ରମେ ସମ୍ପୃକ୍ତ ଯୁବତୀଙ୍କ ନଜରକୁ ଆସିଥିଲା। ଏନେଇ ପ୍ରଦୀପଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଏହାକୁ ସ୍ୱୀକାର କରିବା ପରିବର୍ତ୍ତେ ଯୁବତୀଙ୍କୁ ବଦନାମ କରିବାକୁ ଧମକ ଦେଉଥିଲେ। ଫଳରେ ସେହି ଯୁବତୀମାନଙ୍କ ମଧ୍ୟରୁ ଜଣେ ଗତ ଅକ୍ଟୋବର ୫ରେ ଉଦିତନଗରସ୍ଥିତ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୋଲିସ ପ୍ରଦୀପଙ୍କ ମୋବାଇଲ ନମ୍ବର ଟ୍ରାକିଂ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଏକମାତ୍ର କର୍ତ୍ତବ୍ୟ ହେଉଛି– ଧୀର, ଶାନ୍ତ ଭାବରେ ଧୈର୍ଯ୍ୟ ଓ ସହିଷ୍ଣୁତା ସହ ଭଲମନ୍ଦ ସବୁକିଛିର ସମ୍ମୁଖୀନ ହେବା। ... ଭୟ କରନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷାକବଚ।

– ଶ୍ରୀମା



# ଅନିଶ୍ଚିତ ସମ୍ପ୍ରସାରଣ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅର୍ଥ ସଚିବ ହସମୁଖ ଆଧିଆ ଚଳିତମାସ ଶେଷ ସୁଦ୍ଧା ଅବସର ନେବାକୁ ଥିବାବେଳେ ତାଙ୍କର ସମ୍ଭାବ୍ୟ ସମ୍ପ୍ରସାରଣ (କାର୍ଯ୍ୟକାଳ ବୃଦ୍ଧି) ନେଇ ଅନିଶ୍ଚୟତା ରହିଛି। ପୂର୍ବ ସରକାରଗୁଡ଼ିକ ଅମଳରେ ବଜେଟ୍‌ର କିଛିଦିନ ପୂର୍ବରୁ ଯଦି ଅର୍ଥ ମନ୍ତ୍ରଣାଳୟର ସଚିବମାନଙ୍କର କାର୍ଯ୍ୟକାଳ ପୂରିଯାଉଥିଲା, ତେବେ ତାଙ୍କୁ ଆଉ ଏକ ସମ୍ପ୍ରସାରଣ ଦିଆଯାଉଥିଲା। କିନ୍ତୁ ଆଧିଆଙ୍କ କ୍ଷେତ୍ରରେ ସରକାରରେ ଥିବା କିଛି ତତ୍ତ୍ୱ ଏହା ଚାହିଁଲେ ନାହିଁ ଏବଂ ଆଧିଆଙ୍କ ତରଫରୁ ମଧ୍ୟ ସେ ଆଉ ଏକ ସମ୍ପ୍ରସାରଣ ଚାହୁଁଛନ୍ତି ବୋଲି ସରକାରଙ୍କୁ ଅବଗତ କରାଗଲା ନାହିଁ। ତେଣୁ ଯାହା ଜଣାପଡୁଛି, ଆଧିଆ ନିଶ୍ଚୟ ଅବସର ନେବେ। କିନ୍ତୁ କେତେକେ ପୂର୍ବାନୁମାନ କରୁଛନ୍ତି ଯେ, ଅବସର ପରେ ମଧ୍ୟ ତାଙ୍କୁ କିଛି ନୂତନ ଦାୟିତ୍ୱ (ପୁନର୍ନିଯୁକ୍ତି) ଦିଆଯାଇପାରେ। ଏସବୁ କେବଳ ଅନୁମାନ ଛଡ଼ା ଅଉ କିଛି ନୁହେଁ, କାରଣ ଉଭୟ ସରକାରରେ ଏବଂ ବାହାରେ ଆଧିଆଙ୍କର କିଛି ପ୍ରଶଂସକ ଓ ବିରୋଧୀ ଅଛନ୍ତି। ତରବରିଆ ବିମୁଦ୍ରାୟନ ଓ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ଲାଗୁ ପାଇଁ ଅନେକେ ତାଙ୍କୁ ଦୋଷ ଦେଇଥାନ୍ତି। ଏସବୁ ସତ୍ତ୍ୱେ ଏହି ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସରଙ୍କ ଉପରେ ମୋଦି ଭରସା ରଖିଛନ୍ତି। ଆଧିଆ ଅବସର ନେଲେ ତାଙ୍କ ସ୍ଥାନରେ ୧୯୮୨ ବ୍ୟାଚ୍‌ର ମଣିପୁର କ୍ୟାଡର ଅଫିସର ତଥା ବ୍ୟୟ ସଚିବ ଅଜୟ ନାରାୟଣ ଝା ନିଯୁକ୍ତି ପାଇବାର ସମ୍ଭାବନା ଅଛି। ତା'ଛଡ଼ା ରାଜସ୍ୱ ବିଭାଗରେ ସ୍ୱତନ୍ତ୍ର ସଚିବ ଥିବା ୧୯୮୫ ବ୍ୟାଚ୍ ଗୁଜରାଟ କ୍ୟାଡର ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁ ପରବର୍ତ୍ତୀ ରାଜସ୍ୱ ସଚିବ ହୋଇପାରନ୍ତି। ତେଣୁ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଲେଖାନୁଦାନ ପ୍ରସ୍ତୁତିରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ସାହାଯ୍ୟ କରିବା ପାଇଁ ଏକ ନୂତନ କୋର୍ ଟିମ୍ କାର୍ଯ୍ୟକରିବା ଆଶା କରାଯାଏ।

### ବିହାର ସଂଯୋଗ

ଏକ ବଳାତ୍କାର ଘଟଣାକୁ ନେଇ ଭୟରେ ଗୁଜରାଟରୁ ଉତ୍ତରପ୍ରଦେଶ ଓ ବିହାରର ହିନ୍ଦୀଭାଷୀ ଲୋକଙ୍କ ଗଣପଳାୟନ ସତ୍ତ୍ୱେ ସରକାରରେ ରାଜ୍ୟ ରାଜ୍ୟ ଭିତରେ ସୁସମ୍ପର୍କ ବଜାୟ ରହିଛି। ବର୍ତ୍ତମାନ ଗୁଜରାଟରେ ବଡ଼ ବଡ଼ ପଦପଦବୀରେ ଥିବା ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିହାରୀ। ସମ୍ପ୍ରତି ଗୁଜରାଟର ପ୍ରମୁଖ ତିନି ପଦାଧିକାରୀ ଯଥା ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ହେଉଛନ୍ତି ଯଥାକ୍ରମେ ଜେ.ଏନ୍. ସିଂ, ଶିବାନନ୍ଦ ଝା ଏବଂ ମନୋଜ କୁମାର ଦାସ। ଏମାନେ ସମସ୍ତେ ବିହାରୀ। ସେହିପରି ଡିଜିପି (ଜେଲ) ମୋହନ ଝା ମଧ୍ୟ ବିହାରୀ। ମୁଖ୍ୟ ଶାସନ ସଚିବ ତଥା ୧୯୮୩ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର ସିଂ ଏବଂ ୧୯୮୩ ବ୍ୟାଚ୍ ଆଇପିଏସ୍ ଅଫିସର ଶିବାନନ୍ଦ ଝା ଉଭୟେ ଉତ୍ତର ବିହାରର ମଧୁବନୀ ଜିଲାରୁ ଆସିଛନ୍ତି। ସେହିପରି ୧୯୮୫ ବ୍ୟାଚ୍ ଆଇପିଏସ୍ ଅଫିସର ମୋହନ ଝା ବିହାରର ଦରଭଙ୍ଗା ଜିଲା ଅନ୍ତର୍ଗତ ଲାହେରିଆସାରିଠାରେ ଅଧ୍ୟୟନ କରିଥିଲେ ଏବଂ ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ଦାସ ଦରଭଙ୍ଗାର ରାଜ ଉଚ୍ଚବିଦ୍ୟାଳୟରେ ପାଠ ପଢ଼ିଥିଲେ। ବର୍ତ୍ତମାନ ଯେଉଁମାନେ ଗୁଜରାଟରେ ନିଯୁକ୍ତି ପାଇଛନ୍ତି, ସେମାନେ ଯେ ଅଧିକାଂଶ କେବଳ ବିହାରରୁ ଆସିଛନ୍ତି ତା' ନୁହେଁ। ଅତୀତରେ ମଧ୍ୟ ପାଟନାରେ ସିନିୟର ଏସ୍‌ପି, ଆଇଜି ଓ ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଥିବା କିଶୋର କୁନାଲ ଜଣେ ଗୁଜରାଟ କ୍ୟାଡର ଆଇପିଏସ୍ ଅଫିସର ଥିଲେ। ବର୍ତ୍ତମାନ ସିବିଆଇର ଅତିରିକ୍ତ ନିର୍ଦ୍ଦେଶକ ଥିବା ରାକେଶ ଅସ୍ଥାନା ହେଉଛନ୍ତି ଜଣେ ୧୯୮୪ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇପିଏସ୍ ଅଫିସର, ଯିଏ କି ଅବିଭାଜିତ ବିହାରର ରାଞ୍ଚିରେ ୧୯୬୧ ମସିହାରେ ଜନ୍ମଗ୍ରହଣ କରିଥିଲେ।

### ଜବରଦଖଲକାରୀ ବାବୁ

କିଛି ଲୋକ ବିଶେଷତଃ ବରିଷ୍ଠ ବାବୁ ଯେତେବେଳେ ଅଧିକାର ନ ଥାଇ ମଧ୍ୟ ନିଜର ଅଧିକାର ବା ହକ୍ ଦାବି କରନ୍ତି, ତାହା ବେଶ୍ ରୋଚକ ହୋଇଥାଏ। ଏକ ନୂଆ ସରକାରୀ କୋଠା ପାଇଁ ଚିହ୍ନିତ ଦକ୍ଷିଣ ମୁମ୍ବାଇର ଏକ ବଙ୍ଗଳାରୁ ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସରଙ୍କୁ ବିଦା କରିବାକୁ ମହାରାଷ୍ଟ୍ର ସରକାରଙ୍କୁ ଦୁଇବର୍ଷରୁ ଅଧିକ ସମୟ ଲାଗିଗଲାଣି। ଏବେ ଉକ୍ତ ଅତିରିକ୍ତ ପୌର କମିଶନର ବିଜୟ ସିଂଘଲ ବଙ୍ଗଳା ଖାଲି କରି ମନ୍ତ୍ରଣାଳୟ ନିକଟସ୍ଥ ନୀଳାମ୍ବରୀ ଭବନକୁ ଚାଲିଯିବା ଲାଗି ରାଜି ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ୨୦୧୬ ମସିହାରେ ଅବକାରୀ କମିଶନର ପଦରୁ ବଦଳି ହେବା ସମୟରୁ ବାବୁ ଜଣକ ଦୁଇବର୍ଷରୁ ଅଧିକ କାଳ ହେଲା ରାଜ୍ୟ ଅବକାରୀ ବିଭାଗର ଉକ୍ତ ବଙ୍ଗଳାକୁ ଦଖଲ କରି ରଖିଛନ୍ତି। କାର୍ଯ୍ୟକାଳ ପୂରିବା ପରେ ଜଣେ ବାବୁ ରହୁଥିବା ସରକାରୀ ଘରକୁ ଅତି ବେଶିରେ ତିନିମାସ ରଖିପାରିବେ ବୋଲି ନିୟମ ଥିଲାବେଳେ ଉକ୍ତ ଆଜାଦ ମୈଦାନ ବଙ୍ଗଳାକୁ ସେ ଏ ଯାଏ ଛାଡୁନାହାନ୍ତି। ପରିସ୍ଥିତି ଏପରି ହେଲା ଯେ, ସରକାର ସିଂଘଲଙ୍କୁ ଜଣେ ସରକାରୀ ଘର ଜବରଦଖଲକାରୀ ଭାବେ ଘୋଷଣା କରିବା ସହ ତାଙ୍କୁ ତଡ଼ିବାର ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନେଲେ। ବାରମ୍ବାର ନୋଟିସ୍ ଜାରି କରାଯିବା ସତ୍ତ୍ୱେ ସିଂଘଲ ଘର ଛାଡୁ ନ ଥିଲେ। ଏବେ ସରକାର ତାଙ୍କ ପାଇଁ ଆଉ ଏକ ଘର ମଞ୍ଜୁର କରିବା ପରେ ସେ ବଙ୍ଗଳା ଛାଡ଼ିବାକୁ ରାଜି ହୋଇଛନ୍ତି।

Email: dilipcherian@gmail.com

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 1 | 7 | 6 | 3 | 5 | | | | | | | | | |
| | | | | | | 5 | | | | | 4 | | C | |
| | | 4 | | | E | 8 | | 6 | | | | | | 0 |
| E | | | | 7 | | 9 | | | | | | 3 | B | |
| | 6 | 0 | 9 | 8 | | 1 | 2 | 3 | | | | | | |
| | | D | 5 | A | 4 | 7 | | B | | | 1 | | | |
| | | | | | B | | | | | | | | | |
| | | C | 3 | | | | D | | | | 5 | 8 | | 1 |
| | 8 | 5 | | | | C | 9 | | B | | 6 | 2 | | |
| 0 | A | | | D | 2 | | 3 | | | | | 9 | | |
| | C | 3 | | | | | 7 | | 1 | | 0 | A | | 6 |
| 4 | B | | | | 9 | | 0 | | | | 8 | | | |
| | | | | | | D | | | | | C | | | E |
| 1 | | | D | C | A | B | | | | | 7 | | | 9 |
| A | 7 | | | | | | | | 2 | 4 | 3 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 9 | B | D | 5 | 6 | A | 2 | 7 | 3 | 0 | C | 4 | 1 | 8 |
| 6 | D | 3 | E | 1 | 7 | 0 | 8 | 4 | B | 5 | A | C | 9 | 2 |
| A | 4 | 7 | 9 | 8 | B | 5 | C | 1 | 6 | D | 2 | E | 3 | 0 |
| 5 | 8 | 2 | A | 0 | C | E | 3 | 6 | 1 | 4 | 9 | D | 7 | B |
| 0 | 1 | C | 3 | 2 | 4 | B | 9 | D | 8 | 7 | E | 5 | 6 | A |
| C | 6 | E | B | A | 9 | 1 | 4 | 5 | 0 | 3 | D | 8 | 2 | 7 |
| 9 | 0 | 8 | 6 | C | D | 3 | E | A | 7 | 2 | 5 | B | 4 | 1 |
| B | 2 | D | 7 | E | 1 | 8 | 6 | 0 | A | C | 4 | 3 | 5 | 9 |
| 7 | A | 4 | 8 | 3 | 5 | 2 | D | C | 9 | B | 1 | 0 | E | 6 |
| 1 | 3 | 5 | 0 | 4 | 2 | 7 | B | 9 | E | 6 | 8 | A | D | C |
| 4 | B | 9 | 5 | 7 | 8 | 6 | 1 | 3 | C | E | 0 | 2 | A | D |
| 2 | C | 0 | 1 | D | E | 9 | 5 | 8 | 4 | A | 6 | 7 | B | 3 |
| D | 7 | A | C | 6 | 3 | 4 | 0 | E | 2 | 1 | B | 9 | 8 | 5 |
| 3 | E | 1 | 2 | 9 | 0 | D | A | B | 5 | 8 | 7 | 6 | C | 4 |
| 8 | 5 | 6 | 4 | B | A | C | 7 | 2 | D | 9 | 3 | 1 | 0 | E |

ଗତକାଲିର ଉତ୍ତର

# ଶିକ୍ଷା ଓ ନୈତିକ ମୂଲ୍ୟବୋଧ

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ସମୟରେ ଆମେ ଭକ୍ତକବି ମଧୁସୂଦନ ରାଓଙ୍କ ଏକ କବିତା ପଢୁଥିଲୁ–
''ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ।
କେ ଜାଣେ କାହାର ମୃତ୍ୟୁକାଳ ଆଜି ହେବ ଉପସ୍ଥିତ।।''
ଏଠାରେ ଧର୍ମ କୌଣସି ଆନୁଷ୍ଠାନିକ ଧର୍ମ ଅର୍ଥରେ ବ୍ୟବହୃତ ହୋଇନାହିଁ। ପରବର୍ତ୍ତୀ ପଦଗୁଡ଼ିକରେ କବି ଅସତ୍ୟ, ହିଂସା, କପଟତା, ଲୋଭ, କ୍ରୋଧ ଓ ଅହଙ୍କାରକୁ ତ୍ୟାଗ କରି ମଙ୍ଗଳ କାର୍ଯ୍ୟ କରିବାକୁ ଧର୍ମ ବୋଲି ବ୍ୟାଖ୍ୟା କରିଛନ୍ତି। ମହର୍ଷି ମନୁଙ୍କ ମତରେ ମଧ୍ୟ ଧୃତି, କ୍ଷମା, ଦମ, ଅସ୍ତେୟ, ଶୌଚ, ଇନ୍ଦ୍ରିୟନିଗ୍ରହ, ବୁଦ୍ଧି, ବିଦ୍ୟା, ସତ୍ୟ ଓ ଅକ୍ରୋଧ ହେଉଛି ଧର୍ମର ଦଶଟି ଲକ୍ଷଣ। ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ସମୟରୁ ଯେଉଁ ଧର୍ମ–ଧନ ସଞ୍ଚୟ କରିବା ପାଇଁ ଆମକୁ ମଧୁସୂଦନଙ୍କ କବିତା ମାଧ୍ୟମରେ ଶିକ୍ଷକମାନେ ଆମକୁ ପ୍ରେରଣା ଦେଉଥିଲେ ସେହି ଧର୍ମକୁ ବୀଜ ଭାବରେ ବର୍ଣ୍ଣନା କରି ତାକୁ ହୃଦୟ–କ୍ଷେତ୍ରରେ ରୋପଣ କରିବା ପାଇଁ କବି ଗଙ୍ଗାଧର ମେହେର 'ମହିମା' କବିତାରେ ଲେଖିଲେ–
''ଧର୍ମ ମହାତରୁ ପକ୍ଷରେ ମାନବ ହୃଦୟ କ୍ଷେତ୍ର ଉର୍ବର,
ସୁଶିକ୍ଷା–ଲାଙ୍ଗଳେ ଚଷି ଧର୍ମବୀଜ ତହିଁରେ ରୋପଣ କର।
ଆବଶ୍ୟକ ତହିଁ ସଦାଚାର ଜଳ ସତ୍‌ସଙ୍ଗ ଆଳବାଳ,
ବାହାରର ଶାଖା ବିନୟ କରୁଣା ସୌଜନ୍ୟ ସତ୍‌କର୍ମ ଡାଳ।
ଈଶ୍ୱରଭକତି ପର ଉପକାର ପଲ୍ଲବେ ହୋଇ ସୁନ୍ଦର,
ଫୁଟଇ ପବିତ୍ର ଶୁଭ୍ର ଦିବ୍ୟ ଫୁଲ ତା' ବାସ ଅବିନଶ୍ୱର।
ସୌରଭ ଲୋଭରେ ଜଗତ ଈଶ୍ୱର ଚୁମ୍ବନ୍ତି ହୋଇ ଭ୍ରମର,
ଫଳଇ ଅମୃତପୂର୍ଣ୍ଣ ଯଶଫଳ ଭକ୍ଷଣେ ନର ଅମର।''

ପ୍ରାଥମିକ ଶିକ୍ଷା କ୍ଷେତ୍ରରୁ ଏହିଭଳି କବିତା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଧର୍ମଧନ ସଞ୍ଚିବା ପାଇଁ ମାନସିକ ଭାବେ ପ୍ରସ୍ତୁତ କରାଯାଉଥିଲା। ଜଣେ ଛାତ୍ରୀ ବା ଛାତ୍ର ଆଗାମୀ ଦିନରେ କିଭଳି ଆଦର୍ଶ ନୀତିନିଷ୍ଠ ମଣିଷ ହୋଇପାରିବ, ସେଥିପ୍ରତି ଶିକ୍ଷକମାନେ ଦୃଷ୍ଟି ଦେଉଥିଲେ, ମାତ୍ର ଆଜି ମୂଲ୍ୟବୋଧ ବଦଳିଯାଇଛି। କେଉଁ ପାଠ ପଢ଼ିଲେ ଭବିଷ୍ୟତରେ ପ୍ରଭୂତ ଅର୍ଥ ରୋଜଗାର କରିହେବ, ତାକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ସ୍ଥିର କରାଯାଉଛି। ଆମ ସମୟରେ ପ୍ରାଥମିକ ଶ୍ରେଣୀଠାରୁ ସ୍ନାତକ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ୟାନ୍ୟ ବିଷୟ ସହ ସାହିତ୍ୟ ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା। ପ୍ରାଥମିକ ଶିକ୍ଷା ଗ୍ରହଣ କଲାବେଳେ ଛାତ୍ରମାନଙ୍କ ଚିନ୍ତନ ଶକ୍ତି ପରିପକ୍ୱ ହୋଇ ନ ଥାଏ। ଯେତେବେଳେ ସେମାନେ ମହାବିଦ୍ୟାଳୟକୁ ଆସନ୍ତି ସେମାନଙ୍କ ଚିନ୍ତାଶକ୍ତି ପରିପକ୍ୱତା ଲାଭ କରେ। ମାତ୍ର ଆଜି ସ୍ନାତକ ଶ୍ରେଣୀରେ ସାହିତ୍ୟ ପଠନ ଉପରେ ଗୁରୁତ୍ୱ ଦିଆଯାଉନାହିଁ। ସାହିତ୍ୟ ପଠନ ସ୍ଥାନରେ କେବଳ ପ୍ରାୟୋଗିକ ଭାଷା ଶିକ୍ଷା ଦିଆଯାଉଛି। ଆମେ ଭୁଲିଯିବା ଉଚିତ ନୁହେଁ ଯେ ଗଣିତ, ବିଜ୍ଞାନ ଆଦି ବିଷୟ ମସ୍ତିଷ୍କକୁ ବିକଶିତ କରେ, ମାତ୍ର ଏହି ଶିକ୍ଷା ଦ୍ୱାରା ହୃଦୟର ବିକାଶ ସାଧିତ ହୁଏନାହିଁ। ମଣିଷ ଯେତେ ଜ୍ଞାନର ଅଧିକାରୀ ହେଲେ ମଧ୍ୟ ଯଦି ତା'ର ନୈତିକତା, ସାଧୁତା, ସମ୍ବେଦନଶୀଳତା, ମାନବିକତା ନାହିଁ ସେ ତା' ଜ୍ଞାନର ଦୁରୁପଯୋଗ କରେ ଓ ଦୁର୍ନୀତିଗ୍ରସ୍ତ ହୁଏ। ଆଜି ବିକଶିତ ମସ୍ତିଷ୍କ ନେଇ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇଥିବା ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନଙ୍କର ଅଭାବ ନାହିଁ। ନୈତିକ ଜୀବନର ବିକାଶରେ ହିଁ ମନୁଷ୍ୟର ଯଥାର୍ଥ ବିକାଶ ସମ୍ଭବ। ପଣ୍ଡିତ ଗୋପବନ୍ଧୁ କହିଥିଲେ କେବଳ ବିଜ୍ଞାନ, ଦର୍ଶନ ପଢ଼ି କେତେଗୁଡ଼ିଏ ପ୍ରାକୃତିକ ବା ଆଧ୍ୟାତ୍ମିକ ସତ୍ୟ ଜାଣିରଖିଲେ ମନୁଷ୍ୟ ପକ୍ଷେ ଯଥେଷ୍ଟ ହେବ ନାହିଁ। କେବଳ ଭାଷା ଶିକ୍ଷା ତ ଶିକ୍ଷା ନୁହେଁ, ଶିକ୍ଷାର ମୂଳ ଲକ୍ଷ୍ୟ ଜୀବନର ସୁଗଠନ ଓ ବିକାଶ। ତାହା କେବଳ ତର୍କ, ଯୁକ୍ତିଶକ୍ତି ବଢ଼ିଲେ ହେବ ନାହିଁ କିମ୍ବା ଫୁଟବଲ, କ୍ରିକେଟରେ ପଟୁତା ଦେଖାଇ ପୁରସ୍କାର ପାଇବାରେ ବି ନୁହେଁ। ଏସବୁର ଆବଶ୍ୟକତା ଅବଶ୍ୟ ଅସ୍ୱୀକାର କରାଯାଇ ନ ପାରେ। କିନ୍ତୁ ନୈତିକ ଜୀବନର ବିକାଶ ହିଁ ମାନବର ପ୍ରକୃତ ମାନବତ୍ୱ। ଏ ପ୍ରକାର ଶିକ୍ଷା ଅଭାବରୁ ଆଧୁନିକ ଶିକ୍ଷା ବ୍ୟବସ୍ଥା ବହୁଦିନରୁ ଏ ଦେଶରେ ପ୍ରବର୍ତ୍ତିତ ହେଲେ ସୁଦ୍ଧା, ଆଜିଯାଏ ବିଶେଷ ସୁଫଳ ଦେଇପାରି ନାହିଁ।

ଉଚ୍ଚ ଶିକ୍ଷା ଜାତିର ଭବିଷ୍ୟତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସମାଜର ଅର୍ଥନୈତିକ ସମୃଦ୍ଧି, ଏକ ସୁସ୍ଥ ସାମାଜିକ ଜୀବନ ଓ ନୈତିକ ମାନଦଣ୍ଡର ଉନ୍ନତି କେବଳ ଶିକ୍ଷା ଦ୍ୱାରା ହିଁ ସମ୍ଭବ। ଏଣୁ ସଭ୍ୟ ସମାଜରେ ଶିକ୍ଷାର ଗୁଣାତ୍ମକ ମାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଜଗତୀକରଣ ଓ ଉଦାରୀକରଣ ଯୋଗୁ ଜ୍ଞାନର ପ୍ରଭୂତ ପ୍ରସାର ଘଟିଛି। ଦେଶରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଅନେକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ୟୁଜିସି ଓ ନାକ୍ ଭଳି ସଂସ୍ଥା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷଣ–ଅଧ୍ୟୟନ କ୍ଷେତ୍ରରେ ଗୁଣାତ୍ମକ ବିକାଶ ପାଇଁ ବିବିଧ ଉପାୟ ଆବିଷ୍କାର କରୁଛନ୍ତି। ବହୁସଂଖ୍ୟାରେ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲାଣି। ଅସଂଖ୍ୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ସୃଷ୍ଟି ହେଲେଣି। ମାତ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧର ବିକାଶ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ସମାଜର ଭୌତିକ ବିକାଶ ଘଟିଛି ସତ, ମାତ୍ର ନୈତିକ ଅବକ୍ଷୟ ଘଟିଛି। ସାମ୍ପ୍ରଦାୟିକ ଦ୍ୱେଷ, ହିଂସା, ଦୁର୍ନୀତି, ବ୍ୟଭିଚାର ବଢ଼ିଛି। ତଥାକଥିତ ଶିକ୍ଷିତ ବ୍ୟକ୍ତିମାନେ ଜାଲ୍‌ନୋଟ, ଜାଲ୍ ଔଷଧ ତିଆରି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ବନ୍ଦ ପାଳନ କରି ସାମାଜିକ ଜୀବନକୁ ଅଚଳ କରିଦେଉଛନ୍ତି। ଲାଞ୍ଚ ନେବାରେ, ଅର୍ଥ ତୋସରପାତ କରିବାରେ ଏହି ତଥାକଥିତ ଶିକ୍ଷିତମାନେ ହିଁ ଆଗରେ। ଉଚ୍ଚ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରମାନଙ୍କଠାରେ ବିଚାର ଶକ୍ତିର ବିକାଶ ଘଟିଥାଏ। ଏହି ବୟସର ପିଲାମାନେ ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ବାଛିପାରନ୍ତି। ଏଣୁ ଏହି ସ୍ତରରେ ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଲେ ସେମାନେ ପରବର୍ତ୍ତୀ ଜୀବନରେ ତାକୁ ପ୍ରୟୋଗ କରି ଜୀବନର ମାନକୁ ନୈତିକ ଦିଗରେ ବଢ଼ାଇପାରିବେ। ସାଧୁତା, ଅନ୍ୟ ପ୍ରତି ସମ୍ମାନବୋଧ, ଶୃଙ୍ଖଳାବୋଧ, ସହନଶୀଳତା, ସମ୍ବେଦନଶୀଳତା ଭଳି ମୂଲ୍ୟବୋଧ ବିନା କୌଣସି ସମାଜ ସଭ୍ୟ ହୁଏ ନାହିଁ। ଏହିସବୁ ମଣିଷ ଶିଖେ ଉଚ୍ଚକୋଟୀର ସାହିତ୍ୟ ଅଧ୍ୟୟନରୁ। ମାତ୍ର ଆଜି ତାହା ଦୁଃସ୍ୱପ୍ନ। ଏହି ପ୍ରସଙ୍ଗରେ ବିଶିଷ୍ଟ ଇଂଲିଶ ଗାଳ୍ପିକ ଓ କବି ଓସ୍କାର ୱାଇଲଡ୍‌ଙ୍କ ଦ୍ୱାରା ପରିବେଷିତ ଏକ କାହାଣୀ ପ୍ରଣିଧାନଯୋଗ୍ୟ ମନେହୁଏ।

ପ୍ରଭୁ ଯିଶୁ ତାଙ୍କ ବିଭୂତି ଦ୍ୱାରା ଜଣେ ଅନ୍ଧକୁ ଚକ୍ଷୁଦାନ, ଜଣେ କୁଷ୍ଠରୋଗୀକୁ ସୁଠାମ ସ୍ୱାସ୍ଥ୍ୟଦାନ ଓ ଏକ ମୃତ କଳେବରରେ ପ୍ରାଣଦାନ ଭଳି ଚମତ୍କାର ସାଧନ କରିଥିଲେ। ସେମାନେ ଏସବୁ ଫେରିପାଇବା ପରେ କିପରି ତାକୁ ଉପଯୋଗ କରୁଛନ୍ତି ଜାଣିବା ପାଇଁ ଯିଶୁ ଦିନେ ରାତିରେ ପୃଥିବୀକୁ ପୁନରାଗମନ କଲେ। ବାଟରେ ଯାଉ ଯାଉ ଗୋଟିଏ ସୁରମ୍ୟ କୋଠା ଭିତରୁ କିଛି ବାଦ୍ୟ ଧ୍ୱନି, ପାଦଶବ୍ଦ ଓ ହାସ୍ୟରୋଳ ଶୁଣିଲେ। ଦ୍ୱାରଦେଶରେ ସେ କରାଘାତ କରନ୍ତେ ଦ୍ୱାରରକ୍ଷୀ କବାଟ ଖୋଲିଦେଲା। ସେ ଭିତରକୁ ପଶି ଦେଖିଲେ ଲାଲ୍ ଗୋଲାପମଣ୍ଡିତ ଜଣେ ଯୁବକ ଶଯ୍ୟାରେ ଉପବିଷ୍ଟ। ସୁରାପାନ ଯୋଗୁ ତା'ର ଅଧରୋଷ୍ଠ ରକ୍ତିମ ଦେଖାଯାଉଛି। ଯିଶୁ ତା' ପଛରେ ଛିଡାହୋଇ କାନ୍ଧରେ ହାତରଖି ପଚାରିଲେ, ତୁମେ ଏମିତି ଭାବରେ ଜୀବନ ଅତିବାହିତ କରୁଛ କାହିଁକି? ଯୁବକଟି ବୁଲିପଡି ଅନାଇ ଯିଶୁଙ୍କୁ ଚିହ୍ନିଲା ଓ କହିଲା, ଦିନେ ମୁଁ ଥିଲି କୁଷ୍ଠବ୍ୟାଧିଗ୍ରସ୍ତ। ଆପଣ ମୋତେ ରୋଗମୁକ୍ତ କଲେ। ସୁଠାମ ସ୍ୱାସ୍ଥ୍ୟ ଲାଭ କଲା ପରେ ମୁଁ ଏଭଳି ଭାବରେ ଜୀବନକୁ ଉପଭୋଗ କରୁଛି। ଦୀର୍ଘଶ୍ୱାସ ଛାଡି ଯିଶୁ ସେ କୋଠାରୁ ବାହାରି ଆସି ପୁଣି ବାଟ ଚାଲୁଛନ୍ତି। ଦେଖିଲେ ନିଜ ମୁହଁ ଓ ବେଶଭୂଷା ରଙ୍ଗାଇ ପାଦରେ ମୁକ୍ତାମାଳା ଖଞ୍ଜିଥିବା ଜଣେ ଯୁବତୀକୁ। ଯୁବତୀର ମୁହଁକୁ ଦେଖି ତା'ର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ତାକୁ ଶିକାରୀ ରୀତିରେ ଅନୁସରଣ କରୁଥିଲା ଜଣେ ଯୁବକ। ସେହି ଯୁବକର ଆଖିରେ ଜଳୁଥିଲା କାମନା। ଯିଶୁ କ୍ଷିପ୍ରଗତିରେ ଯାଇ ଯୁବକଟିର ହାତ ଧରି ପଚାରିଲେ, ତୁମେ ଏମିତି ଅଭଦ୍ର ଢଙ୍ଗରେ ଏହି ଯୁବତୀକୁ ଅନାଇଛ କାହିଁକି? ଯୁବକ ଯିଶୁଙ୍କୁ ଚିହ୍ନିଲା ଓ କହିଲା, ମୁଁ ଥିଲି ଅନ୍ଧ। ଆପଣ ମୋତେ ଦେଲେ ଦୃଷ୍ଟିଶକ୍ତି। ମୁଁ ଆଉ ମୋ ଦୃଷ୍ଟିଶକ୍ତି କିଭଳି ଉପଯୋଗ କରନ୍ତି? ଆଉଥରେ ଦୀର୍ଘଶ୍ୱାସ ଛାଡି ଯିଶୁ ଆଗକୁ ଅଗ୍ରସର ହେଲେ। ହଠାତ୍ ଦେଖିଲେ ଏକାକୀ ବସି ଲୋକଟିଏ ଅଶ୍ରୁପାତ କରୁଛି। ଯିଶୁ ତା' ପାଖକୁ ଯାଇ କାନ୍ଦିବାର କାରଣ ପଚାରନ୍ତେ ଲୋକଟି ତାଙ୍କୁ ଚିହ୍ନିପାରି କହିଲା, ମୁଁ ମରିଥିଲି। ଆପଣ ମୋତେ ପୁନର୍ଜୀବନ ଦେଲେ। କାନ୍ଦି କାନ୍ଦି ଜୀବନ ବିତାଇବା ଛଡ଼ା ଆଉ କ'ଣ କରିବାର ଅଛି। ଗାଳ୍ପିକଙ୍କ ଏ କଥା କହିବାର ତାତ୍ପର୍ଯ୍ୟ ହେଉଛି, ଯଥାର୍ଥ ଚେତନା ବିନା ସମସ୍ତ ଐଶ୍ୱର୍ଯ୍ୟ ମୂଲ୍ୟହୀନ। ଅନ୍ଧ, କୁଷ୍ଠରୋଗୀ ଓ ମୃତବ୍ୟକ୍ତି ଯଥାକ୍ରମେ ଚକ୍ଷୁ, ସ୍ୱାସ୍ଥ୍ୟ ଓ ଜୀବନ ପାଇ ଯେପରି ସେଗୁଡିକର ଦୁରୁପଯୋଗ କରୁଥିଲେ, ଠିକ୍ ସେହିପରି ତଥାକଥିତ ଜ୍ଞାନୀ ଓ ଶିକ୍ଷିତମାନେ ସେମାନଙ୍କ ଜ୍ଞାନର ଦୁରୁପଯୋଗ କରି ଚାଲିଛନ୍ତି, କାରଣ ସେମାନଙ୍କର ନୈତିକ ମୂଲ୍ୟବୋଧ ନାହିଁ। ଏଣୁ ଶିକ୍ଷା ବ୍ୟବସ୍ଥାରେ ଆଜିର ଆବଶ୍ୟକତା କେବଳ ଜ୍ଞାନ ନୁହେଁ, ଆବଶ୍ୟକ ନୈତିକ ମୂଲ୍ୟବୋଧ।

ମୋ–୯୪୩୭୩୨୯୨୬୩

# ଜଗତ କାଳର ଅଧୀନ

## ମନ–ମାନଚିତ୍ର

ଡ. ନରହରି ବେହେରା

ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି– ମୁଁ ହେଉଛି ସଂହାରକାରୀ କାଳ (କାଳୋଽସ୍ମି ଲୋକକ୍ଷୟକୃତ୍)। ହେ ଅର୍ଜୁନ! ଦ୍ରୋଣ, ଭୀଷ୍ମ, ଜୟଦ୍ରଥ, କର୍ଣ୍ଣ ପ୍ରଭୃତି ବୀରଙ୍କୁ ତୁମେ ନୁହଁ, ମୁଁ ବଧ କରିଛି। ତେଣୁ ତୁମେ ଏଥିପାଇଁ ବ୍ୟଥିତ ହୁଅନାହିଁ। ଅର୍ଜୁନ ବୁଝିଥିଲେ କାଳ ସହିତ ବାଜିମାରି ନୁହେଁ, ବରଂ କାଳ ନିକଟରେ ନମ୍ରତା ପ୍ରକାଶ କରି ନିଜକୁ ସଫଳ ମଣିଷରେ ପରିଣତ କରିବାକୁ ହେବ। ତେଣୁ ସେ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଆଣ୍ଠୁମାଡ଼ି ହାତଯୋଡ଼ି କହିଥିଲେ– ହେ କୃଷ୍ଣ! ମୁଁ ଆପଣଙ୍କ ଶରଣାଗତ ଶିଷ୍ୟ। ଆପଣ ମୋତେ ଶାସନପୂର୍ବକ କର୍ତ୍ତବ୍ୟ, ଅକର୍ତ୍ତବ୍ୟର ମାର୍ଗ ଦର୍ଶନ କରାନ୍ତୁ। ଏହି ନମ୍ରତା ହିଁ ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ ନିକଟତର କରିଛି। ମହାଭାରତ ଯୁଦ୍ଧରେ ତାଙ୍କଠାରୁ ଆହୁରି ଅନେକ ବୀର ଯୋଦ୍ଧା ଥିଲେ ମଧ୍ୟ ସେ ଶ୍ରେଷ୍ଠ ଧନୁର୍ଦ୍ଧର ଭାବରେ ପରିଚିତ ହୋଇଛନ୍ତି।

କାଳର ଅକଳନ ଶକ୍ତିକୁ ଆକଳନ ନ କରି କ୍ଷମତା, ପଦପଦବୀ ମୋହରେ କେତେ ଲୋକ ଧରାକୁ ସରା ମଣିଛନ୍ତି, ତା'ର ଇୟତ୍ତା ନାହିଁ। କାଳକାଳକୁ ଅମର ରହିବାର ଲୋଭ ଏବଂ ସମସ୍ତଙ୍କୁ ପଦାନତ କରିବାର ଅହମିକା ତାଙ୍କୁ ଅନ୍ଧ କରିଦେଇଛି। ସେ ମରିବନି। ଦେବ, ନର, ଯକ୍ଷ, କିନ୍ନର, ଗନ୍ଧର୍ବ ସମସ୍ତଙ୍କୁ ସେ ଶାସନ କରିବ– ଏଥିପାଇଁ ରାବଣ କଠୋର ତପସ୍ୟା କରି ଛପନ ଗଣ୍ଡା ଯୁଗକୁ ବର ମାଗିନେଲା। ସ୍ୱର୍ଗକୁ ନିଶୁଣି ବାନ୍ଧିବାର ସ୍ୱପ୍ନ ଦେଖିଲା। ସ୍ୱର୍ଣ୍ଣ ଲଙ୍କା ସ୍ଥାପନ କଲା। ତା' ପାଖରେ ମେଘନାଦ, କୁମ୍ଭକର୍ଣ୍ଣ ପରି ଯୋଦ୍ଧା ଥିଲେ। ସେ ନିଜେ ଜଣେ ପ୍ରବଳ ପରାକ୍ରମୀ ଯୋଦ୍ଧା। ମାତ୍ର ସେ ରହିପାରିଲା ନାହିଁ। ତାକୁ ସାଧାରଣ ମଣିଷ ବୋଲି ପ୍ରତୀତ ହେଉଥିବା ରାମଙ୍କ ବାଣରେ ହିଁ ଶେଷରେ ପ୍ରାଣ ଦେବାକୁ ହେଲା।

ଅର୍ଜୁନ ଓ ଦୁର୍ଯ୍ୟୋଧନ ଦୁହେଁ ଯୁଦ୍ଧରେ ସାହାଯ୍ୟ କରିବାକୁ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହେଲେ। ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କର ସୈନ୍ୟସାମନ୍ତଙ୍କୁ ମାଗିନେଲେ। କିନ୍ତୁ ଅର୍ଜୁନ ଥିଲେ ଅନ୍ତର୍ଦୃଷ୍ଟିସମ୍ପନ୍ନ ବ୍ୟକ୍ତି। ସେ ଜାଣିଥିଲେ କୃଷ୍ଣ ହିଁ ସ୍ୱୟଂ କାଳ। ତେଣୁ ସେ ଚାହିଁଲେ କେବଳ କୃଷ୍ଣଙ୍କୁ। ତା'ପରେ ଯୁଦ୍ଧର ପରିଣତି କାହା ସପକ୍ଷରେ ଗଲା, ତାହା ସମସ୍ତଙ୍କୁ ଜଣା। ହିରଣ୍ୟକଶିପୁ ଜଳ, ସ୍ଥଳ କିମ୍ବା ଆକାଶରେ କି ସକାଳ, ସନ୍ଧ୍ୟା, ମଧ୍ୟାହ୍ନ କିମ୍ବା ରାତ୍ର ସମୟରେ ମୃତ୍ୟୁବରଣ କରିବ ନାହିଁ ବୋଲି ବର ପାଇ ଖୁସିହେଲା। ସେ ଅମରମତ୍ତ ହୋଇ ଅତ୍ୟାଚାର କରିବାକୁ ଲାଗିଲା। ସେ କ'ଣ ଜାଣିଥିଲା, କାଳ ମହାନ୍। ଜନ୍ମ ମୃତ୍ୟୁ ତା'ର ଲୀଳା। ଏହାକୁ ଅତିକ୍ରମ କରିବାର ପ୍ରୟାସର ଅର୍ଥ ମହାକାଳ ସହିତ ବାଜି ଲଗାଇବା। ନରସିଂହଙ୍କ ହାତରେ ହିରଣ୍ୟକଶିପୁ ନିହତ ହେଲା। ଏହିପରି ବହୁ କ୍ଷମତାମତ୍ତ, ପରପୀଡ଼କ କାଳ ଆଗରେ ପାଣି ଫୋଟକା ପରି ମିଳାଇ ଯାଇଛନ୍ତି। କେତେ କେତେ ଐଶ୍ୱର୍ଯ୍ୟପୂର୍ଣ୍ଣ ନଗରୀ ମଧ୍ୟ ଧ୍ୱଂସ ପାଇଯାଇଛି।

ଇତିହାସରେ ଏପରି ଉଦାହରଣର ଅଭାବ ନାହିଁ। ଭୋଗବିଳାସରେ ଜୀବନ ବିତାଉଥିବା ରୁଷିଆର ଜାର୍ ଦ୍ୱିତୀୟ ନିକୋଲାସ୍ ଶେଷରେ ଯେଉଁ ଦୟନୀୟ ମୃତ୍ୟୁ ବରଣ କଲେ, ତାହା ଅବର୍ଣ୍ଣନୀୟ। ବିପ୍ଳବୀମାନେ ତାଙ୍କୁ ଗୁଳିକରି ହତ୍ୟା କରିବା ପରେ ତାଙ୍କ ପତ୍ନୀ, ରୋଗାକ୍ରାନ୍ତ ପୁଅ ଏବଂ ଝିଅଙ୍କୁ ନିଷ୍ଠୁର ଭାବରେ ବାୟୋନେଟ୍‌ରେ ଭୁସି ହତ୍ୟା କଲେ। ରାଜପରିବାର ଧ୍ୱଂସ ହୋଇଯିବା ପରେ ତାଙ୍କ ବିଶ୍ୱସ୍ତ କୁକୁର ଏଣେତେଣେ ବୁଲି ବୁଲି ଭୁକୁଥିବାବେଳେ ନିଷ୍ଠୁର ବିପ୍ଳବୀମାନେ ତାକୁ ବି ଛାଡ଼ିଲେ ନାହିଁ। ଏ ହେଲା ଏକ କ୍ଷମତା ଏବଂ ଭୋଗବିଳାସୀ ସମ୍ରାଟ୍‌ଙ୍କର ଶେଷ ଜୀବନର କଥା। ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡର ନିଜ ବାହୁବଳରେ ସମଗ୍ର ଭୂଖଣ୍ଡର ଅଧୀଶ୍ୱର ହେବାକୁ ଜୀବନ ତମାମ ଯୁଦ୍ଧରେ ମାତି ରହିଲେ। ଶେଷରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସମୟରେ ଅସୁସ୍ଥ ହୋଇ ମୃତ୍ୟୁବରଣ କଲେ। ମଣିଷ ଜୀବନରେ ଅର୍ଜିତ ପାର୍ଥିବ ସମ୍ପତ୍ତି ଏବଂ କ୍ଷମତା ତାକୁ ଅମର କରିପାରେ ନାହିଁ, ଏ କଥା ସେ ଅନୁଭବ କଲେ। ନିଜ ପାରିଷଦବର୍ଗଙ୍କୁ କହିଲେ– ମୁଁ ମରିଗଲା ପରେ ମୋତେ ଶୁଆଇଦେବ। ଦୁଇହାତକୁ ଦୁଇପାଖକୁ ଝୁଲାଇଦେବ। ଏ ଜଗତ ଦେଖୁ ଏବଂ ଶିଖୁ– ଜୀବନସାରା କ୍ଷମତା ଲୋଭରେ ଧାଇଁ ଧାଇଁ ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡର ଖାଲି ହାତରେ ଆସିଥିଲା ଓ ଖାଲି ହାତରେ ଫେରିଯାଉଛି। ଏତେ ଉଦାହରଣ ଆମ ଆଗରେ ଥିଲେ ମଧ୍ୟ ଆମର କ'ଣ ହେଜ ପଶୁଛି? ଆମ ପାଖରେ ଏତେ ଅହଂକାର ଏବଂ କ୍ଷମତାର ମୋହ ଭରି ରହିଛି ଯେ, ମଣିଷପଣିଆ ତ ଦୂରର କଥା ସାଧାରଣ ବ୍ୟବହାର ମଧ୍ୟ ଭୁଲିଯାଉଛୁ।

ଆମର ଜ୍ଞାନ ଅଛି, ମାତ୍ର ଜ୍ଞାନନେତ୍ର ନାହିଁ। ଆମେ ସର୍ବଶକ୍ତିମାନ୍ ନୋହୁଁ। ଆମ ଉପରେ ଗୋଟିଏ ମହାକାଳ ଆମକୁ ନଜର ରଖିଛି। ତା' କବଳରୁ ମୁକୁଳିବାର ଉପାୟ ନାହିଁ। ତେଣୁ କାହିଁକି ଏ ଅହମିକା, ଲୋଭ? ଦରବାର କବିତାରେ ରାଧାନାଥ ଲେଖିଛନ୍ତି– 'ତୋତେ ରୁରୁ ଅବା ନ ରୁରୁ ସେ ନ୍ୟାୟ, ଚରମ ଅଟଇ ଚିତ୍ରଗୁପ୍ତ ରାୟ।' କିଏ ଏହି ଚିତ୍ରଗୁପ୍ତର ପାଞ୍ଜିକୁ ବଦଳାଇ ଦେଇଛି ନା ଦେବ?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ–୭୯୭୮୯୦୩୫୦୯

## ଏଇ ଭାରତରେ

କିନ୍ନର ହେଲେ ବି ସେମାନଙ୍କ ଭିତରେ ଭଲପାଇବା ହୃଦୟଟିଏ ଅଛି। ସ୍ନେହମମତାର ଡୋରିରେ ସେମାନେ ଅନ୍ୟମାନଙ୍କ ହୃଦୟ ଜିଣିପାରନ୍ତି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି କୋଲ୍‌କାତାରେ। ଏକ କିନ୍ନର ଗୋଷ୍ଠୀ ରାସ୍ତାକଡ଼ ପିଲାଙ୍କ ସହିତ ଶୁକ୍ରବାର 'ଭାଇ ଦୁଜ୍' (ଭ୍ରାତୃ ଦ୍ୱିତୀୟା) ପର୍ବ ପାଳନ କରିଛନ୍ତି। ଦିୱାଲି ପରେ ଏହା ଦୁଇଦିନବ୍ୟାପୀ ପାଳନ କରାଯାଏ। ଭଉଣୀମାନେ ଭାଇଙ୍କ ଘରକୁ ଯାଇ ସେମାନଙ୍କ ଦୀର୍ଘଜୀବନ ଓ ସୁଖସମୃଦ୍ଧି କାମନା କରନ୍ତି। ଏହି ଗୋଷ୍ଠୀର କିନ୍ନରମାନେ ରାଜ୍ୟଭିତ୍ତିକ ମାନବୀ ଫାଉଣ୍ଡେଶନ୍‌ର ସଦସ୍ୟ। ଉକ୍ତ ଫାଉଣ୍ଡେଶନ୍ କିନ୍ନରଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଛି। ଶୁକ୍ରବାର ଅପରାହ୍ଣରେ କିନ୍ନରମାନେ କୋଲ୍‌କାତାରେ ଗିରୀଶ ପାର୍କ ଅଞ୍ଚଳରେ ଏକତ୍ର ହୋଇ ରାସ୍ତାକଡର ବସ୍ତିପିଲାଙ୍କ ମୁଣ୍ଡରେ ଚନ୍ଦନ ଓ ତିଳକ ଲଗାଇ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ପିଲାମାନେ 'ଭାଇ ଦୁଜ୍'ର ସୁଯୋଗରୁ ବଞ୍ଚିତ ହୋଇଥାନ୍ତି। କିନ୍ନରଙ୍କୁ ମଧ୍ୟ ଏହି ପରମ୍ପରା ପାଳନ କରିବାକୁ ସୁଯୋଗ ଦିଆଯାଏ ନାହିଁ। କାରଣ ସମାଜର ମହାସ୍ରୋତରେ ସେମାନଙ୍କୁ ଅଂଶୀଦାର ଭାବେ ବିବେଚନା କରାଯାଏ ନାହିଁ।

### ଚିରନ୍ତନୀ

ମୂର୍ଚ୍ଛିତ ଏ ଧରଣୀ ପରେ   ସେ ଗତି କ୍ଷୀଣ ଚେତନା ଭରେ
ମୃତ୍ୟୁ ସମ ଜଡ଼ତା ରାଶି   ନିମିଷେ ଦିଏ ଢାଳି
ସହଜ ଗତି ଯା'ନ୍ତି ଚଳି ବାଳୀ।

(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୦ ନଭେମ୍ବର ୧୯୯୩

- ଆମେରିକା ପରରାଷ୍ଟ୍ର ବିଭାଗର ଉପସଚିବ କ୍ଲିଫ୍‌ଟନ ୱାର୍ଟନ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।
- ରୁଷିଆର ନୂତନ ସମ୍ବିଧାନର ଚୂଡାନ୍ତ ଚିଠା ଦଲିଲରେ ରାଷ୍ଟ୍ରପତି ବୋରିସ ୟେଲଟ୍‌ସିନ ସ୍ୱାକ୍ଷର କଲେ। ଏହି ସମ୍ବିଧାନ କାର୍ଯ୍ୟକାରୀ ହେଲେ ୟେଲଟ୍‌ସିନଙ୍କ କ୍ଷମତା ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା।

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷା ପାଇଁ ପ୍ରୋତ୍ସାହନ

ମହାଶୟ,

ଗତବର୍ଷ ନଭେମ୍ବର ୧୪ ଶିଶୁଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅନେକ ଭଲ ଯୋଜନା ଘୋଷଣା କରିଥିଲେ। ବିଶେଷକରି ହାଇସ୍କୁଲ ସ୍ତରରେ ଯେଉଁମାନେ ମାଟ୍ରିକ୍ ପରୀକ୍ଷାରେ ମୋଟ ନମ୍ବରରୁ ଶତକଡ଼ା ୭୦ରୁ ଅଧିକ ରଖିବେ ସେମାନଙ୍କୁ ୫ହଜାର, ଯେଉଁମାନେ ମାତୃଭାଷା ଓଡ଼ିଆରେ ୯୦ ନମ୍ବରରୁ ଅଧିକ ରଖିବେ ସେମାନଙ୍କୁ ୧୦ହଜାର ଏବଂ ପ୍ରତି ବ୍ଲକରେ ଯେଉଁ ସ୍କୁଲ ଅତି ଉତ୍କୃଷ୍ଟ ଫଳାଫଳ ପ୍ରଦର୍ଶନ କରିଥିବେ ତାଙ୍କୁ ୧ଲକ୍ଷ ଟଙ୍କା ପ୍ରୋତ୍ସାହନ ଦିଆଯିବ। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏ ଘୋଷଣା ଯଦି ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ, ତେବେ ତାହାଦ୍ୱାରା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ହେବା ସହିତ ଶିକ୍ଷାର ମାନ ବୃଦ୍ଧି ପାଇବ।

ମହେନ୍ଦ୍ର ନାଥ ରାଉତ, ସହକାରୀ ଶିକ୍ଷକ, ବରିମୁଣ୍ଡେଇ, ନିଆଳି, କଟକ

### ନିଲମ୍ବନ ବଦଳରେ ବହିଷ୍କାର କରାଯାଉ

ପ୍ରତିଦିନ ଟିଭି ବା ଖବରକାଗଜ ଖୋଲିଲେ ଦେଖିବାକୁ ମିଳେ, କେଉଁ ପ୍ରଶାସନିକ ଅଧିକାରୀ ବା ପୋଲିସ ଅଫିସର କିମ୍ବା କେଉଁ ଦପ୍ତରର କର୍ମଚାରୀ ହଜାର ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡି ଜେଲ ଯାଉଛନ୍ତି। ସରକାର ସେମାନଙ୍କୁ ଯେତେ ଅର୍ଥ ଦରମା ଆକାରରେ ପ୍ରଦାନ କରୁଥିଲେ ବି ସେଥିରେ ସେମାନେ ସନ୍ତୁଷ୍ଟ ହେଉ ନାହାନ୍ତି। ଲକ୍ଷ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ପେଟକୁ ଦି ମୁଠା ଖାଇ ବଞ୍ଚି ରହିବାକୁ ସଂଘର୍ଷ କରୁଥିବା ବେଳେ ଏହି ସରକାରୀ ଅଫିସର ଏବଂ କର୍ମଚାରୀମାନେ ସେହି ଗରିବଙ୍କୁ ଲୁଟି ଖାଇବା ଅତ୍ୟନ୍ତ ପରିତାପର ବିଷୟ। ଅନେକ ଧରପଗଡ ପରେ ସରକାର ଏମାନଙ୍କୁ ନିଲମ୍ବନ କରିବା ବା ଅନ୍ୟତ୍ର ବଦଳି କରିବା କେବଳ ଲୋକଦେଖାଣିଆ ଦଣ୍ଡ ପରି ମନେହୁଏ। ଯଦି ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଉଥାନ୍ତା, ତେବେ ଅନ୍ୟ କର୍ମଚାରୀ ଓ ଅଫିସରଙ୍କ ଉପରେ ତା'ର ପ୍ରଭାବ ପଡୁଥାନ୍ତା। ସେମାନେ ଲାଞ୍ଚ ନେବାକୁ ସାହସ କରୁ ନ ଥାନ୍ତେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ୨ ଗିରଫ, ୩ ବାଇକ୍ ଜବତ

ରେଙ୍ଗାଲି,୯।୧୧(ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କତରବଗା ପୋଲିସ ୨ଜଣ ଅନ୍ତଃ ଜିଲା ବାଇକ ଚୋରଙ୍କୁ ଗିରଫ କରି ୩ଟି ବାଇକ ଜବତ କରିଛି । ଏମାନେ ହେଲେ ସୁନ୍ଦରଗଡ ଜିଲା ଟିଙ୍ଗୁଡା ଗ୍ରାମର ଲବ ଦାସ (୨୯) ଏବଂ ଭୁବନ ମାଝି (୩୯)। ଏମାନଙ୍କ ପାଖରୁ ଓଡି ୧୪ ଇ- ୫୮୧୯ ଏଚଏଫ ଡିଲକ୍ସ, ଓଆର୍ ୧୫ ପି- ୫୩୬୭ ପେସନପ୍ରୋ, ଓଡି ୧୫- ୫୮୦୬ ସିଡି ଡିଲକ୍ସ ବାଇକ ଜବତ ହୋଇଛି। ତେବେ ବାଇକ ଚୋରିର ମାଷ୍ଟର ମାଇଣ୍ଡ ଫେରାର ଅଛନ୍ତି। ତଦନ୍ତ ଜାରି ରହିଛି। ଅଧିକ ତଥ୍ୟ ମିଳିବାର ସମ୍ଭାବନା ଅଛି ବୋଲି କତରବଗା ଥାନା ଅଧିକାରୀ ଡୋଳାମଣି ଭୋଇ ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ଯୁବକ ମୃତ

ଧମା, ୯।୧୧ (ଡି.ଏନ.ଏ)

ସମ୍ବଲପୁର ଜିଲା ଛଚାନପାଲି ଛକଠାରେ ଏକ ଅଜଣା ବାଇକ ଧକ୍କାରେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ହେଲେ ଧମା ଥାନା ଅନ୍ତର୍ଗତ ତେନ୍ତୁଲିକୁର୍ଲା ଗ୍ରାମର ଲେଦା ମନ୍ଦୋଦରୀ (୪୫)। ଶୁକ୍ରବାର ଭୋର ୫ଟା ବେଳେ ସାହାସପୁର ଗ୍ରାମରେ ହେଉଥିବା ଗିରିଗୋବର୍ଦ୍ଧନ ପୂଜା ଉତ୍ସବ ଦେଖି ସାରି ସେ ଚାଲି ଚାଲି ଘରକୁ ଫେରୁଥିଲେ। ଛଚାନପାଲି ଛକଠାରେ ଏକ ଅଜଣା ବାଇକ ପଛପଟୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ଉପସ୍ଥିତ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଧମା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ସଦର ହାସ୍ପିଟାଲକୁ ପଠାଇଥିଲା। ସକାଳ ୭ଟାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

### ଲିପିଣ୍ଡାରେ କଂଗ୍ରେସ ବୈଠକ

ସମ୍ବଲପୁର,୯।୧୧(ବ୍ୟୁରୋ)

ଯୁଯୁମୁରା ବ୍ଲକ ଲିପିଣ୍ଡା ଗ୍ରାମରେ ଶୁକ୍ରବାର ପଞ୍ଚାୟତ ସ୍ତରୀୟ କଂଗ୍ରେସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଗେଶ୍ୱର ମାଝି ସଭାପତିତ୍ୱ କରିଥିଲେ। ଆସଫ ଅଲି ଖାନ ଯୋଗ ଦେଇଥିଲେ। ଆଗକୁ ନିର୍ବାଚନ ଆସୁଥିବାରୁ ନିଜ ନିଜ ଭିତରେ ଥିବା ଭେଦଭାବ, ମତ ପାର୍ଥକ୍ୟ ଭୁଲି ଦଳପାଇଁ କାମ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଦୀପକ ପ୍ରଧାନ, ନାରାୟଣ ପ୍ରଧାନ, ଫକିର ପ୍ରଧାନ, ରବୀନ୍ଦ୍ର ସାହୁ, ବୀରେନ୍ଦ୍ର ପ୍ରଧାନ, ଦେବରାଜ ନାଏକ, ଫିରୋଜ ଖାନ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଲୋକମାତା ଗଉନ୍ତିଆଙ୍କ ଦେହାନ୍ତ

ପଡିଆବାହାଲ, ୯।୧୧ (ଡି.ଏନ.ଏ)

ମୁଣ୍ଡେନପାଲି ଗ୍ରାମର ଗଉନ୍ତିଆ ସ୍ୱର୍ଗତ ଗଣେଶ ପ୍ରସାଦ ଶର୍ମାଙ୍କ ପତ୍ନୀ ଲୋକମାତା ଶର୍ମାଙ୍କ ୯୦ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ଗାଁ ଶ୍ମଶାନରେ ଶେଷକୃତ୍ୟ ସମାପ୍ତ ହୋଇଛି। ପୁତ୍ର ନିର୍ମଳଚନ୍ଦ୍ର ଶର୍ମା ମୁଖାଗ୍ନି ଦେଇଥିଲେ।

# ରେଢ଼ାଖୋଲ ଉପଖଣ୍ଡରେ ଡିସେମ୍ବର ୧ରୁ ଧାନ କିଣା

ରେଢ଼ାଖୋଲ,୯।୧୧(ଡି.ଏନ.ଏ.)

ରେଢ଼ାଖୋଲ ଉପଖଣ୍ଡରେ ଆସନ୍ତା ଡିସେମ୍ବର ୧ ତାରିଖଠାରୁ ଖରିଫ ଧାନ ସଂଗ୍ରହ କରାଯିବ। ରେଢ଼ାଖୋଲ ନିୟନ୍ତ୍ରୀତ ବଜାର କମିଟି ଅଧିନରେ ଥିବା ୧୫ଟି ମଣ୍ଡିରେ ସକାଳ ୮ଟାରୁ ୧୨ ମଧ୍ୟରେ ଧାନ କିଣାଯିବ ବୋଲି ଶୁକ୍ରବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଏ ଗ୍ରେଡ ଧାନ ପାଇଁ କୁଇଣ୍ଟାଲ ପିଛା ୧୭୭୦ ଟଙ୍କା ଧାର୍ଯ୍ୟ ହୋଇଛି। ରେଢ଼ାଖୋଲ ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟରେ ଶୁକ୍ରବାର ଉପଖଣ୍ଡସ୍ତରୀୟ କୃଷକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜ ସଭାପତିତ୍ୱ କରିଥିଲେ। ନିୟନ୍ତ୍ରୀତ ବଜାର କମିଟି ସଂପାଦକ ଅଶୋକ କୁମାର ସାହୁ, ସମବାୟ ନିରୀକ୍ଷକ ସୁବାସଚନ୍ଦ୍ର ପଣ୍ଡା, ଉପଖଣ୍ଡ ଯୋଗାଣ ଅଧିକାରୀ ବିଘ୍ନରାଜ ମହାପାତ୍ର, ନାକ୍ଟିଦେଉଳ ବ୍ଲକ ଯୋଗାଣ ନିରୀକ୍ଷକ ତନୁ ରଂଜନ ସିଂ, ରେଢ଼ାଖୋଲ ଯୋଗାଣ ନିରୀକ୍ଷକ ପ୍ରତିଭା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଉପଖଣ୍ଡର ଶତାଧିକ ଚାଷୀ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପ୍ରତ୍ୟେକ ମଣ୍ଡିରେ ଧାନ କିଣା ସମୟରେ ମିଲର ଉପସ୍ଥିତ ରହିବା, ପଞ୍ଚାୟତରେ ଥିବା ଖାଲି ଅଖା ଚାଷୀମାନଙ୍କୁ ବିକ୍ରି କରିବା, ମଣ୍ଡିରେ ମାପ ହେଉଥିବା ବେଳେ ଧାନର ଆଦ୍ରତାକୁ ମିଲ୍‌ର ଗ୍ରହଣ କରିବା ଓ କ୍ଷୁଦ୍ରଚାଷୀମାନଙ୍କଠାରୁ ପ୍ରଥମେ ଧାନ ସଂଗ୍ରହ କରାଯିବା ଆଦି ଚାଷୀମାନେ ଦାବି ଉପସ୍ଥପନା କରିଥିଲେ। ବୈଠକରେ ଉପଖଣ୍ଡର ସମସ୍ତ ସମବାୟ ସମିତିର ସଂପାଦକ ମାନେ ମଧ୍ୟ ଯୋଗ ଦେଇଥିଲେ। ସଂପାଦକ ଅଶୋକ ସାହୁ ଧନ୍ୟବାଦ ଦେଇଥିଲେ।


ରେଢ଼ାଖୋଲ ନିୟନ୍ତ୍ରିତ ବଜାର କମିଟିରେ ଶୁକ୍ରବାର ବସିଥିବା ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ।

### କୁଚିଣ୍ଡା ପଞ୍ଚାୟତ ସମିତି ବୈଠକ

କୁଚିଣ୍ଡା, ୯।୧୧ (ଡି.ଏନ.ଏ)

କୁଚିଣ୍ଡା ପଞ୍ଚାୟତ ସମିତିର ସପ୍ତମ ବୈଠକ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୁଚିଣ୍ଡା ବିଧାୟକ ରବି ନାରାୟଣ ନାୟକ, ଅମୂଲ୍ୟ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର କିସାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ନିଶି ପୁନମ ମିଞ୍ଜ, ସହକାରୀ ଯନ୍ତ୍ରୀ ନୀଳାମ୍ବର କୁମୁରାଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟା, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ ଜିପିଇଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋଲାରେ ଶୌଚ ନ କରି ପାଇଖାନା ବ୍ୟବହାର ପାଇଁ ପରାମର୍ଶ

ଧମା,୯।୧୧ (ଡି.ଏନ.ଏ.)

ମାନେଶ୍ୱର ବ୍ଲକ ଧମା ପଞ୍ଚାୟତ ଅନ୍ତର୍ଗତ ଚାରପାଲି ଗ୍ରାମରେ ଶୁକ୍ରବାର ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଉପରେ ଏକ ଶୋଭାଯାତ୍ରା କରାଯାଇଥିଲା। ଗ୍ରାମବାସୀଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଇବାକୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ, ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଯୋଗଦେଇ ଥିଲେ। ଉପସ୍ଥିତ ଗ୍ରାମବାସୀ, ସ୍କୁଲ ଛାତ୍ରୀଛାତ୍ର, ପ୍ରଶାସନିକ ଅଧିକାରୀଙ୍କୁ ନେଇ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ତେବେ ଉପସ୍ଥିତ ଗ୍ରାମବାସୀଙ୍କୁ ବାହାରେ ଶୌଚ ନ କରି ସରକାରଙ୍କ ଦ୍ୱାରା ଦିଆଯାଉଥିବା ପାଇଖାନା ବ୍ୟବହାର କରିବାକୁ ବିଧାୟକ ଅନୁରୋଧ କରିଥିଲେ ।

ଏହି ଅବସରରେ ସୋନପୁର-ସମ୍ବଲପୁର ମୁଖ୍ୟ ରାସ୍ତାରୁ ଚାରପାଲି ଗ୍ରାମକୁ ଯାଇଥିବା ୨କି.ମି. ବିଶିଷ୍ଟ ମାଟି ରାସ୍ତା ପାଇଁ ଗ୍ରାମବାସୀ ହଇରାଣ ହେଉଥିବା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ଅଧିକାରୀ ସୁକାନ୍ତ ତ୍ରିପାଠୀ, ଅତିରିକ୍ତ ଜିଲା ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର ମହାପାତ୍ର, ଆରଡବ୍ଲୁଏସଏସ ଏସଡିଓ ଆଶୁତୋଷ ଭାଦ୍ରା, ଯନ୍ତ୍ରୀ ପିକୁଳ ଦେହୁରୀ, ମାନେଶ୍ୱର ବିଡିଓ ପଙ୍କଜ ପଧାନ, ବିଜେଡି ଜିଲା ସମ୍ପାଦକ ପ୍ରଶାନ୍ତ ଗୁରୁ, ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡଳି, ଗୋବିନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।


ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ, ବିଧାୟକ ଓ ଅନ୍ୟମାନେ ।

# ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟା ଘଟଣା, ଜେଲ ଗଲେ ସ୍ୱାମୀ

ବାମରା, ୯।୧୧ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ୍ ଗୋବିନ୍ଦପୁର ଥାନା ମହୁଲଛାପଲ ଗ୍ରାମରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଛନ୍ତି। ଏହି ଘଟଣାରେ ଶୁକ୍ରବାର ଗୋବିନ୍ଦପୁର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ରାଜୁ ମାଝି। ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନ ମିଳିବାରୁ ଜେଲ ଯିବାକୁ ପଡିଛି। ବୁଧବାର ରାତିରେ ରାଜୁ ତାଙ୍କ ସ୍ତ୍ରୀ ପ୍ରଭାଶିନୀଙ୍କୁ ପିଟି ପିଟି ହତ୍ୟା କରିଥିଲେ ବୋଲି ଥାନା ଅଧିକାରୀ ବିଶ୍ୱପତି ପଣ୍ଡା ସୂଚନା ଦେଇଛନ୍ତି।


ଅଭିଯୁକ୍ତ ରାଜୁ ମାଝି ।

# ସାହାସପୁରରେ ଗିରିଗୋବର୍ଦ୍ଧନ ପୂଜା

ଧମା,୯।୧୧(ଡି.ଏନ.ଏ)

ମାନେଶ୍ୱର ବ୍ଲକ ଅନ୍ତର୍ଗତ ସାହାସପୁରରେ ୯୦ ତମ ଗିରିଗୋବର୍ଦ୍ଧନ ପୂଜା ମହା ସମାରୋହରେ ପାଳିତ ହୋଇ ଯାଇଛି । ନିର୍ମାଣାଧୀନ ଗିରିଗୋବର୍ଦ୍ଧନ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ପୂଜା ଉତ୍ସବରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଏହି ଅବସରରେ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟ ପାମୀ, ଅମିତ ମିଶ୍ର, ଖୁଦୁରାମ ପତି, ସୁଦାମ ପାଣିଗ୍ରାହୀ, ସଞ୍ଜୀବ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। କର୍ତ୍ତା ଭାବେ ଜିଲା ପରିଷଦ ସଭ୍ୟ ସତ୍ୟନାରାଣ ମେଣ୍ଡଲି ଓ ସ୍ତ୍ରୀ ସସ୍ମିତା ଦେବୀ ଯୋଗଦେଇ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । ରମେଶ ପଧାନ, ନୀଳମଣି ସାହୁ, ପାର୍ଥସାରଥି ସାହୁ, ସଞ୍ଜୟ ପୃଷେଠ ପ୍ରମୁଖ ଅନ୍ନକୋଟ ଉତ୍ସବ ପରିଚାଳନା କରିଥିଲେ । ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଚାର, ସଂପ୍ରଦା, ମହିଳା ଦଣ୍ଡନୃତ୍ୟ, ଅପେରା ଓ ଅର୍କେଷ୍ଟ୍ରା ପରିବେଷିତ ହୋଇଥିଲା। ସଭାପତି ରାମନାରାୟଣ ନାଏକଙ୍କ ତତ୍ତ୍ୱାବଧାନରେ ପୁରନ୍ଦର ପାଣିଗ୍ରାହୀ, ପବିତ୍ର ମେଣ୍ଡଲି, ମନୋରଞ୍ଜନ ନାଏକ, ଲକ୍ଷ୍ମୀନାରାୟଣ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଝାରୀ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ପ୍ରୟାସରେ ପରିବର୍ତ୍ତନ ପ୍ରତିଷ୍ଠାତା ଡା. ଲଲାଟେନ୍ଦୁ ନାଏକ, ପୂର୍ବତନ ଚେୟାରମ୍ୟାନ ସୀମାଞ୍ଚଳ ଖଟେଇ, ବିଜେଡି ଜିଲା ସଭାପତି ପ୍ରମୋଦ ରଥ, ଗୋବିନ୍ଦ ଅଗ୍ରୱାଲ, ନାଉରୀ ନାଏକ, ବିଜୟ ଚୌଧୁରୀ, ମନବୋଧ ଭୋଇ ପ୍ରମୁଖ ସାହାସପୁର ଯାଇ ଗିରିଗୋବର୍ଦ୍ଧନଙ୍କ ଦର୍ଶନ କରିଥିଲେ ।

# ସାଇକେଲ-ବାଇକ ମୁହାଁମୁହିଁ

ନାକଟିଦେଉଳ, ୯।୧୧ (ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ଗ୍ରାମ ନିକଟରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଏକ ବାଇକ ସହ ସାଇକେଲର ମୁହାଁମୁହିଁ ଧକ୍କା ହେଇଛି। ଫଳରେ ଜଣେ ଶିକ୍ଷକଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ ପ୍ରଶାନ୍ତ କୁମାର ସାହୁ (୩୪) ଏବଂ ଅନ୍ୟ ୨ ଜଣ ହେଲେ ଛେଣ୍ଡିପଦା ବ୍ଲକ ଭାଲିଆଛୋର ଗ୍ରାମର ଦୁଃଖିଆ ମୁଣ୍ଡା ଏବଂ ନିରଞ୍ଜନ ମୁଣ୍ଡା । ଶୁକ୍ରବାର ସନ୍ଧ୍ୟାରେ ଦୁଃଖିଆ ଏବଂ ନିରଞ୍ଜନ ଏକ ବାଇକରେ ନାକଟିଦେଉଳ ପଟରୁ ନିଜ ଗ୍ରାମକୁ ଯାଉଥିଲେ। ଏତିକିବେଳେ ସମ୍ମୁଖ ଭାଗରୁ ସାଇକେଲରେ ଆସୁଥିବା ପ୍ରଶାନ୍ତଙ୍କ ସହିତ ଧକ୍କା ହେବାରୁ ୩ ଜଣ ଯାକ ଛିଟିକି ତଳେ ପଡିଯାଇଥିଲେ। ତିନି ଜଣଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ନାକଟିଦେଉଳ ଡାକ୍ତରଖାନା ଭର୍ତ୍ତି କରାଯାଇଥିଲା । ତେବେ ପ୍ରଶାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ପୋଲିସ ଏ ନେଇ ଏକ ଦୁର୍ଘଟଣା ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରିଛି ।

### ଘେନୁପାଲିରେ ବିଜେଡିର ପଦଯାତ୍ରା କର୍ମୀ ସମ୍ମିଳନୀ

# ସରକାରୀ ଯୋଜନା ସମ୍ପର୍କରେ ସଚେତନ କଲେ ବିଧାୟକ

ସମ୍ବଲପୁର,୯।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ଗ୍ରାମରେ ବିଜେଡିର ପଦଯାତ୍ରା ଓ କର୍ମୀ ସମ୍ମଳନୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଜେଡି ବ୍ଲକ ସଭାପତି ବିନୋଦ ବଡପଣ୍ଡାଙ୍କ ଅଧ୍ୟକ୍ଷତା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗ ଦେଇଥିଲେ। ବିଧାୟକ ପୂଜାରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକଭିମୁଖି ଯୋଜନା ଉପରେ ଲୋକମାନଙ୍କୁ ଜଣାଇଥିଲେ। ପଞ୍ଚାୟତରରେ ୪ ବର୍ଷରେ ଅନେକ ଉନ୍ନୟନ ମୂଳକ କାମ ହୋଇଛି । ଆଗାମୀ ସାଧାରଣ ନିର୍ବାଚନ ପାଖକୁ ଆସିଛି। ତେଣୁ ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରି ସରକାରଙ୍କ ସଫଳତା ଓ କେନ୍ଦ୍ର ସରକାରଙ୍କ ବିଫଳତା ନେଇ ଲୋକଙ୍କୁ ସଚେତନ କରାଇବାକୁ ସେ କର୍ମୀଙ୍କୁ କହିଥିଲେ। ଉପସ୍ଥିତ ଥିବା ମହିଳା କର୍ମୀମାନଙ୍କୁ ସେ କହିଥିଲେ ଯେ, ଦଳ ପାଇଁ ମହିଳାମାନଙ୍କର ଅଧିକ ଗୁରୁ ଦାହିତ୍ୱ ରହିଛି । ତେଣୁ ମହିଳାମାନେ ସକ୍ରିୟ ହୋଇ ଦଳ ପାଇଁ କାମ କରନ୍ତୁ । ନିର୍ବାଚନରେ ପୁଣି ବିଜେଡି ଦଳକୁ ବିଜୟୀ କରିବାକୁ ସେ କହିଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ସାହୁ, ଗଣେଶ ତାଣ୍ଡିଆ, ଅନୁ ବେହେରା, ପ୍ରଫୁଲ୍ଲ ବେହେରା, ଶିବ ମହାକୁଡ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।


ଘେନୁପାଲି ପଞ୍ଚାୟତରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରାରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି ।

DSPL-231



## ୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ସହିତ ଆନୁଷଙ୍ଗିକ କୃଷିକୁ ଆମ ରାଜ୍ୟରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। ମଣିଷର ଜୀବନ ଜୀବିକା ସହିତ ଗୋମାତା ଓତପ୍ରୋତ ଭାବେ ଜଡ଼ିତ। ଆମ ରାଜ୍ୟରେ ଗୋ ସମ୍ପଦ କୃଷକମାନଙ୍କର ଆର୍ଥିକ ସମୃଦ୍ଧିର ଏକ ମୁଖ୍ୟ ସ୍ରୋତ। ଗୋ-ମାତା ଆମକୁ ଦୁଗ୍ଧ ପ୍ରଦାନ କରି ସ୍ୱାସ୍ଥ୍ୟ ବର୍ଦ୍ଧନ କରିଥାଏ। ତେଣୁ ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମଖାଦ୍ୟ, ଲାଳନପାଳନରେ ଯତ୍ନ, ଉପଯୁକ୍ତ ପ୍ରଜନନ, ରୋଗ ନିରାକରଣ ପାଇଁ ଯତ୍ନବାନ ହେଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇ ପାରିବ ଏବଂ କୃଷକମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ଘଟିବ।

୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳିତ ହେଉଅଛି। ଉକ୍ତ ଅବସରରେ ଗୋ-ସମ୍ବର୍ଦ୍ଧନା ସମାରୋହ ତଥା କୃଷକ ସଚେତନତା ସମାବେଶ ଅନୁଷ୍ଠିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପଗୁଡ଼ିକରୁ ଚାଷୀମାନେ କିପରି ଉପଯୁକ୍ତ ଲାଭ ପାଇପାରିବେ ସେଥିପାଇଁ ଆମ୍ଭେମାନେ ସଂକଳ୍ପ କରିବା ଉଚିତ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରି, ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

**ପ୍ରଦୀପ ମହାରଥୀ**
**ମାନ୍ୟବର ମନ୍ତ୍ରୀ**
**ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଓଡ଼ିଶା**

06014/13/0021/1819



> ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
> - ମେରି କ୍ୟୁରୀ

## ସଂକ୍ଷେପରେ

### ବିମୁଦ୍ରୀକରଣ ବିରୋଧରେ କଂଗ୍ରେସର ଧାରଣା

**ଦେବଗଡ,୯।୧୧(ସ୍ୱ.ପ୍ର)-** କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତିର ବିଫଳତା ନେଇ ଶୁକ୍ରବାର ରାଜ୍ୟ ବ୍ୟାପି ଓଡ଼ିଶା ପ୍ରଦେଶ କଂଗ୍ରେସର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ସଭାପତି ଉମା ଶଙ୍କର ସାହୁଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସମ୍ପାଦକ ସେମ୍ ହେମରମ୍, ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁ, ବରିଷ୍ଠ କଂଗ୍ରେସ କର୍ମୀ ଧରଣୀଧର ଗଡ଼ନାୟକ, କ୍ଷୀତିଶ ପ୍ରଧାନ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଏସ୍‌ସି ସେଲ ସଭାପତି ମଞ୍ଜୁଳ ନାଏକ, ସୁବାସ ଭୋଇ, ପ୍ରଶାନ୍ତ ସାହୁ, ବିକାଶ ଖଡିରତ୍ନ, ପ୍ରକାଶ ଦେବତାଙ୍କ ସମେତ ଅନ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ।





ବାରକୋଟ କାଳୀପୂଜା କମିଟି ପକ୍ଷରୁ ନିର୍ମାଣ ହୋଇଥିବା ତୋରଣ(ବାମ)। କାଳୀପୂଜା ଅବସରରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ବାରକୋଟରେ କାଳୀ ପୂଜା, ମନମୋହିଲା ଆକର୍ଷଣୀୟ ତୋରଣ

**ଦେବଗଡ,୯।୧୧(ସ୍ୱ.ପ୍ର.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ ବାରକୋଟ କାଳୀପୂଜା କମିଟି ପକ୍ଷରୁ କାଳୀ ପୂଜା ଚାଲିଛି। ଦୀର୍ଘ ୮ ଦିନ ଧରି ପୂଜା ଆୟୋଜନ ହେଉଥିବା ବେଳେ ଚଳିତ ବର୍ଷ କମିଟି ପକ୍ଷରୁ ୨୦ ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ଏପରି କି ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଟିକେଟ ଶୋ ଅପେରା, ଭଜନ ସନ୍ଧ୍ୟା, ନୃତ୍ୟ ପ୍ରତିଯୋଗିତା, ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା, ବାଦଲ ଏଣ୍ଡ ଗ୍ରୁପ୍ ସମ୍ବଲପୁର, ବ୍ରହ୍ମପୁରର ନାଇଟ କିଙ୍ଗ ମେଲୋଡି ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରଖାଯାଇଛି। ୧୬ ତାରିଖ ମା'ଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ଦେଖିବା ପାଇଁ ଜିଲାର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି। ପୂଜା ଆୟୋଜନରେ କମିଟି ସଭାପତି ନିରଞ୍ଜନ ମହାପାତ୍ର, ଉପ ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ, ସମ୍ପାଦକ ସମ୍ବିତ କୁମାର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରୁଛନ୍ତି। ଏହି ଅବସରରେ ଶୁକ୍ରବାର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ ମସିନ୍ତା ଓ ବଂପରଡା ଆଇଆର୍‌ବି ମଧ୍ୟରେ ହୋଇଥିଲା। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ମା ତାରିଣୀ ବଂପରଡା ଦଳ କ୍ୱାଟର ଫାଇନାଲରେ ପଦ୍ମାଳୟା ଏକାଦଶକୁ ୧–୦ ଗୋଲରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟୁନୁ ମେହେର, ସମ୍ମାନିତ ଅତିଥି ଭାବେ ବାରକୋଟ ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା, କମିଟି ସଭାପତି ମହାପାତ୍ର, ଉପ ସଭାପତି ବିଶ୍ୱାଳ, ସମ୍ପାଦକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମହାନଦୀ ବ୍ରିଜ ଉପରୁ ଡେଇଁ ଯୁବତୀ ମୃତ

**ସମ୍ବଲପୁର,୯।୧୧(ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ଦିତ୍ୱୀୟ ମହାନଦୀ ସେତୁ ଉପରୁ ଡେଇଁ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଯୁବତୀ ଜଣକ ଧନୁପାଲି ଥାନା ଗୋବିନ୍ଦତୁଲାର ରାକ୍ଷୀ ନାଏକ। ଶୁକ୍ରବାର ରାତି ୮ଟାରେ ସେ ବ୍ରଜ ପାଖକୁ ଆସ ତଳକୁ ଡେଇଁ ପଡିଥିଲେ। ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କେଉଁ କାରଣରୁ ଏଭଳି ଘଟଣା ଘଟିଲା ପୋଲିସ ସେ ନେଇ ବିଭିନ୍ନ ଦିଗରେ ତଦନ୍ତ କରୁଛି। ରାକ୍ଷୀ ଅବିବାହିତ ଥିଲେ। ଅନେକ ସମୟରେ ମାନସିକ ଚାପ ରହୁଥିଲେ ବୋଲି ପୋଲିସ କହିଛି।

### ଚିତ୍ରଗୁପ୍ତଙ୍କ ପୂଜା ଉତ୍ସବ

**ସମ୍ବଲପୁର,୯।୧୧(ବ୍ୟୁରୋ)**

ଚିତ୍ରଗୁପ୍ତଙ୍କର ପୂଜା ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ପୂର୍ବାହ୍ନ ୯ଟାରେ ବାଲିବନ୍ଧା ମହାନଦୀ ଘାଟରୁ ୧୦୧ ପୂର୍ଣ୍ଣ କଳସ ମୁଣ୍ଡେଇ ମହିଳାମାନେ ସହର ପରିକ୍ରମା କରି ମହାନ୍ତିପଡାସ୍ଥିତ ଚିତ୍ରଗୁପ୍ତ ମନ୍ଦିରଠାରେ ପହଞ୍ଚିଥିଲେ। ସୁଶାନ୍ତ କୁମାର ଦେବତା ପୂଜାର୍ଚ୍ଚନା କରିଥିଲେ। ଚିନ୍ମୟ କୁମାର ପଣ୍ଡା ସହଯୋଗ କରିଥିଲେ। ଇନ୍ଦିରା ବକ୍ସି ଓ ସୁବ୍ରତ ବକ୍ସି, ସୁନୀତି ପଟ୍ଟନାୟକ ଓ ନିଆଳିମାଧବ ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବିଶ୍ୱମ୍ଭର ବହିଦାର, ପ୍ରଦୀପ ବହିଦାର ଓ ଶୋଭନ ପଟ୍ଟନାୟକ, ଫଣୀନ୍ଦ୍ର ପଟ୍ଟନାୟକ, ସ୍ୱରୂପ ପଟ୍ଟନାୟକ ଓ ଶିଶିର ରଞ୍ଜନ ବହିଦାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶନିବାର ମହାନ୍ତିପଡା ଦଧିବାମନ କଲ୍ୟାଣ ମଣ୍ଡପଠାରେ ଚିତ୍ରାଗୁପ୍ତ କଲ୍ୟାଣ ସଂଘର ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ରବିବାର ଅପରାହ୍ନରେ କଳସ ବିସର୍ଜନ କରାଯିବ।

■ ବିଭିନ୍ନ ସମସ୍ୟାର ସମାଧାନ ଦାବି

# ଭାଜପାର ରିଆମାଳ ବ୍ଲକ ଘେରାଉ

**ରିଆମାଳ, ୯।୧୧ (ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଭାଜପା ପକ୍ଷରୁ ବ୍ଲକର ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଶୁକ୍ରବାର ବ୍ଲକ ଘେରାଉ ଆନ୍ଦୋଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭାଜପା କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଟପ୍ପୋଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବଙ୍କ ଆହ୍ୱାନ କ୍ରମେ ଜିଲା ସଭାପତି ଅରୁଣ ସାହୁଙ୍କ ନେତୃତ୍ୱରେ ରିଆମାଳ ଗ୍ରାମରୁ ଏକ ଶୋଭାଯାତ୍ରାରେ ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ରିଆମାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁରେଶ ପୂଜାରୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିରୋଧରେ ବିଶୋଦ୍‌ଗାର କରିବା ସହିତ ରିଆମାଳ ବ୍ଲକକୁ ମରୁଡ଼ି ଘୋଷଣା କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ। ଆନ୍ଦୋଳନରେ ଜିଲା ସଭାପତି ଅରୁଣ ସାହୁ, ଜିଲା ସଧାରଣ ସମ୍ପାଦକ ନିରଞ୍ଜନ ବେହେରା, ରାଜ୍ୟ ଯୁବ ସମ୍ପାଦକ ଆଲୋକ ମିଶ୍ର, ଜିଲା ପଛୁଆ ବର୍ଗ ସଭାପତି ମୀନ କେତନ ପ୍ରଧାନ, ଜିଲା ମହିଳା ସଭାପତି ବିଲାସିନୀ ଥପା, ରିଆମାଳ ଜୋନ ୧ ସଭାପତି ଶରତ ସାହୁ, ଯୋନ ୨ ସଭାପତି କିଶୋର ରାଉଳ, ସୁବାଷ ପାଣିଗ୍ରାହୀ, ରିଆମାଳ ବ୍ଲକ ଯୁବ ସଭାପତି ଭୀମଶେନ ବିଶ୍ୱାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସଚିକାନ୍ତ ଦାଶ ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।



ରିଆମାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ନୂତନ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ଦେବଗଡ଼,୯।୧୧(ସ୍ୱ.ପ୍ର.)**

ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ରେ ନୂତନ ବର୍ଷର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଡ. ରବି ନାରାୟଣ ବଘାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଶିକ୍ଷକ ଶରତ ଚନ୍ଦ୍ର ସେଠ୍ ଯୋଗଦେଇ ଅନୁଷ୍ଠାନ ଏକ ପରିବାର ଏବଂ ଛାତ୍ରୀଛାତ୍ର ଭବିଷ୍ୟତର ଶିକ୍ଷକ। ଛାତ୍ରୀଛାତ୍ରମାନେ ନିଜକୁ ଉତ୍ତମ ଶିକ୍ଷକ ଭାବେ ଗଢିତୋଳିବା ପାଇଁ ପ୍ରଚେଷ୍ଟା କରିବାକୁ ପ୍ରେରଣା ଦେଇଥିଲେ। ପ୍ରଶିକ୍ଷକ ସିପ୍ରା ପ୍ରଧାନ, ଶିବ ପ୍ରସାଦ ପଣ୍ଡା, ସୁଶିଲା ମୁଣ୍ଡ, ମନ୍ଦାକିନୀ ଟୁଡୁ, ମମିତା ସାହୁ, ରିମାରାନୀ ଭୋଇ, ଲିଲି ସିଂ, ଭବାନୀ ଶଙ୍କର ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ରାଜନ ପଟେଲ, ପଙ୍କଜ ବେହେରା, କ୍ଷୀରୋଦ ସିଂ, କାହ୍ନୁଚରଣ ବେହେରା, ସଙ୍ଗୀତ ପିଙ୍ଗ୍, ଇତିଶ୍ରୀ ପ୍ରଧାନ, ଅମର ପ୍ରଧାନ, କୈଳାସ ବିଶ୍ୱାଳ, ପ୍ରଦୀପ ବେହେରା, ସୁମନ ସାହୁ, ଗଣେଶ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନିତା ସାହୁ, ରବୀନ୍ଦ୍ର ଠାକୁର, ପ୍ରଜ୍ଞା ଜେନା, ଚିତ୍ରା ଦେହୁରି, ହିମାଦ୍ରୀ ପ୍ରଧାନ, ଅଜୟ ଖଡିଆ, ଗୀତାଞ୍ଜଳୀ ମହାରଣା, ଝରଣା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ ସକାଳ ୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ ଦ୍ୱାରା ଓଜନ ବଢାନ୍ତୁ
ସବୁଦିନ କ୍ଲିନିକ୍ ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର୍, ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ, ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା
ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି
ରୋଗରେ ଔଷଧ ନ ଲାଗିବ
କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୂଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ।
(ସ୍ପେଶାଲିଷ୍ଟ- ବଶୀକରଣ, ମୂଠ୍‌କରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନ୍‌ସୁରାନ୍ସ ଫ୍ରୀ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027


ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - ସନ୍ଥ କବୀର ଦାସ



## ସଂକ୍ଷେପରେ

### ଗାଁ ସାଥୀ ବ୍ଲକ ସଂଘର ବୈଠକ

ନାକଟିଦେଉଳ, ୯।୧୧ (ଡି.ଏନ.ଏ): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗାଁ ସାଥୀ (ମେଟ) ସଂଘର ଏକ ଜରୁରୀ ବୈଠକ ଶୁକ୍ରବାର ସ୍ଥାନୀୟ ହାଟପଦାଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଚିଠି ନଂ. ୪୩୨୪ (୩୦।୧।୨୦୧୮)ରେ ଗାଁ ସାଥୀମାନେ ଶିକ୍ଷାଗତ ଯୋଗ୍ୟତା ଓ ବୟସ ସୀମା ୧୮ରୁ ୩୫ ବର୍ଷ ଆଧାରରେ ବ୍ଲକ ପ୍ରଶାସନ ଜରିଆରେ ଗାଁ ସାଥି ରୂପେ ଚୟନ ହୋଇଥିଲେ । ଏଥିପାଇଁ ଡାଟାବେସ ରିପୋର୍ଟ ପ୍ରଦାନ ସମ୍ବନ୍ଧରେ ଚିଠି ନଂ. ୧୫୫୬୧ (୨୦।୮।୨୦୧)ରେ ସର୍ତ୍ତକ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହା ସରକାରଙ୍କ ନିକଟରେ ପହଞ୍ଚି ପାରିନଥିବା ବୈଠକରେ ତୀବ୍ର ଉଦବେଗ ପ୍ରକାଶ କରାଯାଇଥିଲା । ଅପରପକ୍ଷରେ ସରକାରଙ୍କ ପକ୍ଷରୁ ଗାଁ ସାଥୀମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସରକାରଙ୍କ ୯ଟି ବିଭାଗରେ ୧୫୫ଟି ମନରେଗା କାର୍ଯ୍ୟରେ ଗାଁ ସାଥିମାନଙ୍କୁ ସାମିଲ କରାଯିବା ଆଦି ଦାବି ଉପରେ ଆଲୋଚନା ହୋଇଥିଲା । ଏଥି ସହିତ ଆସନ୍ତା ୧୨ ତାରିଖରେ ସମ୍ବଲପୁର ଡିଆରଡିଏ ଅଫିସ ସମ୍ମୁଖରେ ଜିଲାସ୍ତରରେ ବିଭିନ୍ନ ଦାବି ନେଇ ଗାଁ ସାଥୀମାନଙ୍କ ପକ୍ଷରୁ ହେବାକୁଥିବା ଗଣଧାରଣାରେ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଥିଲା । ଆୟୋଜିତ ଏହି ବୈଠକରେ ସମ୍ପାଦକ ଦୁର୍ଲଭ ସାହୁ, କୋଷାଧ୍ୟକ୍ଷ ଅଶ୍ୱିନୀ ଦେହୁରୀ, ସସ୍ମିତା ପ୍ରଧାନ, ରଶ୍ମିତା ସାହୁ, ରେଣୁ ସାହୁ, ତରଙ୍ଗିନୀ ସାହୁ, ରେବତୀ ମାଝୀ, ବସନ୍ତ ଶଗଡ, ସୁଜିତ ପ୍ରଧାନ, ବିନୋଦ ଗଡନାୟକଙ୍କ ସମେତ ଦୁଇ ଶତାଧିକ ଗାଁ ସାଥି ଯୋଗ ଦେଇଥିଲେ ।

### ରେଙ୍ଗାଲି ବ୍ଲକ୍ ଏମ୍‌ପି ପ୍ରତିନିଧି ହେଲେ ଏମ୍‌ବି ପ୍ୟାରିରାଜ

ରେଙ୍ଗାଲି,୯।୧୧(ଡି.ଏନ.ଏ) ରେଙ୍ଗାଲି ବ୍ଲକର ବରିଷ୍ଠ ବିଜେଡି ନେତା ଏମବି ପ୍ୟାରିରାଜଙ୍କୁ ସମ୍ବଲପୁର ଏମପି ନଗେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ଭାବରେ ଘୋଷଣା କରାଯାଇଛି। ଏମପି ତାଙ୍କ ଚିଠି ନଂ. ୨୬ (୮) ଏ/ଏମପିଏସ ମାଧ୍ୟମରେ ପ୍ୟାରିରାଜଙ୍କୁ ପ୍ରତିନିଧି ଭାବରେ ମନୋନୀତ କରି ରେଙ୍ଗାଲି ବିଡିଓଙ୍କୁ ଚିଠି ଲେଖି ଜଣାଇଛନ୍ତି ।

# ଆଇନ ସମ୍ପର୍କରେ ସମସ୍ତେ ସଚେତନ ହେବା ଆବଶ୍ୟକ







ରେଢ଼ାଖୋଲ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଆଇନ ସେବା ଦିବସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ବିଚାରପତିମାନେ (ବାମ) । ବୁର୍ଲା ଗର୍ଲ୍ସ ହାଇସ୍କୁଲରେ ଜାତୀୟ ଆଇନସେବା ଶୋଭାଯାତ୍ରା ।

**ରେଢ଼ାଖୋଲ,୯।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ଆଇନସେବା ପ୍ରାଧୀକରଣ ସମିତି ପକ୍ଷରୁ ଶୁକ୍ରବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ସମାଜର ସବୁବର୍ଗର ଲୋକେ ବିଭିନ୍ନ କ୍ଷେତ୍ରରେ ସଚେତନ ହେବା ସହ ଆଇନ ସେବା ଦିଗରେ ମଧ୍ୟ ସଚେତନ ହେବା ଆବଶ୍ୟକତା ରହିଛି। ଏହି ବାର୍ତ୍ତା ନେଇ ଆଇନସେବା ପ୍ରାଧୀକରଣ ସମିତି ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗୌରଚନ୍ଦ୍ର ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ଏହି ସଚେତନତା ଶୋଭାଯାତ୍ରାକୁ ଆଇନସେବା ପ୍ରାଧୀକରଣ ସମିତିର ଅଧ୍ୟକ୍ଷ ତଥା ସବ୍‌ଜଜ୍ ବାସୁଦେବ ଆଚାର୍ଯ୍ୟ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏସ୍‌ଡିଜେଏମ୍ ଅପୂର୍ବା ଚୌଧୁରୀ, ବରିଷ୍ଠ ଆଇନଜୀବୀ ସଜଳ କାନ୍ତ ପାଲ ଉପସ୍ଥିତ ଥିଲେ। ଶୋଭାଯାତ୍ରା ହାଇସ୍କୁଲ ସମ୍ମୁଖରୁ ବାହାରି ଭୀମଭୋଇ ଛକ ଦେଇ ସହର ପରିକ୍ରମା କରିଥିଲା। ଏସଡିପିଓ ହାଡିବନ୍ଧୁ ସ୍ୱାଇଁ ,ପୋଲିସ ଏସ.ଆଇ ରାଜକୁମାର ବିଶ୍ୱାଳ, ଏଏସ୍ଆଇ ରବିନାରାୟଣ ପ୍ରଧାନ, ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

**ସମ୍ବଲପୁର, ୯।୧୧ (ବ୍ୟୁରୋ)**– ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ବୁର୍ଲା ସରକାରୀ ଗର୍ଲ୍ସ ହାଇସ୍କୁଲଠାରେ ଜାତୀୟ ଆଇନସେବା ଦିବସ ପାଳିତ ହୋଇଯାଇଛି । ସମାନତା ଭିତ୍ତିରେ ନ୍ୟାୟିକ ସେବା ପାଇବା ପ୍ରତ୍ୟେକ ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଏହି ବାର୍ତ୍ତା ନେଇ ସମ୍ବଲପୁର ଆଇନସେବା ପ୍ରାଧିକରଣ ସ୍କୁଲ ଲିଗାଲ୍ ଲିଟେରେସି କ୍ଲବର ସଭ୍ୟମାନଙ୍କୁ ନେଇ ସଚେତନତା ଶୋଭାଯାତ୍ରା ହୋଇଥିଲା । ଏଥିରେ ସ୍କୁଲ ଛାତ୍ରୀମାନେ ସାମିଲ ହୋଇଥିଲେ । ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାଶ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସନ୍ତୋଷ କୁମାର ଜେନା, ଜିଲା ଆଇନସେବା ପ୍ରାଧିକରଣ ସଚୀବ ଲିଲି ସେନାପତି ଉପସ୍ଥିତ ଥିଲେ । ବୁର୍ଲା ପେଟ୍ରୋଲ ପମ୍ପ ଛକରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ଆଇନଜୀବୀ ପ୍ରଶନ୍ନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଭିମସାରରେ କର୍କଟ ରୋଗ ସଚେତନତା ଦିବସ

**ସମ୍ବଲପୁର, ୯।୧୧ (ବ୍ୟୁରୋ)**



ବୁର୍ଲା ଭିମସାରରେ ଆୟୋଜିତ ଜାତୀୟ କର୍କଟ ରୋଗ ସଚେତନତା ଦିବସରେ ବକ୍ତା, ଅତିଥି ଓ କର୍ମକର୍ତ୍ତା ।

ବୁର୍ଲା ଭିମସାର କମ୍ୟୁନିଟି ମେଡିସିନ ବିଭାଗ ପକ୍ଷରୁ ଜାତୀୟ କର୍କଟ ରୋଗ ସଚେତନତା ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ସାଧୁଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ବ୍ରଜମୋହନ ମିଶ୍ର ମୁଖ୍ୟଅତିଥି, କର୍କଟ ବିଭାଗ ମୁଖ୍ୟ ଡା. କବିତା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ତନ କର୍କଟ, ମୁଖ ଗହ୍ୱର, ଜରାୟୁ କର୍କଟ ରୋଗର ବିଭିନ୍ନ କାରଣ ଏବଂ ନିରାକରଣ ବିଷୟରେ ଅତିଥି ଓ ବକ୍ତା ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡା. ସୁବ୍ରତ ପ୍ରଧାନ, ଡା, କୁଲୱନ୍ତ ଲାକ୍ରା, ଡା. ଅଲିଭା ପାତ୍ର, ଡା. ସ୍ମିତା ପଣ୍ଡା, ଡା. ଦେବାଶିଷ ପଣ୍ଡାଙ୍କ ସମେତ ପିଜି ଓ ହାଉସ୍ ସର୍ଜନ ଛାତ୍ରୀଛାତ୍ରମାନେ ସାମିଲ ଥିଲେ । ସେମିନାର ସମ୍ପାଦକ ଡା. ସଞ୍ଜୀବ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ରେଲଲାଇନ ବିଦ୍ୟୁତକରଣ କାମ ବେଳେ ଅଘଟଣ

# ବିଦ୍ୟୁତ୍ ଆଘାତରେ ଶ୍ରମିକ ଗୁରୁତର

**ସମ୍ବଲପୁର, ୯।୧୧ (ବ୍ୟୁରୋ)**



ସମ୍ବଲପୁର ମାନେଶ୍ୱର ନିକଟରେ ଆହତ ଶ୍ରମିକ ।

ସମ୍ବଲପୁର-ତାଳଚେର ରେଲଲାଇନ ବିଦ୍ୟୁତକରଣ କାମରେ ଅସୁରକ୍ଷିତ ଭାବେ କାମ ହେଉଥିବାରୁ ଶୁକ୍ରବାର ଏକ ଅଘଟଣ ଘଟିଛି। ବିଦ୍ୟୁ ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ଗୁରୁତର ହୋଇଥିବା ବେଳେ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଶ୍ରମିକ ଦ୍ୱୟ ହେଲେ ଔରଙ୍ଗାବାଦର ଜେନୁଲ ଅନସାରି ଓ ସୁନିଲ ସିଂ। ସୂଚନାଯୋଗ୍ୟ ଯେ ଶୁକ୍ରବାର ସକାଳ ପ୍ରାୟ ୮ ଟାରେ ଏକ ଟ୍ରକ ଯୋଗେ ମାନେଶ୍ୱର ଷ୍ଟେଶନରେ ପ୍ରାୟ ୧୫ ଜଣ ଶ୍ରମିକ ପହଞ୍ଚି ଥିଲେ । ସେଥି ମଧ୍ୟରୁ ୨ ଜଣ ଶ୍ରମିକ ନିଶୁଣୀ ନେଇ କାମ କରିବାକୁ ଯାଇଥିଲେ । ନିକଟରେ ଥିବା ବିଦ୍ୟୁତ ଖମ୍ବରେ ନିଶୁଣୀକୁ ଥୋଇବା ସମୟରେ କରେଣ୍ଟ ମାରିଥିଲା । ଫଳରେ ସେମାନେ ଛିଟିକି ପଡିଥିଲେ । ଏଥିରେ ଜଣେ ଶ୍ରମିକଙ୍କ ଗୋଡ ହାତ ପୋଡି ଯାଇଥିଲା । ଅନ୍ୟ ଶ୍ରମିକମାନେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଏମାନଙ୍କୁ ଡାକ୍ତରଖାନାକୁ ନେଇଥିଲେ ।

# ସଫେଇ ନ ହେବାରୁ ରାସ୍ତାରୋକୋ

**ସମ୍ବଲପୁର,୯।୧୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନ ବୈଦ୍ୟନାଥ ଛକରେ ଶୁକ୍ରବାର ସକାଳେ ରାସ୍ତାରୋକୋ ହୋଇଥିଲା । ମନହରି ଗଳିରେ ରହୁଥିବା ଲୋକମାନେ ଆସି ରାସ୍ତାରୋକୋ କରି ଗଳିରେ ପଡିଥିବା ଆବର୍ଜନାକୁ ସଫା ଦାବି କରିଥିଲେ । ମହାନଗର ନିଗମ ସଫେଇ କର୍ମଚାରୀ ନିୟମିତ ଭାବେ ଆସୁ ନାହାନ୍ତି । ବାରମ୍ବାର ଅଭିଯୋଗ କଲାପରେ ଶୁଣୁ ନାହାନ୍ତି । ତେଣୁ ଡ୍ରେନରେ ମଇଳା ପଡି ପୋତି ହୋଇଯାଇଛି । ଦୁର୍ଗନ୍ଧରେ ନାକ ଫାଟି ଯାଉଛି । ଘରେ ରହିବା କଷ୍ଟକର ହୋଇ ପଡିଛି ବୋଲି ସେମାନେ ଅଭିଯୋଗ କରିଥିଲେ । ପ୍ରାୟ ଏକ ଘଣ୍ଟା ରାସ୍ତାରୋକୋ ପରେ ମହାନଗର ନିଗମ କର୍ମଚାରୀ ଆସି ଆଲୋଚନା କରିଥିଲେ । ଶେଷରେ ରାସ୍ତାରୋକୋ ହଟିଥିଲା । ଲୋକଙ୍କ ଦାବି ପରେ ଗାଡି ଆସି ମଇଳା ଉଠାଇଥିଲେ ।



ସମ୍ବଲପୁର ବୈଦନାଥ ଛକରେ ରାସ୍ତାରୋକୋ କରାଯାଇଛି ।

# ଅମୃତ ବିହାରରେ ଜାତୀୟ ସମ୍ମାନ ଉଦ୍‌ଘାଟିତ





ସମ୍ବଲପୁର ଜିଏମୟୁ ଅମୃତ ବିହାରଠାରେ ଜାତୀୟ ସମ୍ମାନରେ ଅତିଥିମାନେ ସ୍ମରଣୀକା ଉନ୍ମୋଚନ କରୁଛନ୍ତି (ଉପର)। ଉପସ୍ଥିତ ଛାତ୍ରୀଛାତ୍ର ଓ ପ୍ରତିନିଧିମାନେ ।

**ସମ୍ବଲପୁର,୯।୧୧(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଅମୃତ ବିହାରଠାରେ ଜାତୀୟ ସମ୍ମାନ ଉଦ୍‌ଘାଟିତ ହୋଇଯାଇଛି । ଜିଏମୟୁ କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା । ହାଭାର୍ଡ ବିଶ୍ୱବିଦ୍ୟାଳୟ ଭିଜିଟିଂ ପ୍ରଫେସର ଡ. ଅନୁପ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବର୍ତ୍ତନ ଭାରତରେ ପ୍ରସଙ୍ଗ ଓ ଆହ୍ୱାନ ଶୀର୍ଷକ ବକ୍ତୃତା ପ୍ରଦାନ କରିଥିଲେ । ଜିଏମୟୁ ପୂର୍ବତନ କୁଳପତି ପ୍ରଫେସର ସୁଧାଂଶୁ ଶେଖର ରଥ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅର୍ଥନୀତି ବିଭାଗ ମୁଖ୍ୟ ଡ. ପ୍ରଭାତି ପଣ୍ଡା ଅତିଥି ସ୍ୱାଗତ କରିଥିଲେ । ସେହିପରି ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଶିକତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । କୁଳସଚିବ ଗିରିଶଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଉପକୁଳସଚିବ ଉମାଚରଣ ପତି ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରିଥିଲେ । ଏହାପରେ ବୈଷୟିକ ପର୍ଯ୍ୟାୟ ସମ୍ମାନ ହୋଇଥିଲା । ଏଥିରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରଫେସର ଅମରନାଥ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏଥିରେ ପ୍ରଫେସର ଜୀବନ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏହାପରେ ହରିଦ୍ୱାରା ଶାନ୍ତିକୁଞ୍ଜର ପ୍ରଫେସର ପ୍ରମୋଦ ଭଞ୍ଜନାଗର, ଖରିଆଡ ସ୍ୱୟଂ ଶାସିତ କଲେଜର ଡ. ହରେନ୍ଦ୍ର ପଣ୍ଡା ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଜାତୀୟ ସମ୍ମାନରେ ୩୦ଟି ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା । ଡ. ଟିଏନ ପତି, ଶରତ ମାଝୀ, ଡ. ମୁରଲୀ ମାଝୀ, ଡ. ଇନ୍ଦିରା ଗଡନାୟକ, ହିତବାସ ଭୋଇ, ଏସ ବାନୁ ଓ ଶ୍ରୀନିବା ଦାଶ ସମେତ ବିଶ୍ୱବିଦ୍ୟାଳୟ କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଘଣ୍ଟେଶ୍ୱରୀ ପୀଠରେ ଗୀତାଯଜ୍ଞ

**ବୁର୍ଲା,୯।୧୧(ଡି.ଏନ.ଏ)**

ଶାନ୍ତି, ମୈତ୍ରୀ, ସଦଭାବନା ବଜାୟ ରଖିବା ଉଦ୍ଦେଶ୍ୟରେ ସମ୍ବଲପୁର ଚିପିଲିମା (ବଗବିରା)ସ୍ଥିତ ଘଣ୍ଟେଶ୍ୱରୀ ମାଁଙ୍କ ପୀଠରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଘଣ୍ଟେଶ୍ୱରୀ ମାଁଙ୍କଠାରେ ନିୟୋଜିତ ସମସ୍ତ ପୂଜକ ଏବଂ ବ୍ୟବସାୟୀମାନଙ୍କ ପକ୍ଷରୁ ଗୀତାଯଜ୍ଞର ଆୟୋଜନ ହୋଇଥିବା ବେଳେ ଟ୍ରଷ୍ଟି ସଞ୍ଜୟ କୁମାର ପୂଜାରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଟ୍ରଷ୍ଟ ସଦସ୍ୟ ସହଯୋଗ କରିଥିଲେ। ଆୟୋଜିତ ଗୀତାଯଜ୍ଞ ପାଇଁ ମାଁଙ୍କ ନୀତିପୂଜା ପରେ ଗୀତାଯଜ୍ଞ ବିଧି ମୁତାବକ ପୂଜାର୍ଚ୍ଚନା ହୋଇଥିଲା। ଗୀତାପାଠ, ବିଷ୍ଣୁ ସହସ୍ରନାମ, ଗୀତା ହବନ, ପୂର୍ଣ୍ଣାହୁତି, ଆରତି, ପୁଷ୍ପାଞ୍ଜଳି ଆଦି ହୋଇଥିଲା । ଯଜ୍ଞ କର୍ତ୍ତା ଭାବରେ ରମାକାନ୍ତ ମାଝୀ ସପତ୍ନୀକ ଦାୟିତ୍ୱ ସମ୍ପାଦନ କରିଥିଲେ । ବରଗଡ ନାଗେନପାଲି ମଠରୁ ନିମନ୍ତ୍ରିତ ପରମାନନ୍ଦ ମହାରାଜ ଗୀତାପାଠ କରିଥିବା ବେଳେ ସୁଶାନ୍ତ କୁମାର ଦେବତା ପୂଜାକାର୍ଯ୍ୟ ସମ୍ପାଦକ କରିଥିଲେ । ରାସବିହାରୀ ପଣ୍ଡା ସହଯୋଗ କରିଥିଲେ । ପୂଜାକାର୍ଯ୍ୟରେ ଟ୍ରଷ୍ଟି ସଞ୍ଜୟ ପୂଜାରୀ, ପୂର୍ବତନ ଟ୍ରଷ୍ଟି ଘନଶ୍ୟାମ କର, ସିଦ୍ଧାର୍ଥ ମିଶ୍ର, କେଶବ ଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ । ଗୀତାଯଜ୍ଞ ପାଇଁ ମାଁଙ୍କ ପୀଠାଞ୍ଚଳ ଦିନ ତମାମ ଚଳଚଞ୍ଚଳ ହୋଇଉଠିଥିଲା ।

# ବିମୁଦ୍ରୀକରଣ ବିରୋଧରେ କଂଗ୍ରେସର ବିକ୍ଷୋଭ



ବିମୁଦ୍ରୀକରଣ ବିରୁଦ୍ଧରେ ଶୁକ୍ରବାର ଜିଲା କଂଗ୍ରେସ ନେତା ଓ କର୍ମୀଙ୍କ ରାଲି ସହର ପରିକ୍ରମା କରୁଛି ।

**ସମ୍ବଲପୁର, ୯।୧୧ (ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ବିରୋଧରେ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ନେତା ଓ କର୍ମୀମାନେ ରାଲିରେ ବାହାରି ସହର ପରିକ୍ରମା କରି ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାଠାରେ ପହଞ୍ଚି ଥିଲେ । ବିମୁଦ୍ରୀକରଣକୁ ୨ବର୍ଷ ହୋଇଛି । କିନ୍ତୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ବିମୁଦ୍ରୀକରଣ ପ୍ରକୃତରେ କଳା ଦିବସ ବୋଲି ବିକ୍ଷୋଭ ସଭାରେ ଅଧ୍ୟକ୍ଷତା କରି ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ଉପସଭାପତି ନିରଞ୍ଜନ ତ୍ରିପାଠୀ, ପିସିସି ସମ୍ପାଦିକା ସୁରେଖା ସାହୁ ଓ ସମ୍ପାଦକ ମନୋଜ ମହାପାତ୍ର, ମନୋରଞ୍ଜନ ଦାଶ, ଶୋଭାରାମ ପ୍ରଧାନ, ଜିଲା ମହିଳା ସଭାନେତ୍ରୀ ସୁତାପ୍ତା ମିତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ରେଙ୍ଗାଲିର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଆଦିତ୍ୟ ନାଥ, ଆଶୁତୋଷ ସ୍ୱାଇଁ, ତ୍ରିଲୋଚନ ପୁରୋହିତ, ଲାଲମୋହନ ସାଠିଆ, ଜୟରାମ ବଣିଆଁ ପ୍ରମୁଖ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରା ଦେଇଥିଲେ ।

# ଦୁର୍ଘଟଣାରୁ ରାସ୍ତାରୋକୋ

**ସମ୍ବଲପୁର/ବୁର୍ଲା,୯।୧୧(ବ୍ୟୁରୋ/ଡି.ଏନ.ଏ.)**



ସମ୍ବଲପୁର ମହାନଗର ଚାଆଁରପୁର ଗ୍ରମବାସୀ ରାସ୍ତାରୋକୋ କରିଛନ୍ତି।

ବୁର୍ଲା ଥାନା ଅଧୀନ ମହାନଦୀ ଦ୍ୱିତୀୟ ସେତୁ ଅପରପାର୍ଶ୍ୱ ଚାଆଁରପୁର ନିକଟରେ ଗୋଟିଏ ମାଟି ବୋଝେଇ ଟ୍ରାକ୍ଟର ଧକ୍କା ଦେବାରୁ ୩ ଜଣ ଯୁବକ ଆହତ ହୋଇଛନ୍ତି। ଆହତମାନେ ହେଲେ ଝରାପାଲି ଗ୍ରାମର ଗଣେଶ ଭୋଇ (୨୮), ଲବ ପରିଛିଆ (୨୦), ଆକାଶ ଖଲସା (୧୮) । ଗଣେଶଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେ ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେହିପରି ଅନ୍ୟ ଦୁଇଜଣ ଆହତ ବୁର୍ଲା ଡାକ୍ତରଖାନରେ ଚିକିତ୍ସିତ କରାଯାଉଛି । ବୁର୍ଲା ପୋଲିସ ଟ୍ରାକ୍ଟର ଓ ବାଇକକୁ ଜବତ କରି ଏକ ମାମଲା ରୁଜୁ ହୋଇଛି । ଅନ୍ୟପଟେ ଦୁର୍ଘଟଣା ଖବର ପ୍ରକାଶ ହେବା ପରେ ଗ୍ରାମବାସୀ ଚାଆଁରପୁର ରାସ୍ତା ଅବରୋଧ କରିଥିଲେ । କ୍ଷତିପୂରଣ ଦାବି କରିଥିଲେ । ପ୍ରାୟ ସବୁଦିନ ଏହି ଅଞ୍ଚଳରୁ ବେଆଇନ ଭାବେ ମାଟି ଖନନ କରାଯା ରାତି ଅଧିଆ ମାଫିଆମାନେ ମାଟି ଚୋରି କରି ନେଉଛନ୍ତି । ପୋଲିସ ଓ ରାଜସ୍ୱ ବିଭାଗ ନିରବ ସାଜିଛନ୍ତି । ଅଭିଯୋଗ କଲେ ସେମାନେ ଓଲଟା ଗ୍ରମବାସୀଙ୍କୁ ଧମକ ଦେଇ ଅନୁମତି ନେଇ କାମ କରୁଥିବା କହୁଛନ୍ତି ବୋଲି ଲୋକେ ଅଭିଯୋଗ କରିଥିଲେ । ତେବେ ଗାଡି ମାଲିକ ସୁନାପାଲିର ତନବିର ଅହମ୍ମଦ ଚିକିତ୍ସା ଖର୍ଚ୍ଚ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା । ସୂଚନା ଯୋଗ୍ୟ ଯେ ସାହସପୁରଠାରୁ ଗୋବର୍ଦ୍ଧନ ପୂଜା ଦେଖି ଶୁକ୍ରବାର ପାହାନ୍ତିଆରେ ଏକ ନମ୍ବର ବିହିନ ବାଇକରେ ୩ ଗଣେଶ, ଆକାଶ ଓ ଲବ ଝରାପାଲି ଘରକୁ ଫେରୁଥିଲେ। ଏହି ସମୟରେ ଟାକ୍ଟର (ଓଆର ୧୫ ଜେ ୮୮୯୧)ଟି ମାଟି ବୋଝେଇ କରି ସମ୍ବଲପୁର ପଟକୁ ଆସୁଥିଲା। ହେଲେ ବ୍ରିଜ ନିକଟରେ ମୁହାଁ ମୁହିଁ ଧକ୍କା ହୋଇଥିଲା।

### ଜାତୀୟ ସବ୍‌ଜୁନିୟର ବାସ୍କେଟ ବଲ

# ରାଜ୍ୟ ଦଳରେ ବିକାଶ ସ୍କୁଲର ଦୁଇ ଖେଳାଳି



ଅନୁପମ ପ୍ରଧାନ



ତନ୍ୱେଷା ସାହୁ

**ସମ୍ବଲପୁର, ୯।୧୧ (ବ୍ୟୁରୋ)**

ଓଡିଶା ସବ୍‌ଜୁନିୟର ବାସ୍କେଟ ବଲ ଦଳରେ ସମ୍ବଲପୁର ଶାସନସ୍ଥିତ ବିକାଶ ଦ୍ କନସେପ୍ଟ ସ୍କୁଲର ୨ଜଣ ଖେଳାଳି ସାମିଲ ହୋଇଛନ୍ତି । ସ୍କୁଲର ଛାତ୍ରୀ ତନ୍ୱେଷା ସାହୁ ଓ ଛାତ୍ର ଅନୁପମ ପ୍ରଧାନ ହିମାଚଳପ୍ରଦେଶରେ ହେବାକୁ ଥିବା ୪୫ତମ ସବ୍ ଜୁନିୟର ଜାତୀୟ ବାସ୍କେଟ ବଲ ଚାମ୍ପିୟନସିପ୍‌ରେ ଓଡିଶା ଦଳର ପ୍ରତିନିଧିତ୍ୱ କରିବେ । ଚଳିତ ମାସ ୧୨ରୁ ୧୮ ତାରିଖ ଏହି ପ୍ରତିଯୋଗିତା ହେବ । ଏହି ସଫଳତା ସକାଶେ ସ୍କୁଲ ପରିଚାଳନା ସଦସ୍ୟ, ବିକାଶ ସ୍କୁଲ ଅଧ୍ୟକ୍ଷ, ଜିଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ ଦୁଇ ଖେଳାଳି ଓ ପ୍ରଶିକ୍ଷକ ରାଜେନ୍ଦ୍ର ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ୨୦୧୭ ମସିହାରେ ମଧ ସ୍କୁଲର ଦେବଯାନୀ ବେହେରା ରାଜ୍ୟ ବାସ୍କେଟ ବଲ ଦଳକୁ ମନୋନୀତ ହୋଇଥିଲେ ।



“ବିମୁଦ୍ରୀକରଣକୁ ନେଇ ଯାହା ଦାବି କରାଯାଉଥିଲା ଏହାର ଦୁଇବର୍ଷ ପରେ ମଧ ତହିଁରୁ ଗୋଟିଏ ହେଲେ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଏହି ଅର୍ଥନୈତିକ ଜରୁରୀ ପରିସ୍ଥିତି ପାଇଁ ଦେଶବାସୀଙ୍କୁ ଭାଜପା କ୍ଷମାମାଗୁ।

-ମାୟାବତୀ, ବିଏସ୍‌ପି ସୁପ୍ରିମୋ।

## ସଂକ୍ଷେପରେ

### ଆସାମ ହସ୍ପିଟାଲରେ ୧୬ ନବଜାତକଙ୍କ ମୃତ୍ୟୁ

**ଗୁଆହାଟୀ,୯।୧୧(ଆଇଏଏନ୍‌ଏସ୍):** ଆସାମର ଏକ ସରକାରୀ ହସ୍ପିଟାଲରେ ଶିଶୁ ମଡ଼କ ସର୍ବାନନ୍ଦ ସୋନୋୱାଲ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ଜୋରହାଟ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ଅଭାବରୁ ସପ୍ତାହକ ମଧ୍ୟରେ ୧୬ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ୟୁନିସେଫ୍ ବିଶେଷଜ୍ଞ ଓ ରାଜ୍ୟର ଏକ ଡାକ୍ତରୀ ଦଳ ଶିଶୁମୃତ୍ୟୁର ଅନୁଧାନ ପାଇଁ ହସ୍ପିଟାଲ ପରିଦର୍ଶନ କରିବେ ବୋଲି ଆସାମ ସ୍ୱାସ୍ଥ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି।

### ମେଲ୍‌ବୋର୍ନରେ ଆଇଏସ୍ ଆକ୍ରମଣ

#### ଛୁରାମାଡ଼ରେ ଜଣେ ନିହତ

**ମେଲ୍‌ବୋର୍ନ,୯।୧୧(ପି.ଟି.):** ଅଷ୍ଟ୍ରେଲିଆର ମେଲ୍‌ବୋର୍ନ ସହରରେ ଆତଙ୍କବାଦୀ ଆକ୍ରମଣ ଘଟିଛି। ଜଣେ ଆତଙ୍କବାଦୀ ଏଠାରେ ଏକ କାର୍‌ରେ ନିଆଁ ଲଗାଇଦେବା ସହ ୩ ବ୍ୟକ୍ତିଙ୍କୁ ଛୁରାମାଡ଼ କରିଛନ୍ତି। ଏଥିରେ ଜଣେ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି। ଏହି ଆକ୍ରମଣ ପାଇଁ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ (ଆଇଏସ୍) ନିଜକୁ ଦାୟୀ କରିଛି। ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରି ଏଭଳି କାଣ୍ଡ ଭିଆଇଥିବା ଆଇଏସ୍ ପକ୍ଷରୁ କୁହାଯାଇଛି। ତେବେ ଆକ୍ରମଣକାରୀ ମଧ ଏକ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି ବୋଲି ଭିକ୍ଟୋରିଆ ପୋଲିସ ମୁଖ୍ୟ କମିଶନର ଗ୍ରାହାମ୍ ଆଷ୍ଟନ୍ କହିଛନ୍ତି।

### ସେନାରେ ୩ ନୂଆ ଯୁଦ୍ଧାସ୍ତ୍ର

**ନାଶିକ୍,୯।୧୧(ଆଇଏଏନ୍‌ଏସ୍):** ଭାରତୀୟ ସେନାର ଦକ୍ଷତା ବୃଦ୍ଧି ପାଇଁ ସଶସ୍ତ୍ର ବଳରେ ୩ ନୂଆ ଯୁଦ୍ଧାସ୍ତ୍ରକୁ ସାମିଲ କରାଯାଇଛି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ଶୁକ୍ରବାର ଏହି ବିଶ୍ୱସ୍ତରୀୟ ୩ ଯୁଦ୍ଧାସ୍ତ୍ରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ନୂଆକରି ସେନାରେ ସାମିଲ ହୋଇଥିବା ଯୁଦ୍ଧାସ୍ତ୍ରଗୁଡ଼ିକ ହେଲା ଏମ୍୭୭୭ ଏ୨ ଅଲ୍‌ଟ୍ରା ଲାଇଟ୍ ହାୱିଜର୍ସ, କେ୯ ବଜ୍ର ଟ୍ରାକ୍‌ଡ ସ୍ୱୟଂଚାଳିତ ବନ୍ଧୁକ ଏବଂ ୬x୬ ଫିଲ୍ଡ ଆର୍ଟିଲେରି ଟ୍ରାକ୍ଟର୍ସ। ମହାରାଷ୍ଟ୍ରର ନାଶିକ୍‌ସ୍ଥିତ ଦେଓଲାଲି ଫିଲ୍ଡ ଫାୟାରିଂ ରେଞ୍ଜରେ ଏଗୁଡ଼ିକୁ ପ୍ରଥମକରି ବ୍ୟବହାର କରାଯାଇଛି। ୧୪୫ଟି ଏମ୍୭୭୭ ଏବଂ ୧୦୦ଟି କେ୯ ବନ୍ଧୁକ ଆମେରିକାଠାରୁ ୨ ବର୍ଷରେ ଆମଦାନି କରାଯିବ। ଏଥିପାଇଁ ଯଥାକ୍ରମେ ୫,୦୦୦ କୋଟି ଓ ୪,୩୬୬ କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ଅଶୋକ ଲିଲାଣ୍ଡ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୬x୬ ଫିଲ୍ଡ ଆର୍ଟିଲେରି ଟ୍ରାକ୍ଟର୍ସ ଅଣାଯାଇ ପୁରୁଣା ଯୁଦ୍ଧାସ୍ତ୍ର ପରିବହନକାରୀ ଯାନ ବଦଳାଯିବ। ଏହାଦ୍ୱାରା ଯବାନଙ୍କ ଯୁଦ୍ଧକ୍ଷମତା ବୃଦ୍ଧିପାଇବ ବୋଲି ଜଣେ ପ୍ରତିରକ୍ଷା ବିଶେଷଜ୍ଞ ସୂଚନା ଦେଇଛନ୍ତି।

### ଜେଇଏମ୍ ଆତଙ୍କବାଦୀ ନିହତ

**ଶ୍ରୀନଗର,୯।୧୧(ପି.ଟି.):** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା ଅନ୍ତର୍ଗତ ତ୍ରାଲ ଅଞ୍ଚଳରେ ଶୁକ୍ରବାର ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ଏନ୍‌କାଉଣ୍ଟରରେ ପାକିସ୍ତାନୀ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଦର୍-ଗନିଗୁନ୍ଦ ଅଞ୍ଚଳରେ ଆତଙ୍କବାଦୀ ଲୁଚିରହିଥିବା ସୂଚନା ପାଇବା ପରେ ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଥିଲେ। ଏହାପରେ ଗୁଳି ବିନିମୟ ହୋଇଥିଲା। ଏନ୍‌କାଉଣ୍ଟର ବେଳେ ଜଣେ ପୋଲିସ କର୍ମଚାରୀ ମଧ ଆହତ ହୋଇଛନ୍ତି। ଅନ୍ୟପଟେ ରାଜୌରୀ ଜିଲା ସଂଲଗ୍ନ ଏଲ୍‌ଓସି ନିକଟରେ ପାକିସ୍ତାନୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରିଛନ୍ତି। ଏଥିରେ ବିଏସ୍‌ଏଫ୍‌ର ଜଣେ ଯବାନ ଆହତ ହୋଇଛନ୍ତି।

[ଇତିହାସର ଆଇନାରେ]

### ନଭେମ୍ବର ୧୦ର ପ୍ରମୁଖ ଘଟଣା

୨୦୦୬ ନଭେମ୍ବର ୧୦ରେ ଶ୍ରୀଲଙ୍କାର ଏମ୍‌ପି ତଥା ବିଶିଷ୍ଟ ତାମିଲ ନେତା ନାଦରାଜ ରବିରାଜଙ୍କୁ ହତ୍ୟା କରାଯାଇଥିଲା। ରବିରାଜ ଥିଲେ ଜଣେ ପ୍ରମୁଖ ମାନବାଧିକାର ଆଇନଜୀବୀ।

୧୬୫୯ ନଭେମ୍ବର ୧୦ରେ ପ୍ରତାପଗଡ଼ ଯୁଦ୍ଧରେ ମରାଠା ସମ୍ରାଟ ଛତ୍ରପତି ଶିବାଜୀ ମହାରାଜ ମୁସଲ୍‌ମାନ ଶାସକ ଆଦିଲ ଶାହଙ୍କ ଜେନେରାଲ ଆଫ୍‌ଜଲ ଖାନ୍‌ଙ୍କୁ ପରାଜିତ କରିଥିଲେ।

# ପ୍ରଚାରରେ କମ୍ପିଲା ଛତିଶଗଡ଼

ଜଗଦଲପୁର,୯।୧୧(ପି.ଟି.)



## ସହରୀ ମାଓବାଦୀଙ୍କ ସପକ୍ଷରେ କଂଗ୍ରେସ:ମୋଦି

ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ତିନିଦିନ ବାକି ଥିବାବେଳେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମାଓବାଦୀ ପ୍ରଭାବିତ ବସ୍ତର ଅଞ୍ଚଳରେ ନିଜ ନିଜ ଦଳ ପାଇଁ ପ୍ରଚାର କରିଛନ୍ତି। ଏହି ଅବସରରେ ଉଭୟେ ପରସ୍ପରକୁ ଟାର୍ଗେଟ କରିଛନ୍ତି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶନିବାର ଶେଷ ହେଉଥିବାରୁ ଏହାର ଦିନକ ପୂର୍ବରୁ ମୋଦି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ଗାଦିରକ୍ଷା ପାଇଁ ଲୋକଙ୍କୁ ଭୋଟ ମାଗିଛନ୍ତି। ରାଜ୍ୟରେ ନିଜର ପ୍ରଥମ ନିର୍ବାଚନ ପ୍ରଚାର ଅବସରରେ ବସ୍ତର ଜିଲା ସଦର ମହକୁମାରେ ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, ଆଦିବାସୀ ଯୁବତୀଯୁବକଙ୍କ ଜୀବନ ବରବାଦ କରିଥିବା କଂଗ୍ରେସ ସହରୀ ମାଓବାଦୀଙ୍କୁ ସମର୍ଥନ କରୁଛି। ଯେଉଁ ଚକଚକିଆ ଦିଶୁଥିବା ସହରୀ ମାଓବାଦୀମାନେ ଦାମୀ କାର୍ ଚଢ଼ି ଶୀତତାପ ନିୟନ୍ତ୍ରିତ ଘରେ ରହୁଛନ୍ତି, ଯାହାଙ୍କ ପିଲାମାନେ ବିଦେଶରେ ପାଠ ପଢ଼ନ୍ତି, ସେମାନେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଆଦିବାସୀଙ୍କ ପିଲାଙ୍କ ଭବିଷ୍ୟତ ରିମୋଟ କଣ୍ଟ୍ରୋଲରେ ନିୟନ୍ତ୍ରଣ କରୁଛନ୍ତି। ସରକାର ଏପରି ସହରୀ ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଥିବାବେଳେ କଂଗ୍ରେସ ସେମାନଙ୍କୁ କାହିଁକି ସମର୍ଥନ କରୁଛି ବୋଲି ମୋଦି ପ୍ରଶ୍ନ କରିଥିଲେ। ମାଓବାଦକୁ ଏକ ରାକ୍ଷସ ଭାବେ ଅଭିହିତ କରି ମୋଦି କଂଗ୍ରେସକୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ପୂର୍ବ ସରକାର ବସ୍ତର ଅଞ୍ଚଳର ବିକାଶ ପାଇଁ ବିଶେଷ କିଛି କରିନାହିଁ। କଂଗ୍ରେସ ଆଦିବାସୀଙ୍କୁ ଉପହାସ କରିଛି। ତେଣୁ ଏଭଳି ଦଳ ଓ ନେତାଙ୍କୁ କ୍ଷମାକରିବା ଉଚିତ ନୁହେଁ। ବସ୍ତର ଅଞ୍ଚଳର ସବୁ ଆସନରେ ଭାଜପାକୁ ଜିତାଇବାକୁ ମୋଦି ସେଠାର ମତଦାତାଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ସେ ରାଜ୍ୟରେ କ୍ଷମତାସୀନ ଭାଜପା ସରକାରଙ୍କ ସଫଳତା ବଖାଣିବା ସହ ଆଦିବାସୀ କାର୍ଡ ଖେଳିଥିଲେ। ଏଥିସହ ନିକଟରେ ମାଓବାଦୀଙ୍କ ଆକ୍ରମଣରେ ନିହତ ଦୂରଦର୍ଶନର ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କୁ ମଧ ମୋଦି ଶ୍ରଦ୍ଧାଞ୍ଜଳି ଦେଇ ତାଙ୍କର ମୃତ୍ୟୁ ପ୍ରସଙ୍ଗ ଉଠାଇଥିଲେ। ଜଗଦଲପୁର ରାଲି ପରେ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ନିର୍ବାଚନମଣ୍ଡଳୀ ରାଜନନ୍ଦଗାଁରେ ପ୍ରଧାନମନ୍ତ୍ରୀ ମୋଦି ଏକ ରୋଡ୍ ଶୋ’ କରିଥିଲେ। ଏହି ଆସନରେ ରମଣ ସିଂଙ୍କ ବିରୋଧରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଭାଣିଜୀ କରୁଣା ଶୁକ୍ଳାଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି।

## ରମଣଙ୍କ ଗଡ଼ରେ ରାହୁଲ

ରାଜନନ୍ଦଗାଁ,୯।୧୧(ପି.ଟି.)

### କଂଗ୍ରେସ କ୍ଷମତାକୁ ଆସିଲେ କୃଷିଋଣ ଛାଡ଼



ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରଚାରର ମଙ୍ଗ ଧରିଥିବା ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଦୁଇଦିନିଆ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ସେ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏହାସହ ଛତିଶଗଡ଼ରେ କଂଗ୍ରେସ ସରକାର ଗଢ଼ିବାର ୧୦ ଦିନ ମଧ୍ୟରେ ଚାଷୀଙ୍କ କୃଷିଋଣ ଛାଡ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ନିର୍ବାଚନମଣ୍ଡଳୀ ରାଜନନ୍ଦଗାଁରେ ଏକ ନିର୍ବାଚନୀ ସଭାରେ ସମ୍ବୋଧିତ କରି ରାହୁଲ କହିଛନ୍ତି, ପଞ୍ଜାବ ଓ କର୍ଣ୍ଣାଟକରେ ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି କଂଗ୍ରେସ ରଖିଛି। ଏହି ଦୁଇ ରାଜ୍ୟରେ ସରକାର ଗଢ଼ିବା ପରେ ସେଠାକାର ଚାଷୀଙ୍କ ଋଣଛାଡ଼ କରାଯାଇଛି। ଛତିଶଗଡ଼ରେ ମଧ କ୍ଷମତାସୀନ ହେବାର ୧୦ ଦିନରେ କୃଷିଋଣ ଛାଡ଼ କରାଯିବ। ସେ ଭାଜପା ଭଳି ମିଥ୍ୟା ପ୍ରତିଶ୍ରୁତି ଦେବାକୁ ଚାହାନ୍ତି ନାହିଁ। କେନ୍ଦ୍ରର ଭାଜପା ସରକାର ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ଲାଗୁ କରି ଦେଶର ବ୍ୟବସାୟୀଙ୍କ କ୍ଷତିସାଧନ କରିଛି। ବସ୍ତର ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଅଞ୍ଚଳ। କିନ୍ତୁ ସ୍ଥାନୀୟ ଲୋକେ ଏହାର ଫାଇଦା ପାଉନାହାନ୍ତି। ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ନିଜ ଶିଳ୍ପପତି ବନ୍ଧୁମାନଙ୍କ ବିନା ସମ୍ମତିରେ କିଛି କରନ୍ତି ନାହିଁ।

## ୧୮ରୁ ୧୨ ଆସନରେ ହାରିଥିଲା ଭାଜପା

ଜଗଦଲପୁର,୯।୧୧(ପି.ଟି.)

ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟରେ ୧୮ ଆସନରେ ସୋମବାର ଭୋଟଗ୍ରହଣ କରାଯିବ। ଏଥିପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହେବ। ଏହି ଆସନଗୁଡ଼ିକ ମାଓବାଦୀ ପ୍ରଭାବିତ ୮ ଜିଲାରେ ରହିଛି। ଏଥିରୁ ୧୨ ଆସନ ଏସ୍‌ଟି ଏବଂ ଗୋଟିଏ ଏସ୍‌ସି ବର୍ଗ ପାଇଁ ସଂରକ୍ଷିତ। ଅବଶିଷ୍ଟ ୭୨ ନିର୍ବାଚନମଣ୍ଡଳୀରେ ନଭେମ୍ବର ୨୦ରେ ମତଦାନ ହେବ। ଦୁଇଟି ଯାକ ପର୍ଯ୍ୟାୟରେ ମୋଟ ୨୯୧ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଡିସେମ୍ବର ୧୧ରେ ଦୁଇ ପର୍ଯ୍ୟାୟର ଭୋଟଗଣତି କରାଯିବ। ୨୦୧୩ ବିଧାନସଭା ନିର୍ବାଚନରେ ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାରେ ଶାସକ ଭାଜପା ୪୯ ଓ କଂଗ୍ରେସ ୩୯ ଆସନରେ ସଫଳତା ପାଇଥିଲା। ସେହିପରି ଜଣେ ଲେଖାଏ ବିଏସ୍‌ପି ଏବଂ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ବିଜୟୀ ହୋଇଥିଲେ। ପ୍ରଥମ ପର୍ଯ୍ୟାୟ ଭୋଟ ହେଉଥିବା ୧୮ ଆସନରୁ ୧୨ଟିରେ ଭାଜପା ପରାଜିତ ହୋଇଥିଲା।

# ନିର୍ଭୟା ଘଟଣାର ପୁନରାବୃତ୍ତି

ଜାମ୍‌ତାରା,୯।୧୧(ପି.ଟି.)

### ଝାଡ଼ଖଣ୍ଡରେ ଲଜ୍ଜା

- ମହିଳାଙ୍କୁ ଗଣବଳାତ୍କାର କଲେ ପୂର୍ବତନ ସ୍ୱାମୀ, ତାଙ୍କ ସାଙ୍ଗ
- ଯନ୍ତ୍ରଣାରେ ଛଟପଟ ହୋଇ ଆଖି ବୁଜିଲେ ପୀଡ଼ିତା
- ଜଣେ ଅଭିଯୁକ୍ତ ଗିରଫ, ୨ ଫେରାର



ଦେଶବ୍ୟାପୀ ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼ିଚାଲିଥିଲାବେଳେ ଝାଡ଼ଖଣ୍ଡରେ ନିର୍ଭୟା ଘଟଣାର ପୁନରାବୃତ୍ତି ଘଟିଛି। ରାଜ୍ୟର ଜାମ୍‌ତାରା ଜିଲାର ଜଣେ ମହିଳା ଗଣବଳାତ୍କାରର ଶିକାର ହେବା ପରେ ପ୍ରାଣ ହରାଇଛନ୍ତି। ପୂର୍ବତନ ସ୍ୱାମୀଙ୍କ ସମେତ ୩ ଜଣ ତାଙ୍କୁ ଗଣବଳାତ୍କାର କରିବା ପରେ ଅତି ନୃଶଂସ ଭାବେ ତାଙ୍କ ଗୁପ୍ତାଙ୍ଗରେ ଏକ କାଠ ପୂରାଇଦେଇଥିଲେ। ଯନ୍ତ୍ରଣାରେ ଛଟପଟ ହୋଇ ପୀଡ଼ିତା ଆଖି ବୁଜିଛନ୍ତି। ଏଭଳି ଲୋମଟାଙ୍କୁରା ଘଟଣା ପ୍ରଘଟ ହେବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ମହିଳାଙ୍କ ପୂର୍ବତନ ସ୍ୱାମୀଙ୍କୁ ଗିରଫ କରାଯିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜାଚାଲିଛି ବୋଲି ସବ୍-ଡିଭିଜନାଲ ପୋଲିସ ଅଫିସର ବି.ଏନ୍. ସିଂ ସୂଚନା ଦେଇଛନ୍ତି।

ବୁଧବାର ରାତିରେ କାଳୀପୂଜା ଉପଲକ୍ଷେ ଆୟୋଜିତ ମଞ୍ଚ ନାଟକ ଦେଖିବାକୁ ମହିଳା ଜଣକ ଯାଇଥିଲେ। ସେଠାକୁ ଯିବାବେଳେ ପୂର୍ବତନ ସ୍ୱାମୀ ଏବଂ ତାଙ୍କର ଦୁଇ ସହଯୋଗୀ ମହିଳାଙ୍କୁ ଜବରଦସ୍ତି ଉଠାଇନେଇଥିଲେ। ନାରାୟଣପୁର ଥାନା ଅନ୍ତର୍ଗତ ଏକ ଗ୍ରାମରେ ଥିବା ପଡ଼ିଆକୁ ନେଇ ସେମାନେ ତାଙ୍କୁ ବଳାତ୍କାର କରିଥିଲେ। ନିର୍ଜନ ଜାଗା ହୋଇଥିବାରୁ ଘଟଣା ସମ୍ପର୍କରେ କେହି ବି ଜାଣିପାରିଲେ ନାହିଁ। ବଳାତ୍କାରୀଙ୍କ ପାଶବିକତା ଏତିକିରେ ଥମିଲା ନାହିଁ। ସେମାନେ ପାଖରେ ପଡ଼ିଥିବା ଏକ କାଠ ଆଣି ପୀଡ଼ିତାଙ୍କ ଯୌନାଙ୍ଗରେ ପୂରାଇଦେଲେ। ଅସହ୍ୟ ଯନ୍ତ୍ରଣାରେ ସେ ଅଣନିଃଶ୍ୱାସୀ ହୋଇଯାଉଥିବାବେଳେ ବଳାତ୍କାରୀମାନେ ତାଙ୍କୁ ମରିବାକୁ ଛାଡ଼ିଆସିଲେ। ଏମିତି ରାତି ସାରା ପୀଡ଼ିତା ଛଟପଟ ହେଲେ। ଗୁରୁବାର ସକାଳେ ତାଙ୍କୁ ଏଭଳି ଦୟନୀୟ ଅବସ୍ଥାରେ କେତେଜଣ ଗ୍ରାମବାସୀ ଦେଖିବାକୁ ପାଇଲେ। ଏହାପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନାରାୟଣପୁର ଟାଉନ୍‌ରେ ଥିବା ଏକ ହସ୍ପିଟାଲକୁ ନେଇଯାଇଥିଲେ। ପୀଡ଼ିତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଜାମ୍‌ତାରା ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଡାକ୍ତରମାନେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ।

### ଛାଡ଼ପତ୍ର ପାଇଁ ତେଜପ୍ରତାପଙ୍କ ଜିଦ୍

## ‘କଥା ନ ମାନିଲେ ଫେରିବିନି’

ପାଟନା,୯।୧୧(ପି.ଟି.)



ବିବାହକୁ ମାତ୍ର ୬ ମାସ ପୂରିଛି କି ନାହିଁ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବାକୁ ଚାହୁଁଛନ୍ତି ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କ ବଡ଼ପୁଅ ତେଜପ୍ରତାପ ଯାଦବ। ସ୍ତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ସହ ବୈବାହିକ ସମ୍ପର୍କଛିନ୍ନ ଲାଗି ସେ ସ୍ଥିର କରିବା ସହ କୋର୍ଟରେ ପିଟିଶନ ଦାଏର କରିସାରିଛନ୍ତି। କିନ୍ତୁ ପରିବାର ଲୋକେ ତାଙ୍କୁ ମନାଇବାରେ ଲାଗିପଡ଼ିଛନ୍ତି। ତେବେ ଜିଦ୍‌ରେ ଅଟଳ ତେଜପ୍ରତାପ ଘର ଛାଡ଼ି ହରିଦ୍ୱାର ଚାଲିଯାଇଛନ୍ତି। ତାଙ୍କ ନିଷ୍ପତ୍ତିକୁ ପରିବାର ଲୋକେ ନ ମାନିବା ଯାଏ ଘରକୁ ଫେରିବେ ନାହିଁ ବୋଲି ଶୁକ୍ରବାର ସେ ସଫାସଫା କହିଦେଇଛନ୍ତି।

## ଫୁର୍‌ସତ

## ହକିଙ୍ଗଙ୍କ ହୁଇଲ୍‌ଚେୟାର ନିଲାମ



**ଲଣ୍ଡନ:** ଷ୍ଟିଫେନ୍ ହକିଙ୍ଗଙ୍କ ଦ୍ୱାରା ବ୍ୟବହୃତ ହୁଇଲ୍ ଚେୟାର ୩୯୩,୦୦୦ ଆମେରିକୀୟ ଡଲାରରେ ନିଲାମ ହୋଇଛି। ଅପରପକ୍ଷରେ ତାଙ୍କର ଡକ୍ଟରାଲ୍ ଥେସିସ୍ ୭୬୭,୦୦୦ ଡଲାରରେ ବିକ୍ରି ହୋଇଛି। ବିଶ୍ୱର ବିଶିଷ୍ଟ ପଦାର୍ଥବିଜ୍ଞାନୀ ମୋଟର ନ୍ୟୁରନ୍ ରୋଗରେ ପୀଡ଼ିତ ହେବା ପରେ ତାଙ୍କର ସର୍ବାଙ୍ଗ ଅଚଳ ହୋଇପଡିଥିଲା। ଉକ୍ତ ମୋଟରଚାଳିତ ହୁଇଲ୍‌ଚେୟାରକୁ ସେ ବ୍ୟବହାର କରୁଥିଲେ। ଏହା କ୍ରିଷ୍ଟିଜ୍ ଅନ୍‌ଲାଇନ୍ ଅକ୍ସନରେ ୩୯୩,୦୦୦ ହଜାର ଆମେରିକୀୟ ଡଲାର (୨୯୬,୭୫୦ ପାଉଣ୍ଡ)ରେ ବିକ୍ରୟ ହୋଇଛି। ଏହା ୧୦,୦୦୦ ପାଉଣ୍ଡରୁ ୧୫,୦୦୦ ପାଉଣ୍ଡ ମଧ୍ୟରେ ବିକ୍ରିହେବା ଆଶା କରାଯାଉଥିଲା। ହୁଇଲ୍‌ଚେୟାର ବିକ୍ରିରୁ ଲବ୍ଧ ଅର୍ଥ ଷ୍ଟିଫେନ୍ ହକିଙ୍ଗ୍ ଫାଉଣ୍ଡେଶନ୍ ଏବଂ ମୋଟର ନ୍ୟୁରନ୍ ଡିଜିଜ୍ ଆସୋସିଏଶନ୍‌କୁ ପ୍ରଦାନ କରାଯିବ।

## ୪୦୯ ଥର ଡ୍ରୋନ୍ ଆକ୍ରମଣ:୨୭୧୪ ନିହତ



**ଇସଲାମାବାଦ୍:** ୨୦୦୪ ଜାନୁୟାରୀଠାରୁ ଆମେରିକା ପାକିସ୍ତାନରେ ୪୦୯ଥର ଡ୍ରୋନ୍ ଆକ୍ରମଣ କରିଛି। ଏଥିରେ ୨୭୧୪ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୭୨୮ଜଣ ଆହତ ହୋଇଥିବା ଏକ ମିଡିଆ ରିପୋର୍ଟରୁ ସୂଚନା ମିଳିଛି। ବିଶେଷକରି ବାଜାଉର, ବାନ୍ନୁ, ହାଙ୍ଗୁ, ଖାଇବର, ଖୁରାମ୍, ମହମନ୍ଦ, ନର୍ଥ ୱାଜିରିସ୍ତାନ, ନୁଶ୍‌କି, ଓରାକଜାଇ ଏବଂ ଦକ୍ଷିଣ ୱାଜିରିସ୍ତାନକୁ ଲକ୍ଷ୍ୟକରି ଆକ୍ରମଣ କରାଯାଇଥିବା ଡନ୍ ରିପୋର୍ଟରେ ପ୍ରକାଶ ପାଇଛି। ୨୦୦୮ରୁ ୨୦୧୨ ମଧ୍ୟରେ ପାକିସ୍ତାନ ପିପୁଲ୍‌ସ ପାର୍ଟି ସରକାର ଅମଳରେ ଅଧିକାଂଶ ଡ୍ରୋନ୍ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ନ୍ୟାଶନାଲ୍ କାଉଣ୍ଟର ଟେରରିଜିମ୍ ଅଥରିଟି (ନାକ୍‌ଟା) ସୂତ୍ରକୁ ଉଦ୍ଧାର କରି କୁହାଯାଇଛି, କେବଳ ଏହି ସମୟ ମଧ୍ୟରେ ଆକାଶମାର୍ଗରୁ ୩୩୬ଟି ଆକ୍ରମଣ ହୋଇଥିବା ବେଳେ ୨,୨୮୨ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ୬୫୮ ଆହତ ହୋଇଥିଲେ। ସରକାରୀ ସୂଚନା ଅନୁଯାୟୀ କେବଳ ୨୦୧୦ରେ ୧୧୭ଟି ଆକ୍ରମଣ ଘଟଣାରେ ୭୭୫ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯୩ ଆହତ ହୋଇଥିଲେ। ୨୦୧୩ରୁ ୨୦୧୮ ମଧ୍ୟରେ ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ ସରକାର ଅମଳରେ ୬୫ଟି ଡ୍ରୋନ୍ ଆକ୍ରମଣ କରାଯାଇଥିଲା। ଏଥିରେ ୩୦୧ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦ ଆହତ ହୋଇଥିଲେ। ୨୦୧୮ରେ ହୋଇଥିବା ୨ଟି ଡ୍ରୋନ୍ ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବା ସହିତ ଜଣେ ଆହତ ହୋଇଥିଲେ। ୨୦୧୬ରେ ଡ୍ରୋନ୍ ଆକ୍ରମଣରେ ତାଲିବାନ୍ ମୁଖ୍ୟ ମୁଲ୍ଲା ଅଖତାର ମନ୍‌ସୁରଙ୍କୁ ହତ୍ୟା କରାଯାଇଥିଲା। ଏହାପରେ ପାକିସ୍ତାନର ନିଦ ଭାଙ୍ଗିଥିଲା। ପାକିସ୍ତାନ ଭୂଖଣ୍ଡରେ ଆମେରିକାର ଡ୍ରୋନ୍ ଆକ୍ରମଣ ଅତ୍ୟନ୍ତ ଦୁଃଖଦାୟକ ଏବଂ ଏହାକୁ ବନ୍ଦ କରାଯିବା ଉଚିତ ବୋଲି ପାକିସ୍ତାନ ସେନା ମୁଖ୍ୟ ଜେନେରାଲ୍ ରାହିଲ ଶରିଫ୍ ପ୍ରକାଶ କରିଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୪ | ୧୮.୭ |
| ଚାନ୍ଦବାଲି | ୨୯.୦ | ୧୯.୮ |
| କଟକ | ୨୯.୬ | ୨୦.୬ |
| ପାରାଦ୍ୱୀପ | ୨୯.୬ | ୨୨.୫ |
| ଭୁବନେଶ୍ୱର | ୩୧.୨ | ୨୨.୧ |
| ଗୋପାଳପୁର | ୩୩.୨ | ୨୩.୨ |
| ପୁରୀ | ୩୦.୪ | ୨୩.୦ |
| ଅନୁଗୋଳ | ୩୦.୧ | ୨୦.୦ |
| ବାରିପଦା | ୨୭.୬ | ୨୨.୫ |
| ଝାରସୁଗୁଡ଼ା | ୩୧.୩ | ୧୬.୫ |
| କେନ୍ଦୁଝର | ୨୭.୯ | ୧୭.୧ |
| ସମ୍ବଲପୁର | ୩୧.୮ | ୧୮.୮ |
| ସୁନ୍ଦରଗଡ଼ | ୩୧.୦ | ୧୬.୦ |
| ହୀରାକୁଦ | ୩୧.୧ | ୧୯.୧ |
| ତାଳଚେର | ୩୩.୬ | ୨୦.୫ |
| ଭବାନୀପାଟଣା | ୩୧.୫ | ୧୯.୦ |
| ବଲାଙ୍ଗୀର | ୩୧.୫ | ୧୯.୫ |
| କୋରାପୁଟ | ୨୯.୦ | ୧୬.୪ |
| ଫୁଲବାଣୀ | ୩୧.୫ | ୧୫.୦ |
| ଟିଟିଲାଗଡ଼ | --- | ୧୮.୫ |
| ମାଲକାନଗିରି | --- | --- |
| ସୋନପୁର | ୩୧.୬ | ୨୦.୨ |
| ଦାରିଙ୍ଗିବାଡ଼ି | ୨୮.୦ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ‘ଠଗ୍‌ସ ଅଫ୍ ହିନ୍ଦୋସ୍ତାନ’ରେ ଅଭିନୟ କଷ୍ଟକର




**ନୂଆଦିଲ୍ଲୀ:** ‘ଠଗ୍‌ସ ଅଫ୍ ହିନ୍ଦୋସ୍ତାନ’ରେ ଅଭିନୟ କଷ୍ଟକର ଥିଲା ବୋଲି ବଲିଉଡ୍ ଅଭିନେତା ଆମିର ଖାନ୍ ପ୍ରକାଶ କରିଛନ୍ତି। ନଭେମ୍ବର ୮ରେ ରିଲିଜ୍ ହୋଇଥିବା ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମହଲରେ ମିଶ୍ର ପ୍ରତିକ୍ରିୟା ସୃଷ୍ଟିହୋଇଛି। ବିଜୟ କ୍ରିଷ୍ଣ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ ତାଙ୍କର ଅଭିନୟ ଖୁବ୍ ଚ୍ୟାଲେଞ୍ଜିଂ ଥିଲା ବୋଲି ଆମିର କହିଛନ୍ତି। ସେ ଏକ ବିବୃତିରେ କହନ୍ତି, ଏଥିରେ ସେ ଏପରି ଭୂମିକା ନିର୍ବାହ କରିଛନ୍ତି ଯିଏ ବିଶେଷକରି ଅର୍ଥ ପାଇଁ ଯେ କୌଣସି ସମୟରେ ଯାହା କିଛି କରିପାରନ୍ତି। ଏହି ଫିଲ୍ମ ଆମୋଦଦାୟକ ଏବଂ କୌତୁକପ୍ରଦ ହୋଇଥିଲେ ବି ତାଙ୍କର ଚରିତ୍ରକୁ କେତେକ ଗ୍ରହଣ କରିପାରୁନାହାନ୍ତି। ପ୍ରଥମ ଥର ପାଇଁ ଗୋଟିଏ ସ୍କ୍ରିନ୍‌ରେ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ସହ ଅଭିନୟ କରିଛନ୍ତି। ଆଗକୁ ତାଙ୍କ ସହ ଏକତ୍ର କାର୍ଯ୍ୟ କରିବାକୁ ସେ ଆଶାୟୀ ଥିବା କହିଛନ୍ତି। ପ୍ରଥମ ଥର ପାଇଁ ସେ ରେଡିଓ ଜକିର ଭୂମିକା ନେଇଥିବାରୁ ଏହାକୁ ସେ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି।


### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710,ଭଦ୍ରକଅଫିସ-(06784)242101,ନୂଆପଡ଼ାଅଫିସ-(06678)223068,ଝାରସୁଗୁଡ଼ାଅଫିସ-(06645)272799,ଦେବଗଡ-9437121562,କେନ୍ଦ୍ରାପଡ଼ାଅଫିସ-06727233825,ପାରଳାଖେମୁଣ୍ଡି-9437140002.



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ୧୧ରୁ ଭାଜପାର ଯୁବ ଅଧିକାର ସଂଘର୍ଷ ଯାତ୍ରା

**ଭୁବନେଶ୍ୱର, ୯।୧୧(ବ୍ୟୁରୋ):** ବିଜେଡି ଦୀର୍ଘବର୍ଷ ଶାସନରେ ରହିବା ସତ୍ତ୍ୱେ ରାଜ୍ୟର ଯୁବତୀ, ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିପାରି ନାହାଁ। ବିଭିନ୍ନ ସରକାରୀ ବିଭାଗରେ ଖାଲିଥିବା ପଦବୀ ପୂରଣ ନ କରିବା, ନିଯୁକ୍ତି ମେଳା ନାଁରେ ଯୁବକମାନଙ୍କୁ ପ୍ରତାରିତ କରିବା, ବିଭିନ୍ନ ଶିଳ୍ପସଂସ୍ଥା ସହ ଏମଓୟୁ କରି ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ନ ଦେବା ଆଦି ଦାବିରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟର ସମସ୍ତ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ଗତ ୫ତାରିଖ ତାଲା ପକାଇ ବିକ୍ଷୋଭ କରିଥିଲା। ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ କେତେ ପିଲା ନାଁ ରେଜିଷ୍ଟ୍ରେସନ କରିଛନ୍ତି ବୋଲି ଯୁବମୋର୍ଚ୍ଚା ପଚାରିଥିବା ପ୍ରଶ୍ନର ଉତ୍ତର ସରକାର ଏ ପର୍ଯ୍ୟନ୍ତ ଦେଇନାହାଁ। ସରକାରଙ୍କ ଏଭଳି ନୀତିକୁ ବିରୋଧ କରିବା ଏବଂ ଓଡିଆ ଯୁବତୀ, ଯୁବକଙ୍କୁ ରୋଜଗାର ଯୋଗାଇ ଦେବା ନେଇ ଆସନ୍ତା ୧୧ରୁ ଭାଜପା ପକ୍ଷରୁ 'ଯୁବ ଅଧିକାର ସଂଘର୍ଷ ଯାତ୍ରା' ଆରମ୍ଭ କରିବ। ଏହା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ମଧୁବାବୁଙ୍କ ଜନ୍ମସ୍ଥାନ କଟକ ସତ୍ୟଭାମାପୁରରୁ ଆରମ୍ଭ ହେବ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ସୂଚନା ଦେଇଛନ୍ତି। ଭାଜପା ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହା କହିଛନ୍ତି ଯେ, ସତ୍ୟଭାମାପୁରଠାରୁ ପଦଯାତ୍ରା ଆରମ୍ଭ ହୋଇ ୧୨ରେ ଭୁବନେଶ୍ୱରଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚିବ।

■ ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ କଂଗ୍ରେସର ପ୍ରତିବାଦ

# ଦେଶବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି: ନିରଞ୍ଜନ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ବିମୁଦ୍ରୀକରଣକୁ ଦୁଇବର୍ଷ ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଘୋଷଣାର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ସରକାର ଓ ବିରୋଧୀ ଦଳଗୁଡିକ ପରସ୍ପରକୁ କାଦୁଅ ଫିଙ୍ଗିବା ଆରମ୍ଭ କରିଦେଇଛନ୍ତି। ବିମୁଦ୍ରୀକରଣକୁ ବିରୋଧ କରି ଦେଶବ୍ୟାପୀ କଂଗ୍ରେସ କଳା ଦିବସ ପାଳନ କରିଛି। ସମାନଭାବେ ରାଜ୍ୟର ସବୁ ଜିଲାରେ ମଧ୍ୟ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ପ୍ରତିବାଦ ସଭା ପାଳନ କରାଯାଇଛି।

ବିମୁଦ୍ରୀକରଣ ବିଫଳତାର ଦୁଇବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଏବଂ ପ୍ରତିବାଦ ସଭା କରାଯାଇଛି। ଜିଲା ସଭାପତି ମାନସ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ତୁଙ୍ଗନେତା ସାମିଲ ହୋଇଛନ୍ତି। ଶୁକ୍ରବାର ଅପରାହ୍ନ ୧୧ଟାରେ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରୁ ଏକ ରାଲିରେ ଦଳର କାର୍ଯ୍ୟକର୍ତ୍ତାମାନେ ବାହାରି ଆର୍‌ବିଆଇ ସମ୍ମୁଖରେ ଧାରଣା ଓ



ଭୁବନେଶ୍ୱରସ୍ଥିତ ଆରବିଆଇ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର କଂଗ୍ରେସର ନେତା ଓ କର୍ମୀଙ୍କ ଧାରଣା।

ପ୍ରତିବାଦ କରିଛନ୍ତି। ଏହି ଅବସରରେ ନିରଞ୍ଜନ କେନ୍ଦ୍ର ସରକାରଙ୍କୁ କଡା ଭାଷାରେ ସମାଲୋଚନା କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣକୁ ଦୁଇବର୍ଷ ପୂରଣ ହୋଇଥିଲେ ମଧ୍ୟ ଦେଶବାସୀଙ୍କୁ ଏବେ ମଧ୍ୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ନିଜର ପେଟ ପୋଷୁଥିବା ଦିନ ମଜୁରିଆ ନିଜର ରୋଜଗାର ହରାଇଛନ୍ତି। ବିମୁଦ୍ରୀକରଣ ଏନ୍‌ଡିଏ ସରକାରର ଏକ ସଙ୍ଗଠିତ ଓ ଯୋଜନାବଦ୍ଧ ଲୁଟ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଏନେଇ ଜବାବ୍ ରଖନ୍ତୁ ବୋଲି ନିରଞ୍ଜନ କହିଛନ୍ତି।

ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ, ନରେନ୍ଦ୍ର ମୋଦି ତାଙ୍କ ପାଗଳାମି ପାଇଁ କ୍ଷମା ମାଗିବା ଦରକାର। ବିମୁଦ୍ରୀକରଣ ଯୋଗୁ ଲୋକେ ବର୍ଷବର୍ଷ ଧରି ସଞ୍ଚିଥିବା ଧନ ହରାଇଛନ୍ତି। ବଡବଡ ଶିଳ୍ପପତିଙ୍କୁ ସୁବିଧା ଦେବା ପାଇଁ ବିମୁଦ୍ରୀକରଣ ନିଷ୍ପତ୍ତି ନିଆଯାଇଥିଲା। ଯେତିକି ନୋଟ୍ ଅକାମୀ ହୋଇଥିଲା ସବୁ ଫେରିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି। ସିବିଆଇ, ଇଡି ଭଳି ଆର୍‌ବିଆଇକୁ ମଧ୍ୟ ଭାଜପା ନିଜ ହାତରେ ରଖିବାକୁ ଚାହୁଁଛି ବୋଲି ଶ୍ରୀକାନ୍ତ କହିଛନ୍ତି। ଏହି ଅବସରରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ ୧୧ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଧାରଣା ଓ ପ୍ରତିବାଦ ସଭା କରିଥିଲେ। ଏପରିକି ଦଳ ପକ୍ଷରୁ ପଥପ୍ରାନ୍ତ ନାଟକ ମଧ୍ୟ କରାଯାଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତାମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ଏହି ଅବସରରେ କଂଗ୍ରେସ ପ୍ରଭାରୀ ରୁଦ୍ର ରାଜୁଙ୍କ ସମେତ, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ଶରତ ପଟ୍ଟନାୟକ, ଶରତ ରାଉତ ପ୍ରମୁଖ ଯୋଗଦେଇ ମୋଦି ସରକାର ବିମୁଦ୍ରୀକରଣ କରି ଦେଶକୁ ପଛକୁ ଠେଲି ଦେଇଛନ୍ତି ବୋଲି କହିଛନ୍ତି।

### ଦେଶକୁ ବହୁତ ବଡ ଲାଭ ମିଳିଛି: ଅରୁଣ

କଂଗ୍ରେସ ଅଭିଯୋଗକୁ ନେଇ ଭାଜପା ପ୍ରଭାରୀ ଅରୁଣ ସିଂ ସମାଲୋଚନା କରି କହିଛନ୍ତି ଯେ, କଂଗ୍ରେସର ନେତା, ନେତୃତ୍ୱ ଓ ନିୟତ ନାହିଁ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସବୁଥିରେ ଫେଲ୍ ଏବଂ ଦ୍ୱନ୍ଦ୍ୱରେ ରୁହନ୍ତି। ଯେଉଁଠି ମୁଖିଆ ଦ୍ୱନ୍ଦ୍ୱରେ ରୁହନ୍ତି ସେଠାରେ ଦଳ ବୁଡିବ। ବିମୁଦ୍ରୀକରଣ ଯୋଗୁ ଦେଶର ବହୁତ ବଡ ଲାଭ ହୋଇଛି। ଇନ୍ କମ୍ ଟ୍ୟାକ୍ସ ଦୁଇଗୁଣା ବୃଦ୍ଧି ପାଇଛି ବୋଲି ଅରୁଣ କହିଛନ୍ତି।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

### ୫ ବ୍ଲକ ପାଇଁ ମଞ୍ଜୁର ହେଲା ୩୫.୯୩ କୋଟି

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୫ଟି ଜିଲାର ୫ ବ୍ଲକ ପାଇଁ ୩୫.୯୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସଚିବାଳୟରେ ଶୁକ୍ରବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପକୃତ ହୋଇଥିବା ବ୍ଲକଗୁଡିକ ହେଉଛି- ନବରଙ୍ଗପୁରର ରାଇଘର, ଯାଜପୁରର ଦଶରଥପୁର, ବାଲେଶ୍ୱରର ବାଲିଆପାଳ, କଟକର ଟାଙ୍ଗୀ ଓ ଜଗତ୍‌ସିଂହପୁରର ବିରିଡି। ରାଇଘରର ୨୬ ପଞ୍ଚାୟତ ପାଇଁ ୭.୯୦୮ କୋଟି ଟଙ୍କାରେ ୩୪୯ ପ୍ରକଳ୍ପ, ଦଶରଥପୁରର ୩୫ ପଞ୍ଚାୟତ ପାଇଁ ୧୦.୫୦ କୋଟି ଟଙ୍କାରେ ୪୮୦ ପ୍ରକଳ୍ପ, ବାଲିଆପାଳର ୨୭ ପଞ୍ଚାୟତ ପାଇଁ ୭.୨୯ କୋଟିରେ ୩୦୫ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ସେହିପରି କଟକସ୍ଥିତ ଟାଙ୍ଗୀ-ଚୌଦ୍ୱାରର ୨୪ ପଞ୍ଚାୟତ ପାଇଁ ୫.୭୩ କୋଟିରେ ୩୫୦ ପ୍ରକଳ୍ପ ଏବଂ ବିରିଡି ବ୍ଲକର ୨୧ ପଞ୍ଚାୟତ ପାଇଁ ୪.୫୦ କୋଟିରେ ୨୩୮ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି।

ପ୍ରକାଶ ଯେ, ଶୁକ୍ରବାରକୁ ମିଶାଇ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ୨୪୨ ବ୍ଲକର ୫୨୬୭ ଗ୍ରାମପଞ୍ଚାୟତକୁ ୪୮,୭୩୩ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି। ଏଥିପାଇଁ ଏଯାବତ୍ ମୋଟ ୧୨୦୧.୦୪ କୋଟି ଟଙ୍କା ମଞ୍ଜୁର କରାଯାଇ ସାରିଛି।

# ଦନ୍ତା ମାରି ଦାନ୍ତ କାଟିନେଲେ



ମୃତ ଦନ୍ତା ହାତୀ।

■ ହାତୀର ଗଳିତ ମୃତଦେହ ଉଦ୍ଧାର
■ ବିଦ୍ୟୁତ୍ ଫାଶରେ ମୃତ୍ୟୁ ସନ୍ଦେହ
■ ୨୫ ଦିନରେ ମଲେଣି ୨ ହାତୀ

ପାଲଲହଡ଼ା, ୯।୧୧(ଡି.ଏନ.ଏ.)

ଦେବଗଡ ବନଖଣ୍ଡ ଅନ୍ତର୍ଗତ ଖମାର ବନାଞ୍ଚଳ ପାଉଁଶିଆ ବଡଗୁଣ୍ଡ ଜଙ୍ଗଲରୁ ଶୁକ୍ରବାର ଏକ ଦନ୍ତା ହାତୀର ଅର୍ଦ୍ଧଗଳିତ ମୃତଦେହ ଉଦ୍ଧାର କରାଯାଇଛି। କେହି ଦୁର୍ବୃତ୍ତ ହାତୀ ଶିକାର କରି ଦୁଇଟି ଯାକ ଦାନ୍ତ କାଟି ନେଇଛନ୍ତି। ଖବରପାଇ ପାଲଲହଡ଼ା ଓ ଖମାର ବନଖଣ୍ଡ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବିଦ୍ୟୁତ୍ ଫାଶରେ ପଡି ହାତୀଟିର ମୃତ୍ୟୁ ଘଟିଥିବା ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ବିଭାଗର ସୂଚନା ମୁତାବକ, ଉକ୍ତ ଜଙ୍ଗଲରେ ଦନ୍ତାର ମୃତଦେହ ପଡିଥିବା ଖବର ମିଳିବା ପରେ ଦେବଗଡ ଡିଏଫ୍‌ଓ କାର୍ତ୍ତିକ ସାମନ୍ତରାୟ ଓ ଆଞ୍ଚଳିକ ବନ ସଂରକ୍ଷକ ଲିଙ୍ଗରାଜ ହୋତା ସେଠାରେ ପହଞ୍ଚିଥିଲେ। ହାତୀଟିର ଦାନ୍ତ ଦୁଇଟି କେହି କାଟି ନେଇଥିବା ଦେଖିବାକୁ ମିଳିଥିଲା। ଦନ୍ତାର ବୟସ ୨୦ରୁ ୨୫ ବର୍ଷ ହେବ ବୋଲି ଜଣାପଡିଛି। ଡିଏଫ୍‌ଓ ସାମନ୍ତରାୟ କହିଛନ୍ତି, କେହି ହାତୀ ଶିକାର କରି ଦାନ୍ତ ନେଇଯାଇଛି। ଏହାର ତଦନ୍ତ କରାଯାଇ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରିବା ସହ ଦାନ୍ତ ଉଦ୍ଧାର କରାଯିବ। ସୂଚନାଯୋଗ୍ୟ, ଗତ ମାସ ୧୩ ତାରିଖରେ ହାତୀବିନ୍ଧା ଖସଡା ଜଙ୍ଗଲରେ ଏକ ଛୁଆ ହାତୀର ମୃତ୍ୟୁ ଘଟିଥିବାବେଳେ ଏବେ ଏହି ଦନ୍ତାକୁ ମିଶାଇ ୨୫ ଦିନରେ ୨ ହାତୀର ଜୀବନ ଗଲାଣି। ବିଗତ ୩ ବର୍ଷରେ ପାଲଲହଡ଼ାରେ ୪ ଟି ହାତୀଙ୍କ ମୃତ୍ୟୁ ଘଟିଲାଣି। ଏବେ ଉକ୍ତ ବନାଞ୍ଚଳରେ ୪୦ରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ପରିବେଶବିତ୍‌ଙ୍କ ମହଲରେ ଚିନ୍ତା ପ୍ରକାଶ ପାଇଛି। ବନ ବିଭାଗର ଅବହେଳା ଯୋଗୁ ବନାଞ୍ଚଳରେ ହାତୀ ଅସୁରକ୍ଷିତ ହୋଇପଡୁଥିବା ଅଭିଯୋଗ ହୋଇଛି।

# ନଷ୍ଟ ହୋଇଛି ୪୬୦୦ ଏକର ଗଞ୍ଜେଇ ଚାଷ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ରାଜ୍ୟରେ ବଢିଚାଲିଥିବା ଅବାଧ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଭୁବନେଶ୍ୱର ଏସ୍‌ଟିଏଫ କାର୍ଯ୍ୟାଳୟରେ ଶୁକ୍ରବାର ଏକ କର୍ମଶାଳା ଏବଂ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲିସ ଡିଜି ଡ. ଆର.ପି. ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଚଳିତବର୍ଷ ଆଦିବାସୀ ଅଧ୍ୟୁଷିତ କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ ଏବଂ ବୌଦ୍ଧ ସମେତ ଅନ୍ୟାନ୍ୟ ଜିଲାରେ ମୋଟ ୪୬୦୦ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୧୯୮୫ ଏନ୍‌ଡିପିଏସ୍(ନ୍ୟାଶନାଲ୍ ଡ୍ରଗ୍‌ସ ଆଣ୍ଡ ସାଇକୋଟ୍ରୋପିକ ସବଷ୍ଟାନ୍‌ସେସ୍) ଆକ୍ଟକୁ କଡାକଡି କରାଯିବା ସହ ଏହାର ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଏସପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୬୭୩ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଚୋରା ଚାଲାଣରେ ସଂପୃକ୍ତ ୧୧୫ଟି ଗାଡିକୁ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ୧୨ ଲକ୍ଷ ଟଙ୍କା ଜବତ କରାଯାଇଥିବା ବେଳେ ୪୩୫ ମାମଲା ରୁଜୁ କରାଯାଇ ୬୬୮ ଜଣଙ୍କୁ ଗିରଫ କରାଯାଇଛି।

### ନିଶା କାରବାର ମାମଲାରେ ୬୬୦ ଗିରଫ

ସେମାନଙ୍କ ମଧ୍ୟରେ ୨୪ ମହିଳା ରହିଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୯୧୫.୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଡିଜିପି ଆହୁରି କହିଥିଲେ, ସ୍ୱାଭିମାନ ଅଞ୍ଚଳ ମାଲକାନଗିରି ଜିଲାରେ ଅନେକ ଆଦିବାସୀ ଜୀବିକା ନିର୍ବାହ ପାଇଁ ଗଞ୍ଜେଇ ଚାଷ କରୁଛନ୍ତି। ତେଣୁ ସେମାନଙ୍କ ଜୀବିକା ନିର୍ବାହ ପାଇଁ ଖୁବ୍‌ଶୀଘ୍ର ବିକଳ୍ପ ବ୍ୟବସ୍ଥା କରିବା ଲାଗି ସରକାରଙ୍କୁ ଅବଗତ କରାଯାଇଛି। ଏସ୍‌ଟିଏଫ ଆଇଜିପି ଯତୀନ୍ଦ୍ର କୋଏଲ ଏବଂ ଇଓଡବ୍ଲ୍ୟୁର ଡିଆଇଜିପି ନିଖିଳ କୁମାର କନୋଡିଆ ଅତିଥିଭାବେ ଯୋଗଦେଇଥିଲେ। ଏଡିଜିପି ସନ୍ତୋଷ ଉପାଧ୍ୟାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ରାଜସ୍ୱ ଓ ଅବକାରୀ ବିଭାଗ, ଜଙ୍ଗଲ ବିଭାଗ ଏବଂ ଓଡିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟରର ଅଧିକାରୀମାନେ ଯୋଗଦେଇ ଅବାଧ ନିଶା କାରବାରକୁ କିପରି ପ୍ରତିରୋଧ କରାଯିବ ସେନେଇ ଆଲୋଚନା କରିଥିଲେ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳସଚିବ ହେଲେ ରାଜଶ୍ରୀ ସିଂ

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ଏବଂ ପରୀକ୍ଷା ନିୟନ୍ତ୍ରକଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ତ୍ତ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଓଏଏସ୍ ଅଧିକାରୀ ରାଜଶ୍ରୀ ସିଂଙ୍କୁ ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ଭାବେ ନିଯୁକ୍ତ କରାଯାଇଛି। ଶୁକ୍ରବାର ସେ ନିଜ ଦାୟିତ୍ୱ ଗ୍ରହଣ କରିବା ସହ ବିଶ୍ୱବିଦ୍ୟାଳୟ କୁଳସଚିବ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେହିଭଳି ଦୀର୍ଘଦିନ ଧରି ଏଠାରେ ଖାଲିପଡ଼ିଥିବା ପରୀକ୍ଷା ନିୟନ୍ତ୍ରକ ପଦବୀରେ ମଧ୍ୟ ନୂତନ ନିଯୁକ୍ତି ଦିଆଯାଇଛି। ରମାଦେବୀ ମହିଳା ଜୁନିୟର କଲେଜରେ ପ୍ରାଧ୍ୟାପକ ଭାବେ ଅବସ୍ଥାପିତ ଥିବା ମନୋଜ କୁମାର ଦାସଙ୍କୁ ସଂସ୍କୃତି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଭାବେ ଦାୟିତ୍ୱ ଦିଆଯାଇଛି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

Required for Travel Co in BBSR
SEO and SMO Executive: (2 Nos.)
Digital Marketing Executive: (2 Nos.)
Minimum 2 years experience required. Interested candidates may send their CV within 7 days to info@urbanyatra.com & may drop resume on: Plot: N4/244, (Near Hotel Crown), BBSR.
Call on: 9437534567

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଚେନ୍ନାଇରେ ଚାକିରି + ମାଗଣା ଘର। ହିନ୍ଦୀ କହିପାରୁଥିବେ।
ବେତନ: ୧୨୦୦୦ - ୧୫୦୦୦।
ହାଉସ୍ କିପିଂ ବଏ / ରୋଷେୟା। କାର ଡ୍ରାଇଭର / ମାଲିକଙ୍କ ବ୍ୟକ୍ତିଗତ ସେବକ / ଅଫିସ ଆସିଷ୍ଟାଣ୍ଟ।
9884761210

**SWIGGY REQUIRES**
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on
011 30017619

**Walk-in-Interview**
A Leading BPO Company requires:-
Data Entry Operators-(500): Good typing speed on computer, experience of Telecom CAF entries would be preferred.
Team Leader/Supervisor-(30): 1 to 3 yrs experience of managing large team would be essential.
NSB BPO Solutions Pvt. Ltd. N/37 Chandaka Industrial Estate Patia Bhubaneswar-751024,Infront of SICC Collage, OTV Lane,Near KIIT Stadium.
Contact Nos :- 9776290599,7326842261 & 7381199522

**WANTED**
ଧରିତ୍ରୀ DHARITRI Oriya daily is looking for
**ELECTRICIANS**
- Having licence with ITI Certificate.
- 5 years experience in Printing Press Electrical Maintenance.

Apply immediately to : recruitment@dharitri.com
Attractive salary commensurate with experience

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**PARADIP PORT TRUST**
PARADIP PORT-754 142, ODISHA (INDIA)
(An autonomous body under Ministry of Shipping, Govt. of India)
SAGARMALA
No.AD/RSC-II-21/11/2017(Pt.)/3918 Dated, the 01st Nov., 2018
**ADVERTISEMENT**
Applications are invited from Indian Nationals for filling up of 03(Three) posts of **Assistant Traffic Manager Gr-II** (UR-2/OBC-1) on **direct recruitment** basis in Paradip Port Trust.
For further details, refer to our website: **www.paradipport.gov.in**.
Secretary
PPT/PR/453/18-19, DT.05.11.2018

**URGENT REQUIRED**
- ରେଷ୍ଟୁରାଣ୍ଟ ୱେଟର : ୪ ଜଣ
- DRIVER : ୨ ଜଣ
- ହାଉସ୍ କିପର : ୨ ଜଣ
- ୱେଟର : ୨ ଜଣ

ଆକର୍ଷଣୀୟ ଦରମା, ଅଭିଜ୍ଞଙ୍କୁ ସୁଯୋଗ।
Contact: 9938329002

A Fast growing leading Real-Estate Company requires following personnel for its Business Expansion.
1. **MARKETING MANAGER:** 03 Posts (MBA/ Graduate having minimum 2-3 years of Exp. in same trade)
2. **DEPUTY MANAGER:** 04 Posts (MBA/Graduate having minimum 1-2 years of Exp. in same trade)
3. **MARKETING EXECUTIVE:** 10 Posts (Freshers can also apply.) Experienced preferable.

Company provides fix Salary, convenience and High Incentive.
Interested candidate may Walk-in-interview on **10.11.18 (Saturday), 11.11.18 (Sunday) and 14.11.18 (Wednesday),** Rush to-
**DIVINE INNOVATIONS PVT. LTD.,**
Plot No.: M/17, Madhusudan Nagar, Unit-4, BBSR, Near Vivekananda Sikshya Kendra, Ph: 0674-2534989, Mob: 9338424304, 9337024304

A Leading Distribution of Tiles & Marble Are Looking For
1. Sr SALES MANAGER
2. SALES EXECUTIVE
(MALE / FEMALE)
For its 4 showrooms in Bhubaneswar. Candidates must have 1-2 Yrs Exp..
SEND YOUR C.V TO EMAIL pralep.samal@rediffmail.com
Mob : 7894997519, 8763701801

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍**
IBPS
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ
**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - (ସିଆର୍‌ପି ଏସ୍‌ପିଏଲ୍-VIII)**
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୧୮/ଜାନୁୟାରୀ ୨୦୧୯ରେ ଅନୁଷ୍ଠିତ ହେବାର ସମ୍ଭାବନା ଅଛି।

| କ୍ର.ସଂ. | ପଦବୀ |
|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍-I) |
| ୦୨ | ଏଗ୍ରିକଲ୍ଚରାଲ୍ ଫିଲ୍ଡ ଅଫିସର୍ (ସ୍କେଲ୍-I) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍-I) |
| ୦୪ | ଲ' ଅଫିସର୍ (ସ୍କେଲ୍-I) |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍-I) |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍-I) |

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୬।୧୧।୨୦୧୮-୨୬।୧୧।୨୦୧୮ |
| ଦରଖାସ୍ତ ଦେୟ/ଇଣ୍ଟିମେସନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୬।୧୧।୨୦୧୮-୨୬।୧୧।୨୦୧୮ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୧୮ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | **୨୯।୧୨।୨୦୧୮ ଓ ୩୦।୧୨।୨୦୧୮** |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁୟାରୀ ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ ୨୦୧୯ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | **୨୭।୦୧।୨୦୧୯** |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃୟାରୀ ୨୦୧୯ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଫେବୃୟାରୀ ୨୦୧୯ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ ୨୦୧୯ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୧୯ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୨୬।୧୦।୨୦୧୮ ନିର୍ଦ୍ଦେଶକ, ଆଇବିପିଏସ୍

**REQUIREMENT**
1. Operation Manager, 2. Depot Manager (Bus Depot), 3.Area Manager, 4. Field Officer, 5. Office In-Charge (M/F), 6.Lady Bus Guide (Conductor), 12th Pass (80 posts).
All are with the experience of Recruitment / Manpower Agency Age 30 to 45)
Walk-in-Interview: MAX DETECTIVES & SECURITY
SECURITY & MANAGEMENT SUPPORT SERVICE
BDA Commercial Complex, 1st Floor, Samanta Vihar, Chandrasekharpur near Nalco Square, Bhubaneswar-751023, Mob: 8114396262, 8114396396

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319945331

**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା, ଜିଲ୍ଲା-କନ୍ଧମାଳ**
WALK-IN-INTERVIEW
ବିଜ୍ଞାପନ ସଂଖ୍ୟା: 2204 ତାରିଖ: 09.11.2018
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ଦ୍ୱାରା ଆର୍ଥିକ ବର୍ଷ ୨୦୧୮-୧୯ ପାଇଁ କୋଟଗଡ଼, ତୁମୁଡ଼ିବନ୍ଧ, ବାଲିଗୁଡ଼ା, କ.ନୂଆଗାଁ, ରାଇକିଆ, ଘୁ.ଉଦୟଗିରି, ଦାରିଙ୍ଗବାଡ଼ି, ଚକାପାଦ ଏବଂ ଟିକାବାଲି ବ୍ଲକର ଅନୁସୂଚିତ ଜନଜାତି (ST) ବର୍ଗର ୧୮ ବର୍ଷରୁ ୩୭ ବର୍ଷ ବୟସର ଯୋଗ୍ୟ ପ୍ରାର୍ଥୀ ଏବଂ ପ୍ରାର୍ଥିନୀମାନଙ୍କୁ ମାଗଣା ଓ ଆବାସିକ ଭିତ୍ତିକ Pre-Recruitment Training ଯୋଗାଇଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀ ନିମ୍ନରେ ପ୍ରଦତ୍ତ ଦରଖାସ୍ତ ଫର୍ମ ସହିତ ସେମାନଙ୍କର ୩ ଗୋଟି ପାସ୍‌ପୋର୍ଟ ଫଟୋ, ଶିକ୍ଷାଗତ ଯୋଗ୍ୟତା, BPL Card (ପରିବାର କିମ୍ବା ନିଜର), ଜାତି ପ୍ରମାଣ ପତ୍ର (Caste Certificate), ବାସସ୍ଥାନ ପ୍ରମାଣ ପତ୍ର (Resident Certificate) ଏବଂ ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର ସହିତ ତା୨୭।୧୧।୨୦୧୮ରିଖ ଦିବା ୧୦.୩୦ ଘଟିକା ସମୟରେ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ବାଲିଗୁଡ଼ାଙ୍କ କାର୍ଯ୍ୟାଳୟରେ ନିଜେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ସେମାନଙ୍କର ପ୍ରମାଣପତ୍ର ଇତ୍ୟାଦିର ଯାଞ୍ଚ କରାଇବା ପାଇଁ ଅନୁରୋଧ। ଯାଞ୍ଚ ପ୍ରକ୍ରିୟା ପରେ ଯୋଗ୍ୟ ବିବେଚିତ ପ୍ରାର୍ଥୀ ପ୍ରାର୍ଥିନୀମାନଙ୍କୁ ଯଥାଶୀଘ୍ର ବିଭିନ୍ନ ତାଲିମ କେନ୍ଦ୍ରକୁ ପଠାଯିବ। ଦରଖାସ୍ତ ଫର୍ମ ଏବଂ ତାଲିମ ସମ୍ବନ୍ଧୀୟ ସବିଶେଷ ତଥ୍ୟାବଳୀ ଜିଲ୍ଲା website: www.kandhamal.nic.in ରୁ ପାଇପାରିବେ।
ସ୍ୱା./- ପ୍ରକଳ୍ପ ପ୍ରଶାସକ
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ବାଲେଶ୍ୱର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately Mob: 8763257042

See CAREER APPOINTMENT on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଏଲ୍‌ପିଜି ସିଲିଣ୍ଡର ଦର ୨ଟଙ୍କା ବୃଦ୍ଧି



**ନୂଆଦିଲ୍ଲୀ,୯-୧୧:** କେନ୍ଦ୍ର ସରକାର ଚଳିତ ମାସରେ ଦ୍ବିତୀୟଥର ଏଲ୍‌ପିଜି ଦର ବଢ଼ାଇଛନ୍ତି। ତୈଳ ବିପଣନ କମ୍ପାନୀମାନେ ଶୁକ୍ରବାର ଏଲ୍‌ପିଜି ଦର ୨ ଟଙ୍କା ବଢ଼ାଇଛନ୍ତି। ଡିଲର କମିଶନ ବାବଦରେ ଏହି ବୃଦ୍ଧି କରାଯାଇଛି ବୋଲି ନୋଟିଫିକେଶନ ଜାରି କରି କୁହାଯାଇଛି। ଫଳରେ ଦିଲ୍ଲୀରେ ଏଣିକି ଏଲ୍‌ପିଜି ସିଲିଣ୍ଡର ଦର ୫୦୭.୪୨ ଟଙ୍କା ହେବ। ପୂର୍ବରୁ ଏହା ୫୦୫.୩୪ ଟଙ୍କା ଥିଲା। ଏଥିପୂର୍ବରୁ ତୈଳ ମନ୍ତ୍ରଣାଳୟ ପକ୍ଷରୁ ତୈଳ ବିପଣନ କମ୍ପାନୀଙ୍କୁ ଡିଲର କମିଶନ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୧୪.୨ କେଜିର ସିଲିଣ୍ଡର ପିଛା ୪୮.୮୯ ଟଙ୍କା ଏବଂ ୫ କେଜିର ସିଲିଣ୍ଡର ପିଛା ୨୪.୨୦ ଟଙ୍କା ଡିଷ୍ଟ୍ରିବ୍ୟୁଟର କମିଶନ ପ୍ରଦାନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଲ୍ଲେଖଥାଉ କି, ଚଳିତ ମାସରେ ଦୁଇଥର ଏଲ୍‌ପିଜି ସିଲିଣ୍ଡର ଦର ବୃଦ୍ଧି ପାଇଛି। ପୂର୍ବଥର ସିଲିଣ୍ଡର ପିଛା ୨.୯୪ ଟଙ୍କା ବୃଦ୍ଧି କରାଯାଇଥିଲା। ଜିଏସ୍‌ଟି ଯୋଗୁ ଦରବୃଦ୍ଧି କାରଣରୁ ଇତିମଧ୍ୟରେ ଏଲ୍‌ପିଜି ଦର ୧୬.୨୧ ଟଙ୍କା ବୃଦ୍ଧି ପାଇଛି। ଏଣିକି ଏଷ୍ଟାବ୍ଲିଶମେଣ୍ଟ ଚାର୍ଜ ବାବଦରେ ୩୦.୦୮ ଟଙ୍କା ଏବଂ ଡେଲିଭରି ଚାର୍ଜ ବାବଦରେ ୨୦.୫୦ ଟଙ୍କା ନୂଆ ଡିଲର କମିଶନ ପ୍ରଦାନ କରାଯିବ।

### ଟ୍ରମ୍ପଙ୍କ ନୂଆ ନୀତି
### ଅତିକୁଶଳୀଙ୍କୁ ହିଁ ମିଳିବ ଏଚ୍‌-୧ବି ଭିଜା

**ୱାଶିଂଟନ,୯-୧୧:** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଆମେରିକା ସରକାର ଏଚ୍‌-୧ବି ଭିଜା ନିୟମକୁ ଆହୁରି କଠୋର କରିବାକୁ ଚାହାନ୍ତି। ଆଉଟସୋର୍ସିଂ ବଦଳରେ ଅତ୍ୟନ୍ତ କୁଶଳୀ ବିଦେଶୀ ପେସାଦାରଙ୍କୁ ହିଁ ଏହି ଭିଜା ଦେବାକୁ ଟ୍ରମ୍ପ ବିଚାର କରୁଛନ୍ତି। ହ୍ୱାଇଟ୍ ହାଉସର ନୀତି ସମନ୍ୱୟନ(ପଲିସି କୋଅର୍ଡିନେଶନ)ର ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ କ୍ରିସ୍ ଲିଡଲ କହିଛନ୍ତି ଯେ, ଟେକ୍ନୋଲୋଜି କ୍ଷେତ୍ରରେ ଶିକ୍ଷାପ୍ରାପ୍ତ ଅତ୍ୟନ୍ତ କୁଶଳୀ ବ୍ୟକ୍ତିଙ୍କୁ ହିଁ ଏଚ୍‌-୧ବି ଭିଜା ମିଳୁ ଏହା ରାଷ୍ଟ୍ରପତି ଟ୍ରମ୍ପ ଚାହୁଁଛନ୍ତି। ଯୋଗ୍ୟତା ଆଧାରରେ ଆମେରିକାରେ ପ୍ରବେଶ ଉପରେ ଟ୍ରମ୍ପ ଗୁରୁତ୍ୱ ଦେଉଛନ୍ତି ବୋଲି ଲିଡଲ କହିଛନ୍ତି।

> ଚାଇନା ଭଳି ଅନ୍ୟ କିଛି ବଜାରରେ ଲଗାତର ଭାବେ ବିଭିନ୍ନ ଚ୍ୟାଲେଞ୍ଜର ସାମ୍ନା କରୁଛୁ।
> – ଫେଲିକ୍ସ ବ୍ରଟିଗାମ୍, ମୁଖ୍ୟ କମର୍ସିଆଲ୍ ଅଧିକାରୀ, ଜାଗୁଆର୍ ଲ୍ୟାଣ୍ଡ ରୋଭର



> ବ୍ରାଣ୍ଡ ପୁନର୍ଗଠନ ଲାଗି ନିବେଶ ସହ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ପଦକ୍ଷେପ ବିଶେଷ ଭାବେ ଫଳପ୍ରଦ ହୋଇଛି।
> – ଭାସ୍କର ଭଟ୍ଟ, ଏମ୍‌ଡି, ଟାଇଟାନ୍ କମ୍ପାନୀ



### ଉର୍ଜିତଙ୍କୁ ନୋଟିସ ପ୍ରସଙ୍ଗ
# ସିଆଇସିରେ ଉଠିଲା ଝଡ଼

- ଇନଫରମେଶନ କମିଶନରଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନବାଚୀ
- ୱିଲଫୁଲ ଡିଫଲ୍ଟରଙ୍କ ନାମ ପ୍ରକାଶ କରାଯାଇପାରିବନି
- ସିଆଇସି ଏ ସଂକ୍ରାନ୍ତରେ ଏକାଧିକ ନିର୍ଦ୍ଦେଶ ଜାରି କରିଥିଲେ



**ନୂଆଦିଲ୍ଲୀ,୯-୧୧**

ଆର୍‌ଟିଆଇ ଜରିଆରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲ ୱିଲ୍‌ଫୁଲ ଡିଫଲ୍ଟର ବା ଜାଣିଶୁଣି ଋଣଖିଲାପୀ ତାଲିକା ପ୍ରକାଶ କରୁ ନ ଥିବାରୁ ସେଣ୍ଟ୍ରାଲ ଇନଫରମେଶନ କମିଶନ(ସିଆଇସି) ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଇନଫରମେଶନ କମିଶନର ଏମ.ଶ୍ରୀଧର ଆଚାରିଲୁଙ୍କ ପକ୍ଷରୁ ଏହି ନୋଟିସ ଦିଆଯାଇଥିଲା। ଏହାକୁ ନେଇ ଏବେ ସିଆଇସିରେ ଝଡ଼ ସୃଷ୍ଟି ହୋଇଛି। ତାଙ୍କର ଏତାଦୃଶ କାର୍ଯ୍ୟକୁ ଅନ୍ୟ କମିଶନରମାନେ ବିରୋଧ କରିଛନ୍ତି।

ରିଜର୍ଭ ବ୍ୟାଙ୍କ ଋଣଖିଲାପୀଙ୍କ ତାଲିକା କାହିଁକି ପ୍ରକାଶ କରୁନାହିଁ ବୋଲି ଦର୍ଶାଇ ସିଆଇସି ପକ୍ଷରୁ ଇନଫରମେଶନ କମିଶନର ଆଚାରିଲୁ ଗତ ୨ ତାରିଖରେ ଗଭର୍ନର ଉର୍ଜିତ ପଟେଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଆସନ୍ତା ୧୬ ତାରିଖ ସୁଦ୍ଧା ଏହାର ଜବାବ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସିଆଇସି ଇତିହାସରେ ଏହା ଥିଲା ପ୍ରଥମ ଘଟଣା। କାରଣ ଏଥିପୂର୍ବରୁ ରିଜର୍ଭ ବ୍ୟାଙ୍କର କୌଣସି ଗଭର୍ନରଙ୍କୁ ସିଆଇସି ନୋଟିସ ଜାରି କରି ନ ଥିଲେ। ଅନ୍ୟପକ୍ଷରେ ଆଚାରିଲୁଙ୍କ ପଦକ୍ଷେପକୁ ନେଇ ଏବେ ଖୋଦ୍ ସିଆଇସିର ଅନ୍ୟ କମିଶନରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ଏଥିପାଇଁ ନିଜକୁ ଅପ୍ରସ୍ତୁତ ମନେକରୁଛନ୍ତି। କାରଣ ୨୦୧୭ରେ ସିଆଇସିର ପୂର୍ଣ୍ଣକାଳୀନ ଖଣ୍ଡପୀଠର ନିର୍ଦ୍ଦେଶକୁ ଆଚାରିଲୁ ଅମାନ୍ୟ କରିଛନ୍ତି। ଏହାଛଡ଼ା ସିଆଇସି ପକ୍ଷରୁ ଏ ସଂକ୍ରାନ୍ତରେ ପ୍ରାୟ ୧୦ଟି ନିର୍ଦ୍ଦେଶନାମା ଜାରି କରାଯାଇସାରିଛି। ସେଥିରେ ଦର୍ଶାଯାଇଛି ଯେ, ସୁପ୍ରିମକୋର୍ଟରେ ଋଣଖିଲାପୀଙ୍କ ସମ୍ପର୍କରେ ମାମଲା ଚାଲିଥିବାରୁ ଏ ସମ୍ପର୍କରେ କୌଣସି ତଥ୍ୟ ବାହାରେ ପ୍ରକାଶ କରାଯାଇପାରିବନି। ରିଜର୍ଭ ବ୍ୟାଙ୍କ ଗଭର୍ନର ଏହାକୁ କେବଳ ପାଳନ କରିଛନ୍ତି। କେବଳ ଏତିକି ନୁହେଁ ଏତାଦୃଶ କାର୍ଯ୍ୟର ଆଇନଗତ ଦିଗକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ସିଆଇସି ମୁଖ୍ୟ ଆର୍‌.କେ ମାଥୁର ଏ ପ୍ରସଙ୍ଗରେ ଆଲୋଚନା ପାଇଁ ପୂର୍ଣ୍ଣକାଳୀନ ସଦସ୍ୟଙ୍କ ବୈଠକ ମଧ୍ୟ ଡାକିଥିଲେ। ତେବେ ପରେ ଏହାକୁ ବାତିଲ କରାଯାଇଥିଲା। କିନ୍ତୁ ଅନ୍ୟ ସଦସ୍ୟମାନେ ସେମାନଙ୍କ ଅସନ୍ତୋଷକୁ ମୁଖ୍ୟ ସିଆଇସିଙ୍କ ନିକଟରେ ବ୍ୟକ୍ତ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୭ ମେ ୨୪ରେ ଇନଫରମେଶନ କମିଶନର ସୁଧୀର ଭାର୍ଗବ ଏବଂ ମଞ୍ଜୁଳା ପ୍ରାସରଙ୍କୁ ନେଇ ଗଠିତ ଖଣ୍ଡପୀଠ ଦର୍ଶାଇଥିଲେ ଯେ, ସର୍ବୋଚ୍ଚ ଅଦାଲତରେ ମାମଲାର ଶୁଣାଣି ଚାଲିଥିବାରୁ ୱିଲଫୁଲ ଡିଫଲ୍ଟରଙ୍କ ତାଲିକା ପ୍ରକାଶ କରାଯାଇପାରିବନି। ଏହାଛଡ଼ା ଆର୍‌ବିଆଇ ଦାୟିତ୍ୱରେ ଥିବା ଭାର୍ଗବ ଏ ସଂକ୍ରାନ୍ତରେ ଏକାଧିକ ନିର୍ଦ୍ଦେଶ ମଧ୍ୟ ଜାରି କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ନିଜ ଦାୟିତ୍ୱ ଛାଡ଼ି ଆଚାରିଲୁ ଗଭର୍ନରଙ୍କୁ ନୋଟିସ ଜାରି କରିଛନ୍ତି। ତାଙ୍କୁ ଷ୍ଟାଟିଷ୍ଟିକ୍ସ ଏବଂ ଯୋଜନା କ୍ରିୟାନ୍ୱୟନ, ଶ୍ରମ ଏବଂ ଅନ୍ୟ ମନ୍ତ୍ରଣାଳୟର ଦାୟିତ୍ୱ ମିଳିଛି। ଅନ୍ୟପକ୍ଷରେ ମାଥୁର ପିଏମ୍‌ଓ ଦାୟିତ୍ୱ ପାଇଛନ୍ତି। ସେହିପରି ଭାର୍ଗବ ଆର୍‌ବିଆଇ ଓ ଅର୍ଥ ମନ୍ତ୍ରଣାଳୟର ମାମଲା ଶୁଣାଣି କରିନ୍ତି। ଆସନ୍ତା ୨୦ରେ ଆଚାରିଲୁ ଅବସର ନେବାକୁ ଯାଉଥିବା ବେଳେ ଏହାର ୧୮ ଦିନ ପୂର୍ବରୁ ସେ ନୋଟିସ ଜାରି କରିବାର ଯଥାର୍ଥତା ନେଇ ଜଣେ ଇନଫରମେଶନ କମିଶନର ପ୍ରଶ୍ନ ଉଠାଇଛନ୍ତି। ଟିଭି ଚ୍ୟାନେଲରେ କାରଣ ଦର୍ଶାଅ ନୋଟିସ ସମ୍ପର୍କରେ ଆଲୋଚନାରେ ତାଙ୍କର ଭାଗ ନେବା ନେଇ ମଧ୍ୟ ସିଆଇସି ମୁଖ୍ୟଙ୍କ ନିକଟରେ ଅଭିଯୋଗ ହେଲାଣି। ଉଲ୍ଲେଖ କରାଯାଇପାରେ ଯେ, ସନ୍ଦିପ ସିଂ ଜାଦୁଓନ ଏକ ଆର୍‌ଟିଆଇ ଆବେଦନରେ ଆର୍‌ବିଆଇଠାରୁ ସମସ୍ତ ୱିଲଫୁଲ ଡିଫଲ୍ଟରଙ୍କ ତାଲିକା ଜାଣିବାକୁ ଚାହିଁଥିଲେ। ତେବେ କେନ୍ଦ୍ରୀୟ ବ୍ୟାଙ୍କ ଏହାକୁ ଦେବାକୁ ମନା କରିବା ପରେ ଆବେଦନକାରୀ ଆଚାରିଲୁଙ୍କ ଇଜଲାସରେ ଆବେଦନ କରିଥିଲେ ଏବଂ ଏହାର ଏକାଧିକ ଥର ଶୁଣାଣି ହୋଇଥିଲା। ଶେଷରେ ସେ ଉର୍ଜିତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।

### ଇସ୍ତଫା ଦେଇପାରନ୍ତି ଗଭର୍ନର

କେନ୍ଦ୍ର ସରକାରଙ୍କ ସହ ବିବାଦ ଆରମ୍ଭ ହେବା ଭିତରେ ଆସନ୍ତା ୧୯ରେ ରିଜର୍ଭ ବ୍ୟାଙ୍କ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ଏହି ବୈଠକରେ କେନ୍ଦ୍ର ସରକାର ବୋର୍ଡ ସଦସ୍ୟଙ୍କ ଜରିଆରେ ନିଜର ଦାବିଗୁଡ଼ିକ ପୂରଣ ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିବେ। ବିବାଦ ଅଧିକ ଘନେଇଲେ ଗଭର୍ନର ଉର୍ଜିତ ପଟେଲ ସେହି ବୈଠକରେ ହିଁ ନିଜ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି ତାଙ୍କ ଘନିଷ୍ଠତମ ସୂତ୍ରରୁ ପ୍ରକାଶ। ତେବେ ଏନେଇ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି। ଉକ୍ତ ସୂତ୍ର ଅନୁଯାୟୀ ସରକାରଙ୍କ ସହ ବିବାଦକୁ ନେଇ ପଟେଲ ଏବେ ବୀତସ୍ପୃହ ହୋଇପଡ଼ିଛନ୍ତି। ଏହା ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ତେଣୁ ସ୍ୱାସ୍ଥ୍ୟଗତ କାରଣରୁ ସେ ନିଜ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି। ଏହାଛଡ଼ା ନିଜ ଅସୁସ୍ଥ ମା'ଙ୍କ ଦେଖାଶୁଣା ପାଇଁ ସରକାରୀ ବଙ୍ଗଳାକୁ ଯାଇ ନ ଥିବା ଉର୍ଜିତ ପରିବାର ସହ ଅଧିକ ସମୟ ବିତାଇବାକୁ ଚାହୁଁଛନ୍ତି। ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତା ସମ୍ପର୍କରେ ମୁହଁ ଖୋଲିଥିବା ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଗଭର୍ନରଙ୍କ ଇସ୍ତଫା ଦେବା ନେଇ ସଙ୍କେତ ଦେଇଛନ୍ତି। ସେ ମଧ୍ୟ ପାରିବାରିକ କାରଣରୁ ଇସ୍ତଫା ଦେଇପାରନ୍ତି ବୋଲି ଶୁଣାଯାଉଛି।

### ଆର୍‌ବିଆଇରୁ ୩.୬ ଲକ୍ଷ କୋଟି ଦାବିକୁ ସରକାରଙ୍କ ଅସ୍ୱୀକାର



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ରୁ କେନ୍ଦ୍ର ସରକାର ୩.୬ ଲକ୍ଷ କୋଟି ଟଙ୍କା ଦାବି କରୁନାହାଁନ୍ତି। ବରଂ ଆର୍‌ବିଆଇର ଆର୍ଥିକ ପୁଞ୍ଜି ଢାଞ୍ଚା(ଇକୋନୋମିକ କ୍ୟାପିଟାଲ ଫ୍ରେମୱର୍କ) ନିର୍ଦ୍ଧାରିତ କରିବା ନେଇ ସରକାର ଆଲୋଚନା କରୁଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ବିଭାଗ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ଏକ ଟୁଇଟ୍ ଜରିଆରେ ସେ କହିଛନ୍ତି ଯେ, ଏ ସଂକ୍ରାନ୍ତରେ ମିଡିଆରେ ପ୍ରକାଶିତ ରିପୋର୍ଟ ଭୁଲ୍ ତଥା ମିଥ୍ୟା। ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିଚାଳନା ଠିକ୍ ଦିଗରେ ଚାଲିଛି। ସରକାରଙ୍କୁ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡ଼ିନି। ଏଥିପାଇଁ ରିଜର୍ଭ ବ୍ୟାଙ୍କରୁ ୩.୬ ଲକ୍ଷ କୋଟି ଟଙ୍କା ଦାବି କରାଯାଇନି। ସରକାର ୩.୩% ପ୍ରତିଶତର ବିତ୍ତୀୟ ନିଅଣ୍ଟ ପରିମାଣ ଲକ୍ଷ୍ୟକୁ ପୂରଣ କରିପାରିବେ ବୋଲି ସେ କହିଛନ୍ତି। ପୂର୍ବତନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଅରବିନ୍ଦ ସୁବ୍ରମଣ୍ୟନ ୨୦୧୬-୧୭ର ଅର୍ଥନୈତିକ ସର୍ଭେରେ କହିଥିଲେ ଯେ, ଆର୍‌ବିଆଇ ନିକଟରେ ଅତ୍ୟଧିକ ପୁଞ୍ଜି ରହିଛି। ପ୍ରାୟ ୪ ଲକ୍ଷ କୋଟି ଟଙ୍କା କେନ୍ଦ୍ରୀୟ ବ୍ୟାଙ୍କ ସରକାରଙ୍କୁ ଦେଲେ ଏହାକୁ ପୁନରାୟ ବ୍ୟାଙ୍କଗୁଡ଼ିକୁ ସରକାର ପୁଞ୍ଜି ନିବେଶ ଭାବେ ଫେରାଇ ଦେବେ। ଫଳରେ ଅର୍ଥନୀତିର ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। କିନ୍ତୁ ଏହି ପ୍ରସ୍ତାବ ଆଜି ଯାଏ କାର୍ଯ୍ୟକାରୀ ହୋଇପାରିନାହିଁ।

### ଭାରତ ଆସିବାକୁ ଚୋକ୍‌ସୀଙ୍କୁ ଭୟ
#### ଆଣ୍ଟିଗୁଆ ସରକାରଙ୍କ ବିରୋଧରେ ମାମଲା



**ନୂଆଦିଲ୍ଲୀ,୯-୧୧**

ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଦୁର୍ନୀତି ମାମଲାରେ ଆଣ୍ଟିଗୁଆରେ ଲୁଚିଥିବା ଅନ୍ୟତମ ଅଭିଯୁକ୍ତ ମେହୁଲ ଚୋକ୍‌ସୀ ଭାରତ ଆସିବାକୁ ଭୟ କରୁଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ କରାଯାଇପାରେ ବୋଲି ଆଶଙ୍କା କରି ଚୋକ୍‌ସୀ ଆଣ୍ଟିଗୁଆ ଓ ବାରବୁଡ଼ା ସରକାରଙ୍କ ବିରୋଧରେ ସ୍ଥାନୀୟ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଏହି ମାମଲାରେ ସେ ପ୍ରଧାନମନ୍ତ୍ରୀ ଅଥବା ତାଙ୍କର ସ୍ଥାୟୀ ସଚିବଙ୍କୁ ପକ୍ଷଭୁକ୍ତ କରିବାକୁ ନିବେଦନ କରିଛନ୍ତି। ଚୋକ୍‌ସୀ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଭାରତ ଓ ଆଣ୍ଟିଗୁଆ ମଧ୍ୟରେ କମନୱେଲ୍‌ଥ ଚୁକ୍ତି ହୋଇଥିଲେ ହେଁ ପ୍ରତ୍ୟର୍ପଣ ଚୁକ୍ତି ହୋଇନି। ଏହାସତ୍ତ୍ୱେ ସ୍ଥାନୀୟ ସରକାର ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ଉଦ୍ୟମ କରୁଛନ୍ତି। ଉଲ୍ଲେଖଥାଉ କି, କମନୱେଲ୍‌ଥ ଚୁକ୍ତି ହେବା ପରେ ଆଣ୍ଟିଗୁଆ ସ୍ୱତଃସ୍ଫୂର୍ତ୍ତ ଭାବେ କୌଣସି ଅପରାଧୀଙ୍କୁ ପ୍ରତ୍ୟର୍ପଣ କରିବାକୁ ବାଧ୍ୟ ବୋଲି ଆଣ୍ଟିଗୁଆ ଆଟର୍ନି ଜେନେରାଲ ଅଫିସ ପକ୍ଷରୁ କୁହାଯାଇଛି। ଆସନ୍ତା ୧୪ରେ ଏହି ମାମଲାର ଶୁଣାଣି କରାଯିବ।

## ଓଜିବି ଅଫିସର ସଙ୍ଗଠନର ସମ୍ବର୍ଦ୍ଧନା ଦିବସ




**ଭୁବନେଶ୍ୱର,୯-୧୧**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଫିସର ସଙ୍ଗଠନ (ଏଓଜିବିଓ)ପକ୍ଷରୁ ସମ୍ବର୍ଦ୍ଧନା ଦିବସ ପାଳିତ ହୋଇ ଯାଇଛି। ୨୦୦ରୁ ଅଧିକ ସଭ୍ୟ ସଙ୍ଗଠନର ଆଦର୍ଶ ଓ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଏଥିରେ ଯୋଗ ଦେଇଥିଲେ। ଜାତୀୟ ସଙ୍ଗଠନ ଏଆଇଆର୍‌ଆର୍‌ବିଇଏ ଏବଂ ଅଫିସର ସଙ୍ଗଠନ ଏନ୍‌ଏଫ୍‌ଆର୍‌ଆର୍‌ବିଓର ସାଧାରଣ ସମ୍ପାଦକ କମ୍ରେଡ ସୟଦ ଖାନ୍ ଏଥିରେ ଉପସ୍ଥିତ ରହିବା ସହ ପେନସନ ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଓଜିବି କର୍ମଚାରୀଙ୍କ ପାଇଁ ପେନସନ ଲାଗୁ କରାଇବା ଦିଗରେ ଏଆଇଆର୍‌ଆର୍‌ବିଇଏ କାର୍ଯ୍ୟ ଉପରେ ଓଜିବି ଅଫିସର ସଙ୍ଗଠନର ସଭାପତି ସ୍ୱରୂପ କୁମାର ବାସା ମତ ରଖିଥିଲେ। କାର୍ଯ୍ୟକ୍ରମରେ ଏଓଜିବିଓର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଭଞ୍ଜ, ସଙ୍ଗଠନର ସମ୍ପାଦକ ମହେଶ୍ୱର ମହାରଣା, କାର୍ଯ୍ୟକାରୀ ସଭାପତି ନୀଳକଣ୍ଠ ବିଶ୍ୱାଳ, ଆୟୋଜକ ସଚିବ ପ୍ରଭୁ ପ୍ରସାଦ ମିଶ୍ର, ଭୁବନେଶ୍ୱର କ୍ଷେତ୍ରୀୟ ସଚିବ ଅସିତ କୁମାର ଖଣ୍ଡାଇ, କେନ୍ଦ୍ରୀୟ ସମିତି ସଦସ୍ୟ ଦେବୀଦାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଏଲ୍ ଆଣ୍ଡ ଟି ଫାଇନାନ୍ସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର,୯-୧୧**

ପ୍ରମୁଖ ଅଣ ବ୍ୟାଙ୍କିଂ ବିତ୍ତ ପ୍ରତିଷ୍ଠାନ ଏଲ୍ ଆଣ୍ଡ ଟି ଫାଇନାନ୍ସ ହୋଲଡିଙ୍ଗସ (ଏଲଟିଏଫ୍‌ଏଚ୍)ର ସହାୟକ ସଂସ୍ଥା ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ ପକ୍ଷରୁ ବଲାଙ୍ଗୀର ଜିଲାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସେହିଭଳି ରାଜ୍ୟର ବିଭିନ୍ନ ଜିଲାରେ କମ୍ପାନୀ ୩୨ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଭଳି ପଦକ୍ଷେପ ଦ୍ୱାରା ବଲାଙ୍ଗୀର, ବୌଦ, ସୋନପୁର ଏବଂ ବରଗଡ଼ ଭଳି ଜିଲାର ଅନେକ ଲୋକ ଲାଭବାନ ହୋଇଛନ୍ତି। ସ୍ୱାସ୍ଥ୍ୟ ଶିବିର ଜେନେରାଲ ଫିଜିସିଆନ୍, ଶିଶୁ ବିଶେଷଜ୍ଞ, କାଉନସେଲର, ଫାର୍ମାସିଷ୍ଟ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ମହିଳାଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା, ବୟସ୍କଙ୍କ ରକ୍ତଚାପ ପରୀକ୍ଷା, ଏଚ୍‌ଆଇଭି ପରୀକ୍ଷା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଭଳି ଅନ୍ୟାନ୍ୟ ପରୀକ୍ଷାମାନ ଶିବିରରେ ସମ୍ପାଦନ କରାଯାଇଥିଲା।

### ବିଓବିର ସତର୍କତା ସଚେତନତା ସପ୍ତାହ



**ଭୁବନେଶ୍ୱର,୯-୧୧**

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର ଉପମହାପ୍ରବନ୍ଧକ ଏନ୍. ବେହେରା, ଉପ କ୍ଷେତ୍ରୀୟ ପ୍ରବନ୍ଧକ ଭାରତ ଭୂଷଣଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ଦୁର୍ନୀତି ନିବାରଣ ଲାଗି ଶପଥ ପାଠ କରିଥିଲେ।

### ଇରାନରୁ ତେଲ କ୍ରୟ
## ଆମେରିକାର କଟକଣା କୋହଳକୁ ତର୍ଜମା କରୁଛି ଭାରତ

**ନୂଆଦିଲ୍ଲୀ,୯-୧୧**

ପରମାଣୁ ଚୁକ୍ତିରୁ ଓହରିବା ପରେ ଇରାନ ବିରୋଧରେ ଗତ ୫ ତାରିଖରୁ ଆମେରିକାର କଟକଣା ଲାଗୁ ହୋଇଛି। ତେବେ ଭାରତ ସମେତ ୮ଟି ଦେଶକୁ ଆମେରିକା ଏହି କଟକଣାରୁ ସାମୟିକ ବାଦ୍ ଦେଇଛି। ଫଳରେ ଏଣିକି ଆସନ୍ତା ୬ ମାସ ପର୍ଯ୍ୟନ୍ତ ଇରାନରୁ ଅଶୋଧିତ ତେଲ କିଣିପାରିବ। ଅନ୍ୟପକ୍ଷରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି ଯେ, ଆମେରିକାର କଟକଣା କୋହଳ ସଂକ୍ରାନ୍ତରେ ଭାରତ ପରୀକ୍ଷାନିରୀକ୍ଷା କରି ଦେଖୁଛି। ମନ୍ତ୍ରଣାଳୟ ମୁଖପାତ୍ର ରବିଶ୍ କୁମାର କହିଛନ୍ତି ଯେ, ଭାରତ ପାଇଁ ଆମେରିକା କଟକଣା କୋହଳ କରିଥିବାରୁ ଆମେ ଏହାକୁ ସ୍ୱାଗତ କରୁଛୁ। କାରଣ ଭାରତ ତା'ର ଚାହିଦାର ପ୍ରାୟ ୮୦ ପ୍ରତିଶତ ଆମଦାନୀ ଉପରେ ନିର୍ଭରଶୀଳ। ଆମେରିକା ସରକାର ଭାରତର ଚାହିଦାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥିବାରୁ ପ୍ରଶଂସାଯୋଗ୍ୟ। ତେବେ ଆମେରିକା ସରକାର କେଉଁପ୍ରକାର ସର୍ତ୍ତାରୋପ କରିଛନ୍ତି ତାହାକୁ ପରୀକ୍ଷା କରିବା ପରେ ହିଁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

### ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ସ୍ୱଚ୍ଛତା ପଦକ୍ଷେପ

HYUNDAI

**ନୂଆଦିଲ୍ଲୀ,୯-୧୧**

ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ଧ୍ୟାନରେ ରଖି ନିଜର ପ୍ରତିବଦ୍ଧତା ସ୍ୱରୂପ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ୱଚ୍ଛ ଭାରତ ଏବଂ ସ୍ୱଚ୍ଛ ରାଜପଥ ବିଷୟକୁ ପ୍ରୋତ୍ସାହିତ କରିବାକୁ କମ୍ପାନୀ ନିକଟରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ରିଲିଜ୍ କରିଛି। ରାଜପଥକୁ ସଫାସୁତୁରା ଏବଂ ମଇଳାକୁ ଏଣେ ତେଣେ ନ ଫୋପାଡ଼ି ଠିକ୍ ଭାବେ ପରିଚାଳନା କରିବା ଉପରେ ଏହି କ୍ଷୁଦ୍ର ଫିଲ୍ମରେ ବର୍ଣ୍ଣନା କରାଯାଇଛି। ଏଭଳି ପଦକ୍ଷେପ ସ୍ୱଚ୍ଛତା ସଚେତନତା ଦିଗରେ ବିଶେଷ ଭାବେ ସହାୟକ ହେବ ବୋଲି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏମ୍‌ଡି ତଥା ସିଇଓ ୱାଇ.କେ. କୋ ସୂଚନା ଦେଇଛନ୍ତି।


## ଓଡ଼ିଶା ରାଜ୍ୟ ଅର୍ଥ ନିଗମ
ଓ.ଏମ.ପି. ଛକ, କଟକ-୭୫୩୦୦୩

ବିଜ୍ଞାପନ ନଂ E-Auc/୦୧/୨୦୧୮-୧୯ | **ଇ-ନିଲାମ ବିକ୍ରୟ ବିଜ୍ଞପ୍ତି** | ତା.୦୯.୧୧.୨୦୧୮

**ଓଡ଼ିଶା ରାଜ୍ୟ ଅର୍ଥ ନିଗମ ଦ୍ୱାରା ଜବତ ହୋଇଥିବା (ଏସ. ଏଫ. ସି ଆକ୍ଟ - ୧୯୫୧ ଏବଂ ଧାରା- ୨୯ ଅନୁସାରେ) ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡ଼ିକର ଇ -ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି**

**ଅମାନତ ରାଶି ଓ କାଗଜ ପତ୍ର (ଅନଲାଇନ୍) ଦାଖଲ କରିବାର ଅନ୍ତିମ ତାରିଖ: ୨୭/୧୧/୨୦୧୮ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା**

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ନିଗମର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତା ୨୯/୧୧/୨୦୧୮(ସମୟ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧.୦୦ ଘଟିକା ମଧ୍ୟରେ) ଅନଲାଇନ୍ ଇ- ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ଜବତ ସମ୍ପତ୍ତି ଗୁଡ଼ିକ "ଯେଉଁଠାରେ ଯେଉଁ ଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି

ଇ-ନିଲାମ ଜରିଆରେ ଜବତ ସମ୍ପତ୍ତି ବିକ୍ରୟ

| କ୍ରମାଙ୍କ | ଜବତ ସ୍ଥାବର/ଅସ୍ଥାବର ସମ୍ପତ୍ତି ର ବିବରଣୀ | ସଂରକ୍ଷିତ ମୂଲ୍ୟ<br>ଅମାନତ ଜମା<br>ବିଡ୍ ର କ୍ରମ ବର୍ଦ୍ଧନ ମୂଲ୍ୟ |
|---|---|---|
| ୦୧ | ମେସର୍ସ ରେଡିଏଣ୍ଟ ଟେଲିସିଷ୍ଟମ ଲିଃ, **IDCO Plot No. A/129,** ଶିଳ୍ପାଞ୍ଚଳ ମଞ୍ଚେଶ୍ୱର, ଭୁବନେଶ୍ୱର ଜମି – ଏ.୦.୭୬ ଡିସିମିଲ (୧୨୦'x ୨୭୫'), ଗୃହ, ଆସବାବପତ୍ର ଓ ଅନ୍ୟାନ୍ୟ (ଶାଖା ପରିଚାଳକ, ଭୁବନେଶ୍ୱର ଶାଖା, ମୋବାଇଲ ନମ୍ବର – ୯୪୩୭୧୭୨୧୨୫) | ଟ. ୪,୭୮,୧୩,୦୦୦/-<br>ଟ. ୨୩,୯୧,୦୦୦/-<br>ଟ. ୨୦,୦୦୦/- |
| ୦୨ | ମେସର୍ସ ଟ୍ରାୟୋ ମଲ୍ଟି ପର୍ପୋଜ ଇଣ୍ଡଷ୍ଟ୍ରି, ମୌ – ଖଇରା ଜଗତପୁର, କଟକ ଜମି – ଏ.୦.୨୭ ଡିସିମିଲ ଏବଂ ଗୃହ (ଶାଖା ପରିଚାଳକ, କଟକ ଶାଖା, ମୋବାଇଲ ନମ୍ବର – ୯୯୩୭୦୨୪୨୮୭) | ଟ. ୧,୮୮,୨୨,୦୦୦/-<br>ଟ. ୯,୪୧,୫୦୦/-<br>ଟ. ୨୦,୦୦୦/- |
| ୦୩ | ମେସର୍ସ ଶିବ ବାବା ପାଙ୍ଗାରଲୁମ ଇଣ୍ଡଷ୍ଟ୍ରି (ପ୍ରା) ଲିଃ, ଶିଳ୍ପାଞ୍ଚଳ ଜାରକା, ପ୍ଲଟ ନମ୍ବର – ୨୨ ଓ ୨୨/କ, ଧର୍ମଶାଳା, ଯାଜପୁର, ଜମି – ଏ.୦.୪୯୮ ଡିସିମିଲ, ଗୃହ ଏବଂ ଯନ୍ତ୍ରପାତି ସହିତ (ଶାଖା ପରିଚାଳକ, ପାରାଦୀପ ଶାଖା, ମୋବାଇଲ ନମ୍ବର – ୯୮୬୧୩୨୪୨୭୦) | ଟ. ୫୧,୯୨,୦୦୦/-<br>ଟ. ୨,୬୦,୦୦୦/-<br>ଟ. ୧୦,୦୦୦/- |

ସମ୍ପତ୍ତି ତନଖିର ତାରିଖ ଏବଂ ସମୟ : ତା ୧୦/୧୧/୨୦୧୮ ରୁ ୨୭/୧୧/୨୦୧୮ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୪.୦୦ ଘଟିକା

**ଅମାନତ ରାଶି (RTGS/NEFT ମାଧ୍ୟମରେ) ନିଗମର ଆକାଉଣ୍ଟର ବିବରଣୀ**

**ଆକାଉଣ୍ଟ ନମ୍ବର – 407102050000141, ବ୍ୟାଙ୍କର ନାମ – Union Bank of India, College Square Branch, Cuttack-3, IFSC Code:UBIN0540714**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

(୧) ନିଲାମ ବିକ୍ରୟ ୱେବସାଇଟ **https://osfc.auctiontiger.net** ମାଧ୍ୟମରେ "ଅନଲାଇନ୍ ଇ-ନିଲାମ" ଦ୍ୱାରା ତା ୨୯/୧୧/୨୦୧୮ (ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧.୦୦ ଘଟିକା ସମୟରେ) ବର୍ଦ୍ଧିତ ୫ ମିନିଟ (ଅସୀମିତ ପ୍ରତ୍ୟେକ) ସହିତ ସମ୍ପନ୍ନ କରାଯିବ । (୨) ଇଚ୍ଛୁକ ଇ-ନିଲାମ ଧାରୀମାନେ ଇ-ମେଲ ଠିକଣାଧାରୀ ହୋଇଥିବା ଉଚିତ । (୩) ଇଚ୍ଛୁକ ଇ-ନିଲାମଧାରୀ ମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ଏବଂ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପୂର୍ବରୁ ୱେବସାଇଟ **https://osfc.auctiontiger.net** ମାଧ୍ୟମରେ ନିଲାମର ନିୟମ ଓ ସର୍ତ୍ତାବଳୀ ର ସବିଶେଷ ବିବରଣୀ ଦେଖନ୍ତୁ । (୪) ଇଚ୍ଛୁକ ନିଲାମ ଧାରୀମାନେ ମେସର୍ସ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ **(Auction Tiger) ଅହମ୍ମଦାବାଦ ଠାରୁ** ଇ-ନିଲାମ ତାଲିମ ପାଇପାରିବେ, ଯୋଗାଯୋଗ – ଶ୍ରୀ ରାମ ଶର୍ମା (ମୋବାଇଲ ନମ୍ବର – ୦୮୦୦୦୦୨୩୨୯୭) ଏବଂ ଶ୍ରୀ ରାକେଶ ନାୟକ (ମୋବାଇଲ ନମ୍ବର – ୯୯୩୭୨୨୦୩୧୯), ଫୋନ ନମ୍ବର – ୦୭୯୬୧-୨୦୦୫୯୮ ଏବଂ ୦୭୯୬୧-୨୦୦୫୨୦, ଇ-ମେଲ ଆଇଡି - **support@auctiontiger.net** ଓ **orissa@auctiontiger.net** (୫) ପ୍ରସ୍ତାବ ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ ସବିଶେଷ ତଥ୍ୟ ସହିତ ଅନଲାଇନ୍ ମାଧ୍ୟମରେ ଦାଖଲ ହେବ । (୬) ଅନଲାଇନ୍‌ରେ ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ : ତା ୨୭/୧୧/୨୦୧୮ ଅପରାହ୍ନ ୪.୦୦ ଘଟିକା (୭) ବିଡ୍ ଫର୍ମର ଏକ ନକଲ ସହିତ ଅନଲାଇନ୍‌ରେ ଦାଖଲ ସଂଯୁକ୍ତ କାଗଜାତ (UTR ନଂ ଦର୍ଶାଇବେ) ବିଭାଗୀୟ ମୁଖ୍ୟ (ଋଣ ଆଦାୟ ବିଭାଗ) ,ଓଡ଼ିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ କଟକ-୩ କୁ ଇ-ମେଲ (**rdhodosfc@yahoo.com**) ଦ୍ୱାରା ହସ୍ତାନ୍ତର କରିବେ । (୮) ସଂରକ୍ଷିତ ମୂଲ୍ୟ ଠାରୁ ଦାଖଲ କରିବାକୁ ଥିବା ପ୍ରସ୍ତାବର ମୂଲ୍ୟ ସମାନ/ଅଧିକ ହେବା ଉଚିତ ଏବଂ ନିଲାମଧାରୀମାନେ ସେମାନଙ୍କର ପରବର୍ତ୍ତୀ ବର୍ଦ୍ଧିତ ପ୍ରସ୍ତାବ ଉପରେ ବର୍ଣ୍ଣିତ ପ୍ରତ୍ୟେକ ସମ୍ପତ୍ତିର ଅନୁସାରେ ବଢ଼ାଇବେ (୯) ସଫଳ ନିଲାମଧାରୀମାନେ ନିଲାମ ରାଶିର ୨୫% (ପୈଠ ହୋଇଥିବା ଅମାନତ ରାଶି ଅନ୍ତର୍ଭୁକ୍ତ କରି) ସମ୍ପତ୍ତି ବିକ୍ରୟ ଦିନ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫଟ/ପେ ଅର୍ଡର/ବ୍ୟାଙ୍କର ଚେକ/NEFT/RTGS ମାଧ୍ୟମରେ ପରବର୍ତ୍ତୀ କାର୍ଯ୍ୟ ଦିବସ ସୁଦ୍ଧା ଜମା ଭାବେ ଦେବାକୁ ହେବ। ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ। ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ। ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ୍ୟ ନିଗମ ବ୍ୟାଜ୍ୟାପ୍ତି କରିପାରିବ। (୧୦) ଅସଫଳ ନିଲାମଧାରୀଙ୍କୁ ଅମାନତ ଜମା ଇ -ନିଲାମ ପ୍ରକ୍ରିୟା ସମାପ୍ତ ହେବାର ୭ କାର୍ଯ୍ୟଦିବସ ମଧ୍ୟେ ଫେରସ୍ତ କରାଯିବ । (୧୧) ନିଗମ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ କରାଯିବ ଏବଂ ଯଦି ଋଣ ଗ୍ରହିତା /ଗ୍ୟାରେଣ୍ଟିଦାତା ବିକ୍ରୟ ପୂର୍ବରୁ ସମସ୍ତ ଦେୟ ପୈଠ କରନ୍ତି ତେବେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ। (୧୨) ସମ୍ପତ୍ତି ଗୁଡ଼ିକ ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ ବିକ୍ରୟ କରାଯିବ ଏବଂ ଇଚ୍ଛୁକ ନିଲାମଧାରୀମାନେ ସମ୍ପତ୍ତି ବିଷୟରେ ଅନୁସନ୍ଧାନ କରି ପ୍ରସ୍ତାବ ଦାଖଲ ପୂର୍ବରୁ ସମ୍ପତ୍ତିର ମାଲିକାନା , ପରିମାଣ, ଗୁଣ ଏବଂ ନିଗମ ଦେୟ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ସନ୍ତୁଷ୍ଟ ହେବା ଉଚିତ । ଅନଲାଇନ ପ୍ରସ୍ତାବ ଦାଖଲ କରିବା ପରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି ବିଷୟକ କୌଣସି ଦାବି , ଦେୟ ଇତ୍ୟାଦି ବିଷୟ ଗ୍ରହଣ ଯୋଗ୍ୟ ହେବ ନାହିଁ । (୧୩) ନିଗମର ପରିଚାଳନା ନିର୍ଦ୍ଦେଶକ କୌଣସି ପୂର୍ବ ନୋଟିସ ନ ଦେଇ ଏବଂ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରସ୍ତାବକୁ ବାତିଲ କିମ୍ବା ଗ୍ରହଣ କିମ୍ବା ବିକ୍ରୟକୁ ମୁଲତବୀ/ସ୍ଥଗିତ କିମ୍ବା ବିକ୍ରୟ ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଛନ୍ତି (୧୪) କ୍ରେତା ଷ୍ଟାମ୍ପଡ୍ୟୁଟି ସହିତ ବିକ୍ରୟ ପତ୍ର ରେଜିଷ୍ଟ୍ରେସନ ଦେୟ, ସରକାରଙ୍କୁ ପ୍ରଦାନ କରିବାକୁ ଥିବା ସମସ୍ତ ଆଇନଗତ ଦେୟ ସମ୍ପତ୍ତିର ବର୍ତ୍ତମାନ ଏବଂ ଭବିଷ୍ୟତ କର/ଦେୟ ଇତ୍ୟାଦି ବହନ କରିବେ । କେବଳ ସଫଳ କ୍ରେତାଙ୍କୁ ବିକ୍ରୟ ପତ୍ର ପ୍ରେରଣ କରାଯିବ । (୧୫) ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଅମାନତ ରାଶି ଦାଖଲ କରିଥିବା ନିଲାମଧାରୀ କୌଣସି କାରଣରୁ ଉକ୍ତଦିନ ନିଲାମରେ ଅଂଶଗ୍ରହଣ କରି ନ ପାରିଲେ ଦାଖଲ କରିଥିବା ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ । (୧୬) ସମ୍ପତ୍ତିର ତନଖି ଏବଂ ସବିଶେଷ ବିବରଣୀ ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ ଶାଖା ମୁଖ୍ୟଙ୍କୁ ଉପରୋକ୍ତ ଫୋନ ନମ୍ବରରେ ଯୋଗାଯୋଗ କରିପାରିବେ । (୧୭) ଇ-ନିଲାମ ବିକ୍ରୟ ଗୁଡ଼ିକ ନିଗମର ବିକ୍ରୟ ସର୍ତ୍ତାବଳୀ ଦ୍ୱାରା ଆଧାରିତ । (୧୮) ନିଗମ ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ। (୧୯) ଇ-ନିଲାମ ଅନ୍ତର୍ଗତ କୌଣସି ଆଇନଗତ ବିବାଦ ସ୍ଥଳେ ତାହା କଟକ, ଓଡ଼ିଶା ପରିଧି ମଧ୍ୟେ ଅନ୍ତର୍ଭୁକ୍ତ ହେବ ।

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ
ବିଭାଗୀୟ ମୁଖ୍ୟ (ଋଣ ଆଦାୟ ବିଭାଗ)

## ସଂକ୍ଷେପରେ

# ଅଷ୍ଟ୍ରେଲିଆର ପ୍ରଥମ ବିଜୟ

ଆଡିଲେଡ୍,୯।୧୧- ଆଡିଲେଡ୍ ଓଭାଲଠାରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଦଳ ୭ ରନ୍‌ରେ ଜିତିନେଇଛି। କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜୟ ପରେ ଏହା ଅଷ୍ଟ୍ରେଲିଆ ଦଳର ପ୍ରଥମ ବିଜୟ। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ଦଳ ୧-୧ ବରାବର ସ୍ଥିତି ଆଣିଛି। ସିରିଜ୍‌ର ଅନ୍ତିମ ମ୍ୟାଚ୍ ୧୧ ତାରିଖରେ ବେଲେରିଭେ ଓଭାଲଠାରେ ଖେଳାଯିବ। ୨୩୧ ରନ୍ ଟାର୍ଗେଟର ପିଛା କରୁଥିବା ଦ. ଆଫ୍ରିକା ଅଧିନାୟକ ଫାଫ ଡୁ'ପ୍ଲେସି ୪୭ ଓ ଡେଭିଡ ମିଲରଙ୍କ ୫୧ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ସତ୍ତ୍ୱେ ବିଜୟ ଲକ୍ଷ୍ୟଠାରୁ ୮ ରନ୍ ପଛରେ ରହିଯାଇଥିଲା। ଦଳ ଧାର୍ଯ୍ୟ ୫୦ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୨୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ମାର୍କସ ଷ୍ଟୋଇନିସ୍ ୩ ଉଇକେଟ ନେଇଥିବାବେଳେ ମିଚେଲ ଷ୍ଟାର୍କ ଓ ଜୋସ ହାଜେଲଉଡ୍ ୨ଟି ଉଇକେଟ ହାସଲ କରିଥିଲେ। ଏଥିପୂର୍ବରୁ ଆରୋନ ଫିଞ୍ଚଙ୍କ ୪୧, କ୍ରିସ୍ ଲିନ୍‌ଙ୍କ ୪୪ ଓ ଆଲେକ୍ସ କାରେଙ୍କ ୪୭ ରନ୍ ବଳରେ ଅଷ୍ଟ୍ରେଲିଆ ୪୮.୩ ଓଭରରେ ୨୩୧ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ଦଳ ପାଇଁ କାଗିସୋ ରାବାଡା ୪, ଡ୍ୱାଇନ ପ୍ରିଟୋରିଅସ ୩ ଓ ଡେଲ ଷ୍ଟେଇନ ୨ ଉଇକେଟ ଅକ୍ତିଆର କରିଥିଲେ।

ସଂକ୍ଷିପ୍ତ ସ୍କୋର: ଅଷ୍ଟ୍ରେଲିଆ- ୪୮.୩ ଓଭରରେ ୨୩୧/ ଅଲଆଉଟ୍ (ଆଲେକ୍ସ କାରେ ୪୭, କ୍ରିସ୍ ଲିନ୍ ୪୪, ଆରୋନ ଫିଞ୍ଚ୍ ୪୧, କାଗିସୋ ରାବାଡା ୪/୫୪, ଡ୍ୱାଇନ ପ୍ରେଟୋରିଅସ ୩/୩୨)।
ଦକ୍ଷିଣ ଆଫ୍ରିକା- ୫୦ ଓଭରରେ ୨୨୪/୯ (ଡିଭିଡ ମିଲର ୫୧, ଫାଫ ଡୁ'ପ୍ଲେସି ୪୭, ମାର୍କସ ଷ୍ଟୋଇନିସ ୩/୩୫, ଜୋସ ହାଜେଲଉଡ ୨/୪୨)।



“ପାକିସ୍ତାନ କ୍ରିକେଟ ଦଳ ସନ୍ତୋଷଜନକ ପ୍ରଦର୍ଶନ କରୁଥିଲା ପର୍ଯ୍ୟନ୍ତ ସର୍ଫରାଜ ଅହମ୍ମଦଙ୍କୁ ଅଧିନାୟକ ପଦବୀରୁ ହଟାଯିବ ନାହିଁ।
–ଏହେସାନ ମନି, ପିସିବି ଚେୟାରମ୍ୟାନ



“ବଲ୍ ଟ୍ୟାମ୍ପରିଂ ପ୍ରସଙ୍ଗକୁ ନେଇ କ୍ରିକେଟ ଅଷ୍ଟ୍ରେଲିଆରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ପୂର୍ବତନ ଖେଳାଳିଙ୍କ ସହାୟତା ନିଆଯାଇପାରେ।
–ଶେନ ୱାର୍ନ, ଅଷ୍ଟ୍ରେଲୀୟ ସ୍ପିନ କିମ୍ବଦନ୍ତୀ

■ ଜାତୀୟ ଜୁନିୟର ହକି ପ୍ରଶିକ୍ଷଣ ଶିବିରରେ ୩୪

# ଓଡ଼ିଶାର ୪ ଖେଳାଳି ସାମିଲ

ନୂଆଦିଲ୍ଲୀ, ୯।୧୧(ପି.ଟି.)

ଆସନ୍ତା ୧୧ ତାରିଖରୁ ବେଙ୍ଗାଲୁରୁରେ ଆରମ୍ଭ ହେବାକୁ ଥିବା ଜୁନିୟର ନ୍ୟାଶନାଲ କୋଚିଂ କ୍ୟାମ୍ପ ପାଇଁ ହକି ଇଣ୍ଡିଆ ଏକ ୩୪ ଜଣିଆ ଖେଳାଳି ତାଲିକା ଘୋଷଣା କରିଛି। ବିଶ୍ୱକପ୍ ପାଇଁ ଭୁବନେଶ୍ୱରରେ ଚାଲିଥିବା ସିନିୟର କ୍ୟାମ୍ପର ୬ ଜଣ ଖେଳାଳିଙ୍କୁ ମଧ୍ୟ ଏହି ଶିବିରରେ ଯୋଗଦେବାକୁ କୁହାଯାଇଛି। ସେମାନେ ହେଲେ ସୁମନ ବେକ୍, ମନଦୀପ ମୋର, ଯଶଦୀପ ସିଂ, ବିଶାଲ ଆଣ୍ଟିଲ, ଗୁରସାହିମଜିତ୍ ସିଂ ଓ ଓଡ଼ିଶାର ଶିଳାନନ୍ଦ ଲାକ୍ରା। ସେହିପରି କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ସୁଲତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନଙ୍କ ମଧ୍ୟରୁ କେତେଜଣଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ଏହି ଟୁର୍ନାମେଣ୍ଟରେ ଭାରତ ଆୟୋଜକ ମାଲେସିଆକୁ ୨-୧, ନ୍ୟୁଜିଲାଣ୍ଡକୁ ୭-୧, ଜାପାନକୁ ୧-୦, ଅଷ୍ଟ୍ରେଲିଆକୁ ୫-୪ ଗୋଲରେ ପରାସ୍ତ କରିଥିଲା। ତେବେ ଭାରତ ରାଉଣ୍ଡ ରବିନ ମ୍ୟାଚ୍‌ରେ ଗ୍ରେଟ ବ୍ରିଟେନଠାରୁ ପରାସ୍ତ ହୋଇଥିଲା। ସେହିପରି ଫାଇନାଲରେ ମଧ୍ୟ ଭାରତ ଗ୍ରେଟ୍ ବ୍ରିଟେନଠାରୁ ହାରିଥିଲା। ଏହି କ୍ୟାମ୍ପରେ ସାମିଲ ହୋଇ ଖେଳାଳିମାନେ ବହୁତ କିଛି ଶିକ୍ଷା କରିପାରିବେ ବୋଲି କୋଚ ଜୁଡେ ଫେଲିକ୍ସ କହିଛନ୍ତି। ଏହି ଶିବିରରେ ୪ ଜଣ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଶିଳାନନ୍ଦ ଲାକ୍ରା, ପଙ୍କଜ କୁମାର ରଜାକ, ସୁମନ ବେକ୍ ଓ ଲୁଗୁନ ସିରିଲ।

**ଖେଳାଳିଙ୍କ ନାମ:**

**ଗୋଲ କିପର–** ପଙ୍କଜ କୁମାର ରଜାକ, ପଥ୍ୱନ, କମଲବୀର ସିଂ।

**ଡିଫେଣ୍ଡର–** ସୁମନ ବେକ, ମହମ୍ମଦ ଫରାଜ, ସଞ୍ଜୟ, ସୋମଜିତ୍, ମନଦୀପ ମୋର, ପରମପ୍ରୀତ ସିଂ, ଦୀନଚନ୍ଦ୍ର ସି ମେଇରାଙ୍ଗଥେମ୍, ପ୍ରିନ୍ସ, ବରିନ୍ଦର ସିଂ, ଲୁଗୁନ ସିରିଲ।

**ମିଡ୍‌ଫିଲ୍ଡରର–** ଅକ୍ଷୟ ଅବସ୍ଥି, ଖେସ ଗ୍ରେଗୋରୀ, ଯଶଦୀପ ସିୱାଚ୍, ହରମନଜିତ୍ ସିଂ, ବିଷ୍ଣୁକାନ୍ତ ସିଂ, ଗୋପୀ କୁମାର ସେନକାର, ବିଶାଲ ଆଣ୍ଟିଲ, ନୀରଜ କୁମାର ୱାରିବାମ, ରବିଚନ୍ଦ୍ରନ ସିଂ ମୋଇରଙ୍ଗଥେମ୍, ହସପ୍ରୀତ୍ ସିଂ।

**ଫରୱାର୍ଡ୍–** ସୁଦୀପ ଚିର୍ମାକୋ, ମନୀନ୍ଦର ସିଂ, ଗୁରସାହାବଜିତ୍ ସିଂ, ଅମନଦୀପ ସିଂ, ଅଭିଳାଷ ଷ୍ଟାଲିନ ସି, ଅଭିଷେକ, ଏଚ୍. ମାନୀ ସିଂ, ପ୍ରଭଜୋତ୍ ସିଂ, ଶିବମ୍ ଆନନ୍ଦ, ଶିଳାନନ୍ଦ ଲାକ୍ରା ଓ ରାହୁଲ କୁମାର ରାଜଭର।

# ୧୧ରେ କଟକ ଆସିବ ମାସ୍କଟ ଓଲି

କଟକ ଅଫିସ,୯।୧୧

ଆସନ୍ତା ପୁରୁଷ ହକି ବିଶ୍ୱକପ୍ ନିମନ୍ତେ ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ମାସ୍କଟ ଓଲି ୧୧ ତାରିଖରେ କଟକ ଆସିବ। ୧୧ ତାରିଖ ଅପରାହ୍ନରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରହିବା ପରେ ୧୨ ତାରିଖ ପୂର୍ବାହ୍ନରେ ସତ୍ୟବ୍ରତ ଷ୍ଟାଡିୟମରେ ପ୍ରଦର୍ଶନୀ ନିମନ୍ତେ ରଖାଯିବ। ପରେ ତୁଳସୀପୁର ପୋଲିସ ହାଇସ୍କୁଲ ଓ ସିଡିଏ ଡିଏଭି ସ୍କୁଲରେ ପ୍ରଦର୍ଶନୀ ହୋଇ ମାସ୍କଟ ଓଲି ଫେରିଯିବ।

# ଓଡ଼ିଶା ବନାମ ଉତ୍ତର ପ୍ରଦେଶ

ଭୁବନେଶ୍ୱର, ୯।୧୧(କ୍ରୀଡ଼ା ପ୍ରତିନିଧି)

ଚଳିତ ରଣଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ଉତ୍ତର ପ୍ରଦେଶ ସହିତ ଖେଳିବ। କିଟ୍ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ ଆଗାମୀ ୧୨ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପାଇଁ ଘରୋଇ ଓଡ଼ିଶା କିଟ୍ ଗ୍ରାଉଣ୍ଡରେ ଅଭ୍ୟାସ ଚଳାଇଥିବାବେଳେ ଉତ୍ତର ପ୍ରଦେଶ ଦଳ ଶୁକ୍ରବାର ପର୍ଯ୍ୟାୟକ୍ରମେ ଭୁବନେଶ୍ୱରରେ ପହଞ୍ଚିଛି। ଶନିବାର ଉଭୟ ଦଳ ନେଟ୍ସରେ ଯୋଗଦେବେ। କାର୍ଯ୍ୟସୂଚୀ ଅନୁସାରେ ସକାଳ ୯ଟାରୁ ୧୨ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶ ଏବଂ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଓଡ଼ିଶା ଅଭ୍ୟାସ କରିବ। ଏହି ଗେମ୍ ପାଇଁ ରାଜୀବ ଦେବବର୍ମା ମ୍ୟାଚ ରେଫରି ନିଯୁକ୍ତ ହୋଇଛନ୍ତି। ଅକ୍ଷୟ ଟୋଟ୍ରେ ଓ ବି.କେ. ରବି ଫିଲ୍ଡ ଅମ୍ପାୟର, ବିରାଜ ଦାସ ଅନ୍‌ଲାଇନ୍ ସ୍କୋରର, ସନ୍ଦୀପ କୁମାର ଜୀ ମାନୁଆଲ ସ୍କୋରର, ତାପସ କୁମାର ନାୟକ ଭିଡିଓ ବିଶ୍ଲେଷକ ଏବଂ ଗଣେଶ କରଙ୍କୁ ତାଙ୍କ ସହକାରୀଭାବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ନିଯୁକ୍ତ କରାଯାଇଛି। ଇଷ୍ଟ ଜୋନ୍ କ୍ୟୁରେଟର ଆଶିଷ ଭୌମିକ, କ୍ୟୁରେଟର ପଙ୍କଜ ପଟ୍ଟନାୟକ ଏବଂ ଗ୍ରାଉଣ୍ଡସ୍ମ୍ୟାନ ହୃଷୀକେଶ ସିଂ ଓ ସମୀରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଚ୍ ପ୍ରସ୍ତୁତ କରାଯାଇଛି। ମ୍ୟାଚ ୧୨ ତାରିଖ ସକାଳ ୯ଟାରେ ଆରମ୍ଭ ହେବ।

କିଟ୍ ଗ୍ରାଉଣ୍ଡରେ ଓଡ଼ିଶା ଚଳିତ ସିଜନରେ ଏହାର ପ୍ରଥମ ମ୍ୟାଚ ହରିୟାଣା ବିପକ୍ଷରେ ଖେଳିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଓପନର ଅନୁରାଗ ଷଡ଼ଙ୍ଗୀ(୧୧୪ ରନ)ଙ୍କ ଶତକ ଏବଂ ଶାନ୍ତନୁ ମିଶ୍ରଙ୍କ ୭୧ ରନ ସହାୟତାରେ ପ୍ରଥମ ଇନିଂସରେ ୩୨୪ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ହରିୟାଣା ହିମାଂଶୁ ରଣାଙ୍କ ୧୬୪ ରନର ଇନିଂସ ବଳରେ ୪୪୨ ରନ ସଂଗ୍ରହ କରି ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ(୧୦୩)ଙ୍କ ଅପରାଜିତ ଶତକ ସହାୟତାରେ ୭ ଉଇକେଟରେ ୨୬୭ ରନ କରିଥିବାବେଳେ ଖେଳ ଶେଷ ହୋଇଥିଲା। ମ୍ୟାଚ ଡ୍ର ରହିବାରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ହରିୟାଣା ୩ ପଏଣ୍ଟ ପାଇଥିବାବେଳେ ଓଡ଼ିଶାକୁ ୧ ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଦ୍ୱିତୀୟ ମ୍ୟାଚରେ ଉତ୍ତର ପ୍ରଦେଶକୁ କଡ଼ା ଟକ୍କର ଦେବାକୁ ହେଲେ ଓଡ଼ିଶା ପାଇଁ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର, ଓପନର ସନ୍ଦୀପ ପଟ୍ଟନାୟକ ଏବଂ ମିଡିଲ ଅର୍ଡରରେ ଶୁଭ୍ରାଂଶୁ ସେନାପତିଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ସେହିପରି ବୋଲରଙ୍କ ମଧ୍ୟରେ ଅଭିଜ୍ଞ ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ହେଁ ଯୁବ ବୋଲର ପପୁ ରାୟଙ୍କ ଉପରେ ନଜର ରହିବ।

ଉତ୍ତର ପ୍ରଦେଶ ଏହାର ପ୍ରଥମ ମ୍ୟାଚରେ ଗୋଆକୁ ଏକ ଇନିଂସ ୨୪୭ ରନରେ ହରାଇ ସମ୍ପୂର୍ଣ୍ଣ ଷ୍ଟାଇଲରେ ଅଭିଯାନ ଆରମ୍ଭ କରିଛି। ଅଧିନାୟକ ଆକାଶଦୀପ ନାଥ ୧୯୪ ରନର ଇନିଂସ ଖେଳି ଜବରଦସ୍ତ ଫର୍ମର ସୂଚନା ଦେଇଛନ୍ତି। ଏହା ବ୍ୟତୀତ ମହମ୍ମଦ ସୈଫ(୧୨୬) ଓ ପ୍ରିୟମ ଗର୍ଗ(୧୧୭*) ମଧ୍ୟ ଶତକ ଅର୍ଜନ କରିଛନ୍ତି। ମାଧବ କୌଶିକ ୯୨ ରନରେ ଆଉଟ ହୋଇ ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ତେଣୁ ଉତ୍ତର ପ୍ରଦେଶର ଟପ୍ ଓ ମିଡିଲ ଅର୍ଡର ବଢ଼ିଆ ଫର୍ମରେ ଥିବା ପରିଲକ୍ଷିତ ହୋଇଛି। ଗୋଆର ପ୍ରଥମ ଇନିଂସ ୧୫୨ ରନ ଜବାବରେ ଉତ୍ତର ପ୍ରଦେଶ ୫୬୪/୪ ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ପରେ ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଗୋଆ ଦ୍ୱିତୀୟ ଇନିଂସକୁ ୧୬୫ ରନରେ ସୀମିତ ରଖି ଦେଇଥିଲେ। ଡାହାଣହାତୀ ମିଡିୟମ ପେସର ଅଙ୍କିତ ରାଜପୁତ ପ୍ରଥମ ଇନିଂସରେ ୨ଟି ଓ ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ପାଇଥିବାବେଳେ ସ୍ଲୋ ବାମହାତୀ ଅର୍ଥୋଡକ୍ସ ସୌରଭ କୁମାର ପ୍ରଥମ ଇନିଂସରେ ୨ଟି, ଦ୍ୱିତୀୟ ଇନିଂସରେ ୪ଟି, ଶିଭମ୍ ମାଭି ଉଭୟ ଇନିଂସରେ ଯଥାକ୍ରମେ ୪ ଓ ୧ ଉଇକେଟ ନେଇ ଫର୍ମର ପରିଚୟ ଦେଇଛନ୍ତି।

ତେଣୁ ଘରୋଇ ପରିବେଶକୁ ଖେଳିବାକୁ ଯାଉଥିଲେ ହେଁ ଓଡ଼ିଶା ପାଇଁ ଏହି ମ୍ୟାଚ ସହଜ ହେବନାହିଁ ନିଶ୍ଚିତ। ବିଶେଷକରି ଫର୍ମରେଥିବା ବ୍ୟାଟ୍ସମ୍ୟାନଙ୍କ ବିପକ୍ଷରେ ଓଡ଼ିଶା ବୋଲରଙ୍କ ପାଇଁ ଏହି ମ୍ୟାଚ ପରୀକ୍ଷା ସଦୃଶ ହେବ।



ଅଭ୍ୟାସ ଅବସରରେ ଓଡ଼ିଶା ଦଳର ଖେଳାଳିମାନେ।

**ରଣଜୀ ଟ୍ରଫି**

- ସୋମବାର ମ୍ୟାଚ ଆରମ୍ଭ
- ଶନିବାର ଦୁଇ ଦଳର ନେଟ୍ ପ୍ରାକ୍ଟିସ
- ମ୍ୟାଚ ରେଫରି: ରାଜୀବ ଦେବବର୍ମା
- ଅମ୍ପାୟର: ଅକ୍ଷୟ ଟୋଟ୍ରେ ଓ ବି.କେ.ରବି

# ମନପ୍ରୀତ ବାହିନୀ

**ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହକି ବିଶ୍ୱକପ ପାଇଁ ଘୋଷିତ ଭାରତୀୟ ଦଳର ଦୁଇ ପ୍ରମୁଖ ସଦସ୍ୟ ହେଲେ ଗୋଲକିପର ପି.ଆର. ଶ୍ରୀଜେଶ ଓ କ୍ରିଷନ ବାହାଦୁର ପାଠକ। ମନପ୍ରୀତଙ୍କ ଭାରତୀୟ ବାହିନୀ ବିଶ୍ୱକପରେ ଚମତ୍କାରିତା ଦେଖାଇବାକୁ ହେଲେ ଏହି ଦୁଇ ଖେଳାଳିଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିବ।**

## ପି.ଆର. ଶ୍ରୀଜେଶ୍



ଆଗାମୀ ହକି ବିଶ୍ୱକପ୍‌ରେ ଅଭିଜ୍ଞ ଗୋଲକିପର ପରାଟ୍ଟୁ ରବୀନ୍ଦ୍ରନ ଶ୍ରୀଜେଶ୍ ଭାରତୀୟ ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ବିଶ୍ୱକପ୍ ପାଇଁ ଘୋଷିତ ଦଳରେ ଶ୍ରୀଜେଶଙ୍କ ସମେତ ଯୁବ ଗୋଲକିପର କ୍ରିଷନ ବାହାଦୂର ପାଠକ ମଧ୍ୟ ସାମିଲ ହୋଇଛନ୍ତି। ଭାରତ ପାଇଁ ପୂର୍ବରୁ ଅଧିନାୟକ ଦାୟିତ୍ୱ ସଫଳତାର ସହ ତୁଲାଇଥିବା ଶ୍ରୀଜେଶ୍‌ଙ୍କ ଏଥର କେବଳ ଗୋଲ କିପିଙ୍ଗ ଉପରେ ଧ୍ୟାନ ଦେବାକୁ ହେବ।

୧୯୮୬ମେ' ୮ ତାରିଖରେ କେରଳର ଏର୍ନାକୁଲମ ଜିଲାର କିଝାକାମ୍ବାଲାମ୍ ଗାଁରେ ଜନ୍ମଗ୍ରହଣ କରିଥିବା ଶ୍ରୀଜେଶ୍ ଆନ୍ତର୍ଜାତିକ ହକିରେ ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି। ୨୦୦୪ରେ ଭାରତୀୟ ଜୁନିୟର ଜାତୀୟ ଦଳ ପକ୍ଷରୁ ସେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ପର୍ଥରେ ଅଷ୍ଟ୍ରେଲିଆ ବିପକ୍ଷରେ ସେ କ୍ୟାରିୟରର ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏହାପରଠାରୁ ସେ ପଛକୁ ଫେରିଚାହିଁନାହାନ୍ତି। ଏପର୍ଯ୍ୟନ୍ତ ଭାରତ ପାଇଁ ସେ ୨୦୧ଟି ମ୍ୟାଚ ଖେଳିଛନ୍ତି। ଏହାର ଠିକ୍ ଦୁଇ ବର୍ଷ ପରେ ୨୦୦୬ରେ କଲମ୍ବୋରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସ ପାଇଁ ସିନିୟର ଦଳ ପାଇଁ ପଦାର୍ପଣ କରିବାର ସୁଯୋଗ ହାସଲ କରିଥିଲେ। ଏହାପରେ ୨୦୦୮ରେ ଅନୁଷ୍ଠିତ ଜୁନିୟର ଏସିଆ କପ୍‌ରେ ଭାରତକୁ ଚାମ୍ପିୟନ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା। ଏହା ପରେ ସେ ଦୀର୍ଘ ୬ ବର୍ଷଧରି ଭାରତୀୟ ଗୋଲ କିପର ଭାବେ ଖେଳିଆସିଥିଲେ। ତେବେ ସିନିୟର ଗୋଲ କିପର ଆଡ୍ରିଆନ ଡି'ସୌଜା ଓ ଖେଳିବା କାରଣରୁ ସେ ଦଳରୁ ସ୍ଥାନ ହରାଇଥିଲେ। ୨୦୧୧ ପରଠାରୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟ ରହି ଆସିଛନ୍ତି। ୨୦୧୪ରେ ଚାଇନାରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚରେ ଦୁଇଟି ପେନାଲ୍ଟି ଷ୍ଟ୍ରୋକ ଅଟକାଇ ଭାରତକୁ ଚାମ୍ପିୟନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୦୧୩ ଏସିଆ କପ୍‌ରେ ସେ ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ ହୋଇଥିଲେ। ଅବଶ୍ୟ ଏହି ଟୁର୍ନାମେଣ୍ଟରେ ଭାରତ ରନର୍ସଅପ୍ ବିବେଚିତ ହୋଇଥିଲା। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ।

୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ମଧ୍ୟ ସେ ଭାରତୀୟ ଦଳର ସଦସ୍ୟ ଥିଲେ। ଏହାପରେ ୨୦୧୪ ବିଶ୍ୱକପ୍ ମଧ୍ୟ ଖେଳିଥିଲେ। ୨୦୧୪ରେ ଦକ୍ଷିଣ କୋରିଆର ଇଞ୍ଚିଅନ୍‌ରେ ଖେଳାଯାଇଥିବା ଏସିଆନ୍ ଗେମ୍ସରେ ଭାରତର ସ୍ୱର୍ଣ୍ଣ ପଦକ ବିଜୟରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ୨୦୧୪ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ଶ୍ରୀଜେଶ୍ ଗୋଲ କିପର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ୨୦୧୪ରେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ତାଙ୍କୁ ଶ୍ରେଷ୍ଠ ପୁରୁଷ ଗୋଲକିପର ପୁରସ୍କାର ପାଇଁ ନୋମିନେଟ୍ କରାଯାଇଥିଲା। ତେବେ ନେଦରଲାଣ୍ଡର ଜାପ୍ସ ଷ୍ଟକ୍‌ମ୍ୟାନ ଶେଷରେ ଏହି ପୁରସ୍କାର ହାସଲ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ ୨୦୧୬ରେ ଲଣ୍ଡନରେ ଅନୁଷ୍ଠିତ ପୁରୁଷ ହକି ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲା। ୨୦୧୬ରେ ସର୍ଦ୍ଦାର ସିଂଙ୍କ ପରେ ଶ୍ରୀଜେସଙ୍କୁ ଭାରତୀୟ ଦଳର ଅଧିନାୟକ ଭାବେ ନିଯୁକ୍ତ ହୋଇଥିଲେ। ଶ୍ରୀଜେଶ୍‌ଙ୍କ ନେତୃତ୍ୱରେ ଭାରତ ୨୦୧୬ ରିଓ ଅଲିମ୍ପିକ୍ସରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। କ୍ଲବ ହକିରେ ମଧ୍ୟ ଭାରତ ଛେତ୍ରୀ ଶ୍ରୀଜେଶ୍ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ପିଲାବେଳେ ଶ୍ରୀଜେଶ୍ ଜଣେ ସ୍ପ୍ରିଣ୍ଟର ହେବା ପାଇଁ ପ୍ରଶିକ୍ଷଣ ପାଇଥିଲେ। ଏହାପରେ ଲଙ୍ଗ ଜମ୍ପ ଓ ଭଲିବଲ୍ ଖେଳାଳି ହେବା ପାଇଁ ପ୍ରୟାସ କରିଥିଲେ। ତେବେ ନିୟତିର ନିର୍ଦ୍ଦେଶ ଅଲଗା ଥିଲା। ୧୨ ବର୍ଷ ବୟସରେ କୋଚ୍ ଗୋଲକିପିଙ୍ଗ୍ ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲରେ ହକି କୋଚ୍ ଜୟକୁମାର, ରମେଶ କଲାପ୍ପା ତାଙ୍କୁ ଚିହ୍ନଟ କରିବା ପରେ ସେ ପେସାଦାର ହକିରେ ପାଦ ଥାପିଥିଲେ।

ଶ୍ରୀଜେଶ୍‌ଙ୍କ ପତ୍ନୀ ଜଣେ ପୂର୍ବତନ ଲଙ୍ଗ ଜମ୍ପର ଓ ଆୟୁର୍ବେଦ ଡାକ୍ତର। ପୁଅ ଶ୍ରୀୟାଂଶ ଓ ଝିଅ ଅନୁଶ୍ରୀଙ୍କୁ ନେଇ ତାଙ୍କ ସଂସାର ପରିପୂର୍ଣ୍ଣ। ଏବେ ଶ୍ରୀଜେଶ କେରଳ ସରକାରଙ୍କ ଶିକ୍ଷା ବିଭାଗରେ ଚିଫ୍ ସ୍ପୋର୍ଟ୍ସ ଅର୍ଗାନାଇଜର ଭାବେ କାର୍ଯ୍ୟ କରୁଛନ୍ତି। ୩୨ ବର୍ଷରେ ପଦାର୍ପଣ କରିଥିବାରୁ ଶ୍ରୀଜେଶ୍ ଶେଷ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି ବୋଲି ଅନୁମାନ କରାଯାଉଛି। ତେବେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ ସେ କମାଲ କରି ଭାରତକୁ ପଦକ ବିଜୟୀ କରାଇ ପୁଣି ଥରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।




## କ୍ରିଷନ ବାହାଦୁର ପାଠକ

ଅଭିଜ୍ଞ ପି.ଆର. ଶ୍ରୀଜେଶ୍‌ଙ୍କ ସମେତ ୨୧ ବର୍ଷୀୟ ପଞ୍ଜାବ ଗୋଲ କିପର କ୍ରିଷନ ବାହାଦୁର ପାଠକ ମଧ୍ୟ ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ପଞ୍ଜାବର କପୁରଥାଲାରେ ଜନ୍ମଗ୍ରହଣ କରିଥିବା ପାଠକ ମାତ୍ର ୧୨ ବର୍ଷ ବୟସରେ ମା'ଙ୍କୁ ହରାଇଥିଲେ। ଜଣେ କ୍ରେନ୍ ଅପରେଟର ଭାବେ କାର୍ଯ୍ୟ କରୁଥିବା ତାଙ୍କ ପିତା ଟେକ୍ ବାହାଦୁର ୨୦୧୬ରେ ହାର୍ଟ ଆଟାକରେ ମୃତ୍ୟୁବରଣ କରିଥିଲେ। ଅନ୍ୟ କ୍ରୀଡ଼ା ପ୍ରତି ତାଙ୍କର ଆଗ୍ରହ ନ ଥିଲା। ତେଣୁ ସେ ହକି ପ୍ରତି ମନ ବଳାଇଥିଲେ। ତାଙ୍କୁ ୧୨ ବର୍ଷ ହୋଇଥିବା ବେଳେ ପିତା ତାଙ୍କୁ ଜଳନ୍ଧରସ୍ଥିତ ସୁରଜିତ ହକି ଏକାଡେମୀରେ ଭର୍ତ୍ତି କରାଇଥିଲେ।

ମାତାପିତାଙ୍କୁ ଅସମୟରେ ହରାଇଥିବା ପାଠକ କ୍ୟାରିୟର ତଥା ଜୀବନରେ ବେଶ୍ ସଂଘର୍ଷର ସମ୍ମୁଖୀନ ହୋଇଥିଲେ। ତାଙ୍କ ପାଖରେ ଘର ନ ଥିଲା କି ତାଙ୍କର କେହି ନିଜର ନ ଥିଲେ। ଦାଦାଙ୍କ ଘରେ ସେ କିଛି ଦିନ ରହିବା ପରେ ଗତ ୯ ବର୍ଷ ହେବ ଜଳନ୍ଧରସ୍ଥିତ ସ୍ପୋର୍ଟ୍ସ ହଷ୍ଟେଲରେ ରହି ଆସୁଛନ୍ତି। ଖୁବ୍ କମ୍ ବୟସରେ ପାଠକ ଗୋଟିଏ ପରେ ଗୋଟିଏ ଦୁଃଖଦ ବିପଦର ସାମ୍ନା କରିଛନ୍ତି। ତେବେ ସବୁ ବିପଦକୁ ସେ ସାହସର ସହିତ ସାମ୍ନା କରିଛନ୍ତି। ମୂଳତଃ ପାଠକଙ୍କ ପରିବାର ନେପାଳରେ ପୂର୍ବରୁ ରହୁଥିଲେ। ତେବେ ୧୯୯୦ରେ ତାଙ୍କ ପରିବାର ପଞ୍ଜାବ ଚାଲିଆସିଥିଲେ। ତାଙ୍କର ଦୁଇ ବଡ଼ ଭଉଣୀ ନେପାଳରେ ରହୁଛନ୍ତି। ବଡ଼ ଭାଇ ତାଙ୍କଠାରୁ ୨୦ ବର୍ଷ ବଡ଼। ସେ ମାଲେସିଆରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ମାତାପିତା ଚାଲିଯାଇଥିବା ବେଳେ ପରିବାରର ବାକି ସଦସ୍ୟଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ।

ଭାରତୀୟ ଜୁନିୟର ଦଳ ସହ ସେ ଇଂଲଣ୍ଡ ଗସ୍ତରେ ଯାଇଥିଲେ। ଫଳରେ ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସେ ସାମିଲ ହୋଇପାରି ନ ଥିଲେ। ତେବେ ପୂର୍ବରୁ ସଚିନ ତେନ୍ଦୁଲକର ଓ ବିରାଟ କୋହଲି ମଧ୍ୟ ସେମାନଙ୍କ ପିତାଙ୍କୁ ଅସମୟରେ ହରାଇଥିଲେ। ତେଣୁ ମୁଁ ମଧ୍ୟ ପରିସ୍ଥିତି ଆଗରେ ହାର ନ ମାନିବାକୁ ନିଷ୍ପତ୍ତି ନେଇଥିଲି। ମୁଁ ଭାରତୀୟ ଜୁନିୟର ଦଳରେ ସ୍ଥାନ ପାଇଛି ବୋଲି ପିତାଙ୍କୁ ମୃତ୍ୟୁ ପୂର୍ବରୁ ଜଣାଥିଲା। ଏହା ସବୁଠାରୁ ଖୁସିର କଥା ବୋଲି ପାଠକ କହିଛନ୍ତି। ଆଗାମୀ ବିଶ୍ୱକପ୍‌ରେ ଦେଶ ପାଇଁ କିଛି ଦମ୍‌ଦାର ପ୍ରଦର୍ଶନ କରିପାରିଲେ ପିତାଙ୍କ ଆତ୍ମାକୁ ସନ୍ତୋଷ ମିଳିପାରିବ ବୋଲି ପାଠକ କହିଛନ୍ତି।

ମାନସିକ ଭାବେ ପାଠକ ଭାରି ଦୃଢ ବୋଲି କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ତାଙ୍କର ରିଫ୍ଲେକ୍ସ ଓ ଆଣ୍ଟିସିପେଶନ ବହୁତ ବଢିଆ ବୋଲି ସେ କହିଛନ୍ତି। ଲକ୍ଷ୍ନୌରେ ଅନୁଷ୍ଠିତ ୨୦୧୬ ପୁରୁଷ ହକି ଜୁନିୟର ବିଶ୍ୱକପ୍‌ରେ ମଧ୍ୟ ପାଠକ ଅଂଶଗ୍ରହଣ କରିଥିଲେ। ଭାରତ ଏହି ମେଗା ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏହାପରେ ସେ ଭାରତ ଏ' ଦଳରେ ସାମିଲ ହୋଇଥିଲେ ଓ ୨୦୧୭ରେ ପୁରୁଷ ଅଷ୍ଟ୍ରେଲିଆନ ହକି ଲିଗ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ୨୦୧୮ ଜାନୁୟାରୀରେ ସେ ଭାରତୀୟ ସିନିୟର ଦଳରେ ସାମିଲ ହୋଇଥିଲେ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଆମନ୍ତ୍ରଣୀୟ ହକି ଟୁର୍ନାମେଣ୍ଟରେ ଖେଳିବାର ସୁଯୋଗ ହାସଲ କରିଥିଲେ। ୨୦୧୮ ସୁଲତାନ ଆଜଲାନ ଶାହ କପ୍ ହକିରେ ଶ୍ରୀଜେଶ୍‌ଙ୍କୁ ବିଶ୍ରାମ ଦିଆଯିବା ଫଳରେ ତାଙ୍କୁ ଏହି ମେଗା ଟୁର୍ନାମେଣ୍ଟରେ ଖେଳିବାର ସୁଯୋଗ ମିଳିଥିଲା। ଏହାପରେ ୨୦୧୮ରେ ଅନୁଷ୍ଠିତ ପୁରୁଷ ହକି ଚାମ୍ପିୟନ୍ସ ଟ୍ରଫିରେ ସେ ରିଜର୍ଭ ଗୋଲ୍ କିପର ଭାବେ ଦଳରେ ସାମିଲ ହୋଇଥିଲେ। ଭାରତ ଏହି ଟୁର୍ନାମେଣ୍ଟରେ ରୌପ୍ୟ ପଦକ ଜିତିଥିଲା। ସେହିପରି ସେ ୨୦୧୮ ଏସିଆନ ଗେମ୍ସରେ ମଧ୍ୟ ଦଳରେ ସାମିଲ ହୋଇଥିଲେ ଓ ଭାରତ ଏଥିରେ ରୌପ୍ୟ ପଦକ ଜିତିଥିଲା। ଭୁବନେଶ୍ୱରରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ରେ ସୁଯୋଗ ମିଳିଲେ ପାଠକ ନିଜର ପ୍ରତିଭା ଦେଖାଇବାର ମଉକା ପାଇବେ ଓ ଦଳର ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଶ୍ରୀଜେଶ୍‌ଙ୍କ ପରେ ପାଠକ ଭାରତର ମୁଖ୍ୟ ଗୋଲକିପର ଭାବେ ଉଭା ହେବେ ବୋଲି ଆଶା କରାଯାଉଛି। ତେବେ ଏଥିପାଇଁ ଆଗକୁ ବହୁତ ବାଟ ଯିବାକୁ ପଡିବ ବୋଲି ସେ ଭଲ ଭାବେ ଜାଣିଛନ୍ତି। ପିଲାଟିବେଳୁ କଡ଼ା ସଂଘର୍ଷର ସମ୍ମୁଖୀନ ହୋଇ ଆସିଥିବା ପାଠକ ଅବଶ୍ୟ ଏଥିରେ ସଫଳ ହେବେ ବୋଲି ଆଶା କରାଯାଉଛି। କୋଚ୍ ହରେନ୍ଦ୍ର ମଧ୍ୟ ତାଙ୍କୁ ସବୁବେଳେ ସମର୍ଥନ ଦେଇ ଆସିଛନ୍ତି। ତେବେ ସେ ଆନ୍ତର୍ଜାତିକ ହକିରେ କେତେ ବାଟ ଅତିକ୍ରମ କରିବେ ତାହା ସମୟ କହିବ।






## ସଂକ୍ଷେପରେ

### ମୋହନ ବାଗାନକୁ ଭେଟିବ ଆରୋଜ

କଟକ ଅଫିସ,୯।୧୧: ବାରବାଟୀ ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ଚଳିତ ସଂସ୍କରଣ ଆଇ-ଲିଗ୍‌ର ମୋହନ ବାଗାନ ଓ ଇଣ୍ଡିଆନ ଆରୋଜ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଶୁକ୍ରବାର ପୂର୍ବାହ୍ନରେ ମୋହନ ବାଗନ ଓ ଅପରାହ୍ନରେ ଇଣ୍ଡିଆନ ଆରୋଜ ଦଳ ଅଭ୍ୟାସ ଶେଷ କରି ଫେରିଛନ୍ତି। ବାରବାଟୀକୁ ଘରୋଇ ଭେନ୍ୟୁ କରି ଟୁର୍ନାମେଣ୍ଟ ଖେଳୁଥିବା ଇଣ୍ଡିଆନ ଆରୋଜ ପ୍ରଥମ ମ୍ୟାଚ୍‌ରେ ଶିଲଂ ଲାଜଂକୁ ଗତ ୫ ତାରିଖରେ ପରାସ୍ତ କରିଛି। ବାରବାଟୀରେ ଏହା ଆରୋଜର ଦ୍ୱିତୀୟ ମୁକାବିଲା । ଆରୋଜ ୨ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ୩ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ଥିବା ବେଳେ ମୋହନବାଗାନ ୨ଟି ମ୍ୟାଚ୍‌ରୁ ୨ଟି ଡ୍ର ସହ ମାତ୍ର ୨ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି । ଏଣୁ ଶନିବାର ଖେଳାଯିବାକୁ ଥିବା ମ୍ୟାଚ୍ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ ।

### ହାରିଲେ ସିନ୍ଧୁ

ଫୁଝୁ(ଚାଇନା),୯।୧୧- ଅଲିମ୍ପିକ୍ ରୌପ୍ୟ ପଦକଧାରୀ ପି. ଭି. ସିନ୍ଧୁ ପୁଣି ଥରେ ଚାଇନା ଖେଳାଳି ହେ ବିଙ୍ଗଜିଆଓଙ୍କୁ ହରାଇବାରେ ବିଫଳ ହୋଇଛନ୍ତି। ଏଠାରେ ଚାଲିଥିବା ଚାଇନା ଓପନ ୱାର୍ଲ୍ଡ ଟୁର ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସିନ୍ଧୁଙ୍କ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ଚଳିତ ସିଜନରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ବିଶ୍ୱ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ସିନ୍ଧୁ ୧୭-୨୧, ୨୧-୧୭, ୧୫-୨୧ ଗେମ୍‌ରେ ୮ମ ସିଡ୍ ବିଙ୍ଗଜିଆଓଙ୍କଠାରୁ ହାରିଯାଇଛନ୍ତି। ଏହା ଭାରତୀୟ ଖେଳାଳିଙ୍କ ଲାଗି ଚାଇନିଜ ଖେଳାଳିଙ୍କ ବିପକ୍ଷରେ କ୍ରମାଗତ ୩ୟ ପରାଜୟ।





ଆଇ-ଲିଗ୍ ଫୁଟ୍‌ବଲ ମ୍ୟାଚ ପାଇଁ ଶୁକ୍ରବାର କଟକର ବାରବାଟୀ ଷ୍ଟାଡିୟମରେ ମୋହନ ବାଗାନ ଓ ଇଣ୍ଡିଆନ ଆରୋଜ ଦଳର ଅଭ୍ୟାସ ।

# ଜିଲା ସଂଘ ବୈଠକ ଡାକିଲେ ଆଶୀର୍ବାଦ

**ଓଡ଼ିଶା କ୍ରିକେଟ ଆସୋସିଏଶନ**
- ସମ୍ବିଧାନ ସଂଶୋଧନ ନେଇ ହେଲା ଆଲୋଚନା
- ବିରୋଧୀଙ୍କୁ ହାତେଇବାକୁ ପ୍ରଚେଷ୍ଟା
- ନିର୍ବାଚନ ପୂର୍ବରୁ ନେଟ୍ ପ୍ରାକ୍ଟିସ

କଟକ ଅଫିସ,୯।୧୧

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ହାଇକମାଣ୍ଡ ଭାବେ ପରିଚିତ ଆଶୀର୍ବାଦ ବେହେରା ଶୁକ୍ରବାର କଟକର ଏକ ହୋଟେଲରେ ରାଜ୍ୟର ସମସ୍ତ ଜିଲା କ୍ରିକେଟ ଆସୋସିଏଶନଗୁଡ଼ିକୁ ନେଇ ଏକ ବୈଠକ ଡାକିଥିଲେ । ଓସିଏର ସମ୍ବିଧାନ ସଂଶୋଧନ ନେଇ କ୍ଲବଗୁଡ଼ିକ ପୂର୍ବରୁ ବିରୋଧର ସ୍ୱର ଉଠାଇ ଏକ ପ୍ରକାର ବିପକ୍ଷ ଗୋଷ୍ଠୀ ଭାବେ ଗଣତି ହେଉଛନ୍ତି । ଆଶୀର୍ବାଦଙ୍କ ବିରୋଧରେ କଟକର ପ୍ରମୁଖ କ୍ଲବ ମାଲିକମାନେ ବିରୋଧୀ ହେବା ପରେ କିଛି ଜିଲା ସଂଘ ମଧ୍ୟ ଓସିଏର କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ । ଏଣୁ ଏହି ବିରୋଧାଭାସକୁ ନିଷ୍କ୍ରିୟ କରିବା ପାଇଁ ଆଶୀର୍ବାଦ ଏହି ବୈଠକର ଆୟୋଜନ କରିଥିଲେ ବୋଲି କିଛି କ୍ରୀଡ଼ା ସଙ୍ଗଠକ କହିଛନ୍ତି । ଅନ୍ୟପକ୍ଷରେ ଉକ୍ତ ବୈଠକରେ କେବଳ ସମ୍ବିଧାନ ସଂଶୋଧନ ସମ୍ପର୍କରେ ଆଲୋଚନା ହୋଇଛି ବୋଲି ଯୋଗ ଦେଇଥିବା ଏକ ଜିଲାର ସମ୍ପାଦକ ମତ ଦେଇଛନ୍ତି । ସମ୍ବିଧାନ ସଂଶୋଧନରେ କ୍ଲବଗୁଡ଼ିକୁ ବାଦ ଦିଆଯିବା ଓ ଲୋଧା କମିଟିର ସୁପାରିଶ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ବିଭିନ୍ନ ଜିଲା ସଂଘ କର୍ମକର୍ତ୍ତାଙ୍କ ଦ୍ୱନ୍ଦ ଦୂର କରିବା ପାଇଁ ଏହି ବୈଠକର ଆବଶ୍ୟକତା ଥିଲା ବୋଲି ଅନ୍ୟ ଏକ ଜିଲା ସଂଘର ସମ୍ପାଦକ କହିଥିଲେ । ତେବେ ଓସିଏର କୌଣସି ପଦ କିମ୍ବା ପଦବୀରେ ନ ଥାଇ ବି ଆଶୀର୍ବାଦ ଏହି ବୈଠକ ଡାକିବାକୁ ସହଜରେ ହଜମ କରିପାରିନାହାନ୍ତି କିଛି ପୂର୍ବତନ କ୍ରୀଡ଼ା ସଙ୍ଗଠକ ତଥା ଆଶୀର୍ବାଦଙ୍କ ପୂର୍ବତନ ସହଯୋଗୀମାନେ । ସମ୍ବିଧାନ ସଂଶୋଧନ ପୁଣି ଥରେ ହୋଇ ସିଓଏକୁ ରିପୋର୍ଟ ପଠାଇ ଦିଆଯିବା ପରେ ଓସିଏର ନିର୍ବାଚନ ହେବା ଥୟ । ଏଣୁ ନିର୍ବାଚନ ପୂର୍ବରୁ ସମସ୍ତ ଜିଲା ସଂଘକୁ ହାତେଇ ଆଶୀର୍ବାଦ ନିଜର ଗୋଟି ଚାଳନା ପୁଣି ଥରେ କରିବାକୁ ଇଚ୍ଛା ରଖିଲେଣି ବୋଲି ଉକ୍ତ ସଙ୍ଗଠକ ଜଣେ କହିଥିଲେ । ନିର୍ବାଚନ ପୂର୍ବରୁ ଆଶୀର୍ବାଦଙ୍କର ଏହା ନେଟ୍ ପ୍ରାକ୍ଟିସ ବୋଲି ମଧ୍ୟ କୁହାଯାଇପାରେ ।

୨୦୧୭ ଜାନୁୟାରୀ ୪ ତାରିଖରେ ଓସିଏର ସମସ୍ତ ପଦବୀ ଶୂନ୍ୟ ହୋଇଥିଲା । ଆଶୀର୍ବାଦ ପଦଚ୍ୟୁତ ହେବା ସହ ଅନ୍ୟ ୧୮ଜଣ ଯାକ କର୍ମକର୍ତ୍ତା ମଧ୍ୟ ଇସ୍ତଫା ଦେଇଥିଲେ । ଏହା ପରଠାରୁ ଓସିଏରେ କାର୍ଯ୍ୟକାରୀ କମିଟି ଗଠନ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ହେବା ସହ ୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ହୋଇ ସାରିଲାଣି । କାର୍ଯ୍ୟକାରୀ କମିଟିର ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ହେଉଛି ବୋଲି କୁହାଯାଉଥିଲେ ମଧ୍ୟ ଏହା ପଛରେ ହାଇକମାଣ୍ଡ ଆଶୀର୍ବାଦଙ୍କ କଥା ଅନୁଯାୟୀ କାର୍ଯ୍ୟ ହୁଏ ବୋଲି କୁହାଯାଏ । ଏପରିକି ସମ୍ବିଧାନ ସଂଶୋଧନରେ କ୍ଲବଗୁଡ଼ିକୁ ବାଦ ଦେବା ପ୍ରସଙ୍ଗରେ ମଧ୍ୟ ଆଶୀର୍ବାଦଙ୍କ ମୁଣ୍ଡରେ ଦୋଷ ଲଦା ଯାଇଥିଲା । ହେଲେ ଆଶୀର୍ବାଦ ଏହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କହି ଦୋଷ ଛଡ଼ାଇଥିଲେ ସୁଦ୍ଧା କିଛି କ୍ଲବ ମାଲିକ ଆଶୀର୍ବାଦଙ୍କ ବିରୋଧୀ ହୋଇ ଯାଇଥିଲେ । ଗତ କିଛି ଦିନ ପୂର୍ବେ କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ)ରୁ ଓସିଏକୁ ଏକ ଚିଠି ଆସିବା ସହ କ୍ଲବ ଗୁଡ଼ିକୁ ସଦସ୍ୟତା ଦେବା ନେଇ ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଆସିଛି । ପୁଣି ଥରେ ସମ୍ବିଧାନ ସଂଶୋଧନ କରାଯାଇ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ରହିଛି । ଏଣୁ ଏବେ ସମ୍ବିଧାନ ସଂଶୋଧନ ପୁନର୍ବାର କରାଯାଇ କ୍ଲବଗୁଡ଼ିକୁ ସଦସ୍ୟତା ପ୍ରଦାନ କରିବା ପରେ କ୍ଲବ ମାଲିକମାନେ ପୁଣିଥରେ ଆଶୀର୍ବାଦଙ୍କ ଆନୁଗତ୍ୟ ହେବା ସହଜ କଥା ନୁହେଁ । ଆସନ୍ତା ଓସିଏ ନିର୍ବାଚନରେ ସମସ୍ତ ଜିଲା ସଂଘକୁ ଅସ୍ତ୍ର କରି ଆଶୀର୍ବାଦ ପୁଣି ଥରେ ଓସିଏରେ ରାଜୁତି କରିବାକୁ ଇଚ୍ଛା ରଖିଛନ୍ତି ବୋଲି ମଧ୍ୟ କ୍ରୀଡ଼ା ସଙ୍ଗଠକମାନେ କହିଛନ୍ତି ।

### ୨୦ କ୍ଲବର ନାମ ସୁପାରିସ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଦସ୍ୟତା ପ୍ରଦାନ କରିବା କ୍ଷେତ୍ରରେ ୨୦ଟି କ୍ଲବର ନାମ ଶୁକ୍ରବାର କମିଟିଅଫ ଆଡ୍‌ମିନିଷ୍ଟ୍ରେଟର(ସିଓଏ)କୁ ପଠାଇଛି । ଗତ ରବିବାର ସିଓଏ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଚିଠି ଆସିବା ପରେ ଓସିଏ ଏହି ପଦକ୍ଷେପ ଗ୍ରହଣ କରିଛି । ତେବେ ଯେଉଁ କ୍ଲବଗୁଡ଼ିକର ନାମ ସୁପାରିସ କରାଯାଇଛି ତାହା ପୂର୍ବରୁ ଓସିଏ ସହ ଅନୁବନ୍ଧିତ ଥିବା ବେଳେ ଗତ ସମ୍ବିଧାନ ସଂଶୋଧନ ବେଳେ ଏଗୁଡ଼ିକୁ ବାଦ ଦିଆଯାଇଥିଲା । କ୍ଲବଗୁଡ଼ିକ ହେଲା ଟାଉନ କ୍ଲବ, ରୋଭର୍ସ କ୍ଲବ, ଜୟଦୁର୍ଗା କ୍ଲବ, ସନରାଇଜ କ୍ଲବ, ସନସାଇନ କ୍ଲବ, କିଶୋର କ୍ଲବ, ରୟାଲ କ୍ଲବ, ବିସିୟୁ, ମଙ୍ଗଳା କ୍ଲବ, ସହିଦ ସ୍ପୋର୍ଟିଂ କ୍ଲବ, ଏଲଆଇସି ସ୍ପୋର୍ଟସ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଓଜିପି କ୍ଲବ, ଜଗତପୁର ଆଥ୍‌ଲେଟିକ ଆସୋସିଏଶନ, ଏସିସି, ଏସ୍‌ବିଆଇ ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିୟନ ସ୍ପୋର୍ଟିଂ କ୍ଲବ, ବିଶ୍ୱଭାରତୀ କ୍ଲବ ଓ ଜୁଭେନାଇଲ କ୍ଲବ । ଅନ୍ୟପକ୍ଷରେ ଏହି ୨୦ଟି କ୍ଲବର ନାମ ପଠାଯିବା ପରେ ଏବେ ରାଜ୍ୟର ଅନ୍ୟ କ୍ରିକେଟ କ୍ଲବଗୁଡ଼ିକ ବିବାଦ ଉପୁଜାଇପାରନ୍ତି ବୋଲି ଆଶଙ୍କା କରାଯାଉଛି ।

### ରାଜ୍ୟ ସ୍ନୁକର: ସୁଜିତ ଶ୍ରେଷ୍ଠ ଖେଳାଳି



କଟକ ଅଫିସ,୯।୧୧

ଦି ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍‌ଏଓ) ଆନୁକୂଲ୍ୟରେ କଟକ କ୍ଲବରେ ଚାଲିଥିବା ରାଜ୍ୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ଶୁକ୍ରବାରର ଖେଳ ଶେଷ ହୋଇଛି । ଏଥିରେ ଡ ରାକେଶ ପ୍ରଧାନ ୩-୦ ଫ୍ରେମରେ ଜେ.ପି ବିଶ୍ୱାଳଙ୍କୁ, ଜିତେନ ଷଡ଼ଙ୍ଗୀ ୩-୦ ଫ୍ରେମରେ ସମୀର ଅଲ୍ଲୀଙ୍କୁ, ଅବିନାଶ ମହାପାତ୍ର ୩-୧ ଫ୍ରେମରେ ଅମିୟ ରଞ୍ଜନ ନାୟକଙ୍କୁ, ସୁଦୀପ୍ତ ଦାସ ୩-୧ ଫ୍ରେମରେ ବିଶ୍ୱ ପ୍ରକାଶ ସାହୁଙ୍କୁ, ଗୁମିତ ଗୁପ୍ତା ୩-୦ ଫ୍ରେମରେ ବରୁଣ କୁମାର ନାୟକଙ୍କୁ, ସୁଜିତ ଅଗ୍ରୱାଲ ୩-୦ ଫ୍ରେମରେ ସେକ୍ ନସିମୁଦ୍ଦିନଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସୁଜିତ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।

# ହେରାଥଙ୍କ ଅନ୍ତିମ ଟେଷ୍ଟରେ ଶ୍ରୀଲଙ୍କା ପରାସ୍ତ



ରଙ୍ଗନା ହେରାଥଙ୍କୁ ଶ୍ରୀଲଙ୍କା ଖେଳାଳିମାନେ କାନ୍ଧରେ ଟେକିଧରି ସମ୍ମାନ ଜଣାଉଛନ୍ତି।

ଗାଲେ (ଶ୍ରୀଲଙ୍କା), ୯।୧୧ (ଏଏଫ୍‌ପି)

ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚକୁ ଇଂଲଣ୍ଡ ୨୧୧ରନରେ ଜିତିନେଇଛି। ବିଦେଶରେ ୧୩ଟି ମ୍ୟାଚ ପରେ ଦଳର ଏହା ହେଉଛି ପ୍ରଥମ ବିଜୟ। ଅବସର ପୂର୍ବରୁ କ୍ରିକେଟର ସବୁଠାରୁ ସଫଳ ବାମହାତୀ ସ୍ପିନର ରଙ୍ଗନା ହେରାଥଙ୍କର ଏହା ଥିଲା ଅନ୍ତିମ ମ୍ୟାଚ। ସେ ଶେଷ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ଘରୋଇ ଦଳ କଷ୍ଟସାଧ୍ୟ ୪୬୨ରନର ବିଜୟ ଲକ୍ଷ୍ୟ ପିଛା କରୁଥିବାବେଳେ ଚତୁର୍ଥ ଦିବସରେ ୨୫୦ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଇଂଲଣ୍ଡ ତରଫରୁ ମୋଇନ ଅଲି ୪ ଏବଂ ଜ୍ୟାକ୍ ଲିଚ୍ ତିନୋଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚରେ ଇଂଲଣ୍ଡ ୧୩୯ରନ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଥିଲା। ଗୁରୁବାର କିଟନ ଜେନିଙ୍ଗ୍ସଙ୍କ ଆକର୍ଷଣୀୟ ଅପରାଜିତ ଶତକ ଦ୍ୱାରା ରୁଟ୍ ୩୨୨/୬ ସ୍କୋରରେ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲେ। ଶୁକ୍ରବାର ପୂର୍ବଦିନର ଅସମାପ୍ତ ସ୍କୋର ୧୫/୦ ସ୍କୋରରୁ ଖେଳ ଆରମ୍ଭ କରିଥିଲା ଶ୍ରୀଲଙ୍କା। ଅପରାଜିତ ରହିଥିବା ଓପନର କୌଶଲ ସିଲ୍‌ଭା ଓ ଦିମୁଥ କରୁଣାରତ୍ନେ ପ୍ରଥମ ସେସନରେ ଇଂଲଣ୍ଡ ବୋଲିଂ ଆକ୍ରମଣର ଉଚିତ୍ ମୁକାବିଲା କରି ନ ପାରି ଚାପର ଶିକାର ହୋଇଥିଲେ। କୌଶଲ ଲିଚ୍‌ଙ୍କ ବଲ୍‌ରେ ସୁଇପ୍ ଶଟ୍ ଖେଳିବାକୁ ଚେଷ୍ଟା କରି ଲେଗ୍ ବିଫୋର ଉଇକେଟ ହୋଇ ପ୍ୟାଭିଲିୟନ ଫେରିଥିଲେ। କରୁଣାରତ୍ନେ ୨୬ ରନ ସ୍କୋରରେ ଅଲିଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଧନଞ୍ଜୟ ଡି'ସିଲ୍‌ଭା ଦୃଢ ଆତ୍ମବିଶ୍ୱାସର ସହିତ ଖେଳ ଆରମ୍ଭ କରିଥିଲେ। ମାତ୍ର ସକାଳ ସେସନର ଅନ୍ତିମ ଓଭରରେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍ ଅଞ୍ଚଳରେ ଅଧିନାୟକ ଜୋ ରୁଟ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ।

ଫାଇନାଲ ସେସନରେ ଘରୋଇ ଦଳର ଆରମ୍ଭ ନୈରାଶ୍ୟଜନକ ଥିଲା। ଚା'ପାନ ବିରତି ପରେ ପ୍ରଥମ ବଲ୍‌ରେ ଆଉଟ ହୋଇଥିଲେ ନିରୋଶାନ ଡିକ୍‌ୱେଲା। ସେ ୧୬ରନ କରିଥିବାବେଳେ ଅଲିଙ୍କ ବଲ୍‌ରେ ଷ୍ଟୋକ୍ସଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ପରେ ଆଞ୍ଜେଲୋ ମାଥ୍ୟୁସ ବ୍ୟକ୍ତିଗତ ୧୮ରନ କରି ଖେଳୁଥିବା ବେଳେ ଜେମ୍ସ ଆଣ୍ଡରସନ ତାଙ୍କର ଏକ କ୍ୟାଚ ହାତଛଡ଼ା କରିଥିଲେ। ଯାହାଫଳରେ ସେ ୫୩ ରନ କରିପାରିଥିଲେ। ସେ ଅଲିଙ୍କ ବଲ୍‌ରେ ମିଡ୍‌ଉଇକେଟ ଅଞ୍ଚଳରେ ଜୋସ୍ ବଟଲରଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ତାଙ୍କ ପଛକୁ ପଛ ଅକିଲା ଦନଞ୍ଜୟ ୮ ରନ କରି ପ୍ୟାଭିଲିୟନ ଫେରିଥିବାବେଳେ ହେରାଥ ୫ ରନ କରି ରନ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୪୨
**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୨୦୩
**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୨୨/୬, ଘୋଷଣା। **ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ:** ୮୫.୧ ଓ ୨୫୦/ଅଲଆଉଟ (ମାଥ୍ୟୁସ-୫୩, ମେଣ୍ଡିସ-୪୫, ଅଲି-୪/୭୧, ଲିଚ୍-୩/୬୦)।

### ଏସିଆନ ଏୟାରଗନ୍ ଚାମ୍ପିୟନଶିପ୍
# ମନୁ-ସୌରଭ ଯୋଡ଼ିଙ୍କୁ ସ୍ୱର୍ଣ୍ଣ

କୁଏତ୍ ସିଟି,୯।୧୧(ପି.ଟି.)

ସ୍ୱଳ୍ପବୟସ୍କା ଶୁଟିଂ ପ୍ରତିଭା ମନୁ ଭାକର ଏବଂ ସୌରଭ ଚୌଧାରୀ ଜୁନିୟର ବିଶ୍ୱ ରେକର୍ଡ ଭଙ୍ଗ କରିବା ସହ ଏଠାରେ ଚାଲିଥିବା ୧୧ଶ ଏସିଆନ ଏୟାରଗନ୍ ଚାମ୍ପିୟନଶିପର୍ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଶୁକ୍ରବାର ଥିଲା ଟୁର୍ନାମେଣ୍ଟର ଅନ୍ତିମ ଦିବସ। ଭାରତୀୟ ଯୋଡ଼ି ଫାଇନାଲରେ ଚାଇନାର ୱାଙ୍ଗ ଜିଆଓୟୁ ଏବଂ ହଙ୍ଗ ଶୁକି ଯୋଡ଼ିଙ୍କୁ ପଛରେ ପକାଇ ଦେଇଥିଲେ। ଭାରତର ଜୁନିୟର ଶୁଟିଂ ଦଳ ଏହି ଚାମ୍ପିୟନଶିପ୍‌ରେ ୪ ସ୍ୱର୍ଣ୍ଣ ସହ ୧୧ ପଦକ ହାସଲ କରିପାରିଛି। ୟୁଥ୍ ଅଲିମ୍ପିକ ଗେମ୍ସ ଚାମ୍ପିୟନ ମନୁ ଓ ସୌରଭ ଫାଇନାଲରେ ୪୮୫.୪ ପଏଣ୍ଟ ସ୍କୋର କରିଥିବାବେଳେ ଚାଇନିଜ ଯୋଡ଼ି ୪୭୭.୯ ପଏଣ୍ଟ ସ୍କୋର କରିଥିଲେ। ଚାଇନାର ଦ୍ୱିତୀୟ ଯୋଡ଼ି ବ୍ରୋଞ୍ଜ ପଦକ ପାଇଥିବାବେଳେ ଅଭିଦନ୍ୟ ପାଟିଲ ଓ ଅନମୋଲ ଜୈନ ଚତୁର୍ଥ ହୋଇଥିଲେ।

# ଉମେଶ, ବୁମରା, କୁଲଦୀପଙ୍କୁ ବିଶ୍ରାମ

ନୂଆଦିଲ୍ଲୀ,୯।୧୧

ଚେନ୍ନାଇଠାରେ ଖେଳାଯିବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍ ଲାଗି ଘୋଷିତ ଭାରତୀୟ ଦଳରୁ ଉମେଶ ଯାଦବ, କୁଲଦୀପ ଯାଦବ ଓ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଛି। ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତୀୟ ଦଳ ୨-୦ ବ୍ୟବଧାନରେ ଆଗୁଆ ରହିଛି। ଫଳରେ ୩ୟ ମ୍ୟାଚ୍ କେବଳ ଔପଚାରିକ ହୋଇ ରହିଯାଇଛି। ମଧ୍ୟମଗତିର ବୋଲର ସିଦ୍ଧାର୍ଥ କଲଙ୍କୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ଡାକରା ଦିଆଯାଇଛି। ସିଦ୍ଧାର୍ଥ ଏପର୍ଯ୍ୟନ୍ତ ଦୁଇ ଟି୨୦ ମ୍ୟାଚ୍ ଓ ୩ ଦିନିକିଆ ଖେଳି ସାରିଛନ୍ତି। "ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଉମେଶ, ବୁମରା ଓ କୁଲଦୀପଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ସମ୍ପୂର୍ଣ୍ଣ ଫିଟ୍ ରହିବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି" ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଦୀନେଶ କାର୍ତ୍ତିକ(ଉଇକେଟକିପର), ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରିଶଭ ପନ୍ତ, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଖଲୀଲ ଅହମ୍ମଦ, ଶାହବାଜ ନଦିମ ଓ ସିଦ୍ଧାର୍ଥ କଲ।

### ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି୨୦
# ମର୍ନିଂଷ୍ଟାର, ବାବା ବାଣେଶ୍ୱର ବିଜୟୀ

ବାଲେଶ୍ୱର ଅଫିସ,୯।୧୧

ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ 'ୟୁ ଆଣ୍ଡି ମି' ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ରୌପ୍ୟଜୟନ୍ତୀ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଏହାର ଆକର୍ଷଣ ବଢ଼ିଛି। ୯ତାରିଖରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ମ୍ୟାଚ୍‌ରେ ତାମିଲନାଡୁ, କର୍ନାଟକ, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଅଞ୍ଚଳରୁ ୨୦ଟି ଟିମ୍ ଭାଗ ନେଇଛନ୍ତି। ୧୮ ତାରିଖରେ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ 'ମହିଳା କ୍ରିକେଟ୍ ଦିବାରାତ୍ର ପ୍ରଦର୍ଶନୀ ମ୍ୟାଚ'୍ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ୍ ବାଲେଶ୍ୱର ମର୍ନିଂଷ୍ଟାରଏବଂ ବାଲେଶ୍ୱର ସମ୍ରାଟ କ୍ଲବ ମଧ୍ୟରେ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ବାଲେଶ୍ୱର ଅଲ୍‌ରାଉଣ୍ଡର କ୍ଲବ ଏବଂ ବାବା ବାଣେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ବାଲେଶ୍ୱର ମର୍ନିଂଷ୍ଟାରଏବଂ ବାବା ବାଣେଶ୍ୱର କ୍ରିକେଟ କ୍ଲବ ବିଜୟୀ ହୋଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ସମ୍ମାନନୀୟ ଅତିଥି ଭାବେ କ୍ଲବ 'ୟୁ ଆଣ୍ଡ ମି'ର ସଭାପତି ସତ୍ୟପଦ କର, କାର୍ଯ୍ୟକାରୀ ସଭାପତି ଫାଲଗୁନୀ ମହାପାତ୍ର, ସମ୍ପାଦକ ବିଶ୍ୱଜିତ୍ ଦାସ, ଉପଦେଷ୍ଟା ସଞ୍ଜୀବ ସେନାପତି, କ୍ଲବର ସ୍ୱର୍ଗତ ଖେଳାଳି ମଳୟ ମୁର୍ମୁଙ୍କ ମା' ଅନୀତା ମୁର୍ମୁ, ଲକ୍ଷ୍ମୀରେଖା ଅଟୋମୋବାଇଲ୍ସର ମୁଖ୍ୟ ମନୋଜ କୁମାର ଜେନା ଯୋଗ ଦେଇ ଖେଳାଳିମାନଙ୍କୁ ସ୍ୱାଗତ କରି ଉତ୍ସାହିତ କରିଥିଲେ।



ମୁଖ୍ୟଅତିଥି ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି ଉଦ୍‌ଘାଟନୀ ମ୍ୟାଚ୍‌ରେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ବାଲେଶ୍ୱର ମର୍ନିଂଷ୍ଟାରଏବଂ ବାଲେଶ୍ୱର ସମ୍ରାଟ କ୍ଲବ ମଧ୍ୟରେ ପ୍ରାରମ୍ଭିକ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ସମ୍ରାଟ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୩ ରନ୍ କରିଥିଲା। ଦଳ ତରଫରୁ ପ୍ରକାଶ ରାଉତ ୨୬, ହାପି ମହାପାତ୍ର ୨୦ ରନ୍ କରିଥିବା ବେଳେ ମର୍ନିଂଷ୍ଟାର ପକ୍ଷରୁ ଉମେଶ ବେହେରା ୩ଟି ଏବଂ ଅହିତୋଷ ଦାସ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ମର୍ନିଂଷ୍ଟାର ୧୭.୫ ଓଭରରେ ୭ ଉଇକେଟ୍ ହରାଇ ନିଜର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ତରଫରୁ ଯଶୋବନ୍ତ ବେହେରା ସର୍ବାଧିକ ୨୫ ବଲ୍‌ରୁ ୪୫ ରନ୍, ଉମେଶ ବେହେରା ଅପରାଜିତ ୨୧ ରନ୍ କରିଥିବାବେଳେ ସମ୍ରାଟ କ୍ଲବ ପକ୍ଷରୁ ଅଶୋକ ବାରିକ ୩ଟି ଉଇକେଟ୍ ନେଇଥିଲେ। ଉମେଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଉମେଶ ଓ କାର୍ତ୍ତିକ ସେଠୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

ବାଲେଶ୍ୱର ଅଲରାଉଣ୍ଡର କ୍ଲବ ଏବଂ ବାବା ବାଣେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅଲରାଉଣ୍ଡର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ୍ କରିଥିଲା। ଦଳ ତରଫରୁ ଚିନ୍ମୟ ପତି ଓ ଅଭିଷେକ ଦାସ ୨୪ ରନ୍ ଲେଖାଏ ସଂଗ୍ରହ କରିଥିଲେ। ବାଣେଶ୍ୱର ତରଫରୁ କାର୍ତ୍ତିକ ସେଠୀ, ଏ.କେ. ମିନାଜ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ବାଣେଶ୍ୱର ୧୧.୨ ଓଭରରେ ୪ଟି ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ତରଫରୁ ଏସ୍.କେ. ସାଏବ ୪୪ ରନ୍ କରିଥିଲେ। କାର୍ତ୍ତିକ ସେଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅମିତ ଅମିତାଭ ମହାକୁଡ଼, ରାଜେଶ ମହାପାତ୍ର, ରବୀନ୍ଦ୍ର ମାଝୀ, ଅଶ୍ୱିନୀ ସାମଲ, ପ୍ରୀତିରଞ୍ଜନ ବିଜୟ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଳୟ ସେନାପତି ଓ ରଶ୍ମି ପ୍ରଧାନ ସ୍କୋରର ଦାୟିତ୍ୱରେ ଥିଲେ। କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୧୦/୨୦୧୮ Sambalpur, Saturday, November 10/ 2018

## ସଂକ୍ଷେପରେ



### ବାଳକ ଦେହରୁ ଖାଦ୍ୟ ବାହାରୁଛି

**ପଟ୍ଟାମୁଣ୍ଡାଇ, ୯।୧୧ (ସ୍ୱ.ପ୍ର)**-ଜଣେ ୧୨ବର୍ଷର ବାଳକଙ୍କ ଦେହରୁ ସେ ଖାଉଥିବା ଖାଦ୍ୟ ଭୁରୁଭୁରୁ ହୋଇ ବାହାରୁଛି। ଦେଖଣାହାରୀଙ୍କୁ ଏହା ଚକିତ କରିଦେଇଛି। ଏହା ଦେଖିବା ପରେ ମାଆ ବାପା ଓ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି। ଡାକ୍ତରୀ ଚିକିତ୍ସାରେ ଏପରି ଘଟଣା କେବେ ଘଟି ନ ଥିବା ଡାକ୍ତରମାନେ ମତ ଦେଇଛନ୍ତି। ଦେହରୁ ଖାଦ୍ୟ ବାହରିବା ଭଳି ବିରଳ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତର ତରିପାଟଣା ଗାଁରେ। ଏହି ଗ୍ରାମର ଭକ୍ତପ୍ରିୟ ପଣ୍ଡାଙ୍କ ପୁଅ ଜ୍ଞାନପ୍ରକାଶ ଭୁବନେଶ୍ୱରର ଭିଏସ୍ଏସ୍ ନଗରରେ ରହି ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିରରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ୨ବର୍ଷ ତଳେ ଜ୍ଞାନପ୍ରକାଶଙ୍କ ଦେହ ହଠାତ୍ ଫୁଲିଯିବା ସହିତ ଭୀଷଣ କୁଣ୍ଡେଇ ହେଉଥିଲା। ତାଙ୍କ ମାଆ ନଳିନୀପ୍ରଭା ଓ ବାପା ତାଙ୍କୁ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ସମସ୍ତ ପରୀକ୍ଷା କରାଯାଇଥିଲା। ହେଲେ ତାଙ୍କ ଦେହରେ କୌଣସି ରୋଗ ନ ଥିବା ରିପୋର୍ଟରେ ବାହାରିଥିଲା। ଜ୍ଞାନପ୍ରକାଶଙ୍କ ଦେହ କୁଣ୍ଡେଇ ହୋଇ ଘା ହୋଇଯିବା ଏବଂ ସେ ଖାଉଥିବା ଭାତ, ବିସ୍କୁଟ, ସେଓ, ମାଗି, କ୍ଷୀର ଆଦି ଖାଦ୍ୟ ପରବର୍ତ୍ତୀ ସମୟରେ ମୁଣ୍ଡ, ହାତ ଆଙ୍ଗୁଳି ସନ୍ଧି, ପିଠି, ଛାତି, କାନ୍ଧରୁ ଭୁରୁଭୁରୁ ହୋଇ ଲସା ଭଳି ବାହାରୁଥିବା ତାଙ୍କ ମାଆ ନଳିନୀପ୍ରଭା ଡାକ୍ତରଙ୍କୁ କହିଛନ୍ତି। ତେବେ ଏହି ବାଳକଙ୍କୁ ହୋଇଥିବା ଅଚିହ୍ନା ରୋଗ ଉପରେ ଗବେଷଣା କରାଗଲେ ସେ ଆରୋଗ୍ୟ ହୋଇପାରିବେ ବୋଲି ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜ ବିଭାଗ ଡାକ୍ତର ନିରନ କର କହିଛନ୍ତି। କଟକ ବଡ ମେଡିକାଲରେ ରୋଗ ଚିହ୍ନଟ ହୋଇ ନ ପାରିବା କାରଣରୁ ଜ୍ଞାନପ୍ରକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ବିଗିଡିବାରେ ଲାଗିଛି। ଗତ କିଛି ଦିନ ହେବ ସେ ଅସ୍ୱାଭାବିକ ଆଚରଣ କରୁଛନ୍ତି। ଏଥିନେଇ ମାଆ ବାପା ଚିନ୍ତିତ ହୋଇ ପଡିଥିବାବେଳେ ପୁଅର ଆରୋଗ୍ୟ ପାଇଁ ତନ୍ତ୍ରମନ୍ତ୍ରର ଆଶ୍ରୟ ନେବାକୁ ମନସ୍ଥ କରିଛନ୍ତି। ଜ୍ୟୋତିର୍ବିତ୍‌ମାନଙ୍କୁ ମଧ୍ୟ ପଚାରି ପ୍ରତିକାର କରୁଛନ୍ତି। ଅନେକ ଏହା ତନ୍ତ୍ରମନ୍ତ୍ର ହୋଇପାରେ ବୋଲି କହୁଥିବାବେଳେ ଡାକ୍ତର କହୁଛନ୍ତି ଦେହ, ହାତଗୋଡ, ମୁଣ୍ଡରୁ ପାଣି ବାହାରିବା ଓ ରକ୍ତ ବାହାରିବା ଘଟଣା ଆମେ ଦେଖିଛୁ। କିନ୍ତୁ ବାଳକ ଜଣକ ଯାହା ଖାଉଛନ୍ତି, ତାହା ଦେହରୁ ବାହାରକୁ ଆସିବା ଚିକିତ୍ସା କ୍ଷେତ୍ରରେ ଆମେ ଦେଖି ନାହୁଁ। ପୁଅକୁ ଚିକିତ୍ସା କରିବା ପାଇଁ ମାଆ ବାପା ଏଣେତେଣେ ବୁଲି ନୟାନ୍ତ ହୋଇ ପଡିଲେଣି। ଏଭଳି ଅବସ୍ଥାରେ ଚିକିତ୍ସା ବିଜ୍ଞାନ ଠିକ୍ ମାର୍ଗଦର୍ଶନ କରିପାରୁ ନ ଥିବାବେଳେ ଲୋକେ ଅନ୍ଧବିଶ୍ୱାସକୁ ଆପଣେଇ ନେବାକୁ ବାଧ୍ୟହୁଅନ୍ତି ବୋଲି ଆନ୍ତର୍ଜାତିକ ମାନବାଧିକାର କାଉନସିଲ୍ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ପ୍ରତାପ ପାଢ଼ୀ କହିଛନ୍ତି। ଜ୍ଞାନପ୍ରକାଶ ମାଆ ବାପାଙ୍କ ଏକମାତ୍ର ପୁଅ। ନଳିନୀପ୍ରଭା ବିବାହ କରିବାର ୯ ବର୍ଷ ପରେ ସେ ଜନ୍ମ ହୋଇଥିଲେ। ଜ୍ଞାନପ୍ରକାଶ ଏବେ ଗାଁରେ ରହୁଛନ୍ତି।

# ବଦଳିଲା ଯୁକ୍ତ୨ ପରୀକ୍ଷା ପରିଚାଳନା ଗାଇଡ୍‌ଲାଇନ

**ଭୁବନେଶ୍ୱର, ୯।୧୧(ବ୍ୟୁରୋ)**

- ଫର୍ମ ପୂରଣ ବେଳେ ବିଷୟ ପରିବର୍ତ୍ତନ ହେବନି
- ସେଣ୍ଟର ପରିବର୍ତ୍ତନ ଲାଗି ୩ ନିୟମ ବଦଳିଲା
- ସହାୟକ ଲେଖକ ପାଇଁ ଡାକ୍ତରୀ ପ୍ରମାଣପତ୍ର ଲୋଡା

୨୦୧୯ରେ ହେବାକୁ ଥିବା ଯୁକ୍ତ୨ ବାର୍ଷିକ ପରୀକ୍ଷା ପରିଚାଳନା ନିୟମାବଳୀ(ଗାଇଡ୍‌ଲାଇନ୍)ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) କେତେକ ନିୟମ ପରିବର୍ତ୍ତନ କରିଛି। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସହାୟକ ଲେଖକ, ସେଣ୍ଟର ପରିବର୍ତ୍ତନ ଏବଂ ବିଷୟ ପରିବର୍ତ୍ତନ ସମ୍ପର୍କିତ ନିୟମକୁ ପରିଷଦ ବଦଳାଇ କଠୋର କରିଛି। ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ପାଇଁ ସିଏଚ୍ଏସ୍ଇ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

ଏ ସଂକ୍ରାନ୍ତରେ ସିଏଚ୍ଏସ୍ଇ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ଯୁକ୍ତ୨ ବାର୍ଷିକ ପରୀକ୍ଷା ପାଇଁ ଫର୍ମ ପୂରଣ କରିବାକୁ ଥିବା ଛାତ୍ରୀଛାତ୍ର ଚାହିଁଲେ ମନଇଚ୍ଛା ଆଉ ବିଷୟ ପରିବର୍ତ୍ତନ କରିପାରିବେ ନାହିଁ। ପାଠ ପଢିଥିବା ବିଷୟକୁ ଛାଡି ଫର୍ମରେ ଅନ୍ୟ କିଛି ନୂଆ ବିଷୟ ଲେଖିପାରିବେ ନାହିଁ। ପ୍ରଥମରୁ ଯେଉଁ ବିଷୟର ପଞ୍ଜୀକରଣ ପାଇଛନ୍ତି ସେହି ବିଷୟକୁ ଛାତ୍ରୀଛାତ୍ରମାନେ ଫର୍ମ ପୂରଣ ବେଳେ ଫର୍ମରେ ଲେଖିପାରିବେ ବୋଲି ସିଏଚ୍ଏସ୍ଇ ତା'ର ପରୀକ୍ଷା ପରିଚାଳନା ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରି ବିଜ୍ଞପ୍ତି ପ୍ରକାଶ କରିଛି। ସେହିପରି ଛାତ୍ରୀଛାତ୍ର ସେଣ୍ଟର ପରିବର୍ତ୍ତନ କରିବାକୁ ହେଲେ ୩ ନୂଆ ନିୟମ ଅନୁସାରେ ତାଙ୍କୁ ଆସିବାକୁ ପଡିବ। ପ୍ରଥମତଃ ଯଦି ଛାତ୍ରୀଛାତ୍ରଙ୍କ ମା' ବାପାଙ୍କ ମୃତ୍ୟୁ ହୋଇଥିବ, ଦ୍ୱିତୀୟତଃ ମା' ବାପା କେହି ସରକାରୀ ଚାକିରିଆ ହୋଇଥିବେ ଏବଂ ତାଙ୍କର ବଦଳି ହୋଇଥିବ କିମ୍ବା ଅବସର ନେଇଥିବେ, ତୃତୀୟତଃ ଯଦି କୌଣସି ଛାତ୍ରୀ ବିବାହ କରିଯାଇଥିବେ ତେବେ ସେ କ୍ଷେତ୍ରରେ ସେଣ୍ଟର ପରିବର୍ତ୍ତନ କରାଯାଇ ପାରିବ। କିନ୍ତୁ ଛାତ୍ରୀଛାତ୍ରଙ୍କୁ ଏ ନେଇ ସିଏଚ୍ଏସ୍ଇ ପାଖରେ ସବିଶେଷ ପ୍ରମାଣପତ୍ର ଦାଖଲ କରିବାକୁ ପଡିବ। ସେଣ୍ଟର ପରିବର୍ତ୍ତନ ହେଲେ ସରକାରୀ ଏବଂ ପୂର୍ଣ୍ଣଅନୁଦାନପ୍ରାପ୍ତ କଲେଜରେ ସେଣ୍ଟର ଦିଆଯିବ। କୌଣସି ବେସରକାରୀ କଲେଜରେ ସେଣ୍ଟର ଦିଆଯିବ ନାହିଁ।

ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ସହାୟକ ଲେଖକ ସୁବିଧା କ୍ଷେତ୍ରରେ ମଧ୍ୟ ସିଏଚ୍ଏସ୍ଇ ନିୟମରେ ପରିବର୍ତ୍ତନ କରିଛି। ଦିବ୍ୟାଙ୍ଗ ସାର୍ଟିଫିକେଟରେ ୪୦% କିମ୍ବା ତା'ଠାରୁ ଅଧିକ ମାର୍କ ଥିଲେ ତା'ଙ୍କୁ ସହାୟକ ଲେଖକ ପ୍ରଦାନ କରାଯିବ। କିନ୍ତୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଜଣକ ବିଷୟ ଅନୁସାରେ ପ୍ରତି ବିଷୟର ପରୀକ୍ଷାରେ ପାଠ ଉପରେ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ନେଇ ସହାୟକ ଲେଖକ ନେଉଥିଲେ। ଏବେ ଏହାକୁ ପରିବର୍ତ୍ତନ କରାଯାଇଛି। ଏଣିକି ପରୀକ୍ଷା ପାଇଁ ପ୍ରଥମ ଦିନରୁ ଯେଉଁ ପିଲା ସହାୟକ ଲେଖକ ଭାବେ ପରୀକ୍ଷାରେ ବସିଥିବ ତାଙ୍କୁ ହିଁ ସବୁ ପେପରରେ ବସି ଲେଖିବାକୁ ହେବ। ବାରମ୍ବାର ସହାୟକ ଲେଖକ ପରିବର୍ତ୍ତନ ହେବେନାହିଁ। ଯଦି ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଜଣକ ପରିବର୍ତ୍ତନ କରିଥିବା ଜଣାପଡେ। ତେବେ ତାଙ୍କ ଖାତା ମୂଲ୍ୟାୟନ କରାଯିବ ନାହିଁ। ସହାୟକ ଲେଖକ ପାଇଁ ଆବେଦନ କରିବା ପୂର୍ବରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଡାକ୍ତରୀ ସାର୍ଟିଫିକେଟ ଦାଖଲ କରିବାକୁ ପଡିବ ବୋଲି ସିଏଚ୍ଏସ୍ଇ ପକ୍ଷରୁ କୁହାଯାଇଛି।

ଅନ୍ୟପଟେ ୨୦୧୮ରେ କପି କରି ସ୍କ୍ୱାଡ୍ ଦ୍ୱାରା ଧରାପଡିଥିବା ଛାତ୍ରୀଛାତ୍ରଙ୍କ ପେପର ରଦ୍ଦ କରାଯାଇଥିଲା। ସେମାନେ ୨୦୧୯ ପରୀକ୍ଷା ପାଇଁ ଫର୍ମ ପୂରଣ କରିପାରିବେ। କିନ୍ତୁ ରେଗୁଲାର ଫର୍ମରେ ଫର୍ମ ପୂରଣ କରିପାରିବେ ନାହିଁ। ସମ୍ପୃକ୍ତ ଛାତ୍ରୀଛାତ୍ର ସିଏଚ୍ଏସ୍ଇ କାର୍ଯ୍ୟାଳୟକୁ ଆସି ମାର୍କଶିଟ୍ ସାର୍ଟିଫିକେଟ ସଂଗ୍ରହ କରି କଲେଜରୁ ଏକ୍ସରେଗୁଲାର ଫର୍ମ ନେଇ ଫର୍ମ ପୂରଣ କରିପାରିବ ବୋଲି ସିଏଚ୍ଏସ୍ଇ ପକ୍ଷରୁ କୁହାଯାଇଛି।




## ଡା. ଚୂଡ଼ାମଣି ମେହେରଙ୍କ ପରଲୋକ

**କଟକ ଅଫିସ, ୯।୧୧**

ଜଣାଶୁଣା ରେଡିଓଲୋଜିଷ୍ଟ ଡା. ଚୂଡ଼ାମଣି ମେହେରଙ୍କ ୬୬ବର୍ଷ ବୟସରେ ଗୁରୁବାର କଟକରେ ପରଲୋକ ଘଟିଛି। ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡା. ମେହେରଙ୍କ ଘର ବରଗଡ଼ ଜିଲ୍ଲା ଭେଡେନ ଅଞ୍ଚଳରେ। ସେ ଦୀର୍ଘଦିନ ହେବ କଟକର ସିଡିଏ ଅଞ୍ଚଳରେ ରହି ଘରୋଇ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଚଳାଉଥିଲେ। ୧୯୮୬ରେ ସେ ପ୍ରଥମେ ରାଜ୍ୟରେ ଘରୋଇ ଭାବେ ଅଲଟ୍ରାସାଉଣ୍ଡ ଚିକିତ୍ସା ବ୍ୟବସ୍ଥା ଆରମ୍ଭ କରିଥିଲେ। ମୃତ୍ୟୁ ଖବରପାଇ ଡାକ୍ତରଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା ୨୧.୧୦.୨୦୧୮ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା ୧୨.୧୧.୨୦୧୮, ୧୩.୧୧.୨୦୧୮, ୧୪.୧୧.୨୦୧୮, ୧୫.୧୧.୨୦୧୮, ୧୬.୧୧.୨୦୧୮ ଏବଂ ୧୭.୧୧.୨୦୧୮ ରିଖ ଦିନ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିଲା। ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ପରିବର୍ତ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଆବେଦନକାରୀ ଗାଡି ମାଲିକ ତଥା ପ୍ରତିପକ୍ଷ ଦରଖାସ୍ତକାରୀମାନେ ଉକ୍ତ ତାରିଖ ଓ ସମୟରେ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଆବଶ୍ୟକ କାଗଜାତ ଦାଖଲ କରି ନିଜର ପକ୍ଷ ରଖିପାରିବେ।

ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହେଲେ Odisha Permit Management System (OPMS) ରେ ବସ୍ ମାଲିକମାନେ ତା୨୦.୧୧.୨୦୧୮ ରିଖ ସୁଦ୍ଧା ଆପତି ଦାଖଲ କରିପାରିବେ। ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ।

| କ୍ରମିକ ସଂଖ୍ୟା | ପୂର୍ବ ତାରିଖ | ପରିବର୍ତ୍ତିତ ତାରିଖ | ସମୟ |
|---|---|---|---|
| ୧ ରୁ ୬୦ | ୧୨.୧୧.୨୦୧୮ | ୨୬.୧୧.୨୦୧୮ | ପୂର୍ବାହ୍ନ ୧୧ ଘଟିକା |
| ୬୧ ରୁ ୧୨୦ | ୧୩.୧୧.୨୦୧୮ | ୨୭.୧୧.୨୦୧୮ | |
| ୧୨୧ ରୁ ୧୮୦ | ୧୪.୧୧.୨୦୧୮ | ୨୮.୧୧.୨୦୧୮ | |
| ୧୮୧ ରୁ ୨୪୦ | ୧୫.୧୧.୨୦୧୮ | ୨୯.୧୧.୨୦୧୮ | |
| ୨୪୧ ରୁ ୩୦୦ | ୧୬.୧୧.୨୦୧୮ | ୩୦.୧୧.୨୦୧୮ | |
| ୩୦୧ ରୁ ୩୪୬ | ୧୭.୧୧.୨୦୧୮ | ୦୧.୧୨.୨୦୧୮ | |

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ

# ବାରିକ ସମାଜରେ ବିଧବାଙ୍କ ପୁନର୍ବିବାହ

## ନିଆରା ଉଦାହରଣ

**କଟକ ଅଫିସ, ୯।୧୧**

ବାରିକ ସମ୍ପ୍ରଦାୟରେ ବିଧବା ବିବାହକୁ ନେଇ ଅନେକ ସାମାଜିକ ପ୍ରତିବନ୍ଧକ ରହିଛି। କିନ୍ତୁ ସବୁ ପ୍ରତିବନ୍ଧକକୁ ହଟାଇ ନିଖିଳ ଉତ୍କଳ ବାରିକ ସମିତି ଏକ ନିଆରା ଉଦାହରଣ ସୃଷ୍ଟି କରିଛି। ସମିତିର ଉଦ୍ୟମ କ୍ରମେ ଜଣେ ଅଳ୍ପବୟସ୍କା ବିଧବା ପୁଣି ଥରେ ସଂସାର ଗଢିବାର ସୁଯୋଗ ପାଇଛନ୍ତି ।

### ଲିଜାଙ୍କ ହାତ ଧରିଲେ ପତିତ

ଗତ ସୋମବାର ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ବଡ଼ମ୍ବା ବ୍ଲକର ବାଙ୍ଗରାସିଂହା କଟକ ନିବାସୀ ନୀଳମଣି ବାରିକଙ୍କ କନ୍ୟା (ବିଧବା) ଲିଜା ବାରିକଙ୍କ ସହିତ ଢେଙ୍କାନାଳ ଜିଲ୍ଲା ଅଙ୍କରାନ୍ତିପୁର ନିବାସୀ ସ୍ୱର୍ଗତ ମୁକୁନ୍ଦ ବେହେରାଙ୍କ ଏକମାତ୍ର ପୁତ୍ର ପତିତ ବେହେରାଙ୍କ ବିବାହ ସମ୍ପନ୍ନ ହୋଇଛି। ସମସ୍ତ ଜାତି ବିରାଦରୀଙ୍କ ଉପସ୍ଥିତିରେ ସମିତିର କଟକ ଜିଲ୍ଲା ସଭାପତି ଅକ୍ଷୟ କୁମାର ବାରିକଙ୍କ ନେତୃତ୍ୱରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। କେବଳ ବାରିକ ଜାତି ନୁହେଁ, ଅନ୍ୟ ଜାତିର ଅଳ୍ପବୟସ୍କ ବିଧବା କନ୍ୟାମାନଙ୍କ ପାଇଁ ମଧ୍ୟ ଏହା ବଞ୍ଚିବାର ଏକ ନୂତନ ରାସ୍ତା ଖୋଲି ଦେଇଥିବା ସମିତି ସଭାପତି ଅକ୍ଷୟ କୁମାର କହିଛନ୍ତି। ଏହା ଏକ ପ୍ରାଚୀନ ରୁଗ୍‌ଣ ମାନସିକତାର ଅନ୍ତ ଘଟିଲା ବୋଲି ସେ କହିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଉଭୟ ପରିବାରର ଆତ୍ମୀୟ ସ୍ୱଜନଙ୍କ ସମେତ ଲିଜାଙ୍କ ପୂର୍ବ ଶାଶୁ ଘରର ଲୋକେ ଏହି ବିବାହ ସମୟରେ ଉପସ୍ଥିତ ଥିଲେ। ବାରିକ ସମିତି କଖଡ଼ି ଶାଖାର କୋଷାଧ୍ୟକ୍ଷ ସୁଶାନ୍ତ ବାରିକ, ଅନ୍ୟକର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଶୀର୍ବାଦ କରିଥିବା ବେଳେ ନିଖିଳ ଉତ୍କଳ ବାରିକ ସମିତିର ଶାଖା କର୍ମକର୍ତ୍ତାମାନଙ୍କ ମଧ୍ୟରୁ ଉପସଭାପତି ସୁଶୀଲ କୁମାର ଦାସ, ମହିଳା ଉପସଭାନେତ୍ରୀ ସଂଯୁକ୍ତା ବାରିକ, କାର୍ଯ୍ୟକାରୀ ସଭ୍ୟ ଗୋବିନ୍ଦ ଚନ୍ଦ୍ର ବାରିକ, ବଂଶୀଧର ବାରିକ ସହଯୋଗ କରିଥିଲେ। କନ୍ୟା ପକ୍ଷରୁ ସମୀର ବାରିକ, କନ୍ୟାପିତା ନୀଳମଣି ବାରିକ, ମାତା ମାମିନା ବାରିକ, ନିଶାମଣି ଲେଙ୍କା, କୁନି ବାରିକ ଓ ବର ପକ୍ଷରୁ ପୀତବାସ ପରିଡ଼ା, ବିଜୟ କୁମାର ବେହେରା, ବିଜୟ କୁମାର ଦଳେଇ, ହେମନ୍ତ ବାରିକ ଉପସ୍ଥିତ ଥିଲେ। ସମିତିର କଟକ ଜିଲ୍ଲା ଶାଖାର କାମଚଳା ସମ୍ପାଦକ ଏହାକୁ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି କାଳୀପ୍ରସନ୍ନ ବାରିକ ବରକନ୍ୟାଙ୍କୁ ଆଶୀର୍ବାଦ ଦେବା ସହିତ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହି ପ୍ରଶଂସା କରିଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

**ସୋନପୁର,୯।୧୧(ନି.ପ୍ର.):** ସୋନପୁର ଥାନା ସାଗରପାଲିରେ ଯୌତୁକ ପାଇଁ ବଧୂ ସସ୍ମିତାଙ୍କୁ ହତ୍ୟା କରା ଯାଇଥିବା ଅଭିଯୋଗ ହୋଇଛି। ସସ୍ମିତାଙ୍କର ଗତ ବୁଧବାର ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ତେବେ ବାପା ସୁରଥ ମେହେର ଶୁକ୍ରବାର ସୋନପୁର ଥାନାରେ ଏହା ଯୌତୁକ ଜନିତ ହତ୍ୟା ବୋଲି ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ ପ୍ରାୟ ୩ବର୍ଷ ପୂର୍ବରୁ ସାଗରପାଲିର ରାଧେଶ୍ୟାମ ମେହେର ଡୁଙ୍ଗୁରିପାଲି ଥାନା ଲଛିପୁରର ସୁରଥଙ୍କ ଝିଅ ସସ୍ମିତାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ସୁରଥ ସାଧ୍ୟ ମତେ ଯୌତୁକ, ଅଳଙ୍କାର ଓ ଆସବାବପତ୍ର ଦେଇଥିଲେ। କିନ୍ତୁ ବିବାହର କିଛି ମାସ ପରେ ଅଧିକ ଯୌତୁକ ଆଣିବା ପାଇଁ ଶ୍ୱଶୁର ଘର ଲୋକେ ସସ୍ମିତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ।

### ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**ବୀରମହାରାଜପୁର, ୯।୧୧(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ସ୍କୁଲ ସମୂହର ସପ୍ତମ ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଛି। ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଆୟୋଜିତ ଉକ୍ତ କ୍ରୀଡା ମହୋତ୍ସବକୁ ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରିଥିଲେ ଉପଜିଲାପାଳ ସୁବ୍ରତ କୁମାର ବେହେରା। ଜିଲା ଶିକ୍ଷା ଅଧିକାରି ପୁଷ୍ପା ମିଞ୍ଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ଜିଲା ସର୍ବଶିକ୍ଷା ଅଭିଯାନର ସଂଯୋଜକ ବେଣୁଧର ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ସମ୍ମାନିତ ଅତିଥି ଭାବେ ଉଦ୍‌ବୋଧନ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିବା ଆନ୍ତର୍ଜାତୀୟ ଖେଳାଳି ସୁଶ୍ରୀ ଆନନ୍ଦିନି ଦର୍ଜି ମତ ଦେଇଥିଲେ ଯେ ସଫଳ ଖେଳାଳି ହେବା ପାଇଁ ଛାତ୍ରୀଛାତ୍ର ମାନେ ଶୃଙ୍ଖଳିତ ହେବା ଜରୁରୀ। ପ୍ରତ୍ୟକ ସଫଳତା ଭିତରେ କଠିନ ପରିଶ୍ରମ ଅଧ୍ୟବସାୟ ଲୁଚି ରହିଥିବା ସେ ଅଭିମତ ରଖିଥିଲେ। ରାଜ୍ୟସ୍ତରୀୟ ହକି କୋଚ୍ ପ୍ରଫୁଲ୍ଲ ବେହେରା ଅନ୍ୟତମ ଅନ୍ୟତମ ଅତିଥି ଭାବେ ବକ୍ତବ୍ୟ ରଖି ସୋନପୁର ଶିକ୍ଷା ଜିଲା କ୍ରୀଡା କ୍ଷେତ୍ରରେ ବୀରମହାରାଜପୁର ଅଞ୍ଚଳର କ୍ରୀଡାବିତ୍‌ଙ୍କ ଅବଦାନ ଥିବା ଉଲ୍ଲେଖ କରିଥିଲେ। ଲକ୍ଷ୍ମିନାରାୟଣ ସାହୁଙ୍କ ଦ୍ୱାରା ସଂଯୋଜିତ ସଭାରେ ବୀରମହାରାଜପୁର ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ଅତିଥି ପରିଚୟ ଏବଂ ସିଆର୍‌ସିସି ଅଭିମନ୍ୟୁ ବର୍ଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଗ୍ରାମୀଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଡୁଲେଶ୍ୱର ଚାମ୍ପିୟନ

**ବୀରମହାରାଜପୁର, ୯।୧୧(ଡି.ଏନ୍.ଏ):** ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ବିଜୁ ଯୁବବାହିନୀ ଆନୁକୂଲ୍ୟରେ ଗ୍ରାମୀଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଡୁଲେଶ୍ୱର କ୍ରିକେଟ ଦଳ ଚାମ୍ପିୟନ ହୋଇଥିଲା।ପୁରସ୍କାର ବିତରଣୀ ଉତ୍ସବରେ ଶ୍ରୀକାନ୍ତ କର୍ମୀ ଏବଂ ଦେବରାଜ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ସୁଦର୍ଶନ ଷାଣ୍ଡ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

ଜାତୀୟ ଆଇନ ସେବା ଦିବସରେ ସଚେତନତା ସଭା, ଶୋଭାଯାତ୍ରା

# ସଚେତନ ରହିଲେ ଆଇନସେବା ଅପହଞ୍ଚ ନୁହେଁ

**ବୀରମହାରାଜପୁର, ୯।୧୧ (ଡି.ଏନ.ଏ.)**

ତଫସିଲଭୁକ୍ତ ଜାତି, ଉପଜାତି, ମହିଳା, ଶିଶୁ, ଦିବ୍ୟାଙ୍ଗ, ଦଙ୍ଗା ପ୍ରପୀଡିତ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ମାଗଣାରେ ଆଇନଗତ ସେବା ପହଞ୍ଚାଇବା ପାଇଁ ପ୍ରାବଧାନ ଥିଲେ ସୁଦ୍ଧା ସଚେତନତା ଅଭାବରୁ ଯୋଗ୍ୟବ୍ୟକ୍ତି ତାହାର ସୁଯୋଗ ନେଇ ପାରୁନାହାନ୍ତି । ସେଇ କଥା ମନେ ପକାଇଦେବା ଉଦ୍ଦେଶ୍ୟରେ ୧୯୯୫ ମସିହାଠାରୁ ନଭେମ୍ବର ୯ତାରିଖ ଜାତୀୟ ଆଇନସେବା ଦିବସ ପାଳିତ ହୋଇ ଆସୁଛି। ଏଭଳି ପୃଷ୍ଠଭୂମି ମଧ୍ୟରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ତାଲୁକ ଆଇନସେବା ସମିତି ତରଫରୁ ଶୁକ୍ରବାର ସଚେତନତା ସଭା ଓ ଶୋଭାଯାତ୍ରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବୀରମହାରାଜପୁର କଲେଜ ପରିସରରୁ ପୂର୍ବାହ୍ନରେ ବାହାରିଥିବା ଶୋଭାଯାତ୍ରା ବସ୍ତି ପରିକ୍ରମା କରିଥିଲା। ଏନସିସି କ୍ୟାଡେଟ, ରେଡକ୍ରସ ତଥା ସିଭିଲିଏଲ ଛାତ୍ରୀଛାତ୍ରମାନଙ୍କର ଉକ୍ତ ରାଲିରେ ତାଲୁକ ଆଇନସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ଜଜ୍ ମାନସରଞ୍ଜନ ରଥଙ୍କ ସହ ସାମିଲ ଥିଲେ ଏସ୍‌ଡିଜେଏମ ଅବକାଶ ଚୌଧୁରୀ, ଏସଡିପିଓ ଧିରଜ କୁମାର ଚୌପଦାର, ବାର ଆସୋସିଏଶନ୍ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ଓ ସହସମ୍ପାଦକ ସନ୍ତୋଷ କୁମାର ଚାନ୍ଦ, କଲେଜ ଅଧ୍ୟକ୍ଷ ମୁରଲୀଧର ହୋତା, ଏନସିସି ଅଫିସର ସୂର୍ଯ୍ୟନାରାୟଣ ପଣ୍ଡା, ରେଡକ୍ରସ ନୋଡାଲ ଅଫିସର ବିଜୟ କୁମାର ପୁରୋହିତ, ଏନଏସଏସ ପ୍ରୋଗ୍ରାମ ଅଫିସର ବିଜୟ କୁମାର ପ୍ରଧାନ, ଅଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀ, ପ୍ରକାଶ ସେଠ, ନରେନ୍ଦ୍ର ଝା ଏବଂ ପିଇଟି ନରେନ୍ଦ୍ର ଚାନ୍ଦ। ଆଇଆଇସି କୁଶ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପରିକ୍ରମା କରିଥିବା ସଚେତନତା ଶୋଭାଯାତ୍ରାରେ ବହୁ ସାମାଜିକ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ଏକ ପଥପ୍ରାନ୍ତ ସଭା ଏସ୍‌ଡିଜେଏମ କୋର୍ଟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବୋଧିତ କରି ଆଇନସେବା ସମିତି ଅଧ୍ୟକ୍ଷ ରଥ ଏହି ଦିବସର ତାତ୍ପର୍ଯ୍ୟ ଏବଂ ଆଇନସେବା ପ୍ରାଧିକରଣ ତଥା ସମିତି ଦ୍ୱାରା ଉପଲବ୍ଧ ହେଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ।



ତାଲୁକ ଆଇନସେବା ସମିତି ପକ୍ଷରୁ ବୀରମହାରାଜପୁର କଲେଜ ପରିସରରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ବସ୍ତି ପରିକ୍ରମା କରୁଛି।

### ଧାନ ଫସଲରେ ବାର୍‌ହାଙ୍କ ଉପଦ୍ରବ

**ଅମରପାଲି, ୯।୧୧(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ କୋଟସମଲାଇ ଓ କାଦୋଦର ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷ ଜମିରେ ବାର୍‌ହା ଉପଦ୍ରବ ଦେଖିବାକୁ ମିଳୁଛି । ସେମାନେ ଧାନ ଫସଲ ଖାଇ ଦେବା ସହିତ ଦଳି ଚକଟି ନଷ୍ଟ କରି ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୋଟସମଲାଇ ପଞ୍ଚାୟତର ସାରସଦାଦର, ସୁନାପାଲି, ରେଡମ୍ ସମେତ କାଦୋଦର ପଞ୍ଚାୟତର ବୈରାଗିପାଲି, କାଦୋଦର ଗ୍ରାମର ଚାଷ ଜମିରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଜଙ୍ଗଲ ସୀମାକୁ ଲାଗି ରହିଥିବା ଚାଷ ଜମିକୁ ସେମାନେ ଅବାଧରେ ଆସି ଉପଦ୍ରବ କରୁଛନ୍ତି । ଏବେ ଛୋଟ ଧାନଗୁଡିକ ଅମଳକ୍ଷମ ହେବାକୁ ହେଲାଣି। ଯଦି ଏହି ସମୟରେ ଫସଲ ନଷ୍ଟ ହେବ ତେବେ ଆମେ ଆଉ ଧାନ ଅମଳ କରିପାରିବୁ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ବିମୁଦ୍ରୀକରଣର ୨ ବର୍ଷ ପୂର୍ତ୍ତି

## କଂଗ୍ରେସ ପାଳିଲା କଳାଦିବସ

**ସୋନପୁର,୯।୧୧(ନି.ପ୍ର.)**

ବିମୁଦ୍ରୀକରଣକୁ ଗୁରୁବାର ୨ ବର୍ଷ ପୁରିଲା। ଦେଶବାସୀ ଏଥିଯୋଗୁଁ କଣ ପାଇଲେ ଅବା ହରାଇଲେ ତାକୁ ନେଇ ଚର୍ଚ୍ଚା ଚାଲିଛି। ତେବେ ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହାକୁ କଳା ଦିବସ ଭାବେ ପାଳନ କରିଛି। ପ୍ରତିବାଦରେ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ସୋନପୁରର ପ୍ରାକ୍ତନ ବିଧାୟକ ତଥା ପିସିସି ସାଧାରଣ ସମ୍ପାଦକ ବିନୋଦ ପାତ୍ର, ପିସିସି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, ଜିଲା କଂଗ୍ରେସ କମିଟିର କାଯର୍ୟକାରୀ ସଭାପତି ସୁବ୍ରତ କୁମାର ସେଠୀ, ସୁଧୀର କୁମାର ପଣ୍ଡା, ଯୁବ କଂଗ୍ରେସ ନେତା ପ୍ରିୟବ୍ରତ ସାହୁ, ବରୁଣ ସୁନା, ରାଜେଶ ମିଶ୍ର, ନିମାଇଁ ଚରଣ ପାଣିଗ୍ରାହୀ, ସଂଖ୍ୟାଲଘୁ ସେଲ ସଭାପତି ଇମ୍ରାନ ଖାନ, କୃଷକ ସେଲ ସଭାପତି ସ୍ୱପ୍ନେଶ୍ୱର ପୃଷ୍ଟି, ବିଶ୍ୱଜିତ ମିଶ୍ର, ବାନ୍ଧ ବିହାରୀ ନାଏକ ପ୍ରମୁଖ ଯୋଗଦେଇ ବିମୁଦ୍ରୀକରଣ ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଏକ କଳାଦିନ ଭାବେ ଅଭିହିତ କରିଥିଲେ। ସାରା ଦେଶର ଅର୍ଥ ବ୍ୟବସ୍ଥା ଗୋଟିଏ ଭୁଲ ଘୋଷଣା ଦ୍ୱାରା ପ୍ରଭାବିତ ହୋଇଥିଲା। ଏହାଦ୍ୱାରା ବଜାର ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରଭାବିତ ହେଲା ଓ ଲୋକେ ନିଯୁକ୍ତି ହରାଇଲେ ବୋଲି କଂଗ୍ରେସ ଅଭିଯୋଗ କରିଛି ।

## ସମସ୍ତଙ୍କୁ ଆଇନ ସେବା ମିଳିବା ସାମ୍ବିଧାନିକ ଅଧିକାର

**ସୋନପୁର,୯।୧୧(ନି.ପ୍ର.)**




ଆଇନ ସଚେତନତା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଡିଆରଡିଏ ସମ୍ମିଳନୀ କକ୍ଷରେ ଆଇନଗତ ସହାୟତା ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁନିତା ପଟ୍ଟନାୟକ ଦିବସ ପାଳନର ଉଦ୍ଦେଶ୍ୟ ଓ ତ୍ୱରିତ ଆଇନ ପ୍ରଦାନ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ଜିଲାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକାରଣର ଅଧ୍ୟକ୍ଷ ରାଜକୁମାର ସାହୁ ଜନସାଧାରଣଙ୍କୁ ଆଇନ ସେବା ମିଳିବା ସେମାନଙ୍କର ସାମ୍ବିଧାନିକ ଅଧିକାର ବୋଲି କହିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ଆଇନ ସେବା ସହଜରେ ମିଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ସମାଜର ଦୁର୍ବଳ ଶ୍ରେଣୀର ଲୋକ ସରକାରୀ ଯୋଜନାରୁ ଯେଭଳି ବଞ୍ଚିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ପାରାଲେଭେଲ ସ୍ୱେଚ୍ଛାସେବୀ ଏ କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବେ। ସେମାନଙ୍କୁ ପ୍ରତିମାସରେ ବୈଠକ ମାଧ୍ୟମରେ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ପଣ୍ଡା ପରାମର୍ଶ ଦେଇଥିଲେ। ସିଜେଏମ ମଦନଲାଲ ଖେଡିଆ, ସିନିଅର ସିଭିଲ ଜଜ୍ ସନ୍ଦିପ କୁମାର ପଟ୍ଟନାୟକ, ସୋନପୁର ଏସଡିଜେଏମ ସୁକାନ୍ତ କିଶୋର ଜେନା, ସରକାରୀ ଓକିଲ ବ୍ୟୋମକେଶ ଦାଶ, ରିଟେନର ବାବୁଲାଲ ଦାଶ, ଓକିଲ ସଂଘର ସମ୍ପାଦକ ରାଜେନ୍ଦ୍ର ଅଗ୍ରୱାଲା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସମସ୍ତଙ୍କୁ ଆଇନ ସେବା ମିଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଜନସାଧାରଣ ସଚେତନ ହୋଇ ପାରିଲେ ହିଁ ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ପାରିବ ବୋଲି ମତପ୍ରକାଶ ପାଇଥିଲା।

## ଚିତ୍ରଗୁପ୍ତ ପୂଜା ଅବସରରେ ନାନାବିଧ ପ୍ରତିଯୋଗିତା

**ସୋନପୁର,୯।୧୧(ନି.ପ୍ର.)**

ସୋନପୁର ସହରର ଘୋଡାଘାଟପଡାସ୍ଥିତ ସୁବର୍ଣ୍ଣପୁର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ସଭାଗୃହଠାରେ ଚିତ୍ରଗୁପ୍ତଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଶୁକ୍ରବାର ସକାଳେ ମହିଳା ଓ ପୁରୁଷମାନଙ୍କ ଦ୍ୱାରା ମହାନଦୀରୁ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପିତ ହୋଇଥିଲା। ପୂଜକ ଦାମୋଦର ହୋତାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ସମାଜ ପକ୍ଷରୁ ତ୍ରିଲୋଚନ ବକ୍ସି ଓ ତାଙ୍କ ସ୍ତ୍ରୀ ହେମଲତା ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସମାଜ ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ଜ୍ୟୋତିରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ ସହିତ ବିଗତ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଦେବକିଶୋର ଦାନୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମାଜରେ ଗୋଟିଏ ବର୍ଷ ମଧ୍ୟରେ ଇହଧାମ ତ୍ୟାଗ କରିଥିବା ଓ ସୀମାରେ ପ୍ରାଣବଳୀ ଦେଇଥିବା ବୀର ଜବାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଜ୍ୟୋତି ରଞ୍ଜନ ବହିଦାର ଯୋଗଦେଇ କରଣ ସମାଜର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ମଦନମୋହନ ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରଙ୍ଗୋଲି, ମ୍ୟୁଜିକ୍ ଚେୟାର, ସୁନ୍ଦର ହସ୍ତାକ୍ଷର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଙ୍ଗୋଲିରେ ଗୀତାଞ୍ଜଳୀ ମହାପାତ୍ର ପ୍ରଥମ, ଅଳକାନନ୍ଦ ପଟ୍ଟନାୟକ ଦ୍ୱିତୀୟ, ସଲୋନି ପଟ୍ଟନାୟକ ତୃତୀୟ, ମ୍ୟୁଜିକ୍ ଚେୟାର କନିଷ୍ଠ ବର୍ଗରେ ଅଭିପ୍ସା ପଟ୍ଟନାୟକ ପ୍ରଥମ, ସିଦ୍ଧି ପ୍ରତ୍ୟୁଷା ବେବର୍ତ୍ତା ଦ୍ୱିତୀୟ ଓ ଆରୁଷି ଦାନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ସରିତା ବିଦ୍ୟାଧର ପ୍ରଥମ, ସଞ୍ଜିତା ମହାନ୍ତି ଦ୍ୱିତୀୟ, ଉନ୍ନନା ବହିଦାର ତୃତୀୟ ହୋଇଥିଲେ। ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତାରେ ଇପସିତା ମହାନ୍ତି ପ୍ରଥମ, ଆରୁଷୀ ଦାନୀ ଦ୍ୱିତୀୟ ଓ ଅର୍ଚ୍ଚିତା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଞ୍ଚମ ଅନୁଷ୍ଠାନ, ବଲାଙ୍ଗୀରର କଳାକାରଙ୍କ ଦ୍ୱାରା ଭଜନସନ୍ଧ୍ୟା ପରିବେଷଣ ହୋଇଥିଲା। ଏମ୍‌ଭିଆଇ ରବିନ କୁମାର ପଟ୍ଟନାୟକ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଶନିବାର ସକାଳେ ଚନ୍ଦ୍ରଗୁପ୍ତ ମହାପ୍ରଭୁଙ୍କୁ ସହର ପରିକ୍ରମା କରାଇ ଘୋଡାଘାଟପଡା ମହାନଦୀ ଘାଟରେ ବିସର୍ଜନ କରାଯିବ ବୋଲି ଜଣାପଡିଛି ।

ବୀରମହାରାଜପୁର କଲେଜ ଇତିହାସ ବିଭାଗ ଆଲୋଚନାଚକ୍ର

## କଳିଙ୍ଗ ମାଟି ଅଶୋକଙ୍କୁ ଦେଇଥିଲା ଅହିଂସା ମହାମନ୍ତ୍ର

**ବୀରମହାରାଜପୁର, ୯।୧୧(ଡି.ଏନ.ଏ.)**

ଭାରତ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ହେଉଛି କଳିଙ୍ଗ ଯୁଦ୍ଧ। ଏହି ଯୁଦ୍ଧ ଇତିହାସର ଗତିପଥକୁ ନିର୍ଣ୍ଣାୟକ ମୋଡରେ ପହଞ୍ଚାଇଥିଲା। ଏଥିରେ ଓଡିଆ ପୁଅ ହାରିଯାଇଥିଲେ ସୁଦ୍ଧା ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ନିକଟରେ ମଥାନତି କରି ନ ଥିଲେ। ବରଂ ଅଶୋକଙ୍କୁ ଅହିଂସା ଓ ଶାନ୍ତିର ମହାମନ୍ତ୍ରରେ ଅଭିମହିତ କରିବାରେ ସଫଳ ହୋଇଥିଲା। କଳିଙ୍ଗ ବୀରମାନଙ୍କର ବୀରତ୍ୱର ଗାଥା ସମସ୍ତ ଓଡିଆଙ୍କୁ ପ୍ରେରଣା ଦେଇ ଆସିଛି ବୋଲି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଗୁରୁବାର ଆୟୋଜନ କରାଯାଇଥିବା 'ପ୍ରାଚୀନ କାଳରେ କଳିଙ୍ଗ ସହିତ ମଗଧର ସମ୍ପର୍କ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଭାଗୀୟ ମୁଖ୍ୟ ଡ. ହିମାଂଶୁଶେଖର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମୁରଲୀଧର ହୋତା ମୁଖ୍ୟଅତିଥି ଏବଂ ଶିକ୍ଷା ବିଭାଗର ଅଧ୍ୟାପକ ଶିଶିର ବଣିଆ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ଅଧ୍ୟାପକ ସତ୍ୟନାରାୟଣ ଦାଶ କାର୍ଯ୍ୟକ୍ରମର ସଂଯୋଜନା ସହ ବିଷୟଭିତ୍ତିକ ଆଲୋଚନା କରିଥିଲେ। ସେହିଭଳି ଅଧ୍ୟାପିକା ବନ୍ଦିତା ବିଶ୍ୱାଳ ଆଲୋଚନାଚକ୍ରରେ ଭାଗନେବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ସୁକାନ୍ତି ସେଠୀ, ବିଶ୍ୱଜିତ ଦାଶ, ଶୁଭଙ୍କର ମିଶ୍ର, ସଚ୍ଚିଦାନନ୍ଦ କର୍ଣ୍ଣ, ଗଣେଷ ଭରାସାଗର ଓ ଟୁନା ମେହେର ପ୍ରମୁଖ ସନ୍ଦର୍ଭ ଉପସ୍ଥାପିତ କରିଥିଲେ।




ବୀରମହାରାଜପୁର ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଡ. ହିମାଂଶୁଶେଖର ପାଢ଼ୀ ଉଦ୍‌ବୋଧନ ଦେଉଛନ୍ତି।

DSPL-231



## ୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ସହିତ ଆନୁଷଙ୍ଗିକ କୃଷିକୁ ଆମ ରାଜ୍ୟରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। ମଣିଷର ଜୀବନ ଜୀବିକା ସହିତ ଗୋମାତା ଓତପ୍ରୋତ ଭାବେ ଜଡ଼ିତ। ଆମ ରାଜ୍ୟରେ ଗୋ ସମ୍ପଦ କୃଷକମାନଙ୍କର ଆର୍ଥିକ ସମୃଦ୍ଧିର ଏକ ମୁଖ୍ୟ ସ୍ରୋତ। ଗୋ-ମାତା ଆମକୁ ଦୁଗ୍ଧ ପ୍ରଦାନ କରି ସ୍ୱାସ୍ଥ୍ୟ ବର୍ଦ୍ଧନ କରିଥାଏ। ତେଣୁ ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମଖାଦ୍ୟ, ଲାଳନପାଳନରେ ଯତ୍ନ, ଉପଯୁକ୍ତ ପ୍ରଜନନ, ରୋଗ ନିରାକରଣ ପାଇଁ ଯତ୍ନବାନ ହେଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇ ପାରିବ ଏବଂ କୃଷକମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ଘଟିବ।

୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳିତ ହେଉଅଛି। ଉକ୍ତ ଅବସରରେ ଗୋ-ସମ୍ବର୍ଦ୍ଧନା ସମାରୋହ ତଥା କୃଷକ ସଚେତନତା ସମାବେଶ ଅନୁଷ୍ଠିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପଗୁଡ଼ିକରୁ ଚାଷୀମାନେ କିପରି ଉପଯୁକ୍ତ ଲାଭ ପାଇପାରିବେ ସେଥିପାଇଁ ଆମ୍ଭେମାନେ ସଂକଳ୍ପ କରିବା ଉଚିତ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରି, ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ପ୍ରଦୀପ ମହାରଥୀ

**ପ୍ରଦୀପ ମହାରଥୀ**
**ମାନ୍ୟବର ମନ୍ତ୍ରୀ**
**ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତୀକରଣ,**
**ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଓଡ଼ିଶା**

06014/13/0021/1819



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁ କାଳ ପର୍ଯ୍ୟନ୍ତ ନରହିପାରେ।

- ଜର୍ଜ ବର୍ଣ୍ଣାଡ ଶ



## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ, ୩ ଗିରଫ

**ବୌଦ୍ଧ,୯।୧୧(ସ୍ୱ.ପ୍ର):** ବୌଦ୍ଧ ପୋଲିସ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲା କିଶୋରନଗର ଥାନା କରାଣ୍ଡିଙ୍ଗବାହାଲ ଗ୍ରାମର ବାବୁଲା ବେହେରା ଓ ମୁରଲିଧର ପ୍ରଧାନ ଓ ବୌଦ୍ଧ ଥାନା ସମାପାଜୁ ଗ୍ରାମର ଶନିଶ୍ଚର ମଲିକ । ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ.୨୫୧/୧୮) ରୁଜୁ ହୋଇଛି। ଗୁରୁବାର ବାବୁଲା ଓ ମୁରଲିଧର ଏକ ସ୍କୁଟିରେ ଗଞ୍ଜେଇ ନେଉଥିବାବେଳେ ବୌଦ୍ଧ ପୋଲିସ ହାତରେ ଧରାପଡିଥିଲେ। ପୋଲିସ ସେମାନଙ୍କ ଠାରୁ ୩କେଜି ୨୦୦ ଗ୍ରାମ ଗଞ୍ଜେଇ ଓ ଏକ ସ୍କୁଟି (ନଂ.ଓଆର୧୦ଜେ/୫୧୧୭) ଜବତ କରିଛି ।

### କାଳୀପୂଜାରେ ମହିଷାସୁର ଦରବାର

**ମନମୁଣ୍ଡା, ୯।୧୧ (ଡି.ଏନ.ଏ):** କନ୍ଧମାଳ ବ୍ଲକ କଲରାକୋଠାରେ ସ୍ଥାନୀୟ ୟୁଥ ଫ୍ରେଣ୍ଡ୍ସ ଆସୋସିଏଶନ ଆନୁକୂଲ୍ୟରେ କାଳୀପୂଜା ସହ ମହିଷାସୁର ଦରବାର ଅନୁଷ୍ଠିତ ହେଉଛି। ଗୁରୁବାରର ମହିଷା ଦରବାରରେ ରହ୍ମା (ଦହ୍ୟା) ପଞ୍ଚାୟତର ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇଚରଣ ଡାଙ୍ଗ ଏବଂ ରାଜ୍ୟ ବୟନିକା ସଭାପତି ଶେଷ କୁମାର ମେହେର ଉପସ୍ଥିତ ଥିଲେ । ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଦରବାରରେ ଜିଲା କଂଗ୍ରେସ ସଭାପତି ସୁଧୀର ମହାକୁଡ, ରାଜ୍ୟ କଂଗ୍ରେସ ଉପସଭାପତି ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଶଙ୍କର୍ଷଣ ପ୍ରଧାନ, କଂଗ୍ରେସ ଯୁବ ନେତା ସରୋଜ ପ୍ରଧାନ, ଭାଜପା ନେତା ଇଂ. ରାକେଶ ତ୍ରିପାଠୀ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

■ ବୌଦ୍ଧ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

# ବ୍ଲକ, ଜିଲାସ୍ତରରେ ପାଳନ ହେବ

**ବୌଦ୍ଧ,୯।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲାକୁ ୨୦୧୯ ଜାନୁୟାରୀ ୨ରେ ୨୫ବର୍ଷ ପୂରିବ । ଏହି ରୌପ୍ୟ ଜୟନ୍ତୀ ଅବସରରେ ଆୟୋଜିତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ ଭାବେ ପାଳନ କରିବା ପାଇଁ ଶୁକ୍ରବାର ଟାଉନହଲଠାରେ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ ଗତ ମହୋତ୍ସବର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ଆଗାମୀ ଜାନୁୟାରୀ ୨ ତାରିଖରେ ଜିଲା ଗଠନର ୨୫ତମ ସ୍ୱନକ୍ଷତ୍ର ଉତ୍ସବ ଓ ରୌପ୍ୟ ଜୟନ୍ତୀ ଅବସରରେ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ପ୍ରଥମେ ବ୍ଲକସ୍ତରରେ ଓ ପରେ ଜିଲାସ୍ତରରେ ଆୟୋଜନ କରାଯିବାକୁ ଜିଲାପାଳ ରାଉତ ପ୍ରସ୍ତାବ

**ଜିଲା ଗଠନର ରୌପ୍ୟ ଜୟନ୍ତୀ**




ମହୋତ୍ସବ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ।

ଆହ୍ୱାନ ଦେଇଥିଲେ । ମହୋତ୍ସବକୁ ବ୍ଲକସ୍ତରରୁ ଆୟୋଜନ ପ୍ରସ୍ତାବକୁ ସମସ୍ତେ ସମର୍ଥନ ଜଣାଇବା ସହିତ ଲୋକମହୋତ୍ସବ ଓ ପଲ୍ଲିଶ୍ରୀମେଳାରେ ବିଭିନ୍ନ ସ୍ତରର ଲୋକଙ୍କୁ ସାମିଲ କରିବା ସହିତ ଦାୟିତ୍ୱ ସମ୍ପାଦନ ପାଇଁ ବିଭିନ୍ନ କମିଟିମାନ ଗଠନ କରାଯାଇଥିଲା । ମହୋତ୍ସବ ଅବସରରେ ପଞ୍ଚାୟତ ମହାବିଦ୍ୟାଳୟ ଠାରେ ଜିଲାର ବିଭିନ୍ନ ସମସ୍ୟା, ବିକାଶ, ସଂସ୍କୃତି ଓ ପରମ୍ପରା ଉପରେ ଚାରିଦିନିଆଁ ଆଲୋଚନାଚକ୍ର କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପର୍ଯ୍ୟାୟକ୍ରମେ କମିଟି ଗୁଡିକର ବୈଠକ କରି ନୂତନ ପ୍ରସ୍ତାବ ଗ୍ରହଣ ସହିତ ଶୃଙ୍ଖଳିତ ଭାବେ କିପରି ଏହି ଉତ୍ସବ ପାଳନ କରାଯାଇପାରିବ ସେ ନେଇ ଜିଲାପାଳ ପରାମର୍ଶ ଦେଇଥିଲେ। ମହୋତ୍ସବ ଅବସରରେ ପ୍ରକାଶିତ ସ୍ମରଣିକାକୁ ସାହିତ୍ୟ ଧର୍ମୀ ନ କରି ବିଭିନ୍ନ ସରକାରୀ ବିଭାଗର ତଥ୍ୟଭିତ୍ତିକ ଲେଖା ଓ ଜିଲାର କଳା ସଂସ୍କୃତି ଓ ପରମ୍ପରା ସମ୍ପର୍କିତ ଲେଖା ପ୍ରକାଶ କରାଯିବାକୁ ବୈଠକରେ ମତପ୍ରକାଶ ପାଇଥିଲା । ମେଳାରେ ବିଭିନ୍ନ ବିଭାଗର ବିକାଶର ଝଲକ ପ୍ରଦର୍ଶନ ସହିତ ଯୁବକ, ମହିଳା ସଶକ୍ତୀକରଣ, ଶିକ୍ଷା ଅଧିକାର, ଚାଷ ବିକାଶ ସମ୍ପର୍କିତ କର୍ମଶାଳା ଆୟୋଜନ ପାଇଁ ମତପ୍ରକାଶ ପାଇଥିଲା। ସେହିପରି ମହୋତ୍ସବ ସମୟରେ ବିଭିନ୍ନ କମିଟି ଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା, ମହୋତ୍ସବର ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରୋତ୍ସାହନ ସହିତ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଜନଗହଳିକୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ପାନୀୟଜଳ, ସ୍ୱଚ୍ଛତା ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ବୈଠକରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଓରମାସର ସହକାରୀ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଶୁଖିଲା ପଡିଲାଣି ମହାନଦୀ

# ପଦକ୍ଷେପ ନେବାକୁ ଫେରାଦ

**ବୌଦ୍ଧ,୯।୧୧(ସ୍ୱ.ପ୍ର)**

ଏବେଠୁ ମହାନଦୀ ଶୁଖିଲା ପଡିବାକୁ ବସିଲାଣି । ମହାନଦୀ ପୋତି ହୋଇଯାଉଥିବାରୁ ବୌଦ୍ଧ ସହର କୂଳରେ ଥିବା ଜଳ ଧାର ବନ୍ଦ ହୋଇଯାଇଛି। ଏହା ଯୋଗୁ ସହରର ୧, ୨, ୩, ୪, ୫, ଓ ୭ ନମ୍ବର ୱାର୍ଡର ଅଧିବାସୀଙ୍କ ପାଇଁ ଏବେଠୁ ଜଳକଷ୍ଟ ଆରମ୍ଭ ହୋଇଛି। ଆଗାମୀ ଦିନରେ ସହରବାସୀ ଶୁଦ୍ଧ ପାନୀୟ ଜଳଯୋଗାଣରୁ ମଧ ବଞ୍ଚିତ ହେବାର ସମ୍ଭାବନା ରହିଛି । ପ୍ରତିବର୍ଷ ଗ୍ରୀଷ୍ମଋତୁ ପୂର୍ବରୁ ଉପଖଣ୍ଡ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହାନଦୀର ମୁଖ୍ୟସ୍ରୋତରୁ ପାଣିଧାର ଅଣାଯାଇଥାଏ । କିନ୍ତୁ ଏବର୍ଷ ଏବେଠୁ ସହର ଆଡକୁ ଆସୁଥିବା ପାଣି ଧାର ଶୁଖିଯିବା ସହ ପାଣି ଆସୁ ନ ଥିବାରୁ ସହରର ଏକ ପ୍ରତିନିଧି ଦଳ ବାଚସ୍ପତି ପ୍ରଦୀପ କୁମାର ଅମାତ ଓ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କୁ ଭେଟି ତୁରନ୍ତ ଏହାର ସମାଧାନ କରିବା ପାଇଁ ଦାବି ଜଣାଇଥିଲେ । ଅଭିଯୋଗ ପାଇବା ପରେ ଜିଲାପାଳ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଅଧିକାରୀଙ୍କ ସହିତ ସମସ୍ୟା ବିଷୟରେ ଆଲୋଚନା କରି ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଯୋଜନା ହାତକୁ ନେବାକୁ ମଧ୍ୟ ପରାମର୍ଶ ଦେଇଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ଦେବାଶିଷ ପୁରୋହିତ, ସନ୍ତୋଷ କୁମାର ନାୟକ, ରଜତ କୁମାର ମହାପାତ୍ର, ଦିଲୀପ କୁମାର କର, ସତ୍ୟନାରାୟଣ ମିଶ୍ର, ତପନ ମିଶ୍ର, ଆଶିଷ ମହାପାତ୍ର, ବସନ୍ତ କୁମାର ବଡମାଳି, ପ୍ରଦୋଷ କୁମାର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।

# କଂଗ୍ରେସ ପାଳିଲା କଳାଦିବସ



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ କଂଗ୍ରେସ ପକ୍ଷରୁ କଳା ଦିବସ ପାଳନ କରାଯାଉଛି ।

**ବୌଦ୍ଧ,୯।୧୧(ସ୍ୱ.ପ୍ର)**

କେନ୍ଦ୍ରର ବିମୁଦ୍ରାୟନକୁ ଶୁକ୍ରବାର ଦୁଇବର୍ଷ ପୂରଣ ହୋଇଛି । ଏହା ଦ୍ୱାରା ଦେଶ ବହୁ ତଳକୁ ଖସିଯିବା ସହ ଗରିବ ଜନସାଧାରଣ, ଚାଷୀ, ଶ୍ରମିକ ଓ ଛୋଟ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରି ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଆଜିର ଦିବସକୁ କଳା ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଜିଲା କଂଗ୍ରେସ କମିଟି ସଭାପତି ସୁଧୀର ମହାକୁଡଙ୍କ ନେତୃତ୍ୱରେ ଦଳୀୟନେତା ଓ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ କେନ୍ଦ୍ର ସରକାରର ବିଫଳତା ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ନିମ୍ନଗାମୀ ହୋଇଥିବା ନେଇ ସମାଲୋଚନା କରିଥିଲେ । ଏଥିରେ ପିସିସି ସଭ୍ୟ ନାରାୟଣ ପ୍ରସାଦ ପରିଜା, ସୁଧୀର କୁମାର କର୍ଣ୍ଣ, ରାଏ ସଞ୍ଜୀବ କୁମାର ଦେଓ, ପିସିସି ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଅଜିଜ ଖାଁ, ଚିତ୍ତରଞ୍ଜନ ବେହରା, ଜାମିନୀ ମୁଖୀ ପ୍ରମୁଖ ବହୁ କଂଗ୍ରେସ ନେତା ଯୋଗ ଦେଇଥିଲେ ।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ବାଉଁଶୁଣୀ,୯।୧୧(ଡି.ଏନ୍.ଏ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳପଡିଆରେ ଶୁକ୍ରବାର ବାଉଁଶୁଣୀ ହାଇସ୍କୁଲ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ହିମାଂଶୁ ମେହେର ମୁଖ୍ୟ ଅତିଥି, ବୌଦ୍ଧ ଏବିଇଓ ଅଚ୍ୟୁତାନନ୍ଦ ସାହୁ, ନିରନ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ୨୫ଟି ବିଦ୍ୟାଳୟରୁ ୨୫୦ଜଣ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। ସୁରେନ୍ଦ୍ର ନାଥ ଦାସ ଅତିଥି ପରିଚୟ ଦେଇଥିଲେ । ମନୋଜ ଗାଇଗୌରିଆ, ଅମ୍ବରିସ ପ୍ରଧାନ, କବିତା ବିଶ୍ୱାଳ, ବୈଜୟନ୍ତୀ ରଥ, ସନ୍ଧ୍ୟାରାଣୀ ମିଶ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଶେଷରେ ପଞ୍ଚାନନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜେଇ ଚାଲାଣ ମାମଲା
# ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୯।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଶୁକ୍ରବାର ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନା ଅନୁସାରେ, ଗଞ୍ଜେଇ ଚାଲାଣ ଅଭିଯୋଗରେ ଗତ ତା ୩।୮।୧୪ରିଖରେ ବୌଦ୍ଧ ଥାନା ପୋଲିସ ବୁଟୁପାଲି ଗ୍ରାମର ଲୋକନାଥ ମେହେର (୫୦) ଓ ତାଙ୍କ ସହଯୋଗୀ ନିମେଇ ମେହେର (୩୫)ଙ୍କୁ ଗିରଫ କରିବା ସହ ୪୪ କେଜି ଗଞ୍ଜେଇ ଜବତ କରିଥିଲା । ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ. ୧୪୫/୧୪) ରୁଜୁ ହୋଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଏହି ମାମଲାରେ ସରକାରଙ୍କ ପକ୍ଷରୁ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଶୁକ୍ରବାର ବୌଦ୍ଧ ଜିଲା ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ପେଶାଲ ଜଜ ଗୌରିମାଳି ମହାରଣା ଅଭିଯୁକ୍ତ ଲୋକନାଥ ଓ ନିମେଇଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

# ବ୍ଲକସ୍ତରୀୟ କ୍ରୀଡ଼ା, ଖେଳ ପ୍ରତିଯୋଗିତା

**ପଲଶାଗୋରା, ୯।୧୧(ଡି.ଏନ.ଏ.)**

କନ୍ଧମାଳ ବ୍ଲକସ୍ତରୀୟ କ୍ରୀଡା ଓ ଖେଳ ପ୍ରତିଯୋଗିତା ପଲଶାଗୋରା ମିଳିତ ଗ୍ରାମ ପଞ୍ଚାୟତ ହାଇସ୍କୁଲ ଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । କନ୍ଧମାଳ ବିଇଓ ଦଶରଥ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ପରେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଏକ ସଭାରେ ବିଇଓ ମେହେର ମୁଖ୍ୟଅତିଥି, ଏବିଇଓ ଫାଲଗୁନି ମାଝି, ଅବସରପ୍ରାପ୍ତ କ୍ରୀଡା ନିରୀକ୍ଷକ ବିରେନ୍ଦ୍ର କୁମାର ସାହୁ, ଜିଲା ଓଷ୍ଟା ସମ୍ପାଦକ ପିତବାସ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କ୍ରୀଡାର ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ କରିଥିଲେ । ଆମ୍ବଗାଁ ହାଇସ୍କୁଲ ଖେଳ ଶିକ୍ଷକ ଆଦିନାଥ ସାହୁ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ସଞ୍ଜୀବ କୁମାର ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ୧୮ ବିଦ୍ୟାଳୟରୁ ୨୦୦ରୁ ଅଧିକ ପ୍ରତିଯୋଗି ଭାଗ ନେଇଛନ୍ତି। ଖେଳ ଶିକ୍ଷକ ଅରୁଣ ଖଟୁଆ, ବିରବଲ ଭୋଇ, ସୁଦାମ ମିଶ୍ର, ପଞ୍ଚାନନ ପ୍ରଧାନ, ଆଦିନାଥ ଦାସ, ମହେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଆଜିଠୁ ଜାତୀୟ ନୃତ୍ୟ କର୍ମଶାଳା

**ବୌଦ୍ଧ,୯।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲାରେ ସାଂସ୍କୃତିକ ଅନୁଷ୍ଠାନ ପ୍ରଣାମ ଓ ଭୁବନେଶ୍ୱରର ନୃତ୍ୟଶ୍ରୀ ଅନୁଷ୍ଠାନ ପକ୍ଷରୁ ବୌଦ୍ଧରେ ଜାତୀୟସ୍ତରର ନୃତ୍ୟ କର୍ମଶାଳା ଆଜିଠୁ ଦୁଇଦିନ ଧରି ସହରର ଟାଉନହଲ ଠାରେ ଆୟୋଜନ ହେବାକୁ ଯାଉଛି । ଏହି ନୃତ୍ୟ କର୍ମଶାଳାରେ ଦେଶର ବିଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରର ୧୨୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି କର୍ମଶାଳାରେ ପାରମ୍ପରିକ ଆଦିବାସୀ ନୃତ୍ୟ, ଲୋକକଳା, ଆଧୁନିକ ନୃତ୍ୟ ପରିବେଷଣ କରାଯିବ ।

ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ ସକାଳ ୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ ଦ୍ୱାରା ଓଜନ ବଢାନ୍ତୁ
ସବୁଦିନ କ୍ଲିନିକ୍ ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର୍, ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ, ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା
ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି
ରୋଗରେ ଔଷଧ ନ ଲାଗିବ
କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ୍-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ଗ୍ଲ୍ୟାକ୍ସିନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ଼। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ଼। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଳ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ଼। ପୁଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କୌଣସି ମନୁଷ୍ୟର ବର୍ତ୍ତମାନର ଅବସ୍ଥା ଦେଖି ତାହାର ଭବିଷ୍ୟତକୁ ଉପହାସ କରିବା ଠିକ୍ ନୁହେଁ କାହିଁକି ନା! ଭବିଷ୍ୟତର ଏପରି ଶକ୍ତି ରହିଛି, ସେ ଗୋଟିଏ କୋଇଲାକୁ ମଧ ସୁନାରେ ପରିଣତ କରିପାରିବ - **ଚାଣକ୍ୟ**

■ ପଦ୍ମପୁରରେ କୃଷକ ସମାବେଶ

# ପଲ୍ଲୀରୁ ଦିଲ୍ଲୀ ଯାଏ ଲଢ଼େଇ ଆହ୍ୱାନ

**ପଦ୍ମପୁର, ୯।୧୧ (ଡି.ଏନ.ଏ)**

ପଦ୍ମପୁରଠାରେ ରାଜବୋରାସମ୍ବର କୃଷକସଙ୍ଗଠନ ଆହ୍ୱାନ କ୍ରମେ ଶୁକ୍ରବାର ଏକ ବିରାଟ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କୃଷକମାନେ ବିଭିନ୍ନ ଦାବି ନେଇ ସହର ପରିକ୍ରମା କରି ସ୍ଥାନୀୟ ଗୋରୁବଜାରଠାରେ ଏକତ୍ରିତ ହୋଇଥିଲେ । ସେଠାରେ ରାଜବୋରାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାଏକଙ୍କ ଅଧ୍ୟକ୍ଷତାରେ ସମାବେଶ ଅନୁଷ୍ଠିତ ହୋଇଥିଲା । ଜିଲା କିଷାନ ସଙ୍ଗଠନର ସମ୍ପାଦକ ରମେଶ ମହାପାତ୍ର ସଂଯୋଜନା ଓ ବୋରାସମ୍ବର କୃଷକ ସଙ୍ଗଠନ ସମ୍ପାଦକ ଅଶୋକ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପଦ୍ମପୁର ଉପଖଣ୍ଡର ଝାରବନ୍ଧ, ପାଇକମାଲ, ରାଜବୋଡାସମ୍ବର



ଚାଷୀନେତା ଲିଙ୍ଗରାଜ ଉଦ୍‌ବୋଧନ ଦେଉଛନ୍ତି ।

ବ୍ଲକର ହଜାର ହଜାର ଚାଷୀଙ୍କ ସହ ବରଗଡ, ସମ୍ବଲପୁର, ବଲାଙ୍ଗୀର, ନୂଆପଡା ଜିଲାର ପ୍ରତିନିଧି ଯୋଗଦାନ କରି ସରକାରଙ୍କ ଚାଷୀମାରଣ ନୀତିର ତୀବ୍ର ବିରୋଧ କରିଥିଲେ । ମୁଖ୍ୟତଃ ବୋରାସମ୍ବର ଅଞ୍ଚଳରେ ମରୁଡିର ସ୍ଥାୟୀ ପ୍ରତିକାର, ବିନା ସୁଧରେ କୃଷିଋଣ ପ୍ରଦାନ, ୨୦୧୮-୧୯ ଖରିଫ ଫସଲକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଆଦି ଦାବି କରାଯାଇଥିଲା । ସଦାନନ୍ଦ ଭୋଇ, ବାଳକୃଷ୍ଣ ଷଣ୍ଢ (ବଲାଙ୍ଗୀର), ପଞ୍ଚାନନ ସାହୁ (ଝାରସୁଗୁଡା), ବ୍ୟୋମକେଶ ଠାକୁର (ସମ୍ବଲପୁର), ପଶ୍ଚିମ ଓଡିଶା କୃଷକ ସଂଗଠନ ପ୍ରବକ୍ତା ସରୋଜ, ଆବାହକ ଲିଙ୍ଗରାଜ, ସୁଶୀଲ ସାହୁ, ହର ବଣିଆ, ଲକ୍ଷ୍ମଣ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। ନଭେମ୍ବର ୩୦ ତାରିଖରେ କୃଷକମାନଙ୍କ ସ୍ୱାର୍ଥ ପାଇଁ ଦିଲ୍ଲୀଠାରେ ଲକ୍ଷାଧିକ କୃଷକଙ୍କ ସମାବେଶ ହେବ ବୋଲି ସୂଚନା ଦିଆଯାଇଥିଲା । ଗାଁଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଚାଷୀ ହକ୍ ପାଇଁ ଲଢ଼େଇକୁ ଯୋରଦାର କରାଯିବ। ତେଣୁ ପ୍ରତ୍ୟେକ ପୁରପଲ୍ଲୀରେ ସଙ୍ଗଠନକୁ ଆହୁରି ସୁଦୃଢ଼ କରି କୃଷକଙ୍କ ସ୍ୱାର୍ଥ ହାସଲ କରାଯିବ। ଶେଷରେ ପାନାଲାଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ



### ବେଦମନ୍ତ୍ରରେ କମ୍ପୁଛି ବରପାଲି ସହର

**ବରପାଲି, ୯।୧୧ (ଡି.ଏନ.ଏ):** ବରପାଲିଠାରେ ଚାଲିଥିବା କାଳୀପୂଜା ସୁବର୍ଣ୍ଣଜୟନ୍ତୀ ମହୋତ୍ସବର ଚତୁର୍ଥ ଦିବସରେ ଚଣ୍ଡୀପାଠ ସହ ପଣ୍ଡିତଙ୍କ ବେଦମନ୍ତ୍ରରେ ସାରା ସହରରେ ଭକ୍ତିଭାବ ପରିବେଶ ସୃଷ୍ଟି ହୋଇଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଛି । ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଗଙ୍ଗାଧର କ୍ଲବ ପରିସରରେ ଆୟୋଜିତ ସାଂସ୍କୃତିକ ସମାରୋହରେ ବିଧାୟକ ନବ ଦାସ ଓ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟପଟେ ମୁକ୍ତ ମଞ୍ଚରେ ସମ୍ବଲପୁର ସହର କଳାକାରମାନଙ୍କ ଦ୍ୱାରା ଶିଳ୍ପୀ ମେଲୋଡି ରାତିତମାମ ଉପସ୍ଥିତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା । ପୂଜାର ଶେଷ ଦିନରେ ମୁଖ୍ୟ ଆକର୍ଷଣ ମାଁଙ୍କଠାରେ ୫୬ ଭୋଗ ଲାଗି ହେବ ବୋଲି କମିଟି ସୂତ୍ରରୁ ଜଣାପଡିଛି ।

### କାଳୀପୂଜା: ଦୁର୍ଗା ହେଲେ ଆବିର୍ଭୂତା

**ଭେଡ଼େନ,୯।୧୧(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଜାଣ୍ଡୋଲ ଠାରେ ୪୨ ତମ କାଳୀପୂଜା ଉତ୍ସବ ଅବସରରେ ଚାଲିଥିବା ମୁକ୍ତମଞ୍ଚ ମହିଷାସୁରରାଜ୍ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଚଣ୍ଡ ଓ ମୁଣ୍ଡଙ୍କ ସ୍ୱର୍ଗ ଆକ୍ରମଣ, ମେରୁ ଗିରିରେ ଦେବ ସଭା, ସମସ୍ତ ଦେବତା ମଣ୍ଡଳୀଙ୍କ ଆବାହନୀରେ ଦୁର୍ଗା ଆବିର୍ଭୂତା, ଜେନାବଳୀପୁରରେ ମହିଷାସୁର ଦରବାରରେ ଶୁମ୍ଭ ନିଶୁମ୍ଭଙ୍କୁ ଦୁର୍ଗାଙ୍କ ନିକଟକୁ ପ୍ରେରଣ ଆଦି ଦୃଶ୍ୟାଭିନୟ ଅଭିନୀତ ହୋଇଛି। ଅପରପକ୍ଷରେ ମାଁ କାଳୀଙ୍କ ମଣ୍ଡପରେ ପ୍ରସିଦ୍ଧ କାକରା ଭୋଗ ଲାଗି ହେବା ସହ ସନ୍ଧ୍ୟାରେ ମହାଆଳତି ଦର୍ଶନ କରିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

### ଜୁଆ ଚଢ଼ାଉ: ୫ ଗିରଫ

**ଅତାବିରା, ୯।୧୧ (ଡି.ଏନ.ଏ):** ଅତାବିରା ଥାନା ଚକୁଳି ଫାର୍ମଠାରେ ଗୁରୁବାର ରାତିରେ ଚାଲିଥିବା ଏକ ଜୁଆ ଆଡ୍ଡାକୁ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଚକୁଳି ଫାର୍ମର ଏସ୍. ଶ୍ରୀନିବାସ ରେଡ୍ଡି, ପରମାଣପୁରର ସି.ଏଚ. ଏଙ୍କେନା, ବୁଦେଲବାହାଲିର ଲେକ୍ସୁ ବିଶ୍ୱାଳ, ମୁରଲୀଧର ପ୍ରଧାନ ଓ ଦେଶଭଟିଲିର ରୋହିତ ନାୟକ । ଏ ନେଇ ଏକ ମାମଲା (ନଂ. ୧୩୯/୧୮) ରୁଜୁ ହୋଇଛି ।



ଗିରିଗୋବର୍ଦ୍ଧନ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

■ ଗିରି ଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ

## ଦୁଲ୍‌ଦୁଲି ବାଜାରେ ଦୁଲୁକିଲା ଦଳଗଞ୍ଜନ ଲୋକ ମଣ୍ଡପ

**ଭେଡ଼େନ, ୯।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକର ଦେଵୁଳବା ସ୍ଥିତ ଗିରି ଗୋବର୍ଦ୍ଧନ ପୀଠରେ ଦୁଇଦିନ ଧରି ଚାଲିଥିବା ପଞ୍ଚମ ଗିରି ଗୋବର୍ଦ୍ଧନ ମହୋତ୍ସବ ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି । ଦଳଗଞ୍ଜନ ଲୋକ ମଣ୍ଡପଠାରେ ମହୋତ୍ସବ ସମିତି ଅଧ୍ୟକ୍ଷା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନୀ ସନ୍ଧ୍ୟାରେ କଟକ ବାରବାଟି ବିଧାୟକ ଦେବାଶିଷ ସମାନ୍ତରାୟ ମୁଖ୍ୟ ଅତିଥି, ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଢ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ଉପାଧ୍ୟକ୍ଷ ବିବେକାନନ୍ଦ ଭୁଏ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥବବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିନେ ନାୟକା ଲିପ୍‌ସା ମିଶ୍ର, ଆଲିସା ଚୋପ୍ରାଙ୍କ ଅଭିନୟ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ଥିଲା । ଏହାସହ ବିଭିନ୍ନ ଅଞ୍ଚଳର ନୃତ୍ୟ ପରିବେଷିତ ହୋଇଥିଲା । ଢ଼ୋଲ ନିଶାନର ଶବ୍ଦରେ ଦଳଗଞ୍ଜନ ଲୋକମଣ୍ଡପ ଦୁଲୁକି ଉଠିଥିଲା। ଶେଷରେ ହରିଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାବଣପୋଡି ସହ କାଳୀପୂଜା ସମ୍ପନ୍ନ

**ପାଇକମାଲ,୯।୧୧(ଡି.ଏନ.ଏ)**

ପାଇକମାଳ ବ୍ଲକ ଜାମସେଠ ଗ୍ରାମରେ ତିନିଦିନ ଧରି ଚାଲିଥିବା ସାର୍ବଜନୀନ ଶ୍ୟାମା କାଳୀ ପୂଜା ଅବସରରେ ରାବଣପୋଡି ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିନୀତିରେ ଘଣ୍ଟବାଦ୍ୟ ସହ ମହାରାଜ ରାବଣ ତାଙ୍କ ସୈନ୍ୟ ସାମନ୍ତଙ୍କ ସହ ଗ୍ରାମ ପରିକ୍ରମା କରିଥିଲେ। ନରୋତ୍ତମ ମାଝୀଙ୍କ ନିର୍ଦ୍ଦେଶନାରେ ରାବଣ ଭୂମିକାରେ ପ୍ରମୋଦ ରାୟ, ସେନାପତି ଅରୁଣ ରଣା, ବିଭୀଷଣ ସତ୍ୟନାରାୟଣ ରଣା, ଶ୍ରୀରାମ ଯଶୋବନ୍ତ ପ୍ରଧାନ, ଲକ୍ଷ୍ମଣ ରୋହିତ ପଶାୟତ, ସୀତା ସଞ୍ଜୟ ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ। ଦେବୀଙ୍କ ପୀଠରେ ସାନ୍ଧ୍ୟକାଳୀନ ଦର୍ଶନ ପାଇଁ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା ।



ରାବଣପୋଡି କାର୍ଯ୍ୟକ୍ରମରେ ଅଭିନୟ କରିଥିବା କଳାକାରମାନେ ।

### କର୍କଟ ରୋଗୀଙ୍କୁ ବଢ଼ିଲା ସହଯୋଗର ହାତ

**ବରଗଡ଼ ଅଫିସ୍,୯।୧୧**

ବରଗଡ଼ ବ୍ଲକ ଏସ୍. ଡୁମ୍ବେରପାଲି ଗ୍ରାମର କର୍କଟ ରୋଗରେ ପୀଡ଼ିତ ଦେବାଧି ସାହୁଙ୍କ ଏକମାତ୍ର ପୁଅ ନୀଳମଣି(୩୨)ଙ୍କ ଚିକିତ୍ସା ପାଇଁ ସହଯୋଗର ହାତ ବଢ଼ିଛି । ବରଗଡ଼ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ନୀଳମଣିଙ୍କ ଚିକିତ୍ସା ପାଇଁ ୩୧ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ନୀଳମଣିଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ସଞ୍ଜୁଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ସୌକିଲାଲ କର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, ନୀଳମଣିଙ୍କ ଏକବର୍ଷର ଝିଅ ଶ୍ରୀୟା ଏବଂ ପାଞ୍ଚବର୍ଷର ପୁଅ ସୌମ୍ୟ ରହିଛନ୍ତି। ସେ କୃଷିକୁ ଜୀବିକା ଭାବେ ଗ୍ରହଣ କରି ପରିବାର ପୋଷଣ କରୁଥିଲେ। ସେ କର୍କଟ ରୋଗରେ ପୀଡ଼ିତ ହେବା ପରେ ପରିବାରରେ ଅନ୍ଧାର ଘୋଟି ଆସିଛି। ଘରେ ଥିବା ଗହଣା ବିକିବା ସହିତ ରୋଜଗାର ଟଙ୍କାରେ ବମ୍ବେସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଛି । ଚିକିତ୍ସାରେ ଏପର୍ଯ୍ୟନ୍ତ ପ୍ରାୟ ସାଢ଼େ ୩ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରି ଥିବାବେଳେ ଆହୁରି ଚିକିତ୍ସା ଏବଂ ଏଥିପାଇଁ ପୁଣି ଦେଢ଼ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ମାତ୍ର ତାହା ଯୋଗାଡ଼ କରିବା ନୀଳମଣିଙ୍କ ପରିବାର ପାଇଁ କଷ୍ଟସାଧ୍ୟ ହୋଇ ପଡ଼ିଛି । ଏହା ଜାଣିବା ପରେ ନିଷ୍ଠା ପରିବାର ପକ୍ଷରୁ ତାଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା ।

## ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

**ବରଗଡ଼ ଅଫିସ୍,୯।୧୧**

ବରଗଡ଼ ଜିଲା ଯୁବ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଉଦଘାଟନୀ ସମାରୋହରେ ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସେହିପରି ଉଦଯାପନୀ ସମାରୋହରେ ଅତିରିକ୍ତ ଏସ୍‌ପି ଏ. କୁଜୁର ମୁଖ୍ୟଅତିଥି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦାଶ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ପଲ୍ଲୀନାଚ, ପଲ୍ଲୀଗୀତ, ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ, ଏଲୋକୁସନ ଏବଂ ଡ୍ରାମା ପ୍ରତିଯୋଗିତା ହୋଇଥିଲା । ମୋତିଲାଲ ଦୋରା, ରଞ୍ଜିତ ନାଗ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପଞ୍ଚାନନ ମିଶ୍ର, ଅଶୋକ ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ । ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର କାର୍ଯ୍ୟକ୍ରମ ପରିଚାଳାନ କରିଥିଲେ । ଭାଗିରଥୀ ମହାରଣା, ମୁନସୀ ପାତ୍ର, ସୁନୀଲ କୁମାର ଶତପଥୀ, ପର୍ଶୁରାମ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଜିଲାର ୧୨ଟି ବ୍ଲକ ଓ ୩ଟି ଏନଏସି ଓ ମ୍ୟୁନିସିପାଲିଟିର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଉପରୋକ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



ଜିଲାସ୍ତରୀୟ ଯୁବ ଉତ୍ସବରେ ବରଗଡ଼ ଜିଲାପାଳ ବକ୍ତବ୍ୟ ରଖୁଛନ୍ତି ।

## ଅଏଁଲାପାଲିରେ କରମସାନୀ ସମ୍ମିଳନୀ



ଅଏଁଲାପାଲି କରମସାନୀ ସମ୍ମିଳନୀରେ ଜଣେ କଳାକାରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି ।

**ଭେଡ଼େନ, ୯।୧୧ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତଠାରେ କରମସାନୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ କରମାଡ଼ାଳ ଧାରଣ କରିଥିବା କର୍ତ୍ତା ମୋହନ ସାହୁଙ୍କ ବାସଭବନରୁ ଗାୟକ ବାୟକମାନେ ଏକ ବିରାଟ ଶୋଭାଯାତ୍ରାରେ ପୂଜାସ୍ଥଳୀକୁ ଆସିଥିଲେ । ସେଠାରେ ଉପସ୍ଥିତ ଶତାଧିକ କରମସାନୀ ଗାୟକ ବାୟକଙ୍କ ପୂଜାର୍ଚ୍ଚନା ପରେ ସାରାରାତି କରମା ଗୀତନାଚ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଏଁଲାପାଲି ସରପଞ୍ଚ ସୁବାସିନୀ ଜାଲ, ପୂର୍ବତନ ସରପଞ୍ଚ ଜୟଲାଲ ସାହୁ, ନାଏବ ସରପଞ୍ଚ ସୁବଳ ପଧାନ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅଞ୍ଚଳର ଖ୍ୟାତନାମା କରମସାନୀ ଗାୟକବାୟକ ତ୍ରିଲୋଚନ ହାତୀ, ଦିବାକର ହାତୀ, ଚତୁର୍ଭୁଜ ମଲିକ, ରମେଶ ପଧାନଙ୍କ ସମେତ ଅନ୍ୟ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କିଶୋର ଭୋଇ, ଶତ୍ରୁଘ୍ନ ରଣବିଡ଼ାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

## ବାଲିଯାତ୍ରା ପାଇଁ କଳାକାର ବରଣ

**ଗାଇସିଲେଟ,୯।୧୧(ଡି.ଏନ୍.ଏ)**

ଗାଇସିଲେଟ ବ୍ଲକ ଫିରିଙ୍ଗିମାଳ ଗ୍ରାମପଞ୍ଚାୟତର ଛିନ୍ଦ୍ରାପାଲି ଗ୍ରାମରେ ଆସନ୍ତା ୫ତମ ବାଲିଯାତ୍ରା ପାଇଁ ଶୁକ୍ରବାର କଳାକାର ବରଣ କରାଯାଇଛି। ଏଥିପାଇଁ ତାଲପାଲି ବୋଡାସମ୍ବର ଧନୁଯାତ୍ରା ଖୋଲା ମଞ୍ଚରେ ଅଭିନୟ କରୁଥିବା କଳାକାର କଂସ ଭୂମିକାରେ ଦୋଳଗୋବିନ୍ଦ ସାହୁ, ମନ୍ତ୍ରୀ ଶକ୍ରାଜିତ ନାରାୟଣ ସାହୁ, ଅକ୍ରୁର ବିରଥ ଭୋଇ, ସେନାପତି ରାଜେଶ ସାହୁ, ଚାଣୁର ଗୋବର୍ଦ୍ଧନ ସାହୁ, ମୁଷ୍ଟିକ ଛବିଲାଲ ସାହୁଙ୍କୁ ବାଲିଯାତ୍ରା କମିଟି ପକ୍ଷରୁ ଫୁଲମାଳ ଓ ଉପଢୌକନ ଦିଆଯାଇଥିଲା। ସମ୍ପାଦକ ସହଦେବ ନନ୍ଦ, ୱାର୍ଡମେମ୍ବର ଓ ଭଦ୍ର ବ୍ୟକ୍ତିମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମହାଦେବ ମନ୍ଦିରରେ ସେମାନଙ୍କୁ ବରଣ କରିଥିଲେ ।



ବାଲିଯାତ୍ରା ପାଇଁ କଳାକାରମାନଙ୍କୁ ବରଣ କରାଯାଉଛି ।

## ରେମଣ୍ଡା ଫୁଟବଲ: ଅମସ୍ତୁଲା ବିଜୟୀ

**ଭେଡ଼େନ,୯।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ରେମଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ ମହୋତ୍ସବର ସପ୍ତମ ଦିବସ ମ୍ୟାଚ୍‌ରେ ଶୁକ୍ରବାର ଅମସ୍ତୁଲା ଦଳ ବିଜୟୀ ହୋଇଛି । ବିଜୟୀ ଦଳ ଗୁନିଆପାଲି ଏକାଦଶକୁ ଟାଇବ୍ରେକର ଯୋଗେ ୬-୫ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ବିଜୟୀ ଦଳର ଗୌରବ ସଲମାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା । ଖେଳର ଉଦଯାପନୀ ଉତ୍ସବରେ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଯୁଗଳ ପ୍ରସାଦ ସିଂ ମୁଖ୍ୟ ଅତିଥି, ଫୁଟବଲ ସମ୍ପାଦକ ହରଦୀପ ସିଂ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଖେଳକୁ ରେଫରୀ ଶିବାନନ୍ଦ ଦାଶ, ମନୋଜ ଭୂୟାଁ, ଶୁଭମ ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରଭଞ୍ଜନ ଶତପଥି ଏବଂ ସଞ୍ଜୟ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ପତ୍ରାପାଲି ଏବଂ ଜାମଟିକ୍ରା ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

### ୭୩ ଗ୍ରୁପ୍‌କୁ ୧କୋଟି ଋଣ ମଞ୍ଜୁର

**ସୋହେଲା,୯।୧୧(ଡି.ଏନ.ଏ)**

ସୋହେଲା ବ୍ଲକ ଅଫିସ ସଭାଗୃହରେ ଶୁକ୍ରବାର ଓଡିଶା ଜୀବିକା ମିଶନ ଆନୁକୂଲ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇ ଏକ ମହାସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି । ବିଡିଓ ଅଶୋକ କୁମାର ଗଡତିଆ ଏଥିରେ ସଭାପତିତ୍ୱ କରିଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ପ୍ରକଳ୍ପ ପରିଚାଳକ ଶଙ୍କର ଚଲାନ, ବିପିଏମ ଶରତ କୁମାର ନାଏକ, ୟଙ୍ଗ ପ୍ରଫେସନାଲ ଅଭିଷେକ କୁମାର ମଞ୍ଚାସୀନ ଥିଲେ। ଏଥିରେ ସୋହେଲା ଏସ୍‌ବିଆଇର ଉପଶାଖା ପରିଚାଳକ ଛବିଳ ଭୋଇ, ୟୁକୋ ବ୍ୟାଙ୍କର ପରିଚାଳକ ତାପସ କୁମାର ବିଶି ଓ ବ୍ୟାଙ୍କ ଅଫ ଇଣ୍ଡିଆର ଉପଶାଖା ପରିଚାଳକ ରୀନା ପଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବ୍ଲକ ଜୀବିକା ସଂଯୋଜକ ନିତ୍ୟାନନ୍ଦ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ମେଳାରେ ୭୩ଟି ଦଳକୁ ୧କୋଟି ୧ଲକ୍ଷ ୯୪ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଓଡିଶା ଜୀବିକା ମିଶନ ବ୍ଲକ ପରିଚାଳକ ଶରତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିକାଶରେ ପାଳିଲେ ଦୀପାବଳି

**ବରଗଡ଼ ଅଫିସ୍,୯।୧୧**

ବରଗଡ଼ ସହର ଉପକଣ୍ଠ ସିମେଣ୍ଟ ନଗର ବିକାଶ ସ୍କୁଲରେ ଦୀପାବଳି ଉତ୍ସବ ପାଳନ କରାଯାଇଥିଲା । ପ୍ରାର୍ଥନା ସଭାରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍କୁଲ ପରିସରକୁ ରଙ୍ଗୋଲିରେ ସଜ୍ଜିତ କରିଥିଲେ । ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ପ୍ରଦୂଷଣମୁକ୍ତ ଓ ସୁରକ୍ଷିତ ଦୀପାବଳି ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ରଙ୍ଗ ବେରଙ୍ଗର ଦୀପ ଜାଳି ଆଲୋକର ପର୍ବ ଦୀପାବଳି ପାଳନ କରିଥିଲେ। ଶିକ୍ଷୟିତ୍ରୀ ସାବିତ୍ରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୪ଦିନ ପରେ ଉଠିଲା ଧାନ

**ବରଗଡ଼ ଅଫିସ୍,୯।୧୧**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଶୁକ୍ରବାର ୫ଦିନ ପୂରିଛି। ତେବେ ଧାନ ସଂଗ୍ରହ ପ୍ରକ୍ରିୟାର ପ୍ରଥମ ୪ଦିନ ମଣ୍ଡି ଗୁଡ଼ିକୁ ଧାନ ଉଠି ନ ଥିବାବେଳେ ଶୁକ୍ରବାର ସନ୍ଧ୍ୟାରୁ ଧାନ ଉଠାଣ ଆରମ୍ଭ ହୋଇଛି । ଖବର ଲେଖାହେବା ସୁଦ୍ଧା(ରାତ୍ରି ୧୦ଟା ପର୍ଯ୍ୟନ୍ତ) ଅତାବିରା ଆରଏମସି ଅଧୀନ ରଷୁଡ଼ା ମଣ୍ଡିରୁ ୨୮୯ କୁଇଣ୍ଟାଲ ୭୦ କିଗ୍ରା ଏବଂ ଗୋଡ଼ଭଗା ମଣ୍ଡିରୁ ୨୫୭ କୁଇଣ୍ଟାଲ ୪୦କିଗ୍ରା ଧାନ ଉଠିଛି । ସେହି ଧାନ ସବୁ ନିର୍ଦ୍ଧାରିତ ରାଇସ ମିଲ ଗୁଡ଼ିକୁ ଯାଇଛି । ଅନ୍ୟପଟେ ଏବେ ମଧ୍ୟ ଜିଲାର ଅତାବିରା ଓ ବରଗଡ଼ ଆରଏମସି ଅଧୀନ ବିଭିନ୍ନ ମଣ୍ଡିରେ ପ୍ରାୟ ୯୦ହଜାର ପ୍ୟାକେଟ୍ ଧାନ ବିକ୍ରି ନହୋଇ ପଡ଼ି ରହିଛି । ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରା ନ ଗଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇ ପଡ଼ିବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଲାଣି ।

**ବରଗଡ଼ ଜିଲା**



ଗୋଡ଼ଭଗା ମଣ୍ଡିରେ ରାଇସ ମିଲ ନେବା ପାଇଁ ଟ୍ରକରେ ଧାନ ଲୋଡ଼ କରାଯାଉଛି ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ମୁରିବାହାଲ ବ୍ଲକରେ ବିଭିନ୍ନ ସ୍ଥାନରେ ଗିରିଗୋବର୍ଦ୍ଧନ ପୂଜା

**ମୁରିବାହାଲ, ୯।୧୧ (ଡି.ଏନ.ଏ):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ବିଭିନ୍ନ ସ୍ଥାନରେ ଯାଦବ ସମାଜ ପକ୍ଷରୁ ଗିରିଗୋବର୍ଦ୍ଧନ ପୂଜା ସମାପନ ହୋଇଯାଇଛି। ଗତ ୭ ତାରିଖ ପୂଜା କମିଟି ପକ୍ଷରୁ ବିଭିନ୍ନ ବନ୍ଧରୁ କଳସ ଯାତ୍ରା ମାଧମରେ ପାଣି ଅଣାଯାଇ ଅଧିବାସ କରାଯାଇ ୮ ତାରିଖ ରୀତିନୀତିରେ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଚଳକି, ଧାତୁକପୁରୀ, ଧୁମାମାଳ, ଘୁଣୁରାମୁଣ୍ଡା, ପୁଡାପାଲି, ମୁରିବାହାଲ, ହଳଦୀ, କୋକଡୁଙ୍ଗରୀ, ଝିକିଡୁଙ୍ଗରୀ, ପତ୍ରାପାଲି (ଖ), ଘଣ୍ଟବାହାଲି, ଗଁରେଉ, ଲେବଡା ପ୍ରଭୃତି ସ୍ଥାନମାନଙ୍କରେ ଅନେକ ବର୍ଷ ଧରି ପୂଜାସହ ଅଷ୍ଟ ଓ ଷୋହଳ ପ୍ରହର ନାମଯଜ୍ଞମାନ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର କେତେକ ସ୍ଥାନରେ କଳସ ବିସର୍ଜନ କରାଯାଇଛି। ସେହିପରି ମୁରିବାହାଲ ଯାଦବ ଭବନଠାରେ ରାତ୍ରିରେ ନୃତ୍ୟ ପ୍ରତିଯୋଗୀତା ହୋଇଥିଲା। କୋକଡୁଙ୍ଗରୀଠାରେ ପଞ୍ଚସଖା ସତସଙ୍ଗ ପକ୍ଷରୁ ୧୦ଖଣ୍ଡ ଗ୍ରାମର ଜନସାଧାରଣ ଏକତ୍ରିତ ଭାବରେ ଗିରିଗୋବର୍ଦ୍ଧନ ପାଳନ କରିଥିଲେ। ସେହିପରି ଝିକିଡୁଙ୍ଗୁରୀ ଗ୍ରାମବାସୀ ପକ୍ଷରୁ ପୂଜା ପାଳିତ ହୋଇଯାଇଛି । ଚଳିତ ବର୍ଷ ଗିରିଗୋବର୍ଦ୍ଧନ ପୂଜାରେ ଯାଦବ ସମାଜ ପକ୍ଷରୁ ବାଡିଖେଳ ମୁଖ୍ୟ ଆକର୍ଷଣ ଥିଲା । ଏଥିରେ ସମାଜ ପକ୍ଷରୁ ପାରମ୍ପରିକ ପୂଜାର୍ଚ୍ଚନା ସହ କେତେକ ସ୍ଥାନରେ ସଚେତନା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ନେତୃତ୍ୱ ଗଙ୍ଗାଧର ହେର୍ଣ୍ଣା, ମହେନ୍ଦ୍ର ବାଗ, ତରୁଣ ପୋଢ଼, ଜୟପାଳ ସେଲମା, ସତ୍ୟନାରାୟଣ ଭୋଇ, କାଳିନ୍ଦି ଚରଣ ସାହୁ, ସୁରେଶ ଭୋଇ, ମହାଦେବ ଟାହାଣୀ, ତେଜୁରାମ ବାଗ ପ୍ରମୁଖ ଦେଇଥିଲେ।

କଣ୍ଟାବାଞ୍ଜିରେ ବସିଲା ଦିଶା ବୈଠକ

# ଦାଦନ ସମସ୍ୟା, ଇନ୍‌ପୁଟ୍ ସବ୍‌ସିଡି ଉପରେ ଆଲୋଚନା

**କଣ୍ଟାବାଞ୍ଜି, ୯।୧୧ (ଡି.ଏନ.ଏ.)**



ଦିଶା ବୈଠକରେ ଉପସ୍ଥିତ ଜିଲାର ପ୍ରତିନିଧି ଓ ଅଧିକାରୀ।

- **କଣ୍ଟାବାଞ୍ଜି ବିଧାୟକ-ମୁରିବାହାଲ ବ୍ଲକ୍ ଅଧକ୍ଷ ଯୁକ୍ତିତର୍କ**
- **ଦୁର୍ନୀତି ପ୍ରସଙ୍ଗରେ ଅଭିଯୋଗ କଲେ ବିଧାୟକ**
- **ପାଲଟା ଅଭିଯୋଗ କଲେ ବ୍ଲକ ଅଧକ୍ଷ**
- **ରେଳ ୱାଗନ କାରଖାନା ପ୍ରସଙ୍ଗକୁ ଏଡାଇ ଗଲେ**

ବଲାଙ୍ଗୀର ଜିଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟି (ଦିଶା) ବୈଠକ କଣ୍ଟାବାଞ୍ଜି ଏନ୍‌ଏସି ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ବଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କଣ୍ଟାବାଞ୍ଜି ବିଧାୟକ ହାଜି ମହମ୍ମଦ ଆୟୁବ ଖାନ୍, ଜିଲାପାଳ ଅରିନ୍ଦମ ଡାକୁଆ, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ଦାଶ, ପାଟଣାଗଡ ବିଧାୟକଙ୍କ ପ୍ରତିନିଧି ମାଧବ ସାଏ, ଲୋଇସିଂହା ବିଧାୟକଙ୍କ ପ୍ରତିନିଧି, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ଜିଲାସ୍ତରୀୟ ବିଭିନ୍ନ ପ୍ରସଙ୍ଗ ସହ ବିଶେଷକରି ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ଅଞ୍ଚଳର ବିକାଶ ଚିତ୍ର ଉପରେ ଆଲୋଚନା ହୋଇଥିଲା । ଜିଲାର ଏହି ଅଞ୍ଚଳର ଦାଦନ ସମସ୍ୟା, ଜଳସେଚନ, ମରୁଡି ଇନ୍‌ପୁଟ୍ ସବ୍‌ସିଡି ଓ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ସମସ୍ୟା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲାରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକ ଠିକ୍ ଭାବେ ତ୍ୱରାନ୍ୱିତ ହୋଇପାରୁ ନ ଥିବାରୁ ବୈଠକରେ ସଦସ୍ୟମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

୨୦୧୭ ଖରିଫ ଋତୁରେ ବଙ୍ଗୋମୁଣ୍ଡା, ମୁରିବାହାଲ ଓ ତୁରେକେଲା ବ୍ଲକର ଚାଷୀମାନେ ଘୋର ମରୁଡିର ଶିକାର ହୋଇଥିଲେ ମଧ୍ୟ ତାଙ୍କୁ ଇନ୍‌ପୁଟ ସବସିଡି ଏଯାଏଁ ମିଳିନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା । ତୁରେକେଲା ବ୍ଲକରେ ଜଳସେଚନର ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ପ୍ରତିବର୍ଷ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଆଲୋଚନା କରାଯାଇଥିଲା । ଏହି ବ୍ଲକ୍‌ର ଖଗସା ପଞ୍ଚାୟତର ପାଟିମାଲି ଗାଁରେ ଜଳପ୍ରକଳ୍ପ କରାଯାଇ ଚାଷୀଙ୍କୁ ଜଳସେଚନ ଯୋଗାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାସହିତ ନୂଆପଡା ଜିଲାର ତିଖାଲି ଜଳସେଚନକୁ ଅପଗ୍ରେଡ କରାଯାଇ କିଭଳି ବଲାଙ୍ଗୀର ଜିଲାର ଏହି ମରୁଡି ପ୍ରବଣ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ହୋଇପାରିବ ସେନେଇ ଆଲୋଚନା ହୋଇଥିଲା । ବାରମ୍ବାର ଦାବି ସତ୍ତ୍ୱେ ବଙ୍ଗୋମୁଣ୍ଡା ବ୍ଲକର ସିନ୍ଧେକେଲା ଗାଁରେ ପାଇପ ପାଣି ଯୋଗାଣ କରାଯାଉ ନ ଥିବାରୁ ବୈଠକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ଉପରେ ସଦସ୍ୟମାନେ ବର୍ଷିଥିଲେ। ବିଭିନ୍ନ ଗାଁରେ ଜଳଯୋଗାଣ ପ୍ରକଳ୍ପ କାମ ହେଉ ନ ଥିବାକୁ ନେଇ ସଦସ୍ୟମାନେ ବିଭାଗ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ସିନ୍ଧେକେଲା ଓ ବଙ୍ଗୋମୁଣ୍ଡାରେ ପାଇପ ପାଣି ଶୀଘ୍ର ଯୋଗାଇବା ଉପରେ ଦାବି କରାଯାଇଥିଲା । ତୁରେକେଲା ବ୍ଲକର ବଡବାଙ୍କି, ତେନ୍ତୁଲିଖୁଣ୍ଟି ଓ ବଙ୍ଗୋମୁଣ୍ଡା ବ୍ଲକର ବେଲପଡା ପଞ୍ଚାୟତରେ ପାନୀୟ ଜଳ ସମସ୍ୟାର ସମାଧାନ ଉପରେ ଆଲୋଚନା ହୋଇଥିଲା । କଣ୍ଟାବାଞ୍ଜି ସହରକୁ ତେଲ ନଦୀରୁ ପାଇପ ଯୋଗେ ପିଇବା ପାଣି ଯୋଗାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଦାଦନ ଶ୍ରମିକ ସମସ୍ୟାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଦାଦନ ସମସ୍ୟା ରୋକିବା ଓ ଏହାର ସଫଳ ପରିଚାଳନାରେ ସରକାର କିଛି ବି ଠୋସ୍ ପଦକ୍ଷେପ ନେଉନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଦାଦନ ଶ୍ରମିକଙ୍କ ମାନବିକ ଅଧିକାର ଉଲଂଘନ ହେଉଥିଲେ ମଧ୍ୟ କେହି କିଛି କରୁନାହାନ୍ତି ଓ ଦାଦନ ଶ୍ରମିକମାନେ ଏବେ ଶୋଷଣର ଅନ୍ୟତମ ମାଧ୍ୟମ ହୋଇଯାଇଥିବା ନେଇ ସଦସ୍ୟମାନେ ମତ ପ୍ରକାଶ କରିଥିଲେ ।

ମୁରିବାହାଲ ବ୍ଲକର ପୁଡାପାଲି ଗାଁରେ ଏମଜିଏନଆରଜିଏ କାମରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ କାମରେ ଲଗାଇ ଅର୍ଥ ଆତ୍ମସାତ୍ ବିଷୟରେ ବିଧାୟକ ଖାନ୍ କହିବା ସହ ଏହାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଦାବି କରିଛନ୍ତି । ମୁରିବାହାଲ ବ୍ଲକର ଦନ୍ଦରା ଗାଁର ଓ ଇଚ୍ଛାପରା ପଞ୍ଚାୟତର ଚନାବାହାଲ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀମାନଙ୍କ ଟଙ୍କା ଆତ୍ମସାତ୍ କରାଯାଇଥିବା ପ୍ରସଙ୍ଗକୁ ବିଧାୟକ ଉଠାଇ ବ୍ଲକ୍ ଅଧକ୍ଷ ଘୋର ଦୁର୍ନୀତିରେ ଛନ୍ଦି ହୋଇଥିବା ଅଭିଯୋଗ କରିଥିଲେ । ବିଧାୟକ ଖାନ୍ ଖୋଦ୍ ନିଜ ଦଳର ଦଳୀୟ ବ୍ଲକ୍ ଅଧକ୍ଷ ହଂସରାଜ ଜୈନଙ୍କ ବିରୋଧରେ ବୈଠକରେ ସମସ୍ତଙ୍କ ସମ୍ମୁଖରେ ଏଭଳି କି ଜିଲା ବିଜେଡି ସଭାପତି ତଥା ଏମପି ସିଂଦେଓଙ୍କ ସମ୍ମୁଖରେ ଏଭଳି ଅଭିଯୋଗ ଉଠାଇବା ଘଟଣା ଆଲୋଚନାର ବିଷୟ ହୋଇଥିଲା । ଏହି ପ୍ରସଙ୍ଗକୁ ନେଇ ବୈଠକରେ ବିଧାୟକ ଖାନ୍ ଓ ବ୍ଲକ୍ ଅଧକ୍ଷ ଜୈନଙ୍କ ମଧ୍ୟରେ ଯୁକ୍ତିତର୍କ, କଥା କଟାକଟି ଓ ଅଭିଯୋଗ ପ୍ରତ୍ୟାଭିଯୋଗ ଦେଖାଯାଇଥିଲା। ମୁରିବାହାଲ ବ୍ଲକର ଦୁର୍ନୀତି ଉପରେ ଭିଜିଲାନ୍ସ ତଦନ୍ତ କରାଯିବାକୁ ବିଧାୟକ ଖାନ୍ ଦାବି କରିଥିଲେ । ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ଦାଶ କଣ୍ଟାବାଞ୍ଜି ରେଳ ୱାଗନ କାରଖାନା ପ୍ରସଙ୍ଗ ଉଠାଇଥିଲେ ମଧ୍ୟ ଏଦିଗରେ ଆଲୋଚନା କରିବାକୁ ଅଧକ୍ଷ ସିଂଦେଓ ବିଶେଷ ଆନ୍ତରିକତା ଦେଖାଇନଥିବା ଜଣାପଡିଛି । ଏହି ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ।

### ଜାତୀୟ ଆଇନ ସେବା ଦିବସ ପାଳିତ

**ବଲାଙ୍ଗୀର ଅଫିସ,୯।୧୧**

ବଲାଙ୍ଗୀର ଆଇନ୍ ମହାବିଦ୍ୟାଳୟ ପରିସରରେ ଥିବା ଆଇନସେବା କେନ୍ଦ୍ରରେ ଶୁକ୍ରବାର ଜାତୀୟ ଆଇନ ସେବା ଦିବସ ପାଳନ କରାଯାଇଥିଲା । ଏହି ସଭାରେ କଲେଜ ଆଇନସେବା କେନ୍ଦ୍ର ଜରିଆରେ ଗରିବ ଲୋକଙ୍କୁ ଆଇନସେବା ଯୋଗାଇ ଦିଆଯାଇପାରିବ ବୋଲି ଅତିଥି ବକ୍ତାମାନେ ମତପ୍ରକାଶ କରିଥିଲେ । ଆଇନ ଛାତ୍ର ବିଭୁ କଲ୍ୟାଣ ଗଡତ୍ୟାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ସଞ୍ଜୀବ କୁମାର ପ୍ରଧାନ, ସମ୍ପାଦକ ବଂଶୀଧର ହୋତା, ଅଧାପକ କ୍ଷୀରୋଦ୍ର ପୁରୋହିତ, କଲ୍ୟାଣୀ ବାଗ ମଞ୍ଚାସୀନ ଥିଲେ । ସମ୍ବିଧାନର ଧାରା ୩୯ (କ)କୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୧୯୮୭ ମସିହାରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ନାମରେ ଏକ ଆଇନ ପ୍ରଣୟନ କରିଛନ୍ତି । ଏହା ୧୯୯୫ ମସିହାରୁ କାର୍ଯ୍ୟକ୍ଷମ ହୋଇ ବଳବତ୍ତର ରହିଛି । ବଲାଙ୍ଗୀର ସହରର ସନ୍ନିକଟ କେତେକ ଗାଁକୁ ମହାବିଦ୍ୟାଳୟର ଆଇନ ସହାୟତା କେନ୍ଦ୍ର ତରଫରୁ ପୋଷ୍ୟ ଭାବେ ଗ୍ରହଣ କରାଯିବ । ଛାତ୍ରୀଛାତ୍ରମାନେ ସେଠାକୁ ଯାଇ ଆଇନ ସହୟତା ସମ୍ପର୍କରେ ପଥପ୍ରାନ୍ତ ନାଟକ ସହ ସେମାନଙ୍କୁ କିଭଳି ଆଇନ ସେବା ମିଳିବ ସେ ନେଇ କାମ କରିବେ । ମହାବିଦ୍ୟାଳୟର ଆଇନ ଛାତ୍ରୀଛାତ୍ରମାନେ ଗରିବ ଲୋକଙ୍କ ଠାରେ ଆଇନକୁ ପହଞ୍ଚାନ୍ତୁ ବୋଲି ମତ ପ୍ରକାଶ ପାଇଥିଲା । ଗତ ଅକ୍ଟୋବର ମାସରେ ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ଛାତ୍ରମାନେ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଶୁକ୍ରବାର ଆଇନ ଛାତ୍ର ଅମିତ କୁମାର ରାଉଳ, ବିକାଶ ସ୍ୱାଇଁ, ବସନ୍ତ ମଞ୍ଜୁଲା ପତି ଅଂଶଗ୍ରହଣ କରି ଆଇନ ସେବା ଉପରେ ମତ ରଖିଥିଲେ। ଶେଷରେ ଛାତ୍ର ରାଉଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭୀମପାହାଡ ପାଦଦେଶରେ ଚାଲିଥିବା ଭୀମପାହାଡ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ବରିଷ୍ଠ କଳାକାର ସତ୍ୟନାରାୟଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜୋନ୍‌ସ୍ତରୀୟ କଳା ଉତ୍ସବରେ ବଲାଙ୍ଗୀରର ବାଜିମାତ୍

**ବଲାଙ୍ଗୀର ଅଫିସ, ୯।୧୧**

ବରଗଡ ଜିଲାର ଜଜ୍ ହାଇସ୍କୁଲଠାରେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ବିଭାଗ ପକ୍ଷରୁ ଆୟୋଜିତ ଜୋନାଲ ସ୍ତରୀୟ ପ୍ରତିଯୋଗିତା କଳା ଉତ୍ସବ ଓ ବ୍ୟାଣ୍ଡ ପାର୍ଟି ପ୍ରତିଯୋଗିତାରେ ଯୋଗଦେଇ ବଲାଙ୍ଗୀର ଜିଲାର ଛାତ୍ରୀଛାତ୍ରମାନେ ବାଜିମାତ୍ କରିଛନ୍ତି । ଚିତ୍ରକଳାରେ ବାଳକ ବିଭାଗରେ ରାଜେନ୍ଦ୍ର କଲେଜର ଯୁକ୍ତଦୁଇ ଛାତ୍ର ଶ୍ରୀତମ ସାହୁ ଦ୍ୱିତୀୟ ଓ ମୁରିବାହାଲ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଅଙ୍କିତା ଦଣ୍ଡସେନା ପ୍ରଥମ, ଏକକ ନୃତ୍ୟ ପ୍ରତିଯୋଗିତାର ବାଳକ ବିଭାଗରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲର ଜିତ୍ ସୁନା ଦ୍ୱିତୀୟ ଓ ବାଳିକା ବିଭାଗରେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଶୁଭଲକ୍ଷ୍ମୀ ମେହେର ତୃତୀୟ, କଣ୍ଠ ସଙ୍ଗୀତର ବାଳକ ବିଭାଗରେ ଅଏଁଲାଚୁଆଁ ହାଇସ୍କୁଲର ଅନୀଲ ପୁଟେଲ ପ୍ରଥମ ଓ ଆଦର୍ଶ ବିଦ୍ୟାଳୟ ଝାରମୁଣ୍ଡାର ସୃଷ୍ଟିକା ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଯନ୍ତ୍ର ସଙ୍ଗୀତର ବାଳକ ବିଭାଗରେ ଅଜୟ ଅମର ସିଂଦେଓ ପ୍ରଥମ, ବ୍ୟାଣ୍ଡ ପାର୍ଟି ପ୍ରତିଯୋଗିତାରେ ପୃଥ୍ୱୀରାଜ ହାଇସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିଛନ୍ତି । ବରଗଡ ଜିଲାର ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଗାଇଡ୍ ଶିକ୍ଷକ ଶିବ ତ୍ରିପାଠୀ, ଶିକ୍ଷୟିତ୍ରୀ ଶିକତା ପଟେଲ ଓ ପରିମିତା ସାହୁ ଯୋଗ ଦେଇଥିଲେ । ବଲାଙ୍ଗୀର ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ଓ ବିଜ୍ଞାନ ସୋସାଇଟିର ନିର୍ଦ୍ଦେଶକ ପଦ୍ମଚରଣ ଆଚାର୍ଯ୍ୟ, ବିଜ୍ଞାନ ଶିକ୍ଷକ ଅନୀଲ ନନ୍ଦ, ଅଶ୍ୱିନୀ ଷଡଙ୍ଗୀ ଓ କରୁଣା ସା ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ ।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ଚାଷୀ

**ବେଲପଡା, ୯।୧୧(ଡି.ଏନ.ଏ.)**



ମରୁଡି ଘୋଷଣା ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ବେଲପଡା ବ୍ଲକରେ ଉତ୍କଟ ମରୁଡି ପରିସ୍ଥିତି ଦେଖାଦେଇଛି । ଶୁକ୍ରବାର ପୂର୍ବତନ ବ୍ଲକ ଅଧକ୍ଷ ଟେମ୍ପୁ ନାଏକଙ୍କ ନେତୃତ୍ୱରେ ସାଗୁନଭାଡି ଗ୍ରାମର ଶତାଧିକ ଚାଷୀ ମରୁଡି ସ୍ଥିତିର ଅନୁଧ୍ୟାନ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ବେଲପଡା ତହସିଲଦାର ରାମକୃଷ୍ଣ ମିଶ୍ର ଓ କନିଷ୍ଠ କୃଷି ଅଧିକାରୀ ଆନନ୍ଦ ମଲ୍ଲିକ ଚାଷୀମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ସରକାର ବେଲପଡା ବ୍ଲକକୁ ମରୁଡି ଘୋଷଣା କରିସାରିଛନ୍ତି ବୋଲି ତହସିଲଦାର ସୂଚନା ଦେଇଥିଲେ । ସାଗୁନଭାଡି ଗ୍ରାମରେ ଠିକ ଭାବରେ ସର୍ଭେ କରାଯାଉନାହିଁ। ବିଗତ ୪ବର୍ଷ ହେଲା ଗ୍ରାମବାସୀ ମରୁଡିର ସମ୍ମୁଖୀନ ହେଉଛନ୍ତି। ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ତହସିଲ ଓ କୃଷି ବିଭାଗ ତରଫରୁ ଚାଷଜମିକୁ ଯାଇ ଶତ ପ୍ରତିଶତ ମରୁଡି ଘୋଷଣା କରାଯାଉ ବୋଲି ଦାବି ଜଣାଇଥିଲେ । ଗତବର୍ଷ ଚାଷୀମାନେ ଅନ୍ ଲାଇନ ଫସଲ ବୀମା କରିଥିବାବେଳେ ଏପର୍ଯ୍ୟନ୍ତ ବୀମା କ୍ଷତିପୂରଣ ପାଇନଥିବା ଅଭିଯୋଗ କରିଥିଲେ। ବୀମା କମ୍ପାନୀ ଦୀର୍ଘ ୧ବର୍ଷ ପରେ ପ୍ରିମିୟମ ଫେରାଇ ଦେଇଥିବା ଯୋଗୁଁ ନ୍ୟାୟ ପାଇଁ ବିରାଟ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦେଇଥିଲେ । ବର୍ତ୍ତମାନ ମରୁଡି ପରିସ୍ଥିତି ଯୋଗୁଁ ଛାତ୍ରୀଛାତ୍ରମାନଙ୍କ ସ୍କୁଲ, କଲେଜ ଫି ଦେଇପାରୁନାହାନ୍ତି । ଚାଷ ନ ହେବାରୁ ଦାଦନ ଖଟିଯିବା ପାଇଁ ଲୋକେ ବାହାରିଲେଣି। ଏଣୁ ସରକାର ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି କହିଥିଲେ ।


DSPL-231



## ୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ସହିତ ଆନୁଷଙ୍ଗିକ କୃଷିକୁ ଆମ ରାଜ୍ୟରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। ମଣିଷର ଜୀବନ ଜୀବିକା ସହିତ ଗୋମାତା ଓତପ୍ରୋତ ଭାବେ ଜଡ଼ିତ। ଆମ ରାଜ୍ୟରେ ଗୋ ସମ୍ପଦ କୃଷକମାନଙ୍କର ଆର୍ଥିକ ସମୃଦ୍ଧିର ଏକ ମୁଖ୍ୟ ସ୍ରୋତ। ଗୋ-ମାତା ଆମକୁ ଦୁଗ୍ଧ ପ୍ରଦାନ କରି ସ୍ୱାସ୍ଥ୍ୟ ବର୍ଦ୍ଧନ କରିଥାଏ। ତେଣୁ ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମଖାଦ୍ୟ, ଲାଳନପାଳନରେ ଯତ୍ନ, ଉପଯୁକ୍ତ ପ୍ରଜନନ, ରୋଗ ନିରାକରଣ ପାଇଁ ଯତ୍ନବାନ ହେଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇ ପାରିବ ଏବଂ କୃଷକମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ଘଟିବ।

୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳିତ ହେଉଅଛି। ଉକ୍ତ ଅବସରରେ ଗୋ-ସମ୍ବର୍ଦ୍ଧନା ସମାରୋହ ତଥା କୃଷକ ସଚେତନତା ସମାବେଶ ଅନୁଷ୍ଠିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପଗୁଡ଼ିକରୁ ଚାଷୀମାନେ କିପରି ଉପଯୁକ୍ତ ଲାଭ ପାଇପାରିବେ ସେଥିପାଇଁ ଆମ୍ଭେମାନେ ସଂକଳ୍ପ କରିବା ଉଚିତ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରି, ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ପ୍ରଦୀପ ମହାରଥୀ

**ପ୍ରଦୀପ ମହାରଥୀ**
**ମାନ୍ୟବର ମନ୍ତ୍ରୀ**
**ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଓଡ଼ିଶା**

06014/13/0021/1819



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସଂକ୍ଷେପରେ

### ବୀରମହାରାଜପୁର କଲେଜ ଇତିହାସ ବିଭାଗ ଆଲୋଚନାଚକ୍ର

**ବୀରମହାରାଜପୁର, ୯।୧୧(ଡି.ଏନ.ଏ.):** ଭାରତ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ହେଉଛି କଳିଙ୍ଗ ଯୁଦ୍ଧ। ଏହି ଯୁଦ୍ଧ ଇତିହାସର ଗତିପଥକୁ ନିର୍ଣ୍ଣୟକ ମୋଡରେ ପହଞ୍ଚାଇଥିଲା। ଏଥିରେ ଓଡିଆ ପୁଅ ହାରିଯାଇଥିଲେ ସୁଦ୍ଧା ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ନିକଟରେ ମଥାନତି କରି ନ ଥିଲେ। ବରଂ ଅଶୋକଙ୍କୁ ଅହିଂସା ଓ ଶାନ୍ତିର ମହାମନ୍ତ୍ରରେ ଅଭିମହିତ କରିବାରେ ସଫଳ ହୋଇଥିଲା। କଳିଙ୍ଗ ବୀରମାନଙ୍କର ବୀରତ୍ୱର ଗାଥା ସମସ୍ତ ଓଡିଆଙ୍କୁ ପ୍ରେରଣା ଦେଇ ଆସିଛି ବୋଲି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଗୁରୁବାର ଆୟୋଜନ କରାଯାଇଥିବା 'ପ୍ରାଚୀନ କାଳରେ କଳିଙ୍ଗ ସହିତ ମଗଧର ସମ୍ପର୍କ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଭାଗୀୟ ମୁଖ୍ୟ ଡ. ହିମାଂଶୁଶେଖର ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ମୂରଲୀଧର ହୋତା ମୁଖ୍ୟଅତିଥି ଏବଂ ଶିକ୍ଷା ବିଭାଗର ଅଧାପକ ଶିଶିର ବଣିଆ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ଅଧାପକ ସତ୍ୟନାରାୟଣ ଦାଶ କାର୍ଯ୍ୟକ୍ରମର ସଂଯୋଜନା ସହ ବିଷୟଭିତ୍ତିକ ଆଲୋଚନା କରିଥିଲେ। ସେହିଭଳି ଅଧାପିକା ବନ୍ଦିତା ବିଶ୍ୱାଳ ଆଲୋଚନାଚକ୍ରରେ ଭାଗନେବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧରୁ ସୁକାନ୍ତି ସେଠୀ, ବିଶ୍ୱଜିତ ଦାଶ, ଶୁଭଙ୍କର ମିଶ୍ର, ସଚ୍ଚିଦାନନ୍ଦ କର୍ଣ୍ଣ, ଗଣେଷ ଭରାସାଗର ଓ ଟୁନା ମେହେର ପ୍ରମୁଖ ସନ୍ଦର୍ଭ ଉପସ୍ଥାପିତ କରିଥିଲେ।

### ଯୌତୁକ ଜନିତ ବଧୂହତ୍ୟା ଅଭିଯୋଗ

**ସୋନପୁର,୯।୧୧(ନି.ପ୍ର.):** ସୋନପୁର ଥାନା ସାଗରପାଲିରେ ଯୌତୁକ ପାଇଁ ବଧୂ ସସ୍ମିତାଙ୍କୁ ହତ୍ୟା କରା ଯାଇଥିବା ଅଭିଯୋଗ ହୋଇଛି। ସସ୍ମିତାଙ୍କର ଗତ ବୁଧବାର ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ତେବେ ବାପା ସୁରଥ ମେହେର ଶୁକ୍ରବାର ସୋନପୁର ଥାନାରେ ଏହା ଯୌତୁକ ଜନିତ ହତ୍ୟା ବୋଲି ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏସଆଇ ସସ୍ମିତା ସାହୁ ମାମଲାର ତଦନ୍ତ କରୁଛନ୍ତି।



ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଅଳକାନନ୍ଦା ମହାନ୍ତିଙ୍କ ଅଧ୍ୟକ୍ଷତାରେ ବାହାରିଥିବା ଆଇନ ସଚେତନତା ରାଲି।

# ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ରାଲି

**ଲୋଇସିଂହା,୯।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ତାଲୁକ ଆଇନ ସେବା ସମିତି ତରଫରୁ ଜାତୀୟ ଆଇନସେବା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଲୋଇସିଂହା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ତଥା କମିଟି ଅଧ୍ୟକ୍ଷା ଅଳକାନନ୍ଦା ମାହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଏହି ରାଲି କୋର୍ଟଠାରୁ ବାହାରି ଲୋଇସିଂହା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ତାଲୁକ ଆଇନ ସେବା କମିଟି ତରଫରୁ ବାର୍ଷିକ୧ ଲକ୍ଷ ଆୟରୁ କମ୍‌ଥିବା ନାଗରିକମାନଙ୍କୁ ମାଗଣା ଆଇନସେବା ସହାୟତା ପାଇବା ସମ୍ପର୍କରେ ଓ ଲୋକମାନଙ୍କର ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଏଥିରେ ଓକିଲ ସଂଘ ସଭାପତି ରାଜକିଶୋର ମିଶ୍ର, ଆଇନଜୀବୀ ଶଶାଙ୍କଶେଖର ଭୋଇ, ଅଶୋକ ସାହୁ, ପ୍ରବୀଣ କୁମାର ତ୍ରିପାଠୀଙ୍କ ସମେତ ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲର ଏନସିସି ଛାତ୍ର, ଶିକ୍ଷକ ଭକ୍ତଚରଣନାଏକ, ଶିକ୍ଷୟିତ୍ରୀ ପଦ୍ମିନୀ ନାଏକ, ଜ୍ୟୋସ୍ନାମୟୀ ମିଶ୍ର, ମିନାକ୍ଷୀରାଣୀ ମିଶ୍ର ଏବଂ କୋର୍ଟ କର୍ମଚାରୀ ସାମିଲ ହୋଇଥିଲେ ।

# ୧୦ରୁ ବଲାଙ୍ଗୀର ଲୋକ ଉତ୍ସବ

**ବଲାଙ୍ଗୀର ଅଫିସ, ୯।୧୧**

ବଲାଙ୍ଗୀର ଲୋକଉତ୍ସବ ଆସନ୍ତା ୧୦ରୁ ଆରମ୍ଭ ହେବ । ଏ ନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ପ୍ରାରମ୍ଭରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ବିଜୟ ଶତପଥି ଲୋକ ଉତ୍ସବ ପାଳନ ସଂକ୍ରାନ୍ତରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ୧୦ ତାରିଖ ପୂର୍ବାହ୍ନ ୯ଟାରୁ କୋଶଳ କଳାମଣ୍ଡ ପଡିଆରେ ମଞ୍ଚ ପୂଜନ, ପତାକା ଉତ୍ତୋଳନ ଓ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଅପରାହ୍ଣ ୨ଟାରେ କୋଶଳ କଳାମଣ୍ଡଳ ପୁରୁଣା ରଙ୍ଗମଞ୍ଚରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହେବ । ସନ୍ଧ୍ୟା ୬ଟାରେ ଲୋକ ଉତ୍ସବ ପ୍ରଦର୍ଶନୀ ଓ ପଲ୍ଲୀଶ୍ରୀ ମେଳାକୁ ମୁଖ୍ୟଅତିଥି ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା, ସମ୍ମାନିତ ଅତିଥି ପଦ୍ମଶ୍ରୀ ସାଧୁ ମେହେର, ପ୍ରଫେସର ମଧୁସୂଦନ ପତି, ପୌରାଧକ୍ଷା ସନ୍ତୋଷିନୀ ବେହେରା, ଏସପି କେ ଶିବା ସୁବ୍ରମଣି, ବିଶିଷ୍ଟ କଳାକାର ପରମାନନ୍ଦ ମାଝି ଉଦ୍‌ଘାଟନ କରିବେ । ସନ୍ଧ୍ୟା ୭ଟାରୁ ସଭା ଓ ପରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୧ ତାରିଖ ପୂର୍ବାହ୍ନ ୧୦ଟାରେ ଗାନ୍ଧୀ ଭବନ ଠାରେ ସମ୍ମାନ ସମିତି ପକ୍ଷରୁ ବଲାଙ୍ଗୀର–ପାଟଣାର ସାମାଜିକ ଓ ସାଂସ୍କୃତିକ ଜୀବନଧାରା ଶୀର୍ଷକ ସମ୍ମାନ ଅନୁଷ୍ଠିତ ହେବ । ଏଥିରେ ଡ. ଫଣିନ୍ଦମ ଦେଓ, ଡ. ସନ୍ତୋଷ କୁମାର ରଥ, ଡ. ଶିବ ପ୍ରସାଦ ନନ୍ଦ, ଡ. କେଦାରନାଥ ମିଶ୍ର ଆଲୋଚକ ଭାବେ ଯୋଗଦେବେ । ସନ୍ଧ୍ୟା ସଭାରେ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ସବ୍ୟସାଚୀ ମହାପାତ୍ର, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ପାଟଣଗଡ ଉପଜିଲାପାଳ ସତ୍ୟ କ୍ରିଷ୍ଟନ୍ କେପି, ବଲାଙ୍ଗୀର ଉପଜିଲାପାଳ ଭୈରବସିଂ ପଟେଲ ଓ ଅତିଥି କଳାକାରଭାବେ କୁଞ୍ଜବିହାରୀ ମେହେର ଯୋଗେଦେବେ । ୧୨ ତାରିଖ ସନ୍ଧ୍ୟା ସଭାରେ ଓଡିଶା ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ କୁମାର ପଣ୍ଡା ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, ଟିଟିଲାଗଡ ବିଧାୟିକା ଟୁକୁନି ସାହୁ, ମହିଳା ବିକାଶ ସମବାୟ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର, ଗୁରୁଶ୍ରୀ ଘାସିରାମ ମିଶ୍ର, ଅତିଥି କଳାକାର ଭାବେ ହୃଷିକେଶ ପୁରୋହିତ ଯୋଗଦେବେ । ୧୩ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥିଭାବେ ଏମପି କଳିକେଶ ନାରାୟଣ ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ହାଜି ମହମ୍ମଦ ଆୟୁବ ଖାନ୍, ଏସପି କେ. ଶିବା. ସୁବ୍ରମଣି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଅତିଥି କଳାକାରଭାବେ ଯୋଗେଶ୍ୱର ମିଶ୍ର ଯୋଗଦେବେ। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଭାକୁ ଜିଲାପାଳ ଅରିନ୍ଦମ ଡାକୁଆ, ଦ୍ୱିତୀୟ ଦିନ ସଭାକୁ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ, ତୃତୀୟ ସଭାରେ ଡିଆରଡିଏ ପିଡି ଡ ମହେଶ୍ୱର ସ୍ୱାଇଁ ସଭାପତିତ୍ୱ କରିବେ । ଚଳିତବର୍ଷ ଆସାମର ବିହୁ, ପଞ୍ଜାବର ଗିଦ୍ଧା ଓ ଭାଙ୍ଗଡ଼ା, ମଧ୍ୟପ୍ରଦେଶର ବଧାଇ ଓ ନୁର୍‌ତା, ଛତିଶଗଡର ପନ୍ଥୀ, ଝାଡଖଣ୍ଡର ପାଇକା ଓ ପଶ୍ଚିମବଙ୍ଗର ନାଟୁଆ ନୃତ୍ୟ ପରିବେଷଣ କରାଯିବ । ଏହା ସହିତ ଓଡିଶା ଗଞ୍ଜାମର ପଶୁନୃତ୍ୟ, ନବରଙ୍ଗପୁରର ଢ଼େମ୍‌ସା ଓ ବାଙ୍କିର ସିଂଘମ୍ ନୃତ୍ୟ ପରିବେଷଣ କରାଯିବ ।

### ଶହୀଦ ଅଚ୍ୟୁତାନନ୍ଦଙ୍କ ପରିବାରକୁ ଭେଟିଲେ କନକବର୍ଦ୍ଧନ

# ପରିବାରର ଜଣଙ୍କୁ ଥଇଥାନ ପ୍ରତିଶ୍ରୁତି

**ଲୋଇସିଂହା, ୯।୧୧(ଡି.ଏନ.ଏ.)**

ଛତିଶଗଡ ନିର୍ବାଚନୀ ଖବର ସଂଗ୍ରହ କରିବାକୁ ଯାଇ ମାଓବାଦୀଙ୍କ ଗୁଳିର ନିହତ ହୋଇଥିବା ଓଡିଆ ଫଟୋ ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କ ଗୁରୁବାର ଦଶାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଶନିବାର ତାଙ୍କ ଗଙ୍ଗା ଶ୍ରଦ୍ଧା ଦିବସ ଥିବା ବେଳେ ଶୁକ୍ରବାର ଭାଜପା ନେତା କନକବର୍ଦ୍ଧନ ସିଂଦେଓ ଓ ପୂର୍ବତନ ଏମ୍‌ପି ସଙ୍ଗୀତା ସିଂଦେଓ ଶହୀଦଙ୍କ ଘୁଷୁରାମୁଣ୍ଡାସ୍ଥିତ ଘରକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟିଥିଲେ। ଅଚ୍ୟୁତାନନ୍ଦଙ୍କ ବୃଦ୍ଧମା' ତୁଳସୀ, ବାପା ନରେନ୍ଦ୍ର ସାହୁ, ସ୍ତ୍ରୀ ହିମାଞ୍ଜଳି ଓ ପରିବାର ବର୍ଗଙ୍କୁ ଭେଟିବା ଅବସରରେ ପୁଅର ମୃତ୍ୟୁ ପରେ ସେମାନେ ସମ୍ମୁଖୀନ ହୋଇଥିବା ଆର୍ଥିକ ଦୁର୍ଗତି ବିଷୟରେ କହିଥିଲେ। ପୁଅ ଛତିଶଗଡରୁ ଫେରିଲେ ମା'ର କିଡନୀ ଅସ୍ତ୍ରୋପଚାର କରିବାକୁ କହିଥିଲା, ହେଲେ ସବୁ ସରିଗଲା ବୋଲି କହିଥିଲେ ନରେନ୍ଦ୍ର। ଏହି ପରିସ୍ଥିତିରେ ପରିବାର ଚଳାଇବା ପାଇଁ ଜଣେ ପୁଅକୁ ରାଜ୍ୟ ଅଥବା କେନ୍ଦ୍ର ସରକାର ଥଇଥାନ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ଅଚ୍ୟୁତାନନ୍ଦ ସାହାସୀ ଓ ଏକତାର ପରିଚୟ ଦେଇଛନ୍ତି। ଏଭଳି ଜଣେ ପ୍ରତିଭା ପ୍ରତି ରାଜ୍ୟ ସରକାରଙ୍କ ନୀରବତାକୁ ନେଇ କନକବର୍ଦ୍ଧନ ଦୁଃଖପ୍ରକାଶ କରିଥିଲେ। ଆସନ୍ତା ବିଧାନସଭା ଅଧିବେଶନ କାଳରେ ଭାଜପା ନିଶ୍ଚିତ ଆଲୋଚନା ପରିସରକୁ ଆଣିବ ଓ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶୁଦ୍ଧି କାର୍ଯ୍ୟ ସମାପନ ପରେ ପରିବାରର ଜଣଙ୍କୁ ଥଇଥାନ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବେ ବୋଲି ଅଚ୍ୟୁତଙ୍କ ପରିବାରକୁ ଆଶ୍ୱାସନା ଦେଇଥିଲେ । ଗସ୍ତ ଅବସରରେ ଜିଲା ପରିଷଦ ଅଧ୍ୟକ୍ଷା, ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ସରୋଜ କୁମାର ତ୍ରିପାଠୀ, ମଣ୍ଡଳ ଓ ଯୁବମୋର୍ଚ୍ଚା କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଅଚ୍ୟୁତାନନ୍ଦଙ୍କ ପରିବାରକୁ ଭେଟି ଆଲୋଚନା କରୁଛନ୍ତି ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂଦେଓ।

### ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା, ଚୟନ

**ବଙ୍ଗୋମୁଣ୍ଡା, ୯।୧୧(ଡି.ଏନ.ଏ.)**

ବଙ୍ଗୋମୁଣ୍ଡା ବ୍ଲକ ବେଲପଡା ପଞ୍ଚାୟତ ହାଇସ୍କୁଲଠାରେ ବ୍ଲକସ୍ତରୀୟ କ୍ରିକେଟ ଖେଳ ପ୍ରତିଯୋଗୀତା ଓ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ହାଇସ୍କୁଲ ପ୍ରଧାନଶିକ୍ଷକ ରସାନନ୍ଦ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବ୍ଲକସ୍ତରୀୟ ଖେଳ ସମ୍ପାଦକ ଆଶିଷ ଦେବ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଶିକ୍ଷକ ସମର କୁମାର ଜେନା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗୀତାରୁ ଚୟନ ହୋଇ ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି ।

### ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ

**ବଙ୍ଗୋମୁଣ୍ଡା, ୯।୧୧(ଡି.ଏନ.ଏ.)**

ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଅନ୍ତଃମହାବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଖେଳ ଶିକ୍ଷକ ଜୟପ୍ରକାଶ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀତାରେ ବିଭିନ୍ନ ବିଭାଗରୁ ଅଂଶଗ୍ରହଣ କରି ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଧିରଜ କୁମାର ପରାଭୋଇ ଜାଭଲିନ୍ ଥ୍ରୋରେ ଦ୍ୱିତୀୟ, ହାଇଜମ୍ପରେ ପୁରିତ ସାହୁ ଦ୍ୱିତୀୟ ଏବଂ ଚିନ୍ତାମଣୀ ଭୋଇ ୪୦୦ ମି. ଦୌଡରେ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ପୁରସ୍କୃତ ହୋଇଥିବା ଛାତ୍ର ମାନଙ୍କୁ ମହାବିଦ୍ୟାଳୟର ଅଧକ୍ଷ ଡ. ଶୁଭେନ୍ଦ୍ର କୁମାର ମେହେର ଏବଂ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର
ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ
ସକାଳ
୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ
ଦ୍ୱାରା ଓଜନ ବଢାନ୍ତୁ
ସବୁଦିନ କ୍ଲିନିକ୍
ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର୍,
ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ,
ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold,
Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିଯା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକା।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବଙ୍ଗୋମୁଣ୍ଡା ଧନୁଯାତ୍ରା ପ୍ରସ୍ତୁତି ବୈଠକ

ବଙ୍ଗୋମୁଣ୍ଡା, ୯।୧୧(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସଭାଗୃହଠାରେ ଧନୁଯାତ୍ରାର ଏକ ସମନ୍ୱୟ ବୈଠକ କମିଟି କାର୍ଯ୍ୟକାରୀ ସଭାପତି ଆନନ୍ଦ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଞ୍ଚଳରେ ଥିବା ଲାଇନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ଧନୁଯାତ୍ରା ସମିତି ସଦସ୍ୟ ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସହଯୋଗରେ ଧନୁଯାତ୍ରା ସୁରୁଖୁରୁରେ ପାଳନ କରିବା ନେଇ ଆଲୋଚନା ହୋଇଥିଲା। ଯାତ୍ରା କମିଟି ସମ୍ପାଦକ ଶରତ ଚନ୍ଦ୍ର ସିଂଭୋଇ, ବଙ୍ଗୋମୁଣ୍ଡା ସରପଞ୍ଚ ସୁଶାନ୍ତ ଯୋଷୀ, ନାରାୟଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବିକାଶ ପନିକା ଧନ୍ୟବାଦ ଅର୍ପଣ କରିଥିଲେ।

### ଚଳକିରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ

ଟିକ୍ରାପଡା, ୯।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଡୁକେରଚରାଠାରେ ଅଷ୍ଟ ପ୍ରହର ନାମ ଯଜ୍ଞ ସମ୍ପନ୍ନ ହୋଇଛି। ଏଥିରେ ପିତବାସ ଘିଭେଲା, ବିଳାସିନୀ ଘିଭେଲା କର୍ତ୍ତା ରହିଥିଲେ। ଅନ୍ତର୍ଯ୍ୟାମୀ ରାଜପଲିଆ ପୂଜକ ରହିଥିବା ବେଳେ ରଜନୀକାନ୍ତ ଦାସ ଯପକ ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ଗଦାଧର ବଗର୍ତ୍ତି, ଉପସଭାପତି ସତ୍ୟନାରାୟଣ ରାଜପଲିଆ, ସମ୍ପାଦକ ଅନ୍ତର୍ଯ୍ୟାମୀ ରାଜପଲିଆ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆମୁଣ୍ଡା, ସାଇମରା, ମାନ୍ଦୁଲୁପଡା, ଡୁକେରଚରା, ଗୁଡିଘାଟ, କୁକୁରିମହୁଲ ସଂକୀର୍ତ୍ତନ୍ୟ ଦଳ ନାମ ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ।

### ବିଶ୍ୱ ଆୟୁର୍ବେଦ ଦିବସ ପାଳିତ

ଟିକ୍ରାପଡା, ୯।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବୁଡାବାହାଲ ପଞ୍ଚାୟତ ଧୁମାପାଲିଠାରେ ଧନ୍ୱନ୍ତରୀ ଭେଷଜ ସମିତି ଆନୁକୂଲ୍ୟରେ ବିଶ୍ୱ ଆୟୁର୍ବେଦ ଦିବସ ସମାରୋହରେ ପାଳିତ ହୋଇଯାଇଛି। ଜଗବନ୍ଧୁ ଦାସ ପଜ୍ଜ୍ୱଳ ଦାୟିତ୍ୱ ତୁଲାଇଥିଲେ। ଆବାହକ ପ୍ରକୃତିବନ୍ଧୁ କବିରାଜ ସୁରେନ୍ଦ୍ର ଭୋଇ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଜିଲା ପରିଷଦ ଉପାଧକ୍ଷ ପାଣ୍ଡବ ସାହୁ ମୁଖ୍ୟ ଅତିଥି କବିରାଜ କୃଷ୍ଣଚନ୍ଦ୍ର ସାହୁ, ଜ୍ୟୋତିର୍ବିଦ ପ୍ରଦୀପ କୁମାର ଜାଲ ବକ୍ତାଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ଗୌତମ କ୍ଷେତି, ବୁଡାବାହାଲ ସରପଞ୍ଚ କପିଳ ଭୋଇ, ସଇଁତଳା ସରପଞ୍ଚ ଭୀମସେନ ସ୍ୱାଇଁ, ଡେଙ୍ଗ ସରପଞ୍ଚ ଜେମାମଣୀ ମଲ୍ଲିକ, ସମ୍ମାନିତ ଅତିଥି ରହିଥିଲେ। ଭଗବାନ ଧନ୍ୱନ୍ତରୀଙ୍କ ପୂଜନ କାର୍ଯ୍ୟ ସମାହିତ ହୋଇଥିଲା। ମିନକେତନ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

**ଆଜି କ'ଣ କେଉଁଠି**
ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଟିଟିଲାଗଡ଼ ଜିଲା ଦାବି

# ସମର୍ଥନରେ ବାହାରିଲା ବଙ୍ଗୋମୁଣ୍ଡା ସରପଞ୍ଚ ସଂଘ

ଟିଟିଲାଗଡ଼, ୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଜିଲା ଦାବିକୁ ଟିଟିଲାଗଡ ଉପଖଣ୍ଡର ବିଭିନ୍ନ ସଂଗଠନ, ଲୋକପ୍ରତିନିଧି, ଆଇନଜୀବୀ, ଶିକ୍ଷାବିତ, ଛାତ୍ରଙ୍କ ସମର୍ଥନର ସୁଅ ଛୁଟିଛି। ଜିଲା କ୍ରିୟାନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିବା ଗଣଧାରଣା ଶୁକ୍ରବାର ନବମ ଦିନରେ ପହଞ୍ଚିଛି। ଶୁକ୍ରବାର ଜିଲା ଦାବିକୁ ସମର୍ଥନ କରି ବଙ୍ଗୋମୁଣ୍ଡା ବ୍ଲକର ୨୬ଟି ପଞ୍ଚାୟତର ସରପଞ୍ଚ ସାମିଲ ହୋଇଥିଲେ। ସଂଘର ସଭାପତି ଉପେନ୍ଦ୍ର ମେହେର, ସମ୍ପାଦକ ହେମଲତା ବେହେରା, କୋଷାଧକ୍ଷ ରାଜା ଥନାପତି, ରାଜକିଶୋର କୁମ୍ଭାର, ସୁଶାନ୍ତ ଯୋଷୀ, ଚନ୍ଦ୍ରକାନ୍ତି ରଣା, ମୋହନ ଜାଲ, ଭାନୁମତି ଭୋଇ, ଅହଲ୍ୟା ସାହୁ, କୁଳମଣୀ ନାଗ, ଅଞ୍ଜଳି ତାଣ୍ଡୀ, ସସ୍ମିତା ବେହେରା, ବିନୋଦିନୀ ଭୋଇ, ହରିବନ୍ଧୁ ବିଶ୍ୱାଳ, ଭଗବାନ ଦାସ ଛୁରା ପ୍ରମୁଖ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରାରେ ଆସି ଧାରଣାରେ ଯୋଗଦେଇଥିଲେ। ଦୀର୍ଘ ୧୦୦ କିଲୋମିଟର ଦୂର ଜିଲା ମୁଖ୍ୟାଳୟ ବଲାଙ୍ଗୀରକୁ ସାଧାରଣ ଜନତା ସର୍ବଦା ବିଭିନ୍ନ କାର୍ଯ୍ୟରେ ଧାଇଁବା ଦୁର୍ବିସହ ହୋଇପଡିଥିବା ନେଇ ତୁରନ୍ତ ଟିଟିଲାଗଡ ଜିଲା ଗଠନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ସହକାରୀ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଅପରପକ୍ଷରେ ଆସନ୍ତା ରବିବାର ଟିଟିଲାଗଡ ସହରରେ ମାନବଶୃଙ୍ଖଳ ସୃଷ୍ଟି କରିବା ନେଇ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ଗ୍ରହଣ କରିଛି। ଏ ନେଇ ହଜାରହଜାର ଯୁବ ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ କର୍ମୀ, ସହରର ବିଭିନ୍ନ ଛାମୁଆ ସାମାଜିକ ସଂଗଠନ ମାନବ ଶୃଙ୍ଖଳ ଜରିଆରେ ଆନ୍ଦୋଳନରେ ସାମିଲ ହେବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖପାତ୍ର ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ ଏବଂ ରବିକିରଣ ସ୍ୱାଇଁ ଆହ୍ୱାନ କରିଛନ୍ତି। ଗତ ୧ତାରିଖଠାରୁ ଜିଲା ଦାବି ଆନ୍ଦୋଳନ ଜାରି ରହିବା ନେଇ ଟିଟିଲାଗଡ କୋର୍ଟ ସମେତ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ, ରେଜିଷ୍ଟ୍ରି, ଟ୍ରେଜେରି, ଉପଖଣ୍ଡ ଯୋଗାଣ ଅଧିକାରୀ ଆଦି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟଗୁଡିକ ବନ୍ଦ ରହିଛି। ଆଗାମୀ ଦିନରେ ଟିଟିଲାଗଡ ଉପଖଣ୍ଡ ଅଞ୍ଚଳରେ ବନ୍ଦ ଡାକରା ନେଇ କ୍ରିୟାନୁଷ୍ଠାନ କମିଟି ରୂପରେଖ ପ୍ରସ୍ତୁତ କରିଥିବା ସୂଚନା ମିଳିଛି।



ଜିଲା ଦାବି ନେଇ ବଙ୍ଗୋମୁଣ୍ଡା ସରପଞ୍ଚ ସଂଘ ସଭ୍ୟମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

### କରଣ ସମାଜର ବାର୍ଷିକ ଉତ୍ସବ

ପାଟଣାଗଡ, ୯।୧୧(ଡି.ଏନ.ଏ.)

ପାଟଣାଗଡ କରଣ ସମାଜ ତରଫରୁ ଚିତ୍ରଗୁପ୍ତ ଦେବତାଙ୍କ ପୂଜନୋତ୍ସବ ତଥା କରଣ ସମାଜର ବାର୍ଷିକ ଉତ୍ସବ ସ୍ଥାନୀୟ ଓଁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନ ୯ଟାରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ସମାଜର ସାମାଜିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ତିନିବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ଦର୍ପଗଞ୍ଜନ ପଟ୍ଟନାୟକ, ଉପସଭାପତି ଚିନ୍ତାମଣି ପଟ୍ଟନାୟକ, ସମ୍ପାଦକ ଶିବ ନାରାୟଣ ପଟ୍ଟନାୟକ, ସହସମ୍ପାଦକ ସୁଜିତ ବହିଦାର, କୋଷାଧକ୍ଷ ବିଜୟ ପରିଚ୍ଛାଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରିଣୀ ସଦସ୍ୟଭାବେ କୁଞ୍ଜ ପଟ୍ଟନାୟକ, ମାନଭଞ୍ଜନ ରାୟ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବିମାନ ପଟ୍ଟନାୟକ, ସୁବ୍ରତ ପଟ୍ଟନାୟକ, ଦିଲିପ ଦାସଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ବିରଞ୍ଚି ନାରାୟଣ କୁଅଁର, ଅନନ୍ତ ଚରଣ ପଟ୍ଟନାୟକ, ପଞ୍ଚାନନ ବହିଦାର ପ୍ରମୁଖ ରହିଥିଲେ।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ଯୁବକ ଗୁରୁତର

ବେଲପଡା, ୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ହାଇସ୍କୁଲ ଖେଳପଡିଆରେ କୀର୍ତ୍ତନ ବନଛୋର(୨୮)ନାମକ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ମାରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଗୁରୁତରଙ୍କୁ ବେଲପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ବେଲପଡା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଦିନମଜୁରିଆ ଭାବେ କାମ କରୁଥିବା କୀର୍ତ୍ତନ ଶୁକ୍ରବାର ସନ୍ଧ୍ୟା ୭ଟାରେ ଫୁଟବଲ ପଡିଆରେ ବସିଥିଲେ। ଜାଗା ଅନ୍ଧାରୁଆ ଥିବାବେଳେ ୨ଟି ବାଇକରେ ୪ଜଣ ଅଜଣା ଯୁବକ ଆସି ତାଙ୍କୁ ବାଇକ ଚାବି ମାଗିଥିଲେ। ଦେବାକୁ ମନା କରି ଚାବିକୁ ଯୁବକ ଜରକ ଫିଙ୍ଗିଦେଇ ଚିତ୍କାର କରିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଚିତ୍କାର ଶୁଣି କେତେକ ଯୁବକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ଆକ୍ରମଣର ଶିକାର ଯୁବକ ଜଣକ ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ ମୌଖିକ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରାଯିବ ବୋଲି କହିଛି।

## ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ ପଦମପୁର

ଟିଟିଲାଗଡ଼, ୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବୀର ହନୁମାନ ବ୍ୟାୟାମଶାଳା ପକ୍ଷରୁ ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆରେ ଆୟୋଜିତ ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର 'ଏ' ଗ୍ରୁପର ପ୍ରଥମ ସେମିଫାଇନାଲ ମ୍ୟାଚରେ ପଦମପୁର ଦଳ ଜବଦଲପୁରକୁ ଭେଟିଥିଲା। ଏଥିରେ ପଦମପୁର ଦଳ ୨–୦ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ଟିଟିଲାଗଡ ପୌର ପରିଷଦ ଅଧକ୍ଷ ଗୋବର୍ଦ୍ଧନ ନାଗ ମୁଖ୍ୟଅତିଥି ତଥା ପଞ୍ଚାୟତ ସମିତି ଉପାଧକ୍ଷ ଭୋଦର ମାଝୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ନବିନ ନାୟକ, ଛବିଲାଲ ନାୟକ, ଚଞ୍ଚଳ ମାଝୀ, ରାଜେଶ ସ୍ୱାଇଁ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ଦିଲୀପ ବାଗ, ଗୁଟୁ ବାଗ, ବବ୍ଲୁ ରତେଇ, ରତନ ହାତି, ରବି ବାଗ, ମୁନା ବାରିକ, ତପନ ହେର୍ଣ୍ଣା, ଦିଲୀପ ବେହେରା, ଏମଡି ଖାଲିଦ ପ୍ରମୁଖ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି।


ଶୁକ୍ରବାର ଖେଳା ଯାଇଥିବା ମ୍ୟାଚର ଖେଳାଳିଙ୍କ ସହ ଅତିଥିମାନେ।

ଭତ୍ତା ପ୍ରଦାନ ଦାବି

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୃଦ୍ଧାବୃଦ୍ଧଙ୍କ ବିକ୍ଷୋଭ

ସଇଁତଳା, ୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବେଲଗାଁ ପଞ୍ଚାୟତର ବହୁ ବୃଦ୍ଧାବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କ ଦାବି ପୂରଣ ହୋଇନାହିଁ। ତୁରନ୍ତ ଭତ୍ତା ପ୍ରଦାନ ଦାବିରେ ଶୁକ୍ରବାର ବହୁ ବୃଦ୍ଧାବଦ୍ଧ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡ଼ିଓ ଚିତ୍ତରଞ୍ଜନ ବନଗୁଲାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକରେ ନୂତନ ଭାବରେ ୨୯୦୦ରୁ ଅଧିକ ହିତାଧିକାରୀ ଏହି ଯୋଜନାରେ ଚିହ୍ନଟ ହୋଇଥିବାବେଳେ ଗତ ୪ମାସରୁ ଅଧିକ ହେଲା ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ। ଗତ ୪ମାସ ହେବ ବେଲଗାଁ ପଞ୍ଚାୟତର ହିତାଧିକାରୀମାନେ ଯୋଗ୍ୟ ବିବେଚିତ ହୋଇସାରିଥିବାବେଳେ ଭତ୍ତା କେବେ ବଣ୍ଟନ ହେବ ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ ସମିତି ସଭ୍ୟ ଦୀପକ ଅଗ୍ରୱାଲ। ପଞ୍ଚାୟତର ୧୪୦ଜଣ ବୃଦ୍ଧାବୃଦ୍ଧ ବ୍ଲକ କାର୍ଯ୍ୟାଳୟକୁ ଆସି ଆଜି ହିଁ ଭତ୍ତା ପ୍ରଦାନ କରାଯାଉ ବୋଲି ବିଡ଼ିଓ ବନଗୁଲାଙ୍କ ନିକଟରେ ଦାବି କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିଡ଼ିଓ ବନଗୁଲାଙ୍କୁ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ଦ୍ଧାରିତ ତାରିଖ ସରକାର ପ୍ରଦାନ ନ କରିବା ପର୍ଯ୍ୟନ୍ତ ଆମ୍ଭେ ଭତ୍ତା ବଣ୍ଟନ କରିପାରିବୁ ନାହିଁ ବୋଲି କହିଥିଲେ। ଏ ବିଷୟରେ ଜିଲାପାଳଙ୍କୁ ଅବଗତ କରିଛି ଏବଂ ନିର୍ଦ୍ଦେଶ ଆସିଲେ ଯାହା କିଛି କହିପାରିବି ବୋଲି କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଅଧ୍ୟକ୍ଷା ଅହଲ୍ୟା ମଲ୍ଲିକ, ଉପାଧ୍ୟକ୍ଷ ପ୍ରମୋଦ ଭୋଇ, ସମିତି ସଭ୍ୟ ଅଗ୍ରୱାଲ, ପୂର୍ବତନ ସମିତି ସଭ୍ୟ ରଣଜିତ ସିଂବାବୁ, ସୁବ୍ରତ କୁମାର ବେହେରା, ଗିରିଧାରୀ ପଟେଲ, ରାଧିକା ମନହୀରା, ପର୍ଶୁରାମ ଭୋଇ, ରାଜାରାମ ରଣା, କୃଷ୍ଣଚନ୍ଦ୍ର ବଗର୍ତ୍ତୀ, ପରମେଶ୍ୱର ବଗର୍ତ୍ତୀ, ବୈଶାଖୁ ରଣା, ବୁଧ ନନ୍ଦ, ଶୁଭ ପଟେଲ, ପଟନୀ ରଣା, ଚଉଠି ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭତ୍ତା ପାଇ ପାରି ନ ଥିବା ବୃଦ୍ଧାବୃଦ୍ଧ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

## ଗୁଲମୀ, ମୁରିବାହାଲ ବିଜୟୀ

ବେଲପଡା, ୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ତଲପଡା ସୁବାଷ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଗିରିଗୋବର୍ଦ୍ଧନ ଖେଳପଡିଆଠାରେ ଚାଲିଥିବା ୧୨ତମ ଜିଲା ସ୍ତରୀୟ ଫୁଲବଲ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଦିବସରେ ୨ଟି ମ୍ୟାଚ ଖେଳ ହୋଇଥିଲା। ପ୍ରଥମ ଖେଳ ଗୁଲମୀ ବନାମ ବୁଡାପାଲି ମଧ୍ୟରେ ହୋଇଥିଲା। ଗୁଲମୀ ୧–୦ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ଖେଳ ଖୁଟଣାପାଣି ବନାମ ମୁରିବାହାଲ ଦଳ ମଧ୍ୟରେ ହୋଇଥିଲା। ଏଥିରେ ମୁରିବାହାଲ ୪–୨ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ରାଜେନ୍ଦ୍ର ସେଠ, ଉମେଶ ଧରୁଆ, ଧ୍ରୁବଚରନ ପ୍ରଧାନ ପରିଚାଳନା କରିଥିଲେ। ସୁବାଷ ଯୁବକ ସଂଘ ସଭାପତି ଭୁବନେଶ୍ୱର ପୁଟେଲ, ସମ୍ପାଦକ ଉମାକାନ୍ତ ସେଠ, ଟିମ ମ୍ୟାନେଜର କମଳ ମେହେର, ଧମେନ୍ଦ୍ର ସେଠ,ରାଜ କୁମାର ସେଠ,ଗୋବିନ୍ଦ ଗହିର, ହିମାଂଶୁ ପୁଟେଲ,ଜନ୍ମେଜୟ ପୁଟେଲଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜିତ ହେଉଅଛି। ଆଜି ମୁଖ୍ୟ ଅତିଥିଭାବେ ବେଲପଡା ସରପଞ୍ଚ ମହାଦେବ ମେହେର, ସମିତି ସଭ୍ୟ ଆଲୋକ ବେହେରା ଯୋଗ ଦେଇଥିଲେ। ଗୁରବାର ବିଜେଡି ନେତା ସରୋଜ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ।

## ସମିତି ସଭ୍ୟାସଭ୍ୟଙ୍କ ଧାରଣା ପ୍ରତ୍ୟାହୃତ

ଖପ୍ରାଖୋଲ, ୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସମ୍ମୁଖରେ ୮ ଦଫା ଦାବି ନେଇ ଗତ ୫ ତାରିଖରୁ ଚାଲିଥିବା ସମିତି ସଭ୍ୟାସଭ୍ୟଙ୍କ ଧାରଣା ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ବ୍ଲକରେ ଉନ୍ନୟନ କାମରେ ହେରଫେର, ପ୍ରତି ୨ମାସରେ ସମିତି ବୈଠକ ବସୁ ନ ଥିବା, ସମିତି ବିନା ଅନୁମୋଦନରେ ହୋଇଥିବା ଉନ୍ନୟନ କାମ, କାର୍ଯ୍ୟାଦେଶ ଖାରଜ, ବିଜୁ ପକ୍କା ଘର ଚୟନ ସର୍ବ ସାଧାରଣରେ ପ୍ରକାଶ, ପିସି କାରବାର ବନ୍ଦ ଭଳି ୮ ଦଫା ଦାବି ନେଇ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ମେହେରଙ୍କ ନେତୃତ୍ୱରେ ଧାରଣାରେ ବସିଥିଲେ। ହେଲେ ଆନ୍ଦୋଳନର ୫ ଦିନ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା ଧାରଣାସ୍ଥଳକୁ ଯାଇ ସମିତି ସଭ୍ୟାସଭ୍ୟଙ୍କ ସହ ଆଲୋଚନା କରିଥିଲେ। ୮ଦଫା ଦାବି ମଧ୍ୟରୁ କେତେକ ଦାବି ପ୍ରଶାସନିକସ୍ତରରେ ସମାଧାନ ଆରମ୍ଭ ହୋଇଥିବାବେଳେ ଅନ୍ୟ ଦାବିଗୁଡିକ ମଧ୍ୟ ସମାଧାନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଅବସରରେ ସରକାରୀ ଯନ୍ତ୍ରୀ ସୌମ୍ୟ କିଶୋର ଜଏପୁରିୟା, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଘୁନାଥ ସିଂ ବରିହା, ସୁଦ୍ଧାର୍ଥୀ ପଟେଲ, ଧାରଣାରତ ବ୍ଲକ ଉପାଧ୍ୟକ୍ଷ ମେହେର, କଳାକାହ୍ନୁ ବାରିକ, ମହନ ସୁନା, ରୋହିତାଶ୍ୱ ମେହେର, ଶୋଭନମୟ ମିଶ୍ର, ଲକ୍ଷ ପଧାନ, ଖୁଲଣା ଧରୁଆ, ଜୟନ୍ତୀ ଭୋଇ, ବୈଦେହୀ ସେଠ ପ୍ରମୁଖ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।


ଖପ୍ରାଖୋଲ ବ୍ଲକ ଅଫିସ ସମ୍ମୁଖରେ ଧାରଣାରତ ସମିତି ସଭ୍ୟାସଭ୍ୟ।

ବିମୁଦ୍ରୀକରଣର ୨ବର୍ଷ ପୂର୍ତ୍ତିରେ କଂଗ୍ରେସ ପାଳିଲା କଳା ଦିବସ

## ଫାଶୀବାଦୀ ସରକାରର ଅସଲ ଚେହେରା ବୁଝିବାକୁ ହେବ

ବଲାଙ୍ଗୀର ଅଫିସ, ୯।୧୧

ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତିକୁ ବଲାଙ୍ଗୀର କଂଗ୍ରେସ ପକ୍ଷରୁ କଳା ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ପ୍ରତିବାଦ ସଭା ଓ ବିକ୍ଷୋଭ ସମାବେଶ କରାଯାଇଥିଲା। ଜିଲା କଂଗ୍ରେସ କମିଟି ଉପସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶତାଧିକ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇ କେନ୍ଦ୍ର ଭାଜପା ସରକାରକୁ କଡା ସମାଲୋଚନା କରିଥିଲେ। ସଭାରେ ପ୍ରଦେଶ କଂଗ୍ରେସ କମିଟି ବରିଷ୍ଠ ମୁଖପାତ୍ର ସମରେନ୍ଦ୍ର ମିଶ୍ର ଯୋଗଦେଇ ଦୁଇ ବର୍ଷ ତଳେ ବିମୁଦ୍ରୀକରଣ ନିଷ୍ପତ୍ତି ନେଇ ଫାଶୀବାଦୀ ସରକାର ତାଙ୍କ ଅସଲ ଚେହେରା ଦେଖାଇଥିଲେ ଓ ଏଥିରେ ଦେଶର ପ୍ରଗତିଶୀଳ ଅର୍ଥନୀତି ବହୁଳ ଭାବେ ପ୍ରଭାବିତ ହୋଇଛି ବୋଲି କହିଥିଲେ। ଏହି ଫାଶୀବାଦୀ ସରକାରଙ୍କ ଅସଲ ଚେହେରାକୁ ବୁଝିବାକୁ ପଡିବ ନଚେତ୍ ଦେଶ ଆହୁରି ରସାତଳଗାମୀ ହୋଇପଡିବ ବୋଲି ସେ କହିଥିଲେ। ଅବିଚାରିତ ବିମୁଦ୍ରୀକରଣ ଯୋଗୁଁ ଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଦୋହଲି ଯାଇଛି ଓ ଏଥିଯୋଗୁଁ ଆଜି ପର୍ଯ୍ୟନ୍ତ କ୍ଷୁଦ୍ର, ମଧ୍ୟମ ବ୍ୟବସାୟୀ ଉଭୁରି ପାରିନାହାନ୍ତି। ବିମୁଦ୍ରୀକରଣ ପରେ ଆତଙ୍କବାଦ, ମାଓବାଦ କମିଯିବ, ଦୁର୍ନୀତିଖୋର ଧରାପଡିବେ ଓ ଦେଶର ଅର୍ଥନୀତି ସମୃଦ୍ଧ ହେବ ବୋଲି କୁହାଯାଇଥିବାବେଳେ ଏହି ନିଷ୍ପତ୍ତିର ଦୁଇବର୍ଷ ପରେ ଦେଶ ଆତଙ୍କବାଦ, ମାଓବାଦ୍ ଓ ଅର୍ଥନୈତିକ ସଙ୍କଟ ଦେଇ ଗତିକରୁଛି। ପେଟ୍ରୋଲ ଓ ଡିଜେଲ ମୂଲ୍ୟବୃଦ୍ଧି ସୀମା ଟପିଗଲାଣି। ବିମୁଦ୍ରୀକରଣ ଯୋଗୁଁ ଦେଶର ଜାତି, ଧର୍ମ, ବର୍ଣ୍ଣ ସମ୍ପ୍ରଦାୟ, ଗରିବ ଖଟିଖିଆ ଓ ମଧ୍ୟବିତ୍ତ ବର୍ଗ ଘୋର ଚାପର ସମ୍ମୁଖୀନ ହେଉଥିବାବେଳେ କେବଳ ଭାଜପା ଦଳ ହିଁ ସବୁ ଲାଭ ଉଠାଇ ନେଇଛି ବୋଲି ସେ କହିଥିଲେ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସାନନ୍ଦ ମିଶ୍ର, ସରୋଜ ରଥ, ବରିଷ୍ଠ କଂଗ୍ରେସ ନେତା ଅଶୋକ ନନ୍ଦ, ଚାଷୀନେତା ସୁଧୀର କୁମାର ପରିଚ୍ଛା, ପିସିସି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ବଲହାନ୍ ସାଗର, ସତ୍ୟାନନ୍ଦ ସୁନା, ଓମ୍ ପ୍ରକାଶ ବିଶ୍ୱାଳ, ହିମାଂଶୁ ନାଏକ, ପ୍ରେମ ପ୍ରକାଶ ମିଶ୍ର, ତ୍ରିଲୋଚନ ନନ୍ଦ, ଭଞ୍ଜ କିଶୋର ନାଗ, ବିକାଶ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ବିମୁଦ୍ରୀକରଣ, ଜିଏସ୍ଟି, ରାଫେଲ, କୋଟିପତିଙ୍କ ପଳାୟନ ପ୍ରସଙ୍ଗରେ ବକ୍ତାମାନେ ଭାଜପା ସରକାରକୁ ଘେରିଥିଲେ। ଏହି ସମାବେଶରେ ପିସିସି ସମ୍ପାଦକ ସୁଦାମ ସାହୁ, ଜିଲା ଉପସଭାପତି ସନ୍ତକ ବହିଦାର, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମିଶ୍ର, ବରିଷ୍ଠ କାର୍ଯ୍ୟକର୍ତ୍ତା ପବିତ୍ର ବେହେରା, ଓମ୍ କୁମ୍ଭାର, ମାନସ ମହାନ୍ତି, ଅମୀୟ ମିଶ୍ର, ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶେଷରେ ଜିଲା କଂଗ୍ରେସ କମିଟି ବରିଷ୍ଠ କାର୍ଯ୍ୟକର୍ତ୍ତା ରାମ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କଂଗ୍ରେସ କର୍ମୀ ଓ ନେତାମାନେ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।

- ଜର୍ଜ ବର୍ଣ୍ଣାଡ ଶ'



# ଜିଲାସ୍ତରୀୟ ସ୍କୁଲସମୂହ ଖେଳକୁଦ ପ୍ରତିଯୋଗିତା

**ସବ୍‌ଡେଗା,୯।୧୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲାସ୍ତରୀୟ ୬୪ତମ ଖେଳକୁଦ ପ୍ରତିଯୋଗିତା ସ୍ଥାନୀୟ ନ୍ୟୁଓଡ଼ିଶା ଉଚ୍ଚ ବିଦ୍ୟାଳୟ ଗାଇବିରା ଖେଳପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ଼ ଉପଜିଲାପାଳ ବୀରସେନ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପଧାନ, ଆଞ୍ଚଳିକ ସହଯୋଗ ଡିଗ୍ରୀ କଲେଜ ଅଧ୍ୟକ୍ଷା ସଂଘମିତ୍ରା ସାହୁ, ଲେଫ୍ରିପଡ଼ା ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ସୁନ୍ଦରଗଡ଼ ଜିଲା ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସବ୍‌ଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କା, ଉପେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଧାରୀ ଡନସନା, ଗାଇବିରା ନ୍ୟୁ ଓଡ଼ିଶା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରିମିଶ ଟେଟେ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏଥିରେ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ବାଳକ ଓ ବାଳିକାଙ୍କର ୧୦୦, ୨୦୦, ୪୦୦, ୬୦୦, ୮୦୦, ୧୫୦୦, ୩୦୦୦ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଡିସକସ୍ ଥ୍ରୋ, ଜାଭଲିନ ଥ୍ରୋ, ସଟପୁଟ ଆଦି ପ୍ରତିଯୋଗିତା ହୋଇଥିଲା। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି। ପ୍ରାୟ ୨୫୦ ଜଣ ପ୍ରତିଯୋଗୀ ନିଜ ପାରଦର୍ଶିତା ଦେଖାଇଥିଲେ। ସବ୍‌ଡେଗା ବ୍ଲକର ସମସ୍ତ ଖେଳ ଶିକ୍ଷକଙ୍କ ସହ ଅନ୍ୟ ଖେଳଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଏବିଇଓ ଅକ୍ଷୟ କୁମାର ବେହେରାଙ୍କ ନେତୃତ୍ୱରେ ସିଆର୍‌ସିସି ଅର୍ଜୁନ ରୋହିଦାସ, ପ୍ରଶାନ୍ତ ନାଏକ, ମହେନ୍ଦ୍ର ତନ୍ତି, ସଞ୍ଜୟ ଗରଡିଆ, ଲଙ୍କେଶ୍ୱର ନାଏକ, ସୁଦାମା ମାଝି, ସୁରେଶ ପୃଷେଟ, ନରେନ୍ଦ୍ର ପୁରୋହିତ, ଶିକ୍ଷକ କୃଷ୍ଣଚନ୍ଦ୍ର ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ସୁନ୍ଦରଗଡ଼ ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତାର ଅତିଥି, ବକ୍ତା ଓ ଆୟୋଜକ।

## ସଂକ୍ଷେପରେ

### ବଡ଼ଗାଁ ଆଇଟିଆଇରେ ସ୍କାଉଟ, ଗାଇଡ ପ୍ରତିଷ୍ଠା ଦିବସ

**ବଡ଼ଗାଁ, ୯।୧୧ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଆଇଟିଆଇ ପରିସରରେ ସ୍କାଉଟ, ଗାଇଡ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇଟିଆଇ ନିର୍ଦ୍ଦେଶକ ତଥା ଭାରତ ସ୍କାଉଟ, ଗାଇଡ କମିଶନର ଡ. ଅରୁଣ କୁମାର ନାୟକ ମୁଖ୍ୟଅତିଥି, ରୋଭର ଲିଡର ଶରତ ଭୋଇ, ରେଞ୍ଜର ଲିଡର ସରିତା କମାର, ଲାୟନ କେଶବ ଚନ୍ଦ୍ର ସାହୁ, ଲାୟନ ସତ୍ୟେନ୍ଦ୍ର ବେହେରା, ନିହାରରଞ୍ଜନ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପତାକା ଉତ୍ତୋଳନ ପରେ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ୪୦ଜଣ ରୋଭର ରେଞ୍ଜର, ୨୪ ଜଣ ସ୍କାଉଟ, ଗାଇଡ ଏବଂ ୨୪ ଜଣ କପ୍ ବୁଲବୁଲ ଯୋଗଦେଇଥିଲେ। ସଭାରେ ଅତିଥିମାନେ ସ୍କାଉଟ, ଗାଇଡ ଉପରେ ବୁଝାଇଥିଲେ। ଗାନ୍ଧାରୀ ବାର୍ଲା ମଞ୍ଚ ପରିଚାଳନା କରିଥିବା ବେଳେ ମଧୁସ୍ମିତା ସାମଲ, ସୌରଭ ପଣ୍ଡା ସହଯୋଗ କରିଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା ଘଟଣା: ପ୍ରେମିକ ଗିରଫ

**ସୁନ୍ଦରଗଡ଼/ବିଶ୍ରା, ୯।୧୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ଏର୍ଲା ଗ୍ରାମର ଜନୈକା ଯୁବତୀ (୧୮) କୌଣସି ବିଷାକ୍ତ ଜିନିଷ ଖାଇ ଗୁରୁବାର ଆତ୍ମହତ୍ୟା କରିଥିଲେ। ବିଶ୍ରା ପୋଲିସ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଏହି ଆତ୍ମହତ୍ୟା ଘଟଣାରେ ପୋଲିସ ଯୁବତୀଙ୍କ ପ୍ରେମିକଙ୍କୁ ଗିରଫ କରିଛି। ଯୁବତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତାଙ୍କ ଝିଅ ପ୍ରେମିକ ସହ ଫୋନରେ କଥା ହେବାବେଳେ କଳିଝଗଡ଼ା ହୋଇଥିଲା। ତେଣୁ ସେ ବିଷ ଖାଇଦେଇଥିଲେ। ଗତ ଦେଢବର୍ଷ ହେବ ବିଶ୍ରା ଫରେଷ୍ଟ ରେଞ୍ଜରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ଼ ରତନ ମହାକୁଳ ଯୁବତୀଙ୍କୁ ଭଲ ପାଇଆସୁଥିଲେ। ତାଙ୍କର ବର୍ଷେ ହେବ ଏଠାରୁ ବଦଳି ହୋଇଯାଇଥିଲେ ମଧ୍ୟ ସେମାନଙ୍କର ପ୍ରେମ ଚାଲିଥିଲା। ପ୍ରେମ କରି ବିବାହ ନ କରିବାକୁ ନେଇ ପ୍ରେମିକା ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ଯୁବତୀଙ୍କ ବାପାଙ୍କ ଅଭିଯୋଗ ଅନୁସାରେ ବିଶ୍ରା ଥାନା ଅଧିକାରୀ ବିକାଶ ସ୍ୱାଇଁ ମାମଲା ରୁଜୁ କରି ଫରେଷ୍ଟ ଗାର୍ଡ଼ ରତନ ମହାକୁଳଙ୍କୁ ଗିରଫ କରିଛନ୍ତି।

# ନିଆଁରେ ଦୋକାନ ଘର, ବାଇକ୍ ଜଳିଗଲା

**ରାଜଗାଙ୍ଗପୁର,୯।୧୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧୀନ ରାଜଗାଙ୍ଗପୁର କୋର୍ଟ ପାଖରେ ଥିବା ଏକ ଦୋକାନ ଗୃହକୁ କେହି ନିଆଁ ଲାଗାଇ ଦେଇଥିବା ଦୋକାନ ମାଲିକ ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଚଳାଇଥିବା ରାଜଗାଙ୍ଗପୁର ଥାନା ଅଧିକାରୀ ପ୍ରଦୀପ କମାର ଜେନା ପ୍ରକାଶ କରିଛନ୍ତି । ଅଭିଯୋଗ ମୁତାବକ, ରାଜଗାଙ୍ଗପୁର କୋର୍ଟ ପାଖରେ ସୁବାଷ ହାତୀଙ୍କ ଏକ ଦୋକାନ ରହଛି । ଗତ ବୁଧବାର ଦୀପାବଳି ସନ୍ଧ୍ୟାରେ ଦୋକାନ ସମ୍ମୁଖରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ସୁବାଷ ସେମାନଙ୍କୁ ବୁଝାଶୁଝା କରି ଘରକୁ ପଠାଇ ଦେଇଥିଲେ । ହେଲେ ଗୋଟିଏ ଗୋଷ୍ଠୀର କିଛି ଯୁବକ ସୁବାଷଙ୍କ ଘରକୁ ଆସି ଥିଲେ । କିଛି ସମୟ ପରେ ସେମାନେ ସେଠାରୁ ଚାଲି ଯାଇଥିଲେ। ଅନ୍ୟପକ୍ଷେ ଦୋକାନରେ ନିଆଁ ଲାଗିଯାଇଥିବା ନେଇ ଗ୍ରାମର କିଛି ଯୁବକ ସୁବାଷଙ୍କ ଘରକୁ ଆସି ଜଣାଇଥିଲେ। ସୁବାଷଙ୍କ ପୁଅ ଏବଂ ତାଙ୍କ ଜଣେ ଭାଇଙ୍କ ସହ ଗ୍ରାମର କିଛି ଯୁବକ ନିଆଁ ଲିଭାଇବାକୁ ଯାଇଥିଲେ। ନିଆଁକୁ ସେମାନେ ଆୟତ୍ତ କରିଥିବା ବେଳେ ଦୋକାନ ଘର ସହ ସେଠାରେ ଥିବା ଏକ୍ ବାଇକ୍ ପୋଡି ଯାଇଥିଲା। ସେତିକିବେଳେ ସୁବାଷଙ୍କ ଘରକୁ ଯାଇଥିବା ଗୋଷ୍ଠୀର କେତେଜଣ ଯୁବକ ସୁବାଷଙ୍କ ପୁଅ, ଭାଇ ଏବଂ ନିଆଁ ଲିଭାଇବାକୁ ଯାଇଥିବା ଗ୍ରାମର ଯୁବକଙ୍କୁ ମାଡ ମାରିଥିବା ସୁବାଷ ଅଭିଯୋଗ କରିଛନ୍ତି। ଏପରି କି ତାଙ୍କ ଦୋକାନରେ ନିଆଁ ଲଗାଇ ଦେଇଥିବା ମଧ ଲିଖିତ ଭାବେ ଜଣାଇଛନ୍ତି।

# ବଡ଼ଗାଁ ଦେବମଣ୍ଡପରେ ଜୁଆଖେଳ ନେଇ ଅସନ୍ତୋଷ

**ବଡଗାଁ,୯।୧୧(ଡି.ଏନ.ଏ)**

ପଶାଖେଳରୁ ମହାଭାରତ ଯୁଦ୍ଧର ଆରମ୍ଭ ହୋଇଥିଲା। ଏନେଇ ପରବର୍ତ୍ତି ସମୟରେ ଧର୍ମ ଶାସ୍ତ୍ରରେ ଜୁଆ ବା ପଶାଖେଳକୁ ନିଷେଧ କରାଯାଇଥିଲା। ବର୍ତ୍ତମାନ ଏହି ଜୁଆଖେଳକୁ ଆଇନ ଅନୁଯାୟୀ ଅପରାଧ ଭାବେ ଗ୍ରହଣ କରାଯାଇଛି। ହେଲେ ଯେଉଁ ମଣ୍ଡପକୁ ଦେବତାଙ୍କ ନାମରେ ଦେବ ମଣ୍ଡପ ଭାବେ ନାମକରଣ କରାଯାଇ ବର୍ଷର ବିଭିନ୍ନ ସମୟରେ ରାମାୟଣ, ଗୀତା, ଭାଗବତ ପାଠ, ନୀତି, ଆଦର୍ଶର ଚର୍ଚ୍ଚା କରାଯାଉଛି। ସେଠାରେ ଜୁଆ ଖେଳ ଭଳି ଅନୈତିକ କାର୍ଯ୍ୟ ହେବା ଘଟଣା ନଜରକୁ ଆସିଛି। ନୀତି, ଆଦର୍ଶ ଓ ଧର୍ମିକ ଚେତନାର ମଞ୍ଚ ବା ମଣ୍ଡପରେ ଜୁଆଖେଳ ହେବା ଭଳି ଅଶୋଭନୀୟ ଏକ ଘଟଣା ସୁନ୍ଦରଗଡ଼ ଜିଲା ବଡଗାଁରେ ଦେଖାଯାଇଛି। ଏହାକୁ ଗ୍ରାମର ଧର୍ମୀୟ ଓ ସଚେତନ ବ୍ୟକ୍ତି ଭର୍ତ୍ସନା କରିଛନ୍ତି। ସୂଚନାଯୋଗ୍ୟ, ଦିପାବଳୀ ସନ୍ଧ୍ୟାରେ ବଡଗାଁ ବସ୍ତିସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଦେବ ମଣ୍ଡପରେ ଜୁଆ ଖେଳ ହେବା ସହ ଗଣ୍ଡଗୋଳ ଭଳି ପରିସ୍ଥିତ ହୋଇଥିବା ନେଇ ବଡଗାଁ ଥାନା ଅଧିକାରୀଙ୍କୁ ଖବର ମିଳିଥିଲା। ସୂଚନାକ୍ରମେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହା ଦେଖି ଜୁଆଡିମାନେ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ। ପ୍ରତିବର୍ଷ ଦିପାବଳୀ ସମୟରେ ଦେବ ମଣ୍ଡପ ଜୁଆ ଆଡ୍ଡାରେ ପରିଣତ ହୋଇଥାଏ। ସେହିପରି ଲିଟିପଡ଼ ପଛପଟେ ଥିବା ଚାକୁଣ୍ଡା ବଣ, ପୋଖରୀ ନିକଟ, ଭଣ୍ଡାରପଡ଼ା, ବନ୍ଧଡ଼ିପାପଡ଼ାରେ ଜୁଆଖେଳ ହେଉଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଆଗାମୀ ଦିନରେ ଦେବ ମଣ୍ଡପରେ ଯେପରି ଜୁଆଖେଳ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସଚେତନ ନାଗରିକ ମତ ପ୍ରକାଶ କରିଛନ୍ତି।

# ବଡ଼ଗାଁ, କୁତ୍ରାରେ ଉନ୍ନୟନ କାର୍ଯ୍ୟକ୍ରମ

**ବଡଗାଁ,୯।୧୧ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁରେ ଶୁକ୍ରବାର ସୁନ୍ଦରଗଡ଼ ନେହେରୁ ଯୁବ କେନ୍ଦ୍ର (ଏନ୍‌ୱାଇକେ) ଆନୁକୂଲ୍ୟରେ ବ୍ଲକସ୍ତରୀୟ ଯୁବକ ସଂଘ ଉନ୍ନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ୱାଇକେର କର୍ମଚାରୀ ଡିଲେଶ୍ୱର ନାଏକ, ଜାତୀୟ ଯୁବ ସ୍ୱେଚ୍ଛାସେବୀ ଅନିତା ଓରାମ, ଝରଣା ସାହୁ, ନରହରି ପୃଷେଠ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ନାଏକ ସରକାର ଯୁବକ ସଂଘଗୁଡିକୁ ଗୁରୁତ୍ୱ ଦେଉଥିବା ବେଳେ ଆର୍ଥିକ ସହଯୋଗ ସହିତ ବିଭିନ୍ନ ଉପକରଣ ପ୍ରଦାନ ସହ ତାଲିମ ବ୍ୟବସ୍ଥା କରିଥିବା ସୂଚନା ଦେଇଥିଲେ । ଯେଉଁ କ୍ଲବ ପଞ୍ଜୀକୃତ ହୋଇନାହିଁ ସେଗୁଡିକୁ କିପରି ପଞ୍ଜୀକରଣ କରାଯିବ, କ୍ଲବ ପରିଚାଳନା କିପରି କରାଯିବ, ପଞ୍ଜୀକୃତ କ୍ଲବଗୁଡିକୁ ସରକାରୀ ସହାୟତା କିପରି ମିଳିବ ଏବଂ କ୍ଲବ ସଦସ୍ୟମାନଙ୍କ ମଧ୍ୟରେ କିପରି ଏକତା ରଖାଯାଇପାରିବ ସେନେଇ ଅତିଥିମାନେ ବୁଝାଇଥିଲେ । ସୂଚନାଯୋଗ୍ୟ, କାର୍ଯ୍ୟକ୍ରମ ପୂର୍ବରୁ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଏନ୍‌ୱାଇଭିମାନେ ବ୍ଲକର ୬୪ କ୍ଲବର କର୍ମକର୍ତ୍ତାଙ୍କୁ ସାକ୍ଷାତ କରି ସଚେତନ କରାଇଥିଲେ । ସେହିପରି କୁତ୍ରା ବ୍ଲକ କାର୍ଯ୍ୟାଳୟର ସଭାଗୃହଠାରେ ଅନୁଷ୍ଠିତ ଯୁବକ ସଂଘ ଉନ୍ନୟନ କାର୍ଯ୍ୟକ୍ରମରେ କୁତ୍ରା ବିଡିଓ ମାନସ ରଞ୍ଜନ ରାୟ, ଏନ୍‌ୱାଇକେର ଜିଲା ସଂଯୋଜକ କେ. ଉଜ୍ଜଳ ଭେଙ୍କଟ, ଏନ୍‌ୱାଇଭି (ଜାତୀୟ ଯୁବ ସ୍ୱେଚ୍ଛାସେବୀ) ଦେବେନ୍ଦ୍ର ନାଗ, ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇ ଯୁବକ ସଂଘ କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ବିଷୟରେ ବୁଝାଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବକ ସଂଘ ସଦସ୍ୟ।

## ରାମ ମନ୍ଦିର ନିର୍ମାଣ ଦାବି

### ବିଶ୍ୱ ହିନ୍ଦୁ ପରିଷଦର ଦାବି ପତ୍ର ପ୍ରଦାନ

**ସୁନ୍ଦରଗଡ଼,୯।୧୧ (ଡି.ଏନ୍.ଏ.)**

ଗତ ଅକ୍ଟୋବର ୨୯ରେ ସୁପ୍ରିମ କୋର୍ଟ ରାମ ଜନ୍ମଭୂମି ଅଯୋଧ୍ୟା ମାମଲାର ଶୁଣାଣିକୁ ଜାନୁୟାରୀ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଥିବା ବେଳେ ଏ ପ୍ରସଙ୍ଗରେ ବିଶ୍ୱହିନ୍ଦୁ ପରିଷଦ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଅଧ୍ୟାଦେଶ ଆଣି ଅଯୋଧ୍ୟାରେ ଯଥାଶୀଘ୍ର ରାମ ମନ୍ଦିର ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଶୁକ୍ରବାର ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଟୁଡୁଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲା କାର୍ଯ୍ୟକାରୀ ସଭାପତି କିଶୋର ପଟେଲ, ଗଜେନ୍ଦ୍ର ସିଂ, ନେହେରୁ ପଟ୍ଟନାୟକ, ରାହୁଲ ବହିଦାର, ପ୍ରୀତମ ଭୋଇ, ଅକ୍ଷୟ କୁମାର ପୁରୋହିତ ପ୍ରମୁଖ ସାମିଲ ଥିଲେ।

# ଶିଳ୍ପ ତାଲିମ ଶିବିର ଉଦ୍‌ଯାପିତ

■ ୩୦ ପ୍ରଶିକ୍ଷାର୍ଥୀ ପାଇଲେ ପ୍ରମାଣପତ୍ର

**କୁଆଁରମୁଣ୍ଡା,୯।୧୧ (ଡି.ଏନ୍.ଏ.)**

ଗ୍ରାମାଞ୍ଚଳର ଶିକ୍ଷିତ ବେକାରୀଙ୍କୁ ରୋଜଗାରର ପନ୍ଥା ଦେଖାଇବା ନେଇ ଶିଳ୍ପ ତାଲିମ କେନ୍ଦ୍ର ଜରିଆରେ ପ୍ରଶିକ୍ଷଣ ଦିଆଯିବା ସହ ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଉଛି। ଏହି ପରିପ୍ରେକ୍ଷୀରେ କୁଆଁରମୁଣ୍ଡା ବ୍ଲକ ଶିଳ୍ପ ବିକାଶ ବିଭାଗ ପକ୍ଷରୁ ନଭେମ୍ବର ୬ତାରିଖରୁ କୁଆଁରମୁଣ୍ଡା ବ୍ଲକ ସଭାଗୃହଠାରେ ଏକ ଶିଳ୍ପ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଏହା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଉରକେଲା ଆଞ୍ଚଳିକ ଶିଳ୍ପ କେନ୍ଦ୍ର ସହକାରୀ ପ୍ରବନ୍ଧକ ବାଣେଶ୍ୱର ସୁବୁଦ୍ଧି ଯୋଗଦେଇ ଶିଳ୍ପ ପ୍ରଶିକ୍ଷଣ ଦ୍ୱାରା ଗ୍ରାମାଞ୍ଚଳର ଶିକ୍ଷିତ ବେକାରୀମାନଙ୍କୁ ରୋଜଗାରକ୍ଷମ କରାଯିବା ସହ ସେମାନଙ୍କ ଅର୍ଥନୈତିକ ବିକାଶ କରାଯାଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୁଆଁରମୁଣ୍ଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭବାନୀଶଙ୍କର ପାଢୀ, ଜିପିଇଓ ନିରଞ୍ଜନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୩୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ମୁଖ୍ୟଅତିଥି ସୁବୁଦ୍ଧିଙ୍କ ସହ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ୧୨ ଦିନ ଧରି ଅନୁଷ୍ଠିତ ଶିବିରରେ ଟେଲରିଂ, ଫ୍ଲାଏ ଆସ୍ ଇଟା, ମୁଡି ମିଲ୍, ବିୟୁଟି ପାର୍ଲର, ଅଟା ଚକି, ମୋବାଇଲ ମରାମତି ସହ ବ୍ୟାଙ୍କିଙ୍ଗ, ଆଇନ ସଚେତନତା, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ଶିଳ୍ପ, ବୀମା ସଂକ୍ରାନ୍ତରେ ପ୍ରଶିକ୍ଷାର୍ଥିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶିବିରକୁ କୁଆଁରମୁଣ୍ଡା ବ୍ଲକ ଶିଳ୍ପ ବିକାଶ ଅଧିକାରୀ ରଞ୍ଜିତା ମହାନ୍ତଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।




କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପ୍ରଶିକ୍ଷାର୍ଥୀମାନେ।

DSPL-231



## ୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ସହିତ ଆନୁଷଙ୍ଗିକ କୃଷିକୁ ଆମ ରାଜ୍ୟରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। ମଣିଷର ଜୀବନ ଜୀବିକା ସହିତ ଗୋମାତା ଓତପ୍ରୋତ ଭାବେ ଜଡ଼ିତ। ଆମ ରାଜ୍ୟରେ ଗୋ ସମ୍ପଦ କୃଷକମାନଙ୍କର ଆର୍ଥିକ ସମୃଦ୍ଧିର ଏକ ମୁଖ୍ୟ ସ୍ରୋତ। ଗୋ-ମାତା ଆମକୁ ଦୁଗ୍ଧ ପ୍ରଦାନ କରି ସ୍ୱାସ୍ଥ୍ୟ ବର୍ଦ୍ଧନ କରିଥାଏ। ତେଣୁ ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମଖାଦ୍ୟ, ଲାଳନପାଳନରେ ଯତ୍ନ, ଉପଯୁକ୍ତ ପ୍ରଜନନ, ରୋଗ ନିରାକରଣ ପାଇଁ ଯତ୍ନବାନ ହେଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇ ପାରିବ ଏବଂ କୃଷକମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ଘଟିବ।

୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳିତ ହେଉଅଛି। ଉକ୍ତ ଅବସରରେ ଗୋ-ସମ୍ବର୍ଦ୍ଧନା ସମାରୋହ ତଥା କୃଷକ ସଚେତନତା ସମାବେଶ ଅନୁଷ୍ଠିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପଗୁଡ଼ିକରୁ ଚାଷୀମାନେ କିପରି ଉପଯୁକ୍ତ ଲାଭ ପାଇପାରିବେ ସେଥିପାଇଁ ଆମ୍ଭେମାନେ ସଂକଳ୍ପ କରିବା ଉଚିତ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରି, ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ପ୍ରଦୀପ ମହାରଥୀ

**ପ୍ରଦୀପ ମହାରଥୀ**
**ମାନ୍ୟବର ମନ୍ତ୍ରୀ**
**ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତୀକରଣ,**
**ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଓଡ଼ିଶା**

06014/13/0021/1819



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ

## ସଂକ୍ଷେପରେ

### ଅଲଗ୍ କୋଶଲ ରାଏଜ୍ ଦାବିରେ ରାଲି

ବ୍ରଜରାଜନଗର,୯।୧୧(ଡି.ଏନ୍.ଏ.)- ବ୍ରଜରାଜନଗର ଅଂଚଳରେ ଶୁକ୍ରବାର ଅଲଗ୍ କୋଶଲ ରାଏଜ୍ ଦାବି କରି ଗୁଟେ ମଟର ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ଦିନର ୧୦ ବଜେ ଶୋଭାଯାତ୍ରାରେ ଆସିଥିବାର ଲୋକ୍‌ମାନକର ସଂଗେ ବ୍ରଜରାଜନଗର ଅଂଚଲର କରମ୍‌କର୍‌ତାମାନେ ଯୋଗ୍‌ଦେଇଥିଲେ। ଗାନ୍ଧୀଛକ୍‌ରେ ଥିବାର ତ୍ରିନାଥ ଗୁଡ଼ିରେ ପୂଜାପାଠ୍ କରବାର ସଂଗେ ସହରର ଭାଉଁରେ ବୁଲି ବେଲପାହାଡ଼ ଆଡ୍‌କେ ଯାଇଥିଲେ। ଥାନୀୟ୍ ନେତା ନୀଳାଦ୍ରି ପଣ୍ଡା କାୟ୍‌କରମକେ ପରିଚାଲନା କରିଥିଲେ।

### ଧୁତୁରାରେ କାଳୀପୂଜା

କିର୍ମିରା,୯।୧୧(ଡି.ଏନ୍.ଏ.)-ଝାରସୁଗୁଡ଼ା ଜିଲା ଧୁତୁରା ଷ୍ଟେଶନପଡ଼ାରେ ମହାକାଳୀ ପୂଜା ଅନୁଷ୍ଠିତ ହୋଇଛି। ବୁଧବାର ପୂଜା ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ନିଶାର୍ଦ୍ଧରେ ପୂଜା ଅନୁଷ୍ଠିତ ହୋଇଥିଲା। ସୁଶିଲ ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ଭଗବାନ ହଲୁଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜା କମିଟି ମୁଖ୍ୟ ଶେରବାହାଦୁର ସିଂଙ୍କ ନେତୃତ୍ୱରେ ଧୁତୁରା ଗ୍ରାମର ଯୁବକ ଏବଂ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। କମିଟି ପକ୍ଷରୁ ପ୍ରସାଦ ବଣ୍ଟନ କରାଯାଇଥିଲା।



ବିକ୍ଷୋଭ ସଭାରେ କଂଗ୍ରେସ କର୍ମକର୍ତ୍ତା।

# 'ରାଜନୈତିକ ସ୍ୱାର୍ଥ ପାଇଁ ବିମୁଦ୍ରୀକରଣ'

ଝାରସୁଗୁଡ଼ା ଅଫିସ,୯।୧୧

ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ଅବସରରେ ଏଆଇସିସି ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ କଳାଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା କଂଗ୍ରେସ ପକ୍ଷରୁ ବିମୁଦ୍ରୀକରଣ ବିଫଳତାକୁ ନେଇ ଜିଲାପାଳ ଅଫିସ ସମ୍ମୁଖରେ ଦୁଇଘଣ୍ଟିଆ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସଭାରେ ଉଦ୍‌ବୋଧନ ଦେଇ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ କହିଲେ, ବିମୁଦ୍ରୀକରଣ ରାଜନୈତିକ ସ୍ୱାର୍ଥ ପାଇଁ କରାଯାଇଥିଲା। ଏହା ଦେଶର ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇଥିବା ବେଳେ ସାଧାରଣ ଲୋକ ଦହଗଞ୍ଜ ହୋଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶ ଏବଂ ଦେଶବାସୀ ବିମୁଦ୍ରୀକରଣ ପ୍ରଭାବରୁ ମୁକ୍ତ ହୋଇପାରି ନାହାନ୍ତି। ତେଣୁ ଏହା ଦେଶ ପାଇଁ କଦାପି ଶୁଭଙ୍କର ନ ଥିଲା ବୋଲି ସେ କହିଥିଲେ। ଯଦି କଳାଧନ ବାହର କରିବାକୁ ବିମୁଦ୍ରୀକରଣ କରାଯାଇଥିଲା, ତେବେ ମୋଦି ସରକାର କେତେ କଳାଧନ ଆଣିଲେ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି। ଏହି ଧାରଣା ଏବଂ ବିକ୍ଷୋଭ ସଭାରେ ଜିଲା କଂଗ୍ରେସ ସଭପତି ଗିରୀଶ ରଞ୍ଜନ ପଣ୍ଡା, ଜଗନ୍ନାଥ ଜେନା, ପିଣ୍ଟୁ ପାଢ଼ୀ, ସରିତା ଅଗ୍ରୱାଲ, କୁଶାସନ ଜୟପୁରିଆ, ରୁବିନା ଖାଁ, ସିଦ୍ଧାର୍ଥ ସରକାର, ରବିନ ପାଣ୍ଡେ, ପ୍ରମୋଦ ପଣ୍ଡା, ପ୍ରମୋଦ ତ୍ରିପାଠୀ, ନିର୍ମଳ ଦାସ, ସନ୍ତୋଷ ରାଓ, ଦୀପା ନାୟକ, ଗୀତାଞ୍ଜଳି କୁସୁମ, ସତ୍ୟଜିତ ଜେନା ଏବଂ ଉଦିତ ଜଗତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ହଣ୍ଡାତୁପା ଫୁଟବଲ ଟୁର୍ନାମେଣ୍ଟ: କୋରବାହାଲ ଚାମ୍ପିୟନ

କିର୍ମିରା,୯।୧୧(ଡି.ଏନ୍.ଏ.)

କିର୍ମିରା ବ୍ଲକ ହଣ୍ଡାତୁପା ଗ୍ରାମରେ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ହଣ୍ଡାତୁପା ଆଥ୍‌ଲେଟିକ ଆସୋସିଏଶନ୍ ଏବଂ ବିଜୁ ଯୁବବାହିନୀ ମିଳିତ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଏମ୍‌ପି ରବି ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୋପାଳ କଲାର, ପୂର୍ବତନ ଅର୍ଡା ସରପଞ୍ଚ ଚୂଡ଼ାମଣି ସାହୁ, ତପନ ସା, ରବୀନ୍ଦ୍ର ପଟେଲ, ବିକାଶ ଶର୍ମା, ମୁକୁନ୍ଦ ବୁଦୁଲା, ସୀମା ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସୁନ୍ଦରଗଡର କୋରବାହାଲ ଏବଂ ଟାଇଗର କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କୋରବାହାଲ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଜେଡି ଜିଲା ସାଧାରଣ ସମ୍ପାଦକ ତ୍ରିନାଥ ଗୁଆଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅରବିନ୍ଦ ବାରିକ, ମୁକେଶ ଶର୍ମାଙ୍କ ସମେତ ଭୀମଯୋର ସରପଞ୍ଚଙ୍କ ପ୍ରତିନିଧି ମନ ବାଗ ଉପସ୍ଥିତ ଥିଲେ। ହଣ୍ଡାତୁପା ଆଞ୍ଚଳିକ ଆଦିବାସୀ କ୍ଲବ ସଦସ୍ୟ ସହଯୋଗ କରିଥିଲେ।


ହଣ୍ଡାତୁପା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ଅତିଥିବୃନ୍ଦ।

# ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ



ପ୍ରତିଯୋଗୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୯।୧୧

ଝାରସୁଗୁଡ଼ା ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ ଯୁବ ମହୋତ୍ସବ ସଂସ୍କୃତି ଭବନଠାରେ ଉଦ୍‌ଘାଟିତ ହୋଇଛି। ଜିଲା କ୍ରୀଡ଼ା ଅଧିକାରୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ସମ୍ମାନିତ ଅତିଥି ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶାରୀରିକ ଶିକ୍ଷା ନିରୀକ୍ଷକ ଡମ୍ବରୁଧର ପୂଜାରୀ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଦଳଗତ ଲୋକନୃତ୍ୟ, ଏକକ ଅଭିନୟ, ଶାସ୍ତ୍ରୀୟ ସଙ୍ଗୀତ, କଣ୍ଠ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ୨୧୧ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଦିନ ଲୋକ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ବାକ୍‌ପଟୁତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲାରୁ ପ୍ରତିଭା ଚୟନ କରାଯାଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନିତ କରାଯିବ। ବିଚାରକ ଭାବେ ଗୋକୁଳ ମୋହନ ପଟେଲ, ଶାନ୍ତନୁ ମହାପାତ୍ର, ପ୍ରଫୁଲ୍ଲ ନାଏକ, ପ୍ରମୋଦ ଦାଶ, କୃଷ୍ଣଚନ୍ଦ୍ର ସିଦ୍ରିଆ, ହିତେନ୍ଦ୍ର ପଟେଲ, ବଂଶୀଧର ପଶାୟତ, ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସୁରଙ୍ଗ ପ୍ରଧାନ ଏବଂ ରବିନାରାୟଣ ପୂଜାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଧପାଲି କ୍ରିକେଟ ଟୁର୍ନାମେଣ୍ଟ: ଭାଲୁପତ୍ରା ଚାମ୍ପିୟନ

କିର୍ମିରା,୯।୧୧(ଡି.ଏନ୍.ଏ.)

କିର୍ମିରା ବ୍ଲକ ବନ୍ଧପାଲି ଗ୍ରାମରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ବନ୍ଧପାଲିକୁ ଭାଲୁପତ୍ରା ହରାଇ ଚାମ୍ପିୟାନ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଲ ଏଥିରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୟ ପଟେଲ, ବିଜେଡି ନେତା ବିହାରୀ ବିଶ୍ୱାଳ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବିଜୁ ଯୁବବାହିନୀ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ଗ୍ରାମବାସୀ ସହଯୋଗ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ ଦ୍ୱାରା ଓଜନ ବଢ଼ାନ୍ତୁ
ସବୁଦିନ କ୍ଲିନିକ୍ ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର୍, ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ, ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍‌ସ୍-୪୦ ଲକ୍ଷ + ଭଡ଼ା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍‌ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ନଭେମ୍ବର ୧୦/୨୦୧୮



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ସୋଡ଼ାମାଲ ସ୍କୁଲରେ ଶୀତବସ୍ତ୍ର ବଣ୍ଟନ

**ଝାରସୁଗୁଡ଼ା ଅଫିସ,୯।୧୧**-ଝାରସୁଗୁଡ଼ା ସୋଡ଼ାମାଲସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ହାଇସ୍କୁଲରେ ଗୁରୁବାର କିଷାନ ସମାଜ ପ୍ରଗତିଶୀଳ ମଞ୍ଚର ପୁରାତନ ଛାତ୍ରଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଦୟାନିଧି କିଷାନ, ଲକ୍ଷ୍ମୀନାରାୟଣ ସିଂ, ପ୍ରଧାନ ଶିକ୍ଷକ ବସନ୍ତ ବେହେରା, ଚଇନୁ କିଷାନ, ରଜନୀ ପ୍ରଧାନ, ସୁଜାତା ବାଗ, ଦେବକୀ ପ୍ରଧାନ ପ୍ରମୁଖ ଯୋଗଦେଇ ସମାବେଶର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସମାବେଶ ଶେଷରେ ଛାତ୍ରୀଛାତ୍ରଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସନାତନ ବାଗ, ଚୈତନ୍ୟ କିଷାନ, ପଛାଲୁ ବାଗ, ମୋହନ ପିଙ୍ଗ, ରୁଚି ନାୟକ, ଅର୍ପିତା ନାୟକ, ରୀତା ବଲୁଆ, ନମିତା ପ୍ରଧାନ, ସରିତା ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଳ୍ପସଂସ୍ଥାର ବୃକ୍ଷରୋପଣ ସମୀକ୍ଷା କଲେ କମିଟି

**ଝାରସୁଗୁଡ଼ା ଅଫିସ,୯।୧୧**-ଝାରସୁଗୁଡ଼ା ଜିଲା ବୃକ୍ଷରୋପଣ ନିରୀକ୍ଷଣ କମିଟି ଗୁରୁବାର ଏମ୍‌ସିଏଲ୍ ଲଖନପୁର, ଟିଆରଏଲ୍ କ୍ରୋସାକି ଏବଂ ଗ୍ଲୋବାଲ କୋଲ ୱାଶେରୀ ଗସ୍ତ କରିଛନ୍ତି। ଗସ୍ତ ଅବସରରେ କମିଟି ସଦସ୍ୟମାନେ କମ୍ପାନୀ ଦ୍ୱାରା ବିଭିନ୍ନ ସ୍ଥାନରେ ହୋଇଥିବା ବୃକ୍ଷରୋପଣ ବୁଲି ଦେଖିଥିଲେ। ଶିଳ୍ପସଂସ୍ଥା ଅଧିଗ୍ରହଣ କରିଥିବା ଜମିର ୩୩% ଅଂଶରେ ବୃକ୍ଷରୋପଣ କରିବାର ନିୟମ ରହିଛି। ତେବେ ଲଖନପୁର ଏମସିଏଲ୍ ଚଳିତବର୍ଷ ଟାର୍ଗେଟର ୩୨.୧୩%, ଟିଆରଏଲ୍ ୩୫.୩୩% ଏବଂ ଗ୍ଲୋବାଲ କୋଲ ୱାଶେରୀ ୩୭.୩୩% ଜମିରେ ବୃକ୍ଷରୋପଣ କରିଥିବା କମିଟି ପ୍ରକାଶ କରିଛି। ବୃକ୍ଷରୋପଣ କ୍ଷେତ୍ରରେ କମ୍ପାନୀଗୁଡ଼ିକର ପ୍ରଦର୍ଶନ ସେତେଟା ଉତ୍ସାହଜନକ ନ ଥିବା ରିପୋର୍ଟରେ କୁହାଯାଇଛି। ଏହି କମିଟିରେ ପ୍ରଫେସର ଧ୍ରୁବରାଜ ନାଏକ, ଇକୋ କ୍ଲବ ଆବାହକ ପ୍ରହ୍ଲାଦ ନାଏକ, ଏସିଏଫ୍ ପି.କେ ଧଳ, ଉଦ୍ୟାନ ଅଧିକାରୀ ଅମ୍ବର ଲୁଗୁନ, ରିପୁ ସାହୁ ପ୍ରମୁଖ ଗସ୍ତ କରିଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ, ୫ ଧରାପଡ଼ିଲେ

**ବେଲପାହାଡ଼,୯।୧୧(ଡି.ଏନ୍.ଏ.)**- ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ଅତର୍କିତ ଚଢ଼ାଉ କରି ଜୁଆ ଖେଳୁଥିବା ଅଭିଯୋଗରେ ୫ ଯୁବକଙ୍କୁ ଧରିଥିଲା। ଏହା ସହିତ ଜୁଆ ଆଡ୍ଡାରୁ ଏକ ପ୍ଲାଷ୍ଟିକ ପଟି, ୫୩ ଖଣ୍ଡ ତାସ ଓ ୩ ହଜାର ୯୮୫ ଟଙ୍କା ଜବତ କରାଯାଇଛି। ପୋଲିସ କିଛି ସମୟ ଧରି ଥାନାରେ ଅଟକ ରଖିଲା ପରେ ସମସ୍ତ ଯୁବକଙ୍କୁ ନୋଟିସ ଧରାଇ ଜାମିନରେ ଥାନାରୁ ଛାଡ଼ିଦେଇଛି।

### ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବ୍ରଜରାଜନଗର,୯।୧୧(ଡି.ଏନ୍.ଏ.)**- ବ୍ରଜରାଜନଗର ଥାନା ଅନ୍ତର୍ଗତ ୨ନଂ ଡାକୁରପଡ଼ା ନାଳରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ବୟସ ୬୦ରୁ ଅଧିକ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ବ୍ୟବଚ୍ଛେଦ ପାଇଁ ମୃତଦେହ ଝାରସୁଗୁଡ଼ା ପଠାଯାଇଥିବା ବ୍ରଜରାଜନଗର ପୋଲିସ ସୂଚନା ଦେଇଛି।

# ପୋଷାକ ବଣ୍ଟନରେ ଅନିୟମିତତା

**ଲଖନପୁର,୯।୧୧(ଡି.ଏନ୍.ଏ.)**



ନିୟମ ଉଲ୍ଲଂଘନ କରି ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ପୋଷାକ ବଣ୍ଟନ କରାଯାଇଛି।

- **ଅର୍ଥ ମଞ୍ଜୁର ନ ହୋଇ ହେଲାଣି ପୋଷାକ ବଣ୍ଟନ**
- **ନିମ୍ନମାନର ପୋଷାକ ବଣ୍ଟନ ଅଭିଯୋଗ**
- **ଶିକ୍ଷା ବିଭାଗ ନିୟମ ଖୋଲା ଉଲ୍ଲଂଘନ**
- **ଅସାଧୁ ବ୍ୟବସାୟୀଙ୍କ ସହିତ ଶିକ୍ଷା ବିଭାଗର ସାଲିସ**

ସରକାର ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟପୁସ୍ତକ, ପୋଷାକ, ମଧ୍ୟାହ୍ନଭୋଜନ ଆଦି ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷାବିଭାଗର କେତେକ ନିର୍ଦ୍ଦିଷ୍ଟ ନୀତିନିୟମ ରହିଛି। ଏସବୁ ଯୋଜନା ଠିକ୍‌ରେ କାର୍ଯ୍ୟକାରୀ ହେଉଛି କି ନାହିଁ, ଛାତ୍ରୀଛାତ୍ର ଏହାର ସୁଫଳ ପାଉଛନ୍ତି କି ନାହିଁ ଏସବୁ ତଦାରଖ କରିବା ଦାୟିତ୍ୱ ଶିକ୍ଷାବିଭାଗ ହାତରେ ନ୍ୟସ୍ତ କରାଯାଇଛି। ଏହାକୁ କେତେକ ବିଭାଗୀୟ ଅଧିକାରୀ ନୀତିନିୟମ ଉଲ୍ଲଂଘନ କରି ଅନିୟମିତତାଭାବେ କାମ କରୁଛନ୍ତି। ଫଳରେ ଯୋଜନା ବାଟବଣା ହେବାରେ ଲାଗିଛି । ଏଥିରେ ବିଭାଗୀୟ ଅଧିକାରୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଲାଭବାନ ହେଉଛନ୍ତି। କିନ୍ତୁ ଛାତ୍ରୀଛାତ୍ରମାନେ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏଭଳି ସ୍ଥିତି ଦେଖାଦେଇଛି ଝାରସୁଗୁଡା ଜିଲା ଶିକ୍ଷା ବିଭାଗରେ। ବିଭାଗୀୟ ନୀତିନିୟମକୁ ଉଲ୍ଲଂଘନ କରି ବିନା ଅର୍ଥମଞ୍ଜୁରୀରେ ଲଖନପୁର ବ୍ଲକ୍‌ର କେତେକ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି। ଏହି ପୋଷାକର ମାନ ନିମ୍ନମାନର ରହିଛି ବୋଲି ଅଭିଯୋଗ ହେଉଛି। ଏଥିରେ ବଡଧରଣର ଦୁର୍ନୀତି ହୋଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହାର ତଦନ୍ତ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ବିଭାଗୀୟ ନିୟମ ରହିଛି ପୋଷାକ ବଣ୍ଟନ ପୂର୍ବରୁ ଓଡିଶା ପ୍ରାଇମେରୀ ଏଜ୍ୟୁକେଶନ୍ ଅଥରେଟି (ଓପେପା) ପକ୍ଷରୁ ଜିଲା ସର୍ବଶିକ୍ଷା ବିଭାଗ ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯିବ। ତାପରେ ଏନେଇ ଅର୍ଥମଞ୍ଜୁର କରାଯିବ। ଅର୍ଥ ମଞ୍ଜୁରୀ ପରେ ଡିପିସି କାର୍ଯ୍ୟାଳୟ ପକ୍ଷରୁ ବିଇଓ ଓ ବିଆର୍‌ସିସିମାନଙ୍କ ଜରିଆରେ ପ୍ରତିସ୍କୁଲ୍ ପ୍ରଧାନଶିକ୍ଷକଙ୍କୁ ଜଣାଇବେ। ତାପରେ ଏନେଇ ସ୍କୁଲ ପରିଚାଳନା କମିଟି ବୈଠକ ଆହ୍ୱାନ କରାଯାଇ ଏଥିରେ ୩ଜଣ ବ୍ୟବସାୟୀଙ୍କ ପୋଷାକ ମୂଲ୍ୟ, ମାନ ନିର୍ଦ୍ଧାରଣ ପାଇଁ କୋଟେଶନ୍ ଗ୍ରହଣ କରାଯିବ। ବୈଠକରେ ଏହାର ମାନ ଓ ମୂଲ୍ୟ ନିର୍ଦ୍ଧାରଣ କରି ମୂଲ୍ୟାଙ୍କନ କରାଯିବ। ତା'ପରେ ଯାଇ ସେହି ବ୍ୟବସାୟୀଙ୍କୁ ସ୍କୁଲ୍‌କୁ ପୋଷାକ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯିବ। ଏସବୁକୁ ନେଇ ସ୍କୁଲ୍ ପରିଚାଳନା କମିଟିରେ ଏକ ପ୍ରସ୍ତାବ ଗୃହୀତ କରାଯିବ। ତା'ପରେ ଯାଇ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯିବା ନିୟମ ରହିଛି। ଏତେ ସବୁ ନୀତିନିୟମ ରହିଥିବାବେଳେ ଏହାକୁ ଉଲ୍ଲଂଘନ କରି କେତେକ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଛି। ଏହି ପୋଷାକସବୁ ହାଲ୍‌କା ଓ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଏଥିମଧ୍ୟରେ ଓପେପା ପକ୍ଷରୁ ଡିପିସି କାର୍ଯ୍ୟାଳୟକୁ ପୋଷାକ ବଣ୍ଟନ ପାଇଁ ପତ୍ରମାଧ୍ୟମରେ ନିର୍ଦ୍ଦେଶ ଆସିଛି। କିନ୍ତୁ ଏନେଇ ଅର୍ଥ ମଞ୍ଜୁରୀ ହୋଇନାହିଁ। ଡିପିସି କାର୍ଯ୍ୟାଳୟରୁ ବିଇଓ ଓ ବିଆର୍‌ସିସିଙ୍କୁ କୌଣସି ନିର୍ଦ୍ଦେଶ ଆସିନାହିଁ। ସ୍କୁଲ୍ କର୍ତ୍ତୃପକ୍ଷଙ୍କ ସହିତ ସ୍କୁଲ ପରିଚାଳନା କମିଟିରେ କୌଣସି ପ୍ରସ୍ତାବ ଗୃହୀତ ହୋଇନାହିଁ। ପୋଷାକର ମାନ ଓ ମୂଲ୍ୟ ନିର୍ଦ୍ଧାରଣ ପାଇଁ ବ୍ୟବସାୟୀଙ୍କ କୋଟେଶନ୍ ଗ୍ରହଣ କରାଯାଇନାହିଁ। ବ୍ୟବସାୟୀମାନେ ସ୍କୁଲ୍ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ସହିତ ଭିତିରି ବୁଝାବଣା କରି ବିନା ଅର୍ଥରେ (ଉଦ୍ଧାରରେ) ପୋଷାକ ଯୋଗାଇ ଦେଇଛନ୍ତି। ଆଉ କେତେକ ସ୍କୁଲ୍‌ରେ ପୋଷାକ ବିତରଣ କରା ନ ଯାଇ ରଖାଯାଇଛି। କେବେ ଅର୍ଥ ମଞ୍ଜୁରୀ ନିର୍ଦ୍ଦେଶ ଆସିବ ତାକୁ ଚାହିଁବସିଛନ୍ତି। ଏନେଇ ଲଖନପୁର ବିଆର୍‌ସିସି ସୁରେଶ ନାୟକ କହିଛନ୍ତି କୌଣସି ସ୍କୁଲ୍ ପୋଷାକ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦିଆଯାଇନାହିଁ। କେଉଁ ସ୍କୁଲ ବାଣ୍ଟିଥିବ ଆମକୁ ଜଣାନାହିଁ ବୋଲି ସଫେଇ ଦେଇଛନ୍ତି। ଏନେଇ ବିଇଓ ରବିରତନ ବାଗ କହିଛନ୍ତି, ପୋଷାକ ବଣ୍ଟନ ପାଇଁ ତାଙ୍କ ନିକଟକୁ କୌଣସି ବିଭାଗୀୟ ନିର୍ଦ୍ଦେଶ ଆସିନାହିଁ। ଏସମ୍ପର୍କରେ କାହାରିକୁ ନିର୍ଦ୍ଦେଶ ଦେଇ ନାହାଁନ୍ତି ବୋଲି କହିଛନ୍ତି। ଡିପିସି ମୀନାରାଣି ମଙ୍ଗଳ କହିଛନ୍ତି, ଆଗୁଆ ପୋଷାକ ବାଣ୍ଟିବା ପାଇଁ କୌଣସି ସ୍କୁଲ୍‌କୁ ନିର୍ଦ୍ଦେଶ ଦିଆଯାଇନାହିଁ। ପୋଷାକ ପାଇଁ ଅର୍ଥ ମଞ୍ଜୁରୀରେ ବିଳମ୍ବ ହୋଇଥିଲା। ଏବେ ୨ଦିନ ହେଲା ଅର୍ଥ ମଞ୍ଜୁର ହୋଇଛି। ଯଦି କୌଣସି ସ୍କୁଲ୍ ନୀତିନିୟମ ଉଲ୍ଲଂଘନ କରି ବିନା ନିର୍ଦ୍ଦେଶରେ ପୋଷାକ ବାଣ୍ଟିଛନ୍ତି ତା'ହେଲେ ଏହାର ତଦନ୍ତ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ବୁନ୍ଦିଆ ଖଣିରେ ଶ୍ରମିକଙ୍କ ମୃତ୍ୟୁ ଘଟଣା
## ମୃତଦେହ ସହିତ ନିଯୁକ୍ତିପତ୍ର ନେଇ ଫେରିଲେ

**ବ୍ରଜରାଜନଗର,୯।୧୧(ଡି.ଏନ୍.ଏ.)**

ବ୍ରଜରାଜନଗର ଥାନା ଅନ୍ତର୍ଗତ ବୁନ୍ଦିଆ ଖଣିରେ ଗୁରୁବାର ମୃତ୍ୟୁବରଣ କରିଥିବା କୋଇଲା କମ୍ପାନୀର ଶ୍ରମିକ ଦୀନବନ୍ଧୁ କାଞ୍ଜିଙ୍କ ମୃତଦେହ ଶୁକ୍ରବାର ତାଙ୍କ ପୈତୃକ ଗ୍ରାମ ତାଳଚେର ଥାନା ଅନ୍ତର୍ଗତ କାଙ୍କଡ଼ିକୁ ଫେରିଛି। କମ୍ପାନୀର ନିୟମ ଅନୁଯାୟୀ ଦୀନବନ୍ଧୁଙ୍କ ପରିବାରକୁ କ୍ଷତିପୂରଣ, ପରିବାରର ଜଣଙ୍କୁ ତାଳଚେର ଲିଙ୍ଗରାଜ ମାଇନ୍ସରେ ନିଯୁକ୍ତିପତ୍ର ସହ ମୃତଦେହ ନେଇ ଦୀନବନ୍ଧୁଙ୍କ ପରିଜନ ଓ ସେଠାରୁ ଆସିଥିବା ନେତୃସ୍ତରୀୟ ବ୍ୟକ୍ତି ଶୁକ୍ରବାର ଫେରିଛନ୍ତି। ଗୁରୁବାର ସନ୍ଧ୍ୟାରେ ମୃତଦେହ ଖଣି ଭିତରୁ ବାହାରିଥିଲା। ବ୍ରଜରାଜନଗର ଅଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ସଂଗଠନ ଆଇଟିୟୁସି, ଓସିଏମ୍‌ଏସ୍, ବିଏମ୍‌ଏସ୍, ଏଚ୍‌ଏମ୍‌ଏସ୍‌ର ୨ ଡଜନରୁ ଅଧିକ ନେତା ମୃତଦେହ ପାଖରେ ଦିନତମାମ ରାଜନୀତି କରିଥିଲେ। ରାତି ସାଢ଼େ ୯ଟାରେ ତାଳଚେରରୁ ୩ଟି ବୋଲେରୋରେ ଦୀନବନ୍ଧୁଙ୍କ ପରିବାର ସଦସ୍ୟ ଏବଂ ନେତାମାନେ ଆସି ଏମାନଙ୍କୁ ନ ପଚାରି ସିଧା ଏମ୍‌ସିଏଲ୍ ପଦାଧିକାରୀଙ୍କ ସହିତ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ଶୁକ୍ରବାର ସକାଳ ସାଢ଼େ ୭ଟାରେ ମୃତଦେହ ନେଇ ଯାଇଥିଲେ।

### ତହସିଲଦାରଙ୍କ ମରୁଡ଼ି ଅଞ୍ଚଳ ପରିଦର୍ଶନ
# କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ଦେବେ ରିପୋର୍ଟ

**ଲଖନପୁର,୯।୧୧(ଡି.ଏନ୍.ଏ.)**

ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଝାରସୁଗୁଡ଼ା ଜିଲାରେ ଦେଖାଦେଇଛି ମରୁଡ଼ି ପରିସ୍ଥିତି। ଏଥିରେ ବିଶେଷଭାବେ ଲଖନପୁର ବ୍ଲକ କ୍ଷତିଗ୍ରସ୍ତ ହୋଇଛି। ଫଳରେ କ୍ଷତିଗ୍ରସ୍ତ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। କ୍ଷତିପୂରଣ ଯୋଗାଇଦେବା ପାଇଁ ସରକାରଙ୍କ ନିକଟରେ ଚାଷୀ ଦାବି ଜଣାଇଛନ୍ତି। ଏନେଇ ସରକାର ଝାରସୁଗୁଡା ଜିଲାକୁ ମରୁଡି ଘୋଷଣା କରିଛନ୍ତି। କ୍ଷୟକ୍ଷତିର ଆକଳନ ପାଇଁ ସରକାର ରାଜସ୍ୱ ଓ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସରକାରୀ ନିର୍ଦ୍ଦେଶ ବଳରେ ଏବେ ପ୍ରତିପଞ୍ଚାୟତରେ କ୍ଷୟକ୍ଷତି ଆକଳନ ପାଇଁ ଉଭୟ ବିଭାଗର ମିଳିତ ଉଦ୍ୟମରେ କ୍ରପ୍ କଟିଂ ଜାରି ରହିଛି। ଏହାର ଅନୁଧ୍ୟାନ ପାଇଁ ଲଖନପୁର ତହସିଲଦାର ଜ୍ୟୋତ୍ସ୍ନାରାଣି ସାହୁ, ବ୍ଲକ୍ ସହକାରୀ କୃଷି ଅଧିକାରିଣୀ ସୁପ୍ରୀତି ମାଝି, ଚାଣ୍ଟିପାଲି ଆର୍‌ଆଇ ଦିବାକର ପ୍ରଧାନ, ଭିକମପାଲି ଆର୍‌ଆଇ ବିଶ୍ୱନାଥ ପ୍ରଧାନ, ଅତିରିକ୍ତ ଆର୍‌ଆଇ ନାରାୟଣ କୁଅଁର, ଗ୍ରାମସେବିକା ଗୋପିକା ନାୟକ, ତନୟା ସାହୁ, ଭିକମପାଲି ସରପଞ୍ଚ କୃଷ୍ଣ କାଲୋ, ସମିତିସଭ୍ୟ ସୁନ୍ଦରଲାଲ୍ ସେଠ୍, କଣ୍ଢେଇକେଲା ସରପଞ୍ଚ ଯାଜ୍ଞସେନୀ ଖଡିଆ, ୱାର୍ଡସଦସ୍ୟ ନରେଶ ବାରିକ, ସମବାୟ ସମିତି ସଭାପତି ନିର୍ମଳ ମିଶ୍ର, ଅନିଲ ବାରିକ, ପ୍ରେମାନନ୍ଦ ପଟେଲ ଓ ଗଜାନନ ପଟେଲ ପ୍ରମୁଖ ବହୁ ଚାଷୀ, ଜନପ୍ରତିନିଧି ଉପସ୍ଥିତ ଥିଲେ। ଚାଣ୍ଟିପାଲି ଆର୍.ଆଇ. ସର୍କଲର କଣ୍ଢେଇକେଲା ଓ ଧୁଲୁଣ୍ଡା ଆଦି ଗ୍ରାମ, ଭିକମପାଲି ଆର୍‌ଆଇ ସର୍କଲ୍‌ର ଅଡାବିରା, କପିଳାପୁର, ଗୀରେଲପାଲି, ଭୁନ୍ଦୁପାଲି ଆଦି ଗ୍ରାମ ପରିଦର୍ଶନକରି ଧାନଫସଲ କ୍ଷୟକ୍ଷତିର ଆକଳନ କରିଥିଲେ। ଏନେଇ ତହସିଲଦାର ସାହୁ କହିଛନ୍ତି ଶତକଡା ୫୦ରୁ ୬୦ଭାଗ ଧାନଫସଲ ନଷ୍ଟ ହୋଇଛି। ଏନେଇ ରିପୋର୍ଟ ପ୍ରସ୍ତୁତ ଚାଲିଛି। ଏହାର ସବିଶେଷ ତଥ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ସାହୁ କହିଛନ୍ତି।



ରାଜସ୍ୱ ଓ କୃଷି ବିଭାଗ ଅଧିକାରୀମାନେ ମରୁଡ଼ି ପ୍ରଭାବିତ ଚାଷଜମି ଅନୁଧ୍ୟାନ କରୁଛନ୍ତି।



ଚିତ୍ରଗୁପ୍ତ ପୂଜା କରାଯାଉଛି।

## କାୟସ୍ଥ ସମାଜ ପକ୍ଷରୁ ଚିତ୍ରଗୁପ୍ତ ଜୟନ୍ତୀ

**ଝାରସୁଗୁଡ଼ା ଅଫିସ,୯।୧୧**

କରଣ (କାୟସ୍ଥ) ସମାଜର ଆରାଧ୍ୟ ଦେବତା ଚିତ୍ରଗୁପ୍ତଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳନ କରାଯାଇଛି। କାୟସ୍ଥ ସମାଜ ସଭାପତି ସତ୍ୟନାରାୟଣ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ବିଧାୟକ ନବକିଶୋର ଦାଶ ଯୋଗଦେଇ ରୀତିନୀତି ଅନୁସାରେ ଚିତ୍ରଗୁପ୍ତଙ୍କ ପୂଜାର୍ଚ୍ଚନା କରିଥିଲେ। ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେବାସହ ଝାରସୁଗୁଡ଼ାରେ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିର ଓ ଏକ କଲ୍ୟାଣମଣ୍ଡପ ନିର୍ମାଣ କରିବାକୁ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ଜୀବନ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଦସ୍ୟ ନେତାଜୀ ପଟ୍ଟନାୟକ, ତାପସ ରାୟଚୌଧୁରୀ, ପି.ଆର୍. ପଟ୍ଟନାୟକଙ୍କ ସମେତ କୋଲାବିରା, ବ୍ରଜରାଜନଗର, ଲଇକେରା ପ୍ରମୁଖ ଅଞ୍ଚଳର କାୟସ୍ଥ ସଦସ୍ୟମାନେ ଯୋଗଦେଇଥିଲେ। ପ୍ୟାରେଲାଲ ଶ୍ରୀବାସ୍ତବ, ପ୍ରବୀଣ ଶ୍ରୀବାସ୍ତବ, ମାନସ ସିହ୍ନା, ଦିବ୍ୟ କୁଅଁର, ବରୁଣ ବହିଦାର, ବୀଣାପାଣି ଦାଶ, ପ୍ରଣତି ପଟ୍ଟନାୟକ, ନନ୍ଦିନୀ ବହିଦାର ପ୍ରମୁଖ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ଆନ୍ତଃ କଲେଜ ଫୁଟବଲ ପ୍ରତିଯୋଗିତା
# ବେଲପାହାଡ଼ ଜୁନିୟର କଲେଜ ଚାମ୍ପିୟନ



କୋଚ୍ ହେମନ୍ତ ପ୍ରଧାନଙ୍କ ସହିତ ଚାମ୍ପିୟନ ଟ୍ରଫି ହାସଲ କରିଥିବା ବେଲପାହାଡ଼ ଫୁଟବଲ ଦଳର ସଦସ୍ୟ ଛାତ୍ର।

**ବେଲପାହାଡ଼,୯।୧୧(ଡି.ଏନ୍.ଏ.)**

ଆନ୍ତ କଲେଜ ଫୁଟବଲ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲାସ୍ଥିତ ବେଲପାହାଡ଼ ଜୁନିୟର କଲେଜ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ଟ୍ରଫି ହାସଲ କରିବାରେ ସଫଳତା ପାଇଛି। ଗତ ୬ ଓ ୭ ତାରିଖ ଦୁଇ ଦିନ ଧରି ଖୋର୍ଦ୍ଧା ଜିଲାର ବେଗୁନିଆଠାରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆନ୍ତଃ କଲେଜ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲପାହାଡ଼ ଜୁନିୟର କଲେଜ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳି କେନ୍ଦ୍ରାପଡ଼ା ଦଳକୁ ୨-୦ ଗୋଲରେ ପରାସ୍ତ କରିଥିଲା। ସେମି ଫାଇନାଲ ମ୍ୟାଚ୍‌ରେ ମ୍ୟୁନିସିପାଲିଟି କଲେଜ ରାଉରକେଲା ଦଳକୁ ୨-୦ ଗୋଲରେ ପରାସ୍ତ କରି ଫଇନାଲକୁ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ୍ ବାଲେଶ୍ୱର ଫକୀର ମୋହନ କଲେଜ ସହିତ ବେଲପାହାଡ଼ କଲେଜର ଟକ୍କର ହୋଇଥିଲା। ଏଥିରେ ବେଲପାହାଡ଼ କଲେଜର ଅଧିନାୟକ ମୁନା ବରିହା ଗୋଟିଏ ଗୋଲ ଦେଇ ଦଳକୁ ୧-୦ ଗୋଲରେ ବିଜୟୀ କରିବାରେ ସଫଳ ହୋଇଥିଲେ। ପ୍ରତିଯୋଗିତାର ବିଭିନ୍ନ ମ୍ୟାଚରେ ଦଳର ପ୍ରମୋଦ ଛତ୍ରିୟା, ଗଣେଶ କିଷାନ, ଧନଞ୍ଜୟ ଓ ଅପିନ୍ଦ୍ର ପ୍ରତିଦ୍ୱନ୍ଦୀ ଦଳ ଗୁଡ଼ିକ ବିପକ୍ଷରେ ଗୋଲ ଦେବାରେ ସଫଳ ହୋଇଥିଲେ। ପ୍ରତିଯୋଗିତାରେ ଖେଳ ଶିକ୍ଷକ ହେମନ୍ତ ପ୍ରଧାନ ବେଲପାହାଡ଼ ଦଳର କୋଚ୍ ଭାବରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ବେଲପାହାଡ଼ କଲେଜର ଆନ୍ତଃ କଲେଜ ଫୁଟ୍‌ବଲ ପ୍ରତିଯୋଗିତାରେ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ଚଳିତବର୍ଷ ମଧ୍ୟ ଦଳ ସଫଳତା ପାଇଥିବାରୁ କଲେଜ ପରିଚାଳନା ସମିତି ଅଧ୍ୟକ୍ଷ ଅନୁପ କୁମାର ସାଏ, ଅଧ୍ୟକ୍ଷ ଧ୍ୟାନରଞ୍ଜନ ଦୀକ୍ଷିତ କ୍ରୀଡ଼ା ସମ୍ପାଦକ ସୁରେନ୍ଦ୍ର ଭୋଇ, ସହ ସମ୍ପାଦକ ସୌମେନ ଚନ୍ଦ୍ର ପଟେଲ ଓ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଫୁଟବଲ ଦଳର ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗୋବର୍ଦ୍ଧନ ପୂଜା ମହୋତ୍ସବ ପାଳିତ

**ବେଲପାହାଡ଼,୯।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହର ଜୁନାଡ଼ିହି ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଯାଦବ ସମାଜ କଲ୍ୟାଣ କମିଟି ପକ୍ଷରୁ ଗୋବର୍ଦ୍ଧନ ପୂଜା ମହୋତ୍ସବ ପାଳିତ ହୋଇଯାଇଛି। ପୂଜା ପାଇଁ ଗତ ଗୁରୁବାର ପୂର୍ବାହ୍ନରେ କଳସ ସ୍ଥାପନ ହେଲା ପରେ ପୂଜା ଆରମ୍ଭ ହୋଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ପୂର୍ଣ୍ଣାହୂତି ପଡ଼ିଥିଲା। ବେଲପାହାଡ଼ ସହର, ଆଖପାଖ ଗାଁ ଓ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଆସି ପୂଜାରେ ଯୋଗଦେଇଥିଲେ। ଗୁରୁବାର ସକାଳେ ବେଲପାହାଡ଼ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ପଡ଼ା ପରିକ୍ରମା କରିଥିଲା। ଏଥିରେ ଯାଦବ ସମାଜର ସଦସ୍ୟମାନେ ବାଡ଼ିଖେଳ ପ୍ରଦର୍ଶନ କରିଥିଲେ। ଏମାନଙ୍କ ସହିତ ଛତିଶଗଡ଼ ରାଜ୍ୟ ରାଇଗଡ଼ ଜିଲା କୁତାସୁରା ଗାଁରୁ ଆସିଥିବା କଳାକାରମାନେ ରାୱତ ନାଚ ପରିବେଷଣ କରିଥିଲେ। ଗୋବର୍ଦ୍ଧନ ପୂଜା ସମାପନ ହେଲା ପରେ ମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ, ଛତିଶଗଡ଼ ରାଜ୍ୟ ଯାଦବ ସମାଜ ସଭାପତି ବୃନ୍ଦାବନ ଯାଦବ, କୋଷାଧ୍ୟକ୍ଷ ଜ୍ୟୋତିରାମ ଯାଦବ, ଝାରସୁଗୁଡ଼ା ଜିଲା ଯାଦବ ସମାଜ ସଭାପତି ପବିତ୍ର ମୋହନ ଷଣ୍ଢ ଓ ସମ୍ପାଦକ ହେମରାଜ ଷଣ୍ଢ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ ସଭାରେ ଯାଦବ ସମାଜ ପକ୍ଷରୁ ସମାଜସେବା ପାଇଁ ସମରବଗା ଗାଁର ମିନକେତନ ଖରସେଲ, ବଂଶୀ ବାଦ୍ୟ ପାଇଁ ମଚିଦା ଗାଁର ସନ୍ତିକା ଭଇଁଷା, ସଙ୍ଗୀତ ପାଇଁ ଭୋଇମୁଣ୍ଡା ଗାଁର ଗଦାଦର କଉଡ଼ି ଓ ତବଲା ବାଦ୍ୟ ପାଇଁ ଗୁମାଡ଼େରା ଗାଁର ଚର୍ତୁଭୁଜ ବଗାରଙ୍କୁ ସମ୍ମାନିତ କରାଯାଇଥିଲା। ଏମାନଙ୍କ ବ୍ୟତୀତ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଗୌରୀ ରାଉତ, ପ୍ରିୟା ଖାଣ୍ଡା ଓ ନିକିତା ଗଉଡ଼ଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଗତ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ଗଣ୍ଡଘୋରା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଛାତ୍ର ଅମିତ ରାଉତ, ବେଲପାହାଡ଼ ବି.ଆର୍.ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଯଜ୍ଞସେନୀ କର୍ତ୍ତା ଓ ଜି.ଏଲ.ଉଚ୍ଚ ବିଦ୍ୟାଳୟ ଛାତ୍ର ସୁବ୍ରତ ବଗାର, ମଚିଦା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମଞ୍ଜୁଲତା କଉଡ଼ି, ରାଜପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରୀୟା ଖରସେଲ ଓ ବେଲପାହାଡ଼ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସଞ୍ଜୁଲତା ଖାଣ୍ଡାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।



ଗୋବର୍ଦ୍ଧନ ପୂଜା ଅବସରରେ ଆୟୋଜିତ ଶୋଭାଯାତ୍ରାରେ ଯାଦବ ସମାଜର ସଦସ୍ୟମାନେ ବାଡ଼ିଖେଳ ଓ ନାଚ ପ୍ରଦର୍ଶନ କରୁଛନ୍ତି।



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ ଜବତ, ଗୋରୁ ଉଦ୍ଧାର

**ରାଉରକେଲା ଅଫିସ/ବେଦବ୍ୟାସ, (ଡି.ଏନ୍.ଏ.) ୯।୧୧-** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି ଛକ ନିକଟରୁ ଗୁରୁବାର ରାତି ୧୧ଟା୪୫ରେ ପୋଲିସ ଏଜ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ନଂ-ଓଡି୧୪-ଜି୮୮୧୩) ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ-୨୪୯/୨୦୧୮) ରୁଜୁ କରି ପିକ୍‌ଅପ୍ ଡ୍ରାଇଭର ସଲ୍ଲାଉଦ୍ଦିନ (୪୧) ଓ ହେଲପର ଅବଦୁଲ ରଜାକ (୧୯)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗାଡ଼ିରୁ ଉଦ୍ଧାର ୭ ଗୋରୁଙ୍କୁ ଗୋଶାଳାରେ ଛାଡ଼ି ଦିଆଯାଇଛି।

### ଜୁଆ ଖେଳି ୪ ଗିରଫ

**ରାଉରକେଲା ଅଫିସ/ ବେଦବ୍ୟାସ, (ଡି.ଏନ୍.ଏ.) ୯।୧୧-** ଗୁରୁବାର ବିଳମ୍ବିତ ରାତିରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଜିଆବାହାଲ ଅଞ୍ଚଳରେ ଜୁଆ ଆଡ୍ଡା ଚାଲିଥିବା ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୪ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ପୋଲିସ ୧୨ହଜାର ଟଙ୍କା ସହ ତାସପତି ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ-୨୫୦/୨୦୧୮) ରୁଜୁ କରାଯାଇ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଜିଲାସ୍ତରୀୟ ଶିଳ୍ପ ସଚେତନତା ଶିବିର

**ସୁନ୍ଦରଗଡ଼,୯।୧୧(ଡି.ଏନ୍.ଏ.)-** ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ କିରେଇସ୍ଥିତ ସୁନ୍ଦରଗଡ଼ ଯାନ୍ତ୍ରିକ ମହାବିଦ୍ୟାଳୟ ସଭା ଗୃହଠାରେ ଜିଲାସ୍ତରୀୟ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଓ ସହକାରୀ ପରିଚାଳକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଜିଲା କୃଷି, ମତ୍ସ୍ୟ, ଉଦ୍ୟାନ ବିଭାଗ ସମେତ ବିଭିନ୍ନ ବ୍ୟାଙ୍କର ପରିଚାଳକ ଯୋଗଦେଇ ଶିଳ୍ପୋଦ୍ୟୋଗୀ ଓ ବେକାର ଯୁବତୀ ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ସକାଶେ ସଚେତନ କରି ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ସହାୟତା ଏବଂ ସହଯୋଗ ସମ୍ପର୍କରେ ବୁଝାଇଥିଲେ।

## ଶୀତ ଆରମ୍ଭରୁ ରାଜନୀତି ଉଷ୍ମ

# ଆକ୍ରମଣାତ୍ମକ ଢଙ୍ଗରେ ପରସ୍ପରକୁ ଦୋଷାରୋପ

**ରାଉରକେଲା ଅଫିସ,୯।୧୧**

ଶୀତ ଆରମ୍ଭରୁ ଷ୍ଟିଲ ସିଟିରେ ରାଜନୀତି ଉଷ୍ମ ହୋଇଉଠିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆକ୍ରମଣାତ୍ମକ ଢଙ୍ଗରେ ପରସ୍ପର ଉପରେ ଦୋଷାରୋପ ନେଇ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ରାଜନୈତିକ ପରିସ୍ଥିତିକୁ ଉଷ୍ମ କରିଛି। ବେକାର ଯୁବକଙ୍କ ନିଯୁକ୍ତି ନେଇ ଭାଜପା ଯୁବମୋର୍ଚ୍ଚା ଗତ ୫ ତାରିଖରେ ନିଯୋଜନ କାର୍ଯ୍ୟାଳୟରେ ତାଲ ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏହାର ପାଲଟା ଜବାବ ଦେବାକୁ ଯାଇ ବିଜେଡି ଯୁବ ଓ ଛାତ୍ର ସଂଗଠନ ଗୁରୁବାର ବିର୍ସା ଛକରେ ବିକ୍ଷୋଭ ପ୍ରଦର୍ଶନ କରି କେନ୍ଦ୍ର ନେତୃତ୍ୱାଧୀନ ମୋଦି ସରକାର ବିରୋଧରେ ଗର୍ଜିଥିଲା। ଏହା ପୂର୍ବରୁ କୋଏଲ ବ୍ୟାରେଜ ପ୍ରସଙ୍ଗରେ ବିଜେଡିର ବିଫଳତାକୁ ନେଇ ଗତ ଜୁଲାଇରେ ଏକ ପଦଯାତ୍ରା ଆୟୋଜନ କରିଥିଲା ଭାଜପା। ଏହାର ଜବାବରେ ତା' ପରଦିନ ବିଜେଡି କୋଏଲନଗରରେ ଥିବା ଜାତୀୟ ରାଜପଥ ପ୍ରାଧିକରଣ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏମିତି ତୁହାକୁ ତୁହାକୁ ପରସ୍ପର ବିଫଳତା ବଖାଣିବାକୁ ଯାଇ ଉଭୟ ଦଳ ନାନା କାର୍ଯ୍ୟକ୍ରମ କରୁଛନ୍ତି। ଅନ୍ୟପଟେ ଏକଲା ଚାଲିଛି କଂଗ୍ରେସ। ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ବିର୍ସା ଛକରେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣର ଦ୍ୱିତୀୟ ବାର୍ଷିକୀ ଅବସରରେ ଲୋକଙ୍କ ଦୁର୍ଦ୍ଦଶାକୁ ମନେ ପକାଇବାକୁ ଉଦ୍ୟମ କରାଯାଇଥିଲା। ଏଥି ପୂର୍ବରୁ କଂଗ୍ରେସ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ନେଇ ଏକାଧିକ କାର୍ଯ୍ୟକ୍ରମ ଅୟୋଜନ କରିଛି। ଯାହା ପ୍ରଭାବହୀନ ବୋଲି କୁହାଯାଇଛି। ଏବେ ଆଞ୍ଚଳିକ ଦଳ ବିଜେଡିର ପଡିଆରାକୁ ଯେନତେନ ମଳିନ କରିବାକୁ ପ୍ରୟାସ ଆରମ୍ଭ କରିଛି ଭାଜପା। ସେହି କ୍ରମରେ ଦଳ ପକ୍ଷରୁ ଯେଉଁ ପଦକ୍ଷେପ ବା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ତାହାକୁ ପ୍ରଭାବଶାଳୀ କରିବାକୁ ଚେଷ୍ଟା କରାଯାଉଛି। ବିଳମ୍ବରେ ହେଲେ ବି ବିଜେଡି ଏହାର ଜବାବ ରଖିବାକୁ ଭୁଲୁନି। ତେବେ ଭାଜପା କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ଦିଲୀପ ରାୟଙ୍କ ଗୋଷ୍ଠୀ ଯୋଗଦେବା ଆଉ ନଜରକୁ ଆସୁନି। ମାଟି ପାଇଁ ପାର୍ଟିଠାରୁ ଦୂରେଇ ରହିଥିବା ଦିଲୀପଙ୍କ ଅନୁଗତ ଏକଲା ଚଲୋ ନୀତି ଆପଣାଇଛନ୍ତି। ନିକଟରେ ଦିଲୀପ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ଅଟକଳରେ ସହରର ବିଭିନ୍ନ ସ୍ଥାନରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଠିକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଉରକେଲା ଆଗମନ କାଳରେ ଉଦିତନଗରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରାଇଛି ବିଜେଡି। ବେଶ କିଛିଦିନ ନୀରବ ରହିବା ପରେ ବିଜେଡି ନେତା ସାରଦା ନାୟକ ସକ୍ରିୟ ହୋଇ ପଡ଼ିଛନ୍ତି। ତାଙ୍କର ଏପରି ସକ୍ରିୟତା କର୍ମୀ ମହଲରେ ଉତ୍ସାହ ବୃଦ୍ଧି କରିଛି। ତାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଭିଡ଼ ସାଙ୍ଗକୁ କର୍ମୀଙ୍କ ଉତ୍ସାହ ଦେଖିବାକୁ ମିଳୁଛି। ଗତ କିଛିଦିନ ମଧ୍ୟରେ ଭାଜପା ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ଉଷ୍ମ ହେବାରେ ଲାଗିଛି। ମାସ ବ୍ୟାପୀ ପଦଯାତ୍ରା ସାଙ୍ଗକୁ ଶ୍ରମିକ ଓ ମହିଳା ସମାବେଶର ସଫଳତା ନେଇ ଦଳ ଏବେ ଉଲ୍ଲସିତ। ଭିତରେ ଯିଏ ଯାହାର ଚେର କାଟିଲେ ବି ଦଳର ନେତା ଏକାଠି ବସୁଛନ୍ତି। ହାତ ମିଶାଇ ବାହରକୁ ଏକାଠି ଥିବା ବାର୍ତ୍ତା ପ୍ରଦାନ କରୁଛନ୍ତି। ଏଣେ ଦୁଇ ଗୋଷ୍ଠୀରେ ବିଭାଜିତ ଭାଜପା ବି ପଛରେ ନାହିଁ। ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ଜରିଆରେ ନିଜ ସ୍ଥିତି ସୁଦୃଢ଼ ଦିଗରେ ମୁହାଁଇଛି ଦଳ। ଏ ଦୃଷ୍ଟିରୁ ବହୁ ପଛରେ ପଡ଼ିଥିବା କଂଗ୍ରେସ ହାତଗଣତି ନିର୍ଦ୍ଦିଷ୍ଟ କେତେଜଣ ନେତା, କର୍ମୀଙ୍କୁ ନେଇ ଆୟୋଜନ କରୁଥିବା କାର୍ଯ୍ୟକ୍ରମ ପ୍ରଭାବହୀନ ରହିଛି। ପରିସ୍ଥିତିକୁ ଦେଖି ସଦ୍ୟ କଂଗ୍ରେସରେ ଯୋଗଦେଇଥିବା ଆଦିବାସୀ ନେତା ଜର୍ଜ ତିର୍କୀ ଏକଲା ଚଲୋ ନୀତିରେ ଆଗକୁ ମାଡ଼ି ଚାଲିଛନ୍ତି। ଶୀତ ଆରମ୍ଭରୁ ବିଭିନ୍ନ ଦଳ ପକ୍ଷରୁ ଆୟୋଜିତ ଏପରି କାର୍ଯ୍ୟକ୍ରମ ରାଜନୀତିକ ବାତାବରଣକୁକୁ ଉଷ୍ମ କରିଛି।

### ବଡ଼ଗାଁରେ ବେଆଇନ ଗୁଟ୍‌ଖା ଫ୍ୟାକ୍ଟ୍ରି ସିଲ୍

**ବଡଗାଁ,୯।୧୧(ଡି.ଏନ୍.ଏ.)**

ବଡଗାଁରେ ବିନା ଲାଇସେନ୍ସରେ ଚାଲିଥିବା ଏକ ଗୁଟ୍‌ଖା ଡିଲକ୍ସ ମିକ୍ସ ଫ୍ୟାକ୍ଟ୍ରିକୁ ସେଣ୍ଟ୍ରାଲ ଜିଏସ୍‌ଟି ଟିମ୍ ଚଢ଼ାଉ କରି ୩ଟି ମେଶିନ ସହ କାଗଜପତ୍ର ଜବତ କରିଛି। ସେଣ୍ଟ୍ରାଲ ଏକସାଇଜ୍ ଜିଏସ୍‌ଟି ବିଭାଗ କ୍ରାଇମବ୍ରାଞ୍ଚ ଆପରାଧିକ ଶାଖାର ୧୫ ଜଣିଆ ଟିମ୍ ଶିଉ ପ୍ରସାଦ ଅଗ୍ରୱାଲଙ୍କ ଦୋକାନ ଏବଂ ଗୋଦାମରେ ଚଢ଼ାଉ କରିଥିଲା। ଅଧିକାରୀମାନେ ଚଢାଉ ବେଳେ ବେଆଇନ ଭାବେ ଏହା ଚାଲିଥିବା ଜାଣିବାକୁ ପାଇଥିଲେ। ପରେ ଅଧିକାରୀମାନେ କାଗଜପତ୍ର ଜବତ ସହ ଫ୍ୟାକ୍ଟ୍ରିକୁ ସିଲ କରିଥିବା ଜଣାପଡ଼ିଛି। ବଡଗାଁଠାରୁ ଦେଢ଼ କି.ମି ଦୂର ମରଚିମୁଣ୍ଡା ନିକଟ ଜଙ୍ଗଲ ପାର୍ଶ୍ୱରେ ଥିବା ଗୋଦାମର ୩ଟି କୋଠରିରେ ଫ୍ୟାକ୍ଟ୍ରି ଚାଲିଥିଲା । ବେଆଇନ ଭାବେ ଗୁଟଖା ଫ୍ୟାକ୍ଟ୍ରି କରି ଲକ୍ଷାଧିକ ଟଙ୍କାର ଟିକସ ଫାଙ୍କିଥିବା ଜଣାପଡିଛି। ଅନ୍ୟପକ୍ଷେ ଏହି ଗୋଦାମ ଗୃହ ଭଡାରେ ଚାଲିଥିବା ଜଣାପଡିଛି।

# ପୁଣ୍ୟତିଥିରେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୯।୧୧**



ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପୁଣ୍ୟତିଥି ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ଡିଭାଇନ ଲାଇଫ ଏକାଡେମୀ ମିଳିତ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପୁଣ୍ୟତିଥି ପାଳିତ ହୋଇଛି। ଏକାଡେମୀର ପ୍ରଧାନ ଶିକ୍ଷକ ରମାକାନ୍ତ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ବଳରାମ ରାଉଳ, ସମ୍ମାନିତ ଅତିଥି ରୂପେ କବି କୁଞ୍ଜବିହାରୀ ରାଉତ ଓ ମୁଖ୍ୟବକ୍ତା ରୂପେ ଆର୍ତ୍ତତ୍ରାଣ ମହାପାତ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ମଲ୍ଲିକ ଅତିଥିଙ୍କୁ ସ୍ୱାଗତ କରିବା ସହ ନୀଳକଣ୍ଠଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟଅତିଥି ରାଉଳ ନିଜ ବକ୍ତବ୍ୟରେ ନୀଳକଣ୍ଠଙ୍କୁ ଅନ୍ୟତମ ଯୋଗଜନ୍ମା ପ୍ରଜ୍ଞାପୁରୁଷ ରୂପେ ଅଭିହିତ କରିଥିଲେ। ତାଙ୍କ ଭଳି ଜଣେ ନୀତିନିଷ୍ଠ ସାଧକ, ସମାଜ ସଂସ୍କାରକ, ସାହିତ୍ୟିକ, ଗବେଷକ ଓ ଆଦର୍ଶ ରାଜନୀତିଜ୍ଞ ବିରଳ ବୋଲି ରାଉଳ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରାଉତ, କହିଥିଲେ ସତ୍ୟବାଦୀର ସନ୍ଥ ନୀଳକଣ୍ଠଙ୍କ ଦ୍ୱାରା ରଚିତ ପ୍ରବନ୍ଧ, ଗଳ୍ପ ଓ କବିତା ଆମ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି। ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଉଚ୍ଚାରଣ ଓ ବିଚାରକୁ ନେଇ ସର୍ବପ୍ରଥମେ ବିଜ୍ଞାନ ସମ୍ମତ ବିଶୁଦ୍ଧ ବ୍ୟାକରଣ ରଚନା କରିଥିଲେ। ଏଣୁ ତାଙ୍କୁ ପ୍ରଥମ ଓଡ଼ିଆ ଭାଷାବିଜ୍ଞାନୀ ରୂପେ ବିବେଚନା କରାଯାଏ ବୋଲ ରାଉତ କହିଥିଲେ। ନୀଳକଣ୍ଠଙ୍କ ଅସୀମ ମନୋବଳ ଓ କଠୋର ଅଧ୍ୟବସାୟ ଯୋଗୁ ସେ ଉନ୍ନତିର ଚରମ ସୋପାନ ଛୁଇଁ ପାରିଥିଲେ ବୋଲି ମୁଖ୍ୟବକ୍ତା ମହାପାତ୍ର କହିଥିଲେ। ନୀଳକଣ୍ଠଙ୍କ ସୃଜନଶୀଳତାର ଚଉହଦୀ ବେଶ ପ୍ରସାରିତ ଥିଲା। ତାଙ୍କ ରଚିତ ସମାଲୋଚନା ସାହିତ୍ୟ, କାବ୍ୟ, ଓଡ଼ିଆ ଉପନ୍ୟାସ ଆମ ଭାଷା ସାହିତ୍ୟ ପାଇଁ ଏକ ମାଇଲ ଖୁଣ୍ଟ ହୋଇ ରହିବ ବୋଲି ମହାପାତ୍ର କହିଥିଲେ। ଶେଷରେ ସୁରଭି କାର୍ଯ୍ୟକ୍ରମରେ ଜିଲାରେ ୧ମ ସ୍ଥାନ ଅଧିକାର କରିଥିବା ସତ୍ୟପ୍ରକାଶ ମିଶ୍ର ଓ ସ୍ୱାଗତିକା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ଛବିଳା ତ୍ରିପାଠୀ, ଶିକ୍ଷକ ପ୍ରଶାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ମୋ ରାଉରକେଲା

### ଷ୍ଟିଲ୍‌ସିଟିର ଧୂଳିଧୂଆଁରେ ବି ମଳିନ ପଡ଼ିନି ମଣିଷ ପଣିଆ


-ବିଜୟ ଭୋଳ, ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ

ଏଠି ମୁଁ ଚାଲିବା ଶିଖିଛି। ଖେଳି ବୁଲି ବଡ଼ ହୋଇଛି। ବଢ଼ିଛି, ପଢ଼ିଛି ବି ଏହି ସହରରେ। ଏହା ମୋର କର୍ମଭୂମି। ମୋ ଜନ୍ମଭୂମିଠୁ ବଳି ପୁଣ୍ୟଭୂମି ଏ ମାଟି। ୧୯୬୪ରୁ ମୋତେ କୋଳେଇ ନେଇଛି ଏ ସହର। ସମୟ କ୍ରମେ ରାଉରକେଲା ମୋର କର୍ମଭୂମି ପାଲଟି ଯାଇଛି। ସର୍ବଂସହା ଏ ମାଟିର ପ୍ରାକୃତିକ ଶୋଭାରାଜି ଖୁବ ମନୋରମ। ବିଭିନ୍ନତା ମଧ୍ୟରେ ଏକତା ହେଉଛି ଏ ସହରର ବଳିଷ୍ଠ ଭିତ୍ତିଭୂମି। ଜାତି, ସମ୍ପ୍ରଦାୟ ମଧ୍ୟରେ ରହିଥିବା ଶାନ୍ତି ସୌହାର୍ଦ୍ଦ୍ୟ, ସହଯୋଗ ମନୋଭାବ ଅତୁଳନୀୟ। ଜନଜାତି ବହୁଳ ସୁନ୍ଦରଗଡ଼ ଜିଲାର କଥାକୁହା ମାଟି, ପାଣି ଓ ପବନ ଖୁବ ଆପଣାର ମନେହୁଏ। ବଣ ପାହାଡ଼, ଝରଣା ଓ ଘଞ୍ଚ ବନାନି ମୋର ଅତ୍ୟନ୍ତ ପ୍ରିୟ। ଷ୍ଟିଲସିଟିର ଧୂଳି ଧୂଆଁରେ ବି ମଳିନ ପଡ଼ିନି ମଣିଷ ପଣିଆ। ପାରସ୍ପରିକ ସହଯୋଗ ସହରର ଭାଇଚାରାକୁ ସମୃଦ୍ଧ କରିଛି। ଏଠାକାର ଶିକ୍ଷା, ସଂସ୍କୃତି, ସାହିତ୍ୟ ଓ କଳା ଅନନ୍ୟତାରେ ଭରପୁର। ଏଠାକାର କବି, କଳାକାର, ଲେଖକ ତଥା ସାହିତ୍ୟିକଙ୍କ ମଧ୍ୟରେ ରହିଥିବା ନିବିଡ଼ ସମନ୍ୱୟ ମୋତେ ସନ୍ତୋଷ ପ୍ରଦାନ କରେ। ଗାଁ ଜୀବନ ସହ ସହରୀ ଚଳଣିର ଏକ ଅନୁପମ ସାମଞ୍ଜସ୍ୟ ଏ ସହରକୁ ସମୃଦ୍ଧ କରିଛି। ଏଠୁ ମୁଁ ଅନେକ ପାଇଛି, ଶିକ୍ଷା, ପଦ, ପ୍ରତିଷ୍ଠା ସବୁ କିଛି। ଏଣୁ ଏ ମାଟି ମୋ ପାଇଁ ଚିର ନମସ୍ୟ।

# ବିମୁଦ୍ରୀକରଣ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

**ରାଉରକେଲା ଅଫିସ,୯।୧୧**


ବିମୁଦ୍ରୀକରଣର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଜିଲା କଂଗ୍ରେସ ପକ୍ଷରୁ ବିର୍ସା ଛକ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ଅବସରରେ ଏହାକୁ ବିରୋଧ କରି ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ସଭାପତି ରବି ରାୟଙ୍କ ନେତୃତ୍ୱରେ ବିର୍ସା ଛକ ନିକଟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ବିମୁଦ୍ରୀକରଣ ଯୋଗୁ କିପରି ଆଜିପର୍ଯ୍ୟନ୍ତ ଦେଶର ଜନସାଧାରଣ ଘାଣ୍ଟି ହେଉଛନ୍ତି ସେ ନେଇ ଉପସ୍ଥିତ କଂଗ୍ରେସ ନେତା କ୍ଷୋଭ ପ୍ରକାଶ କରିଥିଲେ। କ୍ଷମତାକୁ ଆସିବା ପୂର୍ବରୁ ମୋଦି ଯେଉଁଭଳି ମିଠା ପ୍ରତିଶ୍ରୁତି ପ୍ରଦାନ କରିଥିଲେ, ତାହା ଧୂଆଁବାଣ ଥିଲା ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସମ୍ପାଦକ ରଶ୍ମିରଞ୍ଜନ ପାଢ଼ୀ, ଦଳର ଜିଲା କାର୍ଯ୍ୟକାରୀ ସଭାପତି ସବିର ହୁସେନ ପ୍ରମୁଖ ବହୁ ନେତା ବକ୍ତବ୍ୟ ରଖି କେନ୍ଦ୍ର କ୍ଷମତାସୀନ ମୋଦି ସରକାର କିପରି ଜନବିରୋଧୀ ପଦକ୍ଷେପ ନେଇ ଦେଶକୁ ତଳିତଳାନ୍ତ କରିବାକୁ ବସିଛି ସେ ସମ୍ପର୍କରେ କହିଥିଲେ। ଆଗାମୀ ଦିନରେ ଭାଜପାର ଆଭିମୁଖ୍ୟ ନେଇ ଦଳ କଡ଼ା ଜବାବ ଦେବ ବୋଲି କହିଥିଲେ ବରିଷ୍ଠ କଂଗ୍ରେସ ନେତା।

# ସେଲ୍ ଅଧ୍ୟକ୍ଷଙ୍କ ଗସ୍ତ ଆଜି, ବୈଠକ ବର୍ଜନ କରିବ ବିଏମ୍‌ଏସ୍

- ସକାଳ ସାଢ଼େ ୬ରୁ ସନ୍ଧ୍ୟା ସାଢ଼େ ୬ ପର୍ଯ୍ୟନ୍ତ ବିର୍ସା ଛକରେ ଧାରଣା

**ରାଉରକେଲା ଅଫିସ,୯।୧୧**

ସେଲ୍ ଅଧ୍ୟକ୍ଷ ଅନୀଲ ଚୌଧୁରୀ ଶନିବାର ରାଉରକେଲା ଗସ୍ତରେ ଆସୁଥିବା ସୂଚନା ମିଳିଛି। ଏହି ଅବସରରେ ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ତଥା ବିଏମ୍‌ଏସ୍ ସହବନ୍ଧିତ ୟୁନିୟନ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ସାଧାରଣ ସମ୍ପାଦକ ହିମାଂଶୁ ବଳଙ୍କୁ ଡକାଇ ଗସ୍ତର ସଫଳତା ନିମନ୍ତେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଆଲୋଚନା କରିଥିଲେ। ଏହି ଅବସରରେ ବଳ ଆର୍‌ଏସ୍‌ପି ଅଧିକାରୀଙ୍କୁ ଜଣାଇ ଦେଇଛନ୍ତି ଯେ ୟୁନିୟନ ଏବେ ବି ପୂର୍ବ ନିଷ୍ପତ୍ତିରେ ଅଟଳ ରହିଛି। ଯେ ପର୍ଯ୍ୟନ୍ତ ସେଲ୍ କର୍ତ୍ତୃପକ୍ଷ ଏନ୍‌ଜେସିଏସ୍ ବୈଠକ ଡାକି ମଜୁରି ପୁନଃ ନିର୍ଦ୍ଧାରଣ ନେଇ ଆଲୋଚନା କରିନାହାନ୍ତି ସେ ପର୍ଯ୍ୟନ୍ତ ୟୁନିୟନର ଅସହଯୋଗ ଜାରି ରହିବ। ସେଲ୍ ଅଧ୍ୟକ୍ଷଙ୍କ ଗସ୍ତକୁ ସ୍ୱାଗତ କରାଯିବା ପରିବର୍ତ୍ତେ ଆର୍‌ଆଇକେକେଏସ୍ ପକ୍ଷରୁ ଶନିବାର ସକାଳ ସାଢ଼େ ୬ରୁ ସନ୍ଧ୍ୟା ସାଢ଼େ ୬ ପର୍ଯ୍ୟନ୍ତ ବିର୍ସା ଛକରେ ଧାରଣା ଦିଆଯିବ ବୋଲି ବଳ ସ୍ପଷ୍ଟ କରିଛନ୍ତି। ଏପରିକି ସେଲ୍ ଅଧ୍ୟକ୍ଷଙ୍କୁ ସୌଜନ୍ୟମୂଳକ ସାକ୍ଷାତ ନେଇ ମଧ୍ୟ ୟୁନିୟନ ରାଜି ହୋଇନି। ସେହିଭଳି ଶୁକ୍ରବାର ଅପରାହ୍ନରେ ସେଲ୍ କର୍ପୋରେଟ କାର୍ଯ୍ୟାଳୟ ପକ୍ଷରୁ ବିଏମ୍‌ଏସ୍ କେନ୍ଦ୍ରୀୟ ସମ୍ପାଦକ ତଥା ଏନ୍‌ଜେସିଏସ୍ ସଦସ୍ୟ ଦେବେନ୍ଦ୍ର ପାଣ୍ଡେଙ୍କୁ ଆସନ୍ତା ନଭେମ୍ବର ୧୯ରେ ଅନୁଷ୍ଠିତ ଉତ୍ପାଦନ ଓ ଉତ୍ପାଦକତା ବୈଠକରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଥିଲା। ଏହାକୁ ପାଣ୍ଡେ ସିଧାସଳଖ ପ୍ରତ୍ୟାଖ୍ୟାନ କରିଥିବା ବଳ କହିଛନ୍ତି। ଏନ୍‌ଜେସିଏସ୍ ବୈଠକ ନ ଡାକି ଉତ୍ପାଦନ ଓ ଉତ୍ପାଦକତା ବୈଠକ ଡାକିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ପାଣ୍ଡେ କହିଛନ୍ତି। କର୍ତ୍ତୃପକ୍ଷଙ୍କ ଏଭଳି ଉଦ୍ୟମ ଶ୍ରମିକଙ୍କୁ ଲଲିପପ୍ ଧରାଇବା ବ୍ୟତୀତ ଅନ୍ୟ କିଛି ନୁହେଁ। ମ୍ୟାନେଜମେଣ୍ଟର ଏଭଳି ଅପରିପକ୍ୱ ନିଷ୍ପତ୍ତିକୁ ବିଏମ୍‌ଏସ୍ କଡ଼ା ବିରୋଧ କରିବା ସହ ନିନ୍ଦା କରିଛି। ବିଏମ୍‌ଏସ୍ ଏହାକୁ ବର୍ଜନ କରିବା ନେଇ କର୍ପୋରେଟ ଅଫିସକୁ ଇ-ମେଲ ଯୋଗେ ଜଣାଇ ଦେଇଥିବା ବଳ ଏକ ବିବୃତିରେ ପ୍ରକାଶ କରିଛନ୍ତି। ଏହି ଅବସରରେ ଶନିବାର ବିର୍ସା ଛକରେ ଅନୁଷ୍ଠିତ ହେବାକୁ ଥିବା ଗଣବିକ୍ଷୋଭରେ ଭାଗ ନେବାକୁ ବଳ ଆର୍‌ଏସ୍‌ପି ଶ୍ରମିକଙ୍କୁ ଆହ୍ୱାନ ଦେଇଛନ୍ତି।


ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ନିକଟ ଧାରଣାସ୍ଥଳ ସମ୍ମୁଖରେ ବୃକ୍ଷରୋପଣ ପାଇଁ ଉଦ୍ଦିଷ୍ଟ ତାର ଜାଲି ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି।

# ରକ୍ଷଣାବେକ୍ଷଣ କରୁଛନ୍ତି ବାସିନ୍ଦା

**ରାଉରକେଲା ଅଫିସ,୯।୧୧**

**ଫର୍ଟିଲାଇଜର ଟାଉନଶିପ ପୁଷ୍ପା ପାର୍କ**



ଫର୍ଟିଲାଇଜର ଟାଉନଶିପ ଅଞ୍ଚଳବାସୀଙ୍କ ଅବସର ବିନୋଦନ ନିମନ୍ତେ ଉଦ୍ଦିଷ୍ଟ ଏକମାତ୍ର ପୁଷ୍ପା ପାର୍କର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଯାଉନି। ଲୋକେ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ଅନୁଦାନ ବା ସହଯୋଗକୁ ଅପେକ୍ଷା ନ କରି ଏହାର ସୌନ୍ଦର୍ଯ୍ୟକରଣ ନେଇ ନିଜ ପକେଟରୁ ଅର୍ଥ ବ୍ୟୟ କରୁଛନ୍ତି। ଫଳରେ ଆଜି ଫୁଲରେ ହସି ଉଠୁଛି ଏହି ଛୋଟ ଉଦ୍ୟାନଟି। ଏଠାରେ ବିଭିନ୍ନ କିସମର ଫୁଲଗଛ ଲଗାଯାଇଛି। ସବୁଜିମରେ ଭରପୁର ଏହି ପାର୍କ ଉପରେ ସ୍ଥାନୀୟ ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭ କରି ଯୁବବର୍ଗ ନିର୍ଭରଶୀଳ। ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ପାଇଁ ପାର୍କକୁ ଆସୁଥିବା ଲୋକେ ଚାନ୍ଦା କରି ଏହାର ରକ୍ଷଣାବେକ୍ଷଣ କରୁଛନ୍ତି। ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ସହାୟତା କେବଳ ଏହାର ବାଉଣ୍ଡରି, ଆଲୋକୀକରଣ ଓ ଶୌଚାଳୟ ନିର୍ମାଣରେ ସୀମିତ ରହିଛି। ଯେଉଁ ଶୌଚ ଗୃହ ଏହା ପରିସରରେ ନିର୍ମାଣ କରାଯାଇଛି ତାହା କାର୍ଯ୍ୟକ୍ଷମ ପୂର୍ବରୁ ଅଚଳ ପଡ଼ିଥିବା ଅଭିଯୋଗ ହୋଇଛି। ଏନେଇ ପାର୍କ ପରିସରରେ ଭ୍ରମଣ କରୁଥିବା ମହିଳାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। କେବଳ ପାଚେରି କିମ୍ବା ଆଲୋକୀକରଣ ଦ୍ୱାରା ଉଦ୍ୟାନର ଶୋଭା ବର୍ଦ୍ଧନ ହେବ ନାହିଁ। ଏହାର ସୌନ୍ଦର୍ଯ୍ୟକରଣ ଓ ରକ୍ଷଣାବେକ୍ଷଣ ତଥା ସୁରକ୍ଷା ନେଇ ଆବଶ୍ୟକ କର୍ମଚାରୀ ନିଯୁକ୍ତ ହେବା ଆବଶ୍ୟକ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।